# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୭/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 17/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୨୬୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 262 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୭/୨୦୨୫ | Bhubaneswar, Sunday, August 17/2025 | ପୃଷ୍ଠା-୧




**ଆଜି ଭାରତ ଫେରିବେ ଶୁଭାଂଶୁ**
ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଆମେରିକାରୁ ଭାରତ ଫେରିବେ।

୦୯

୧୪

**ବେଥେଲ୍ ସର୍ବକନିଷ୍ଠ ଅଧିନାୟକ**
ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ସର୍ବକନିଷ୍ଠ ଅଧିନାୟକ ଭାବେ ଗୌରବ ଅର୍ଜନ କରିବାକୁ ଯାଉଛନ୍ତି ଜାକବ ବେଥେଲ।





ପୁରୀ ଶ୍ରୀମନ୍ଦିରରେ ଶନିବାର ନନ୍ଦୋତ୍ସବ ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)






## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-67: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**18.08.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ୟୁନିଟ-୨ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0185/2526

ଆଜିର ସମ୍ପାଦକୀୟ ଅନାବଶ୍ୟକ ଆଇନ

# ୧୨ ନୂଆ ଏନ୍ଏସି ପାଇଁ ଡ୍ରାଫ୍ଟ ନୋଟିସ

ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି) ସଂଖ୍ୟା ବୃଦ୍ଧି କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ୧୧୩ଟି ଏନ୍ଏସି ଥିବାବେଳେ ୧୨ ନୂଆ ଏନ୍ଏସି ପାଇଁ ରାଜ୍ୟ ସରକାର ଶନିବାର ଡ୍ରାଫ୍ଟ ନୋଟିସ ଜାରି କରିଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା, ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ବାଲେଶ୍ୱର ଜିଲାର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜ ଜିଲାର ବେତନଟୀ, ବାଙ୍ଗିରିପୋଷି ଓ ଚିତ୍ରଡ଼ା, ରାୟଗଡ଼ା ଜିଲାର ବିଷମକଟକ, ସମ୍ବଲପୁର ଜିଲାର ରେଙ୍ଗାଲି ଓ ବାମରା, ଭଦ୍ରକ ଜିଲାର ତିହିଡ଼ି ଓ ଧୁଷୁରୀ ଏହି ତାଲିକାରେ ସାମିଲ କରାଯାଇଛି।

**ମୋଟ ୨୧ ଏନ୍ଏସି ପ୍ରତିଷ୍ଠା ହେବ: ମୁଖ୍ୟମନ୍ତ୍ରୀ**

ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଗଣମାଧ୍ୟମକୁ କହିଥିଲେ, ଉନ୍ନତ ଭିତ୍ତିଭୂମି ଓ ସହରୀକରଣ ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟରେ ଆଉ ୨୧ଟି ନୂତନ ଏନ୍ଏସି ସ୍ଥାପନ ହେବ। ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲୋକଙ୍କ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୧ ନୂଆ ଏନ୍ଏସି ପ୍ରତିଷ୍ଠା ସହ ରାସ୍ତା, ବନ୍ଦର ନିର୍ମାଣ ସମେତ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ସହରାଞ୍ଚଳ ବିକାଶ ଏବଂ ଶିଳ୍ପାଞ୍ଚଳ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ।

# ଆତ୍ମାହୁତି ନୁହେଁ, ଜାଳି ଦେଇଛନ୍ତି

**ଭୁବନେଶ୍ୱର ଉପକଣ୍ଠ ବାଲିପାଟଣାରେ ଜ୍ୟୋତିରଞ୍ଜନ ମାଠିଆ ନିଆଁରେ ପୋଡ଼ିହୋଇ ଶୁକ୍ରବାର ଏମ୍ସରେ ଭର୍ତ୍ତି ହୋଇଥିବାବେଳେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ପ୍ରଥମେ ଆତ୍ମାହୁତି ବୋଲି କୁହାଯାଉଥିଲା। ହେଲେ ମୃତ୍ୟୁ ପୂର୍ବର ଏକ ଭିଡିଓ ଭାଇରାଲ ହେବା ଏବଂ ମୃତକଙ୍କ ସ୍ତ୍ରୀଙ୍କ ସଙ୍ଗିନ ଅଭିଯୋଗ ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଆତ୍ମାହୁତି ନୁହେଁ ବରଂ ଜମିଜମା ବିବାଦକୁ କେନ୍ଦ୍ରକରି ବାପା, ସାବତ ମା’, ସାବତ ଭାଇ ମିଶି ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଜ୍ୟୋତିରଞ୍ଜନଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।**

## ବାପା, ସାବତ ମା’, ଭାଇ ଗିରଫ

ବାଲିପାଟଣା,୧୬।୮ (ଅଭିମନ୍ୟୁ ନାୟକ)

ବାଲିପାଟଣାଛକ ନିକଟରେ ଘର କରି ରହୁଥିବା ସୁରେନ୍ଦ୍ରନାଥ ମାଠିଆ ପୋଲିସ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିଛନ୍ତି। ତାଙ୍କର ପ୍ରଥମ ସ୍ତ୍ରୀଙ୍କ ପୁତ୍ର ହେଉଛନ୍ତି ଜ୍ୟୋତିରଞ୍ଜନ ଏବଂ ଦ୍ୱିତୀୟ ସ୍ତ୍ରୀ ପ୍ରଭାତୀଙ୍କ ପୁତ୍ର ପ୍ରଶାନ୍ତ ମାଠିଆ। ଉଭୟ ପୁତ୍ର ବିବାହିତ ଏବଂ ସେମାନଙ୍କର ମଧ୍ୟ ପୁତ୍ର ସନ୍ତାନ ଅଛନ୍ତି। ସୁରେନ୍ଦ୍ର ତାଙ୍କ ସମସ୍ତ ସମ୍ପତ୍ତି ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ ରେଜିଷ୍ଟ୍ରି କରିଦେଇଛନ୍ତି। ଏହା ଜାଣିବା ପରେ ବଡ଼ ପୁଅ ଜ୍ୟୋତିରଞ୍ଜନ ପ୍ରତିବାଦ କରି ସଫଳ ନ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରି କି ଭଦ୍ରଲୋକଙ୍କ ସହାୟତାରେ ବିବାଦର ସମାଧାନ ପାଇଁ ପ୍ରୟାସ କରିଥିଲେ। ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତି ଅନୁସାରେ ବୃଦ୍ଧ ବାପାଙ୍କୁ ଚଳିବାକୁ ମାସିକ ଅର୍ଥ ଦେଲେ ବାପା ଜମିବାଡ଼ିକୁ ପୁଅଙ୍କ



ଜ୍ୟୋତିରଞ୍ଜନ ମାଠିଆ

ନାମରେ କରିଦେବେ ବୋଲି ସ୍ଥିର ହୋଇଥିଲା। ହେଲେ ବାପା ପ୍ରତିଶ୍ରୁତି ରକ୍ଷା ନ କରିବାରୁ ଘର ଭିତରେ ଝଗଡ଼ା ହେବାରୁ ବାଧ୍ୟ ହୋଇ ଜ୍ୟୋତିରଞ୍ଜନ ଅନ୍ୟତ୍ର ଘର ଭଡ଼ା ନେଇ ରହୁଥିଲେ। ମାତ୍ର ଅର୍ଥ ଅଭାବ ଯୋଗୁଁ ବାହାରେ ରହିବା ସମ୍ଭବ ନ ହେବାରୁ ପୁଣି ଭଦ୍ରଲୋକଙ୍କ ସହାୟତାରେ ଫେରି ଘର ବାହାରେ ଥିବା ଏକ ପରିତ୍ୟକ୍ତ ଘରକୁ ସଫାକରି ସ୍ତ୍ରୀ ପୁଅ ସହିତ ସେ ରହୁଥିଲେ। ଏହି ଜମି ବିବାଦକୁ ନେଇ ଗତ ପ୍ରାୟ ପାଞ୍ଚ ବର୍ଷ ଧରି ବାପା, ସାବତ ମା’ ଓ ସାନ ଭାଇଙ୍କଠାରୁ ବହୁ ନିର୍ଯାତନା ସହିଛନ୍ତି ବୋଲି ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଶୁକ୍ରବାର କୌଣସି କାରଣରୁ ବାପା ରହୁଥିବା ଘରକୁ ଜ୍ୟୋତିରଞ୍ଜନ ଯାଇଥିବାବେଳେ ପେଟ୍ରୋଲ ନିଆଁରେ ଜଳି ଯାଇଥିଲେ। ସ୍ୱାମୀ ଜଳି ଯାଉଥିବା ଦେଖି ବିଜୟଲକ୍ଷ୍ମୀ ରାସ୍ତାରେ ଦୌଡ଼ି ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସାହାଯ୍ୟ ନିବେଦନ କରିଥିଲେ। ନିଆଁର ପ୍ରଭାବରେ ତାଙ୍କ ଶରୀରର ୮୦%ରୁ ଉର୍ଦ୍ଧ୍ୱ ଜଳିଯାଇଥିଲା। ଖବରପାଇ ସ୍ଥାନୀୟ ଲୋକେ ଏବଂ ପୋଲିସ ସହାୟତାରେ ଜ୍ୟୋତିରଞ୍ଜନଙ୍କୁ ପିସିଆର୍ ଭ୍ୟାନ୍‌ରେ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ସମୟରେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ଘଟିଛି। ☞ପୃଷ୍ଠା-୨

# ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ

ସମ୍ବଲପୁର,୧୬।୮ (ବି.ଶଙ୍କର)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ପଣ୍ଡିତ ଓ ଜ୍ୟୋତିର୍ବିଦମାନଙ୍କ ଗଣନାନୁସାରେ ଚଳିତ ମାସ ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ପୂର୍ବାହ୍ନ ୧୦ଟା ୩୩ ମିନିଟ ଗତେ ୧୦ଟା ୫୫ ମିନିଟ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ମା’ ସମଲେଇ ପ୍ରଥମେ ନବାନ୍ନ ଲାଗି ହେବେ । ପରମ୍ପରା ଓ ରୀତିନୀତି ଅନୁସାରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଲାଗିବା ପରେ ଜନସାଧାରଣ ନୂଆଁଖାଇ ଭୋଗ ଖାଇବେ ବୋଲି ସ୍ଥିର ହୋଇଛି ।

ଶନିବାର ଅପରାହ୍ନ ୪ଟା୩୦ରେ ସମ୍ବଲପୁର ସହର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ନୂଆଁଖାଇ ଲଗ୍ନଧାର୍ଯ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଝାଡୁଆପଡା ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ପଣ୍ଡିତ ମହାସଭାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ☞ପୃଷ୍ଠା-୨

# ବିଭାଜନ ପାଇଁ କଂଗ୍ରେସ ଦାୟୀ: ଏନ୍‌ସିଇଆରଟି

## ପୁସ୍ତକର ନୂଆ ମଡ୍ୟୁଲକୁ ନେଇ ବିବାଦ

**୧୯୪୭ରେ ଦେଶ ସ୍ୱାଧୀନତା ଲାଭ କରିବା ସହ ଭାରତ ଓ ପାକିସ୍ତାନ ରୂପେ ବିଭାଜିତ ହୋଇଥିଲା। ଅନେକ ଲକ୍ଷ ଲୋକଙ୍କ ଉପରେ ଏହି ବିଭାଜନର ପ୍ରଭାବ କିପରି ପଡ଼ିଥିଲା, ତାହା ଛାତ୍ରୀଛାତ୍ରଙ୍କୁ ମନେ ପକାଇଦେବା ପାଇଁ ଅଗଷ୍ଟ ୧୪କୁ କେନ୍ଦ୍ର ସରକାର ବିଭାଜନ ବିଭୀଷିକା ସ୍ମରଣ ଦିବସ ଘୋଷଣା କରିଛନ୍ତି। ଷଷ୍ଠରୁ ଅଷ୍ଟମ ଓ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ଏହା ଉପରେ ଏକ ସ୍ୱତନ୍ତ୍ର ଭାଗ ପାଠ୍ୟକ୍ରମରେ ଯୋଡ଼ାଯାଇଛି। ସେଥିରେ ବିଭାଜନ ପାଇଁ ପାକିସ୍ତାନର ଜନକ ମହମ୍ମଦ ଅଲୀ ଜିନ୍ନା, କଂଗ୍ରେସ ଓ ତତ୍କାଳୀନ ଭାଇସ୍‌ରୟ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ଦାୟୀ କରାଯାଇଛି। ପାର୍ଟିଶନ୍ ସମ୍ପର୍କିତ ଏନ୍‌ସିଇଆର୍‌ଟିର ଏହି ନୂଆ ମଡ୍ୟୁଲ ପ୍ରକାଶ ପାଇବା ପରେ ଭାଜପା ଓ କଂଗ୍ରେସ ମଧ୍ୟରେ ବଡ଼ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ବିଭାଜନରେ ନିଜ ସମ୍ପୃକ୍ତିକୁ ଖଣ୍ଡନ କରିବା ସହ ଏଥିପାଇଁ ହିନ୍ଦୁ ମହାସଭା ଓ ମୁସ୍‌ଲିମ୍ ଲିଗ୍‌ର ସମ୍ପର୍କକୁ ଦାୟୀ କରିଛି। ଏଥିସହ ବିବାଦୀୟ ବିଷୟ ସ୍ଥାନିତ ହୋଇଥିବା ଉକ୍ତ ପୁସ୍ତକକୁ ଜାଳି ଦିଆଯିବା ଉଚିତ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ନିଜକୁ ସୁହାଇଲା ଭଳି ବିଷୟ ନ ପାଇଲେ କଂଗ୍ରେସ ଇତିହାସଠାରୁ ଦୂରେଇ ଯାଇଥାଏ କହି ଭାଜପା ସମାଲୋଚନା କରିଛି।**

ନୂଆଦିଲ୍ଲୀ,୧୬।୮(ପି.ଟି.)

ନ୍ୟାଶନାଲ କାଉନ୍‌ସିଲ୍ ଫର୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ପକ୍ଷରୁ ‘ପାର୍ଟିଶନ ହରର୍ସ ରିମେମ୍ବ୍ରାନ୍ସ ଡେ’ ନାମରେ ଏକ ସ୍ୱତନ୍ତ୍ର ମଡ୍ୟୁଲ୍ ଜାରି ହୋଇଛି। ଭାରତର ବିଭାଜନ ପାଇଁ ସେଥିରେ ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ଏବଂ ତତ୍କାଳୀନ ଭାଇସ୍‌ରାୟ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ଦାୟୀ କରାଯାଇଛି। ସେଥିରେ ଆହୁରି ଉଲ୍ଲେଖ ରହିଛି ଯେ, ଦେଶ ବିଭାଜନ ପରେ କଶ୍ମୀର ଏକ ନୂଆ ସମସ୍ୟା ଭାବେ ଉଭା ହୋଇଥିଲା, ଯାହାକି ଭାରତରେ ପୂର୍ବରୁ କେବେ ନ ଥିଲା। ଏହା ଦେଶର ବୈଦେଶିକ ନୀତି ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। କଶ୍ମୀର ପ୍ରସଙ୍ଗ ନାମରେ କେତେକ ଦେଶ ପାକିସ୍ତାନକୁ ସହାୟତା ପ୍ରଦାନ ଜାରି ରଖିବା ସହ ଭାରତ ଉପରେ ଚାପ ପକାଇଥିଲେ ବୋଲି ନୂଆ ମଡ୍ୟୁଲ୍‌ରେ ଉଲ୍ଲେଖ ରହିଛି। ତେବେ ଏହି ମଡ୍ୟୁଲ ପ୍ରକାଶ ପାଇବା ପରେ ବିବାଦ ମୁଣ୍ଡ ଟେକିଛି। ଏହାକୁ ପୋଡ଼ିଦିଆଯିବା ଆବଶ୍ୟକ ବୋଲି କଂଗ୍ରେସ କହିଛି। ପ୍ରକାଶିତ ମଡ୍ୟୁଲ୍ ବିଭ୍ରାନ୍ତିକର ବୋଲି କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ☞ପୃଷ୍ଠା-୨

# ନିଷ୍କର୍ଷ ବାହାରିଲାନି, ଆଶା ଦିଶିଲା

ଆମେରିକାର ଆଲାସ୍କାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଶୁକ୍ରବାର ହୋଇଥିବା ଶାନ୍ତି ଆଲୋଚନାରୁ ନିଷ୍କର୍ଷ ବାହାରିପାରିନାହିଁ। ତେବେ ଯୁଦ୍ଧ ଅଟକାଇବା ପାଇଁ ସମ୍ଭାବନା ସୃଷ୍ଟି ହୋଇଛି। ଆଲୋଚନା ପୂର୍ବରୁ ଟ୍ରମ୍ପ୍ ଯେଉଁଭଳି ଧମକ ରାଜନୀତି ଏବଂ ଆକ୍ରମଣାତ୍ମକ ଆଭିମୁଖ ଦେଖାଉଥିଲେ, ପୁଟିନ୍‌ଙ୍କ ସହ ବୈଠକ ପରେ ନରମ ପଡ଼ିଯାଇଥିବା ଲକ୍ଷ୍ୟ କରାଯାଇଛି। ଆଲୋଚନା ଆଗକୁ ବଢ଼ାଇବା ପାଇଁ ପୁଟିନ୍ ଟ୍ରମ୍ପଙ୍କୁ ମସ୍କୋ ନିମନ୍ତ୍ରଣ କରିଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ଆମେରିକା ରାଷ୍ଟ୍ରପତିଙ୍କ ଆଲୋଚନା ପାଇଁ ୱାଶିଂଟନ ଡିସି ଗସ୍ତ କରିବେ।

(ସବିଶେଷ ରିପୋର୍ଟ : ପୃଷ୍ଠା-୯)



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜୁନେଉରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମେଡୋସ୍ ରାଉତରାୟ କ୍ଲବ୍ ପକ୍ଷରୁ ରଙ୍ଗତୂଳୀ ୨୦୨୫, ସ୍ଥାନ: ରେଲ୍ ଅଡ଼ିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର ସଂଘ ଆୟୋଜିତ ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷା ପବ୍ଲିକେଶନ୍ ପକ୍ଷରୁ ବର୍ଷା ଉତ୍ସବ ୨୦୨୫, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ପିପୁଲ୍ ଫର୍ ଆନିମଲ୍ ପକ୍ଷରୁ ଅନ୍ଦୋଳନ, ସ୍ଥାନ: ରାମ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆୟୋଜିତ ଆସ୍ଥା ଅଭିସେଖ୍ ୨୦୨୫, ସ୍ଥାନ: ସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ୟାସନ୍ କ୍ଲବ୍‌ର ୨୦ତମ ଗଣେଶ ପୂଜା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ୟାସନ୍ କ୍ଲବ୍, ବିଧାୟକ କଲୋନି, ଭୌମନଗର, ପୂର୍ବାହ୍ନ: ୧୧ଟା ୩୦।
- ଶ୍ରୀ ଗଣେଶ ମହୋତ୍ସବ-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପ୍ରାଙ୍ଗଣ, ନୂଆସାହି ନୟାପଲ୍ଲୀ, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରଦୀପ ସାପ୍ତାହିକ ପତ୍ରିକାର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୂପୁର୍ ପକ୍ଷରୁ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ସ୍ଥାନ: ଭଞ୍ଜକଳାମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।

## ବାଲେଶ୍ୱର

- ନନ୍ଦ ମହୋତ୍ସବ ଓ ବ୍ୟାସ ପୂଜା, ସ୍ଥାନ: ରେମୁଣା ଇସ୍କନ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭଜନ କାର୍ଯ୍ୟକ୍ରମ, ସ୍ଥାନ: ରେମୁଣା ଇସ୍କନ ମନ୍ଦିର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଓ ସାଧାରଣ ସଭା, ସ୍ଥାନ: ଶ୍ରୀକୃଷ୍ଣ ମଇଦାନ, ସାନତେଘରୀ, ଭୋଗରାଇ, ସମୟ: ଅପରାହ୍ନ ୨ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- କ୍ରାନ୍ତି ଦିବସ ପାଳନ, ସ୍ଥାନ: କହରାପୋଖରୀସ୍ଥିତ କ୍ରାନ୍ତି ମଇଦାନ, ଭଣ୍ଡାରିପୋଖରୀ, ସମୟ: ସକାଳ ୯ଟା।
- ଯାତ୍ରା କମିଟି ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ନନ୍ଦୋତ୍ସବ ଓ ପ୍ରଭୁପାଦଙ୍କ ବ୍ୟାସପୂଜା, ସ୍ଥାନ:ହେମଚନ୍ଦ୍ରପୁର ରାଣୀବନ୍ଧ ବାରିପଦା,ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ପୁରୁଣା ଜିଲାପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ୟୁନାଇଟେଡ୍ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟୀୟ ଉପାସକଙ୍କ ସାଧାରଣ ବୈଠକ, ସ୍ଥାନ: ଚର୍ଚ୍ଚ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଭାଗବତ ପରିବାର ପକ୍ଷରୁ ଚାଲିଥିବା ନନ୍ଦ ମହୋତ୍ସବ କାର୍ଯ୍ୟକ୍ରମରେ ବେଶ ପ୍ରତିଯୋଗିତା, ସ୍ଥାନ: ମାଉସୀ ମା' ମନ୍ଦିର ପାଖ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଇସ୍କନର ପ୍ରତିଷ୍ଠାନା ଆଚାର୍ଯ୍ୟ ଶ୍ରୀମଦ ଏ ସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରଜାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଇସ୍କନ ମନ୍ଦିର, ବ୍ରାହ୍ମଣସାହି, ଗଜରାଜପୁର, ରାଜନଗର, ସମୟ: ପ୍ରାତଃ ୪ଟା।
- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ, ସମୟ:ସନ୍ଧ୍ୟା ୭ଟା ୩୦।
- ନାଟକ ଜରାସନ୍ଧ ବଧ, ଭକ୍ତ ସୁଦାମ ଚରିତ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ ଅଫିସ ସମ୍ମୁଖ, ଗଜଲକ୍ଷ୍ମୀ ପୂଜା ମଣ୍ଡପ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- କୋରାପୁଟ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦୋତ୍ସବ, ସ୍ଥାନ: ଟାଉନ ହଲ, ଜୟପୁର, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ କଲ୍ୟାଣ ସଂଘର ବୈଠକ, ସ୍ଥାନ: ଜୟପୁର ନାଗରିକ କମିଟି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପ୍ରାଥମିକ ଶିକ୍ଷକଙ୍କ ବୈଠକ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ସିଟି ପେଲେସ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା ୩୦।
- ଫଟୋଗ୍ରାଫି ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ , ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ସମର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀଡୁଙ୍ଗୁରି ଜଙ୍ଗଲ, ସମୟ : ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ ସମ୍ବଲପୁରର ୧୦ତମ ଅଧିଷ୍ଠାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ରୟାଲ ରିଟ୍ରିଟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମ ବାର୍ଷିକୀ ସମାରୋହ, ସ୍ଥାନ: ସରକାରୀ ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ।
- ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ରାଉରକେଲା

- ଇସ୍କନ ପକ୍ଷରୁ ତ୍ରିଦିବସୀୟ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ସମାପନ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷା କବିତା ଆସର, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଲଚରାଲ ଏକାଡେମୀ ପକ୍ଷରୁ କାବ୍ୟ କବିତା ଦିବସ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ), ବରଗଡ଼, ସମୟ: ଅପରାହ୍ନ ୪ଟା।
- ନୂଆଖାଇ ଲଗ୍ନ ନିରୂପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ

- ବାଳିକାଙ୍କ ସୁରକ୍ଷା ନେଇ କର୍ମଶାଳା, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦେବା ପାଇଁ ଦେବଗଡ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଜରୁରୀକାଳୀନ ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୭ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପଡ଼ା ଯାଦବ ସମାଜ ପକ୍ଷରୁ ନନ୍ଦୋତ୍ସବ, ସ୍ଥାନ: ପୋଲିସ ପଡିଆ ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମାରାଗୁଡା ସାହିତ୍ୟ ସଂସଦ ନୂଆପଡା ପକ୍ଷରୁ ମେହେର ଜୟନ୍ତୀ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମିଶନ ଶକ୍ତି ଗୃହ, ସମୟ: ଅପରାହ୍ନ ୨ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ପକ୍ଷରୁ ବିଶ୍ୱ ଆଦିବାଦୀ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମାନାରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ୧୭ ତମ ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ସଂକ୍ରାନ୍ତି ହୋମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସ୍ୱାମୀ ବିବେକାନନ୍ଦ କ୍ଲବ ତରଫରୁ ଚାରା ରୋପଣ, ସ୍ଥାନ: ଚୌକାମାଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଖୁଦୁରୁକୁଣୀ ଓଷା ପାଳନ, ସ୍ଥାନ: ଗୌରଡ଼ିହି ଦେବୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ ସ୍ତରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ବ୍ୟବସାୟରେ ଟେନ୍‌ସନ୍ ରହିଲେ ମଧ୍ୟ କ୍ଷତିର ପ୍ରଶ୍ନ ଉଠୁନାହିଁ। ପାଖ ଲୋକଟି ଅନ୍ୟର ନିର୍ଦ୍ଦେଶରେ କାମ କରିବା ଫଳରେ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ ହୋଇପାରେ। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ଆଜି ପରିବାରର ସାହାଯ୍ୟ ସମର୍ଥନ ଆପଣଙ୍କ କାର୍ଯ୍ୟ ହାସଲରେ ସାହାଯ୍ୟ କରିବ। ଏହା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବାର ସୂଚନା ରହିଛି। ଅବହେଳିତ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ନିକଟରୁ ଭରସା ପାଇ ବିଚଳିତ ମନରେ ସାମୟିକ ସ୍ଥିରତା ଆସିବ। ବନ୍ଧୁଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବା ସକାଶେ ଯୁକ୍ତିତର୍କ ଓ କଳହର ସ୍ଥିତି ଉପୁଜିବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ହେବ।

**କର୍କଟ** ବାରମ୍ବାର ଚେଷ୍ଟା କରି ଅଟକି ରହିଯାଉଥିବା ଅପୂରଣୀୟ ଆଶା ମନରେ ଦୁଃଖ ଦେବ। ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ବିରୋଧାଭାବ ପୋଷଣ କରିପାରନ୍ତି। କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ସହାନୁଭୂତିରୁ ଆଶ୍ୱସ୍ତି ମିଳିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ।

**ସିଂହ** କର୍ମକ୍ଷେତ୍ରରେ ପାରସ୍ପରିକ ବୁଝାମଣା ମାଧ୍ୟମରେ କାର୍ଯ୍ୟସାଧନ କରିବାରେ ସଫଳ ହେବେ। ପାରିବାରିକ ସ୍ତରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା ଉପକୃତ ହୋଇପାରନ୍ତି। ସାମାଜିକ ସ୍ତରରେ ବୁଦ୍ଧିଜୀବୀଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅବହେଳାରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ଦ୍ୱାରା ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ସତ୍ୟରେ ପରିଣତ ହେବାରୁ ଖୁସି ଅନୁଭବ କରିବେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ସାଙ୍ଗକୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଭଲ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଆକସ୍ମିକ ଭାବେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାରେ ତର୍କ ବିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟର ଆଶଙ୍କା ରହିଛି।

**ବିଛା** ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ସାଙ୍ଗକୁ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ଯୋଗୁ ମାନସିକ ସ୍ତରରେ ପରିବର୍ତ୍ତନ ଅନୁଭବ କରିବେ। ଅବହେଳାରୁ ଅଟକି ଥିବା କାମ ସକାଶେ ଅଭିଯୋଗ ଆସିପାରେ। ଅନ୍ୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ଧନୁ** ପରିସ୍ଥିତି ପ୍ରତି ସଜାଗ ରହି କାମ କରିପାରିଲେ ଲକ୍ଷ୍ୟ ପୂରଣ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ବ୍ୟବସାୟ ଓ ପରିବହନରେ ଲାଭାଂଶ ବୃଦ୍ଧି ପାଇବ। ଚାକ୍ଷୁଷ ପ୍ରମାଣ ବ୍ୟତୀତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ସଫଳତା ହାସଲ କଲେ ମଧ୍ୟ ଋଣ ପରିଶୋଧ କରିପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ସାମୟିକ ମାନସିକ ଶାନ୍ତି ମିଳିବ। ମାନସିକ ଦ୍ୱନ୍ଦ୍ୱ ଲାଗି ରହୁଥିବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଅଧିକାଂଶ ସମୟ ସ୍ନାୟବିକ ଦୁର୍ବଳତା ଅନୁଭବ କରିବା କାରଣରୁ କାର୍ଯ୍ୟଦକ୍ଷତା କମିକମି ଯିବ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅବଶ୍ୟ ସଫଳତା ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ମୀନ** ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅଫିସିଆଲି କାମରେ ଟେନସନ୍ ବଢ଼ିପାରେ। ଆପଣଙ୍କ ପାରିବାରିକ ଉତ୍କର୍ଷତା ପ୍ରତି ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବାର ଆଶା ରହିଛି।

ଆଜି ପାରମ୍ପରିକ ସିଂହ ସଂକ୍ରାନ୍ତି, ଅଗଷ୍ଟ ୧୭ ତାରିଖ, ଭାଦ୍ରବ କୃଷ୍ଣ ନବମୀ ରବିବାର। ବୈଷ୍ଣବସମ୍ମତ ନନ୍ଦୋତ୍ସବ, ଖୁଦୁରୁକୁଣୀ ଓଷା ଦ୍ୱିତୀୟପାଳି, ରାଶିନକ୍ଷତ୍ର-ରୋହିଣୀ/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୩୧ ଗତେ ଘ.୦୩୪୪ ମଧ୍ୟେ, ଘ.୦୧୨୫ ଗତେ ଘ.୦୧୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୫ ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ।

# ନିଯୁକ୍ତିଗତ ପରୀକ୍ଷା ଫର୍ମରେ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗୀକରଣ କରାଯିବ

ଭୁବନେଶ୍ୱର, ୧୬।୮(ସୁନିତ୍ ମିଶ୍ର)

ତୃତୀୟ ଲିଙ୍ଗୀଙ୍କ ପାଇଁ ରହିବ ସ୍ୱତନ୍ତ୍ର କ୍ୟାଟେଗୋରୀ। ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସବୁ ବିଭାଗର ଅତିରିକ୍ତ ସଚିବ, ପ୍ରମୁଖ ସଚିବ ଏବଂ ସଚିବମାନଙ୍କୁ ଶନିବାର ଚିଠି ଜାରି କରାଯାଇଛି। ଏସ୍‌ଏସ୍‌ଇପିଡି ବିଭାଗ ସଚିବ ଆର୍.ଏସ୍ ଗୋପାଳନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ସୁରକ୍ଷା ଅଧିକାର ଆଇନ ୨୦୧୯ ଅନୁଯାୟୀ ତୃତୀୟ ଲିଙ୍ଗୀଙ୍କ ନିଯୁକ୍ତି ଏବଂ ସେଥିଲାଗି ହେଉଥିବା ପରୀକ୍ଷା କ୍ଷେତ୍ରରେ ଯେଉଁ ଅସମନତା ରହିଛି ସେହି ନିୟମକୁ ସବୁ ବିଭାଗ ପରିବର୍ତ୍ତନ କରନ୍ତୁ। ତୃତୀୟ ଲିଙ୍ଗକୁ ସ୍ୱତନ୍ତ୍ର ବର୍ଗୀକରଣ କରାଯାଉ। ସବୁ ବିଭାଗ ନିଯୁକ୍ତିଗତ ପରୀକ୍ଷାର ଢାଞ୍ଚା ବଦଳାନ୍ତୁ । ରାଜ୍ୟ ସରକାରଙ୍କ ନିଯୁକ୍ତି ଫର୍ମରେ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗୀକରଣ କରାନ୍ତୁ। ନିଯୁକ୍ତିଗତ ପରୀକ୍ଷାର ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ୍ ଫର୍ମରେ ତୃତୀୟ ଲିଙ୍ଗୀଙ୍କ ଲାଗି କଲମ୍ କିମ୍ବା ବକ୍ସ ରହିବା ଜରୁରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେମିତି ଦିଅଁକୁ ସେମିତି ପୂଜା;
ବାଲି ଗରଡ଼ାକୁ ଚାଉଳ ଭଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବାଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଣେ ଇଚ୍ଛା ତେଣେ ଯା,
କର୍ମ ଘେନି ବୁଲୁ ଥା।**

କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। ଯେଉଁଠି ରହିଲେ ବି କର୍ମ ଅନୁସାରେ ଫଳ ମିଳେ। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗକରେ। ଯେତେ କର୍ମ କଲେ ମଧ୍ୟ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବିଭାଜନ ପାଇଁ କଂଗ୍ରେସ ...

କହିଛନ୍ତି। ନୂଆ ମଡ୍ୟୁଲରେ ଉଲ୍ଲେଖ ରହିଛି, ଭୁଲ୍ ବିଚାରଧାରା ଯୋଗୁ ଭାରତ ବିଭାଜନ ହୋଇଥିଲା। ୧୯୪୦ରେ ଲାହୋରଠାରେ ଭାରତୀୟ ମୁସଲମାନମାନଙ୍କ ଦଳ ମୁସ୍‌ଲିମ୍ ଲିଗ୍‌ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାର ନେତା ମହମ୍ମଦ ଅଲି ଜିନ୍ନା କହିଥିଲେ, ହିନ୍ଦୁ ଏବଂ ମୁସଲମାନ୍‌ଙ୍କର ଦୁଇ ଭିନ୍ନ ଧର୍ମୀୟ ଦର୍ଶନ, ସାମାଜିକ ପ୍ରଥା ଓ ଭାଷା ରହିଛି। 'ବିଭାଜନର ଅପରାଧୀଗଣ' ଶୀର୍ଷକରେ ଉକ୍ତ ମଡ୍ୟୁଲରେ କୁହାଯାଇଛି, 'ଶେଷରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ବିଭାଜିତ ହୋଇଥିଲା। ତେବେ ଏହା କୌଣସି ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ନ ଥିଲା। ଭାରତ ବିଭାଜନ ପାଇଁ ୩ଟି ତତ୍ତ୍ୱ ଦାୟୀ: ଜିନ୍ନା, ଯିଏ ଏଥିପାଇଁ ଦାବି କରିଥିଲେ, ଦ୍ୱିତୀୟରେ କଂଗ୍ରେସ, ଯିଏ ଏହାକୁ ଗ୍ରହଣ କରିଥିଲା ଏବଂ ତୃତୀୟରେ ମାଉଣ୍ଟବାଟେନ୍, ଯିଏ ଏହାକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ମାଉଣ୍ଟବାଟେନ୍ ସବୁଠୁ ବଡ଼ ଦୋଷୀ ପ୍ରମାଣିତ ହୋଇଛନ୍ତି।' ସେ କ୍ଷମତା ହସ୍ତାନ୍ତର ତାରିଖ ୧୯୪୮ ଜୁନ୍‌ରୁ ୧୯୪୭ ଅଗଷ୍ଟକୁ ଆଗୁଆ ନିର୍ଦ୍ଧାରଣ କରିଥିଲେ। ପ୍ରତ୍ୟେକ ଏଥିରେ ସହମତ ଦେବାକୁ ସେ ପ୍ରବର୍ତ୍ତାଇଥିଲେ। ତେଣୁ ବିଭାଜନ ପୂର୍ବରୁ ସମ୍ପୂର୍ଣ୍ଣ ବିଭାଜନ ହୋଇପାରି ନ ଥିଲା। ବିଭାଜନ ସୀମା ନିର୍ଦ୍ଧାରଣ ମଧ୍ୟ ତରବରିଆ ଭାବେ କରାଯାଇଥିଲା। ସେଥିପାଇଁ ସାର୍ ସିରିଲ୍ ରେଡ୍‌କ୍ଲିଫ୍‌ଙ୍କୁ ମାତ୍ର ୫ ସପ୍ତାହ ସମୟ ଦିଆଯାଇଥିଲା।

ଏପରିକି ୧୯୪୭ ଅଗଷ୍ଟ ୧୫ର ୨ ଦିନ ପରେ ମଧ୍ୟ ପଞ୍ଜାବର ଅନେକ ଲକ୍ଷ ଲୋକ ଜାଣି ନ ଥିଲେ, ସେମାନେ ଭାରତରେ ନା ପାକିସ୍ତାନରେ। ଏଭଳି ଶୀଘ୍ରତା ଅତ୍ୟନ୍ତ ଦାୟିତ୍ୱହୀନତା କାର୍ଯ୍ୟ ଥିଲା ବୋଲି ମଡ୍ୟୁଲରେ ଉଲ୍ଲେଖ ରହିଛି। ସେଥିରେ ଆହୁରି କୁହାଯାଇଛି ଯେ, ଯଦିଓ ଜିନ୍ନାଙ୍କୁ ବିଭାଜନ ପାଇଁ ଦୋଷ ଦିଆଯାଇଛି, ତଥାପି ଏହା ହେବ ଏବଂ ସେ ନିଜ ଜୀବଦ୍ଦଶାରେ ପାକିସ୍ତାନ ଦେଖିବେ ବୋଲି କଦାପି ଚିନ୍ତା କରି ନ ଥିବା କହିଥିଲେ। ଦେଶ ବିଭାଜନ ହେବା ସେ ଆଶା କରି ନ ଥିଲେ ବୋଲି ଜିନ୍ନା ପରବର୍ତ୍ତୀ ସମୟରେ ସ୍ୱୀକାର ମଧ୍ୟ କରିଥିଲେ। ଏକଥା ସେ ତାଙ୍କ ସହଯୋଗୀଙ୍କୁ କହିଥିଲେ।

ମଡ୍ୟୁଲରେ ଉଲ୍ଲେଖ ରହିଛି ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ, ଦେଶର ସ୍ଥିତି ବିସ୍ଫୋରକ ହୋଇଯାଇଛି। ଭାରତ ଏକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି ଏବଂ ଏକ ଗୃହଯୁଦ୍ଧ ହେବା ଅପେକ୍ଷା ବିଭାଜନ ଭଲ ହେବ। ମହାତ୍ମା ଗାନ୍ଧୀଙ୍କ ଆଭିମୁଖ୍ୟ ସମ୍ପର୍କରେ ନୂଆ ମଡ୍ୟୁଲରେ ଉଲ୍ଲେଖ ରହିଛି, ସେ ବିଭାଜନକୁ ବିରୋଧ କରୁଥିଲେ, କିନ୍ତୁ ହିଂସା ମାଧ୍ୟମରେ କଂଗ୍ରେସର ନିଷ୍ପତ୍ତିକୁ ପ୍ରତିରୋଧ କରି ନ ଥିଲେ। ସେ ବିଭାଜନର ଏକ ପକ୍ଷ ହୋଇପାରିବେ ନାହିଁ, କିନ୍ତୁ ହିଂସାର ସହ ଏହାକୁ ଗ୍ରହଣ କରିବାରୁ କଂଗ୍ରେସକୁ ଅଟକାଇବେ ନାହିଁ ବୋଲି କହିଥିଲେ।

ଏନ୍‌ସିଇଆର୍‌ଟି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଗୋଟିଏ ମଡ୍ୟୁଲ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ୟ ଏକ ମଡ୍ୟୁଲ ପ୍ରକାଶ କରିଛି। ଏହାକୁ ନିୟମିତ ପାଠ୍ୟପୁସ୍ତକର ଅଂଶବିଶେଷ କରା ନ ଯାଇ ଇଂଲିଶ ଓ ହିନ୍ଦୀରେ ଅତିରିକ୍ତ ବିଷୟବସ୍ତୁ ଭାବେ ରଖାଯାଇଛି, ଯାହାକୁ ପ୍ରୋଜେକ୍ଟ, ପୋଷ୍ଟର, ଆଲୋଚନା ଓ ବିତର୍କ ଜରିଆରେ ବ୍ୟବହାର ପାଇଁ ରଖାଯାଇଛି। ଉଭୟ ମଡ୍ୟୁଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୧ରେ ବାର୍ତ୍ତା ସହ ଆରମ୍ଭ ହୋଇଛି, ଯେଉଁଥିରେ ସେ ବିଭାଜନ ଆତଙ୍କ ସ୍ମରଣ ଦିବସ ପାଳନ ସମ୍ପର୍କରେ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ Xରେ ଲେଖିଥିବା ବାର୍ତ୍ତାର ଉଦ୍ଧୃତାଂଶ ଉଲ୍ଲେଖ ରହିଛି। ତାହା ହେଲା, 'ବିଭାଜନର ଯନ୍ତ୍ରଣା କଦାପି ଭୁଲି ହେବ ନାହିଁ। ଆମର ଅନେକ ନିୟୁତ ଭଉଣୀ ଭାଇ ବିସ୍ଥାପିତ ହୋଇଥିଲେ। କିଛି ନ ବୁଝି ଘୃଣା ଓ ହିଂସାକାଣ୍ଡ ଯୋଗୁ ଅନେକଙ୍କ ଜୀବନ ଯାଇଥିଲା। ସେହି ସଂଘର୍ଷ ଓ ଆମ ଲୋକମାନଙ୍କ ବଳିଦାନର ସ୍ମରଣ ପାଇଁ ଅଗଷ୍ଟ ୧୪କୁ ବିଭାଜନ ଆତଙ୍କ ସ୍ମରଣ ଦିବସ ଭାବେ ପାଳନ ହେବ'।

### ଆତ୍ମାହୁତି ନୁହେଁ, ...

ତେବେ ଜ୍ୟୋତିରଞ୍ଜନଙ୍କୁ ମେଡିକାଲ ନିଆଯିବା ପୂର୍ବରୁ ସେ ଏକ ଭିଡିଓରେ ଜମିଜମା ବିବାଦକୁ କେନ୍ଦ୍ର କରି ବାପା, ଭାଇ ଓ ସାବତ ମା' ତାଙ୍କୁ ପେଟ୍ରୋଲ ଢାଳି ମାରିଦେବାକୁ ଯୋଜନା କରି ଏଭଳି କାଣ୍ଡ ଭିଆଇଛନ୍ତି । ଏପରି କି ତାଙ୍କ ନାମରେ କୌଣସି ଜମି ନାହିଁ ବୋଲି ଜ୍ୟୋତିରଞ୍ଜନ କହୁଥିବା ଶୁଣିବାକୁ ମିଳିଛି। ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ. ୩୮୭/୨୫) ରୁଜୁ କରି ବାପା ସୁରେନ୍ଦ୍ର, ସାବତ ଭାଇ ପ୍ରଶାନ୍ତ ଓ ସାବତ ମା' ପ୍ରଭାତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ପରେ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି, ପ୍ରଥମେ ଆତ୍ମାହୁତି ଉଦ୍ୟମ ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ପରେ ଭାଇରାଲ୍ ହେଉଥିବା ଭିଡିଓ, ଚିକିତ୍ସାଧୀନ ଅବସ୍ଥାରେ ସେ ଦେଇଥିବା ବୟାନରେ ସମାନ ତଥ୍ୟ ମିଳିବା ଏବଂ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ଉକ୍ତ ମାମଲାକୁ ହତ୍ୟା ଦଫାରେ ରୂପାନ୍ତରିତ କରାଯାଇ ବାପା, ସାବତ ମା' ଏବଂ ଭାଇଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ଅପରପକ୍ଷରେ ଶନିବାର ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ଓ ଛୋଟ ପୁଅକୁ ନ୍ୟାୟ ଓ ଆର୍ଥିକ ସହାୟତା ଦେବାପାଇଁ କଂଗ୍ରେସ ଓ ଅନ୍ୟାନ୍ୟ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣ ପକ୍ଷରୁ ବାଲିପାଟଣା ଛକରେ ମୃତଦେହ ରଖି ଦାବି କରାଯାଇଥିଲା। ପ୍ରାୟ ଦୁଇ ଘଣ୍ଟା ବାଲିପାଟଣା -ଭୁବନେଶ୍ୱର ରାସ୍ତା ଅବରୋଧ ଥିଲା। ସରକାରୀ ନିୟମ ଅନୁସାରେ ଯାହା ସହାୟତା ସୁବିଧା ଅଛି ତାହା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ଜ୍ୟୋତିରଞ୍ଜନଙ୍କ ଜେଜେଙ୍କ ପୈତୃକ ଗ୍ରାମ କାକଟପୁର ନିଆଯାଇ ସତ୍କାର କରାଯାଇଛି।

### ଧାର୍ଯ୍ୟ ହେଲା ...

ପଣ୍ଡିତ ଓ ଜ୍ୟୋତିଷମାନେ ଯୋଗ ଦେଇଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ। ସାମୂହିକ ପଣ୍ଡିତ ଓ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସର୍ବସମ୍ମତିକ୍ରମେ ଧାର୍ଯ୍ୟଲଗ୍ନକୁ ପ୍ରଥମେ ବ୍ରହ୍ମପୁରା ଠାକୁରଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ସଞ୍ଜୟ କୁମାର ମିଶ୍ର ଧାର୍ଯ୍ୟଲଗ୍ନକୁ ସର୍ବସାଧାରଣରେ ପାଠ କରିଥିଲେ। ଏହାପରେ ସମବେତ ପଣ୍ଡିତ, ଜ୍ୟୋତିଷ, ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଓ ସଭ୍ୟମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଗୋଧୂଳି ଲଗ୍ନରେ ସମଲେଇ ମନ୍ଦିରରେ ପହଞ୍ଚିଥିଲେ। ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ନୂଆଁଖାଇ ଲଗ୍ନ ଅର୍ପଣ କରିଥିଲେ । ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସମେତ ପୂଜକମାନେ ଲଗ୍ନ ପରମ୍ପରାନୁସାରେ ଗ୍ରହଣ କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଭ୍ୟ ସରୋଜ କୁମାର ଦଳପତ, ଶ୍ରୀମନ୍ତ ମିଶ୍ର,



ଶନିବାର ସମ୍ବଲପୁର ସମଲେଇ ମନ୍ଦିରରେ ଲଗ୍ନ ଦିଆଯାଉଛି।

ସୁଶାନ୍ତ କୁମାର ପୁରୋହିତ, ମିଲୁ ପାଣିଗ୍ରାହୀ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥ ସାରଥି ମିଶ୍ର, ଶୁଭେନ୍ଦ୍ର କୁମାର ପଣ୍ଡା, ଅଭିଷେକ ମିଶ୍ର, ପ୍ରବୀଣ କୁମାର ଦୀକ୍ଷିତଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ସରିତ କୁମାର ପାଢ଼ୀ, ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳର ପଣ୍ଡିତମାନେ ସାମିଲ ଥିଲେ।




# ୧୮ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)

ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ହେଉଛି। ତେବେ ଆସନ୍ତା ୧୮ ତାରିଖ ବେଳକୁ ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୭ ତାରିଖରେ ବିଭିନ୍ନ ଜିଲାକୁ ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଥିବାବେଳେ ବଜ୍ରପାତ ପାଇଁ ସତର୍କ ସୂଚନା ଦିଆଯାଇଛି। ୧୮ରୁ ବର୍ଷା ବଢ଼ିବା ସମ୍ଭାବନା ଥିବାବେଳେ କୋରାପୁଟ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ରହିଛି। ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି।

# ମାଟ୍ରିକ୍ ସପ୍ଲିମେଣ୍ଟାରି ପାସ୍ ହାର ୫୬.୨୩%



ବୋର୍ଡ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଉଛନ୍ତି।

କଟକ,୧୬।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ପାସ୍ ହାର ୫୬.୨୩% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରୁ ସେମାନଙ୍କ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ମୋବାଇଲ ଏସ୍‌ଏମ୍‌ଏସ୍ ଜରିଆରେ OR10<Roll no> ଲେଖି 5676750କୁ ପଠାଇଲେ ପରୀକ୍ଷାଫଳ ମିଳିବ। ସାରା ରାଜ୍ୟରୁ ମୋଟ ୩୪୫୭ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୪୭୪ ଜଣ ପରୀକ୍ଷା ଦେଇ ନ ଥିଲେ। ମୋଟ ୧୯୪୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଏ୨ ଗ୍ରେଡ୍‌ରେ ୩ଜଣ, ବି୧ ଗ୍ରେଡ୍‌ରେ ୧୪, ବି୨ ଗ୍ରେଡ୍‌ରେ ୩୯, ସି ଗ୍ରେଡ୍‌ରେ ୧୧୩, ଡି ଗ୍ରେଡ୍‌ରେ ୨୭୬, ଇ ଗ୍ରେଡ୍‌ରେ ୫୨୩ ଏବଂ କମ୍ପାର୍ଟମେଣ୍ଟରେ ୯୭୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୧୦୩୮ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ଜଣେ ମାଲପ୍ରାକ୍ଟିସ ହୋଇଛନ୍ତି।

## ରାଜ୍ୟ ମୁକ୍ତ ବିଦ୍ୟାଳୟ: ୫୫.୨୬%

ସେହିପରି ଏକ ସଙ୍ଗେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୫୫.୨୬% ହୋଇଛି। ସମଗ୍ର ରାଜ୍ୟରୁ ମୋଟ ୧୦୮୦୯ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୬୨୫ ଜଣ ପରୀକ୍ଷା ଦେଇ ନ ଥିଲେ। ମୋଟ ୫୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଏ୨ ଗ୍ରେଡ୍‌ରେ ୧୩ଜଣ, ବି୧ ଗ୍ରେଡ୍‌ରେ ୨୩୨, ବି୨ ଗ୍ରେଡ୍‌ରେ ୭୨୩, ସି ଗ୍ରେଡ୍‌ରେ ୧୭୩୮, ଡି ଗ୍ରେଡ୍‌ରେ ୨୦୭୫, ଇ ଗ୍ରେଡ୍‌ରେ ୧୧୯୨ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୪୧୪୦ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ୪୬ଜଣ ମାଲପ୍ରାକ୍ଟିସ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବସାଇଟ୍‌ରୁ ଅଗଷ୍ଟ ୧୮ରୁ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ସେହିପରି ହାଇସ୍କୁଲର ମୁଖ୍ୟମାନେ ଟାବୁଲେଶନ ରେଜିଷ୍ଟର ଶନିବାର ସନ୍ଧ୍ୟା ୭ଟାରୁ ଡାଉନଲୋଡ୍ କରିପାରିବେ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ବୋର୍ଡ ମୁଖ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ଉପ ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା, ଏଷ୍ଟାବ୍ଲିସମେଣ୍ଟ ଅଫିସର ବୁଲବୁଲ ବେହେରା, ବିଦାୟୀ ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଫେରିଲେ

ବରଗଡ଼,୧୬।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଝାରବନ୍ଧରୁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଜଣେ ଯୁବକଙ୍କ ଘରକୁ ଫେରିବା ବାଟରେ ମୃତ୍ୟୁ ଘଟଣା ଆଲୋଡ଼ନ ଖେଳାଇ ଦେଇଛି। ମୃତକ ହେଲେ, ଝାରବନ୍ଧର ଲଲୁ ବାଗ(୨୨)। ସେ ପରିବାରର ଅଭାବ ଅନଟନ ଦୂର କରିବା ପାଇଁ ଦାଦନ ଖଟିବାକୁ ଦିଲ୍ଲୀ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ସମୟରେ ମଧ୍ୟପ୍ରଦେଶର ଭୋପାଳଠାରେ ଅସୁସ୍ଥ ହୋଇଯାଇଥିଲେ । ତାଙ୍କ



ଲଲୁ ବାଗ।

ସାଙ୍ଗରେ ଥିବା ଗାଁର ସୂର୍ଯ୍ୟ ସାହୁ, ଜାଗେ ମାହାର, ତରଣୀ ସେଠ, ରୋହିତ ଭୋଇ ଲଲୁଙ୍କୁ ରେଳବାଇ ପୋଲିସ ସହାୟତାରେ ଭୋପାଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହ ଗ୍ରାମକୁ ଅଣାଯାଇଥିଲା। ପୁଅର ମୃତ୍ୟୁ ପରେ ବିଧବା ମା' ଅସହାୟ ହୋଇ ପଡିଛନ୍ତି। ମୃତଦେହ ଘରକୁ ଆଣିବା ପାଇଁ ଆମ୍ବୁଲାନ୍ସ ଭଡା ଖର୍ଚ୍ଚ ୨୫ହଜାରରୁ ଅଧିକ ହୋଇଛି। ଏଭଳି ସ୍ଥଳରେ ତାଙ୍କୁ ସରକାରୀ ସ୍ତରରେ ତାଙ୍କୁ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ସାମାଜିକ କର୍ମୀ ଟିଙ୍କୁ ବନଛୋର ଦାବି କରିଛନ୍ତି।

# ବୀରମହାରାଜପୁର ହେବ ନୂଆ ଏନ୍‌ଏସି

ସୋନପୁର,୧୬।୮ (ମୃତ୍ୟୁଞ୍ଜୟ ଶତପଥୀ)

**ଡୁଙ୍ଗୁରିପାଲି, ଉଲୁଣ୍ଡା, ରାମପୁର ଓ ସୁବଳୟା ବାସୀ ନିରାଶ**

ଓଡ଼ିଶାର ୭ ଜିଲାରେ ୧୨ ନୂଆ ଏନ୍‌ଏସି ପାଇଁ ଶନିବାର ଡ୍ରାଫ୍ଟ ନୋଟିସ୍ ପ୍ରକାଶ ପାଇଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ନୂଆ ଏନ୍‌ଏସି ହେବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସରକାରଙ୍କ ବିଜ୍ଞପ୍ତି ପରେ ଅଞ୍ଚଳବାସୀ ନିଜର ଖୁସି ଜାହିର କରିଛନ୍ତି। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଅନୁଯାୟୀ ରାଜ୍ୟର ଦୁଇ ଉପଖଣ୍ଡ ମୁଖ୍ୟାଳୟ ବୀରମହାରାଜପୁର ଓ ଅନୁଗୋଳ ଜିଲାର ପାଲଲହଡା ଏନ୍‌ଏସି ହୋଇ ନ ଥିଲା। ତତ୍କାଳୀନ ନବୀନ ସରକାର ୨୦୨୪ ନିର୍ବାଚନ ଅବ୍ୟବହିତ ପୂର୍ବରୁ ରାଜ୍ୟର ୫୭ଟି ନୂଆ ଏନ୍‌ଏସି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ସୁବଳୟା, ଉଲୁଣ୍ଡା, ରାମପୁର ଓ ଡୁଙ୍ଗୁରିପାଲିର ନାମ ତାଲିକାରେ ରହିଥିଲା। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ରାଜ୍ୟ ସରକାର ଏହି ଘୋଷଣା କରିଥିଲେ। ତେବେ ପ୍ରସ୍ତାବ ଉପରେ କୌଣସି କାମ ହୋଇ ନ ଥିଲା। ପ୍ରାକ୍ତନ ସରକାରଙ୍କ ନୂତନ ଏନ୍‌ଏସି ପ୍ରସ୍ତାବକୁ ମୋହନ ମାଝିଙ୍କ ସରକାର କାର୍ଯ୍ୟକାରୀ କରିବେ କି ନାହିଁ ତାହା ମଧ୍ୟ ଅସ୍ପଷ୍ଟ ଥିଲା। ଜିଲାର ୫ଟି ନୂତନ ଏନ୍‌ଏସି ପ୍ରସ୍ତାବ ଉପରେ ଜିଲାପାଳଙ୍କ ପକ୍ଷରୁ ୨୨ଗୋଟି ପାରାମିଟର ଉପରେ ତଥ୍ୟ ଆହ୍ୱାନ କରାଯାଇଥିଲା। କିନ୍ତୁ କୌଣସି ଗୋଟିଏ ବି ଏନ୍‌ଏସି ସମ୍ପର୍କିତ ତଥ୍ୟ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାକୁ ସେତେବେଳେ ପ୍ରଦାନ କରା ଯାଇ ନ ଥିଲା। ରାଜ୍ୟ ସରକାରଙ୍କ ଘୋଷଣା ପରେ ବୀରମହାରାଜପୁର ବାସୀ ଖୁସି ପ୍ରକାଶ କରିଥିବା ବେଳେ ଡୁଙ୍ଗୁରିପାଲି, ଉଲୁଣ୍ଡା, ରାମପୁର ଓ ସୁବଳୟା ଅଞ୍ଚଳବାସୀ ନିରାଶ ହୋଇଛନ୍ତି।

# ଓଡ଼ିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮ (ବନ୍ଦନା ସେଠୀ)

ସ୍ୱାଧୀନତା ଦିବସ ପାଳନ ଏକ ପ୍ରତୀକାତ୍ମକ ଉତ୍ସବ ନୁହେଁ। ଆଜିର ଦିନ ଆମକୁ କଷ୍ଟଲବ୍ଧ ସ୍ୱାଧୀନତା ବିଷୟରେ ସଚେତନ କରିବା ସହିତ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଲେ, ଆତଙ୍କବାଦ ବିରୋଧରେ ଦେଶର ନୀତି ଆହୁରି ଦୃଢ଼ ଓ କଠୋର ହୋଇଛି। ଗତ ୧୪ ମାସ ହେବ ଓଡ଼ିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି। କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି। ଶିଳ୍ପନୀତିରେ ଆମୂଳଚୂଳ ପରିବର୍ତ୍ତନ କରାଯାଇ ପୁଞ୍ଜିବିନିଯୋଗ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଛି। ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିବାବେଳେ ୧୩ଲକ୍ଷ ନିଯୁକ୍ତି ସୁଯୋଗ ପୂର୍ବର ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ୬/୭ମାସ ମଧ୍ୟରେ ଓଡ଼ିଶାରେ ୬୦ରୁ ଅଧିକ ଶିଳ୍ପ ସ୍ଥାପନ କରାଯାଇ ୧ଲକ୍ଷ ୮୦ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିବିନିଯୋଗ କରାଯାଇ ୧ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରାଯାଇଛି। ଓଡ଼ିଶା ୨୦୩୬ ସୁଦ୍ଧା ଭାରତର ଶ୍ରେଷ୍ଠ ୫ ଅର୍ଥନୀତିରେ ପ୍ରବେଶ କରିବାକୁ ଯାଉଛି। ଓଡ଼ିଶାକୁ ଔଷଧ ଏବଂ ସେମିକଣ୍ଡକ୍ଟର ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ରରେ ପରିଗଣିତ କରାଯିବା ସହ ୩.୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବା ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଲାଗୁ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଯୁକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ୬୫ହଜାର ଲକ୍ଷ୍ୟକୁ ଅତିକ୍ରମ କରି ୨ବର୍ଷ ମଧ୍ୟରେ ୮୫ହଜାର ସରକାରୀ ପଦବୀ ପୂରଣ ହେବାକୁ ଯାଉଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭିତ୍ତିଭୂମି, ପରିବେଶ, ଐତିହ୍ୟ, ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ସରକାର ଧ୍ୟାନଦେବାପୂର୍ବକ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସରକାର ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ସମ୍ମିଳିତ ପରେଡରେ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନ, ସୀମା ସୁରକ୍ଷା ବଳ, ସିଆର୍‌ପିଏଫ୍, ଆଇଟିବିପି,

**୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ**



ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିବାଦନ ଗ୍ରହଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଡିଜିପି ୱାଇ.ବି. ଖୁରାନିଆ ଉପସ୍ଥିତ ଅଛନ୍ତି।

ଏସ୍‌ଓଜି ଚନ୍ଦକା, ଆନ୍ଧ୍ରପ୍ରଦେଶ ସଶସ୍ତ୍ର ପୋଲିସ ବାହିନୀ, ଭୁବନେଶ୍ୱରସ୍ଥିତ ବିଭିନ୍ନ ସ୍କୁଲର ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ରେଡ୍‌କ୍ରସ ଆଦି ୫୦ ପ୍ଲାଟୁନ ଯୋଗଦେଇଥିଲେ। ଭାରତୀୟ ପୋଲିସ ସେବା ଅଧିକାରୀ ଅନନ୍ୟା ଅବସ୍ଥି ପରେଡ୍ ପରିଚାଳନା କରିଥିଲେ। ଏହି ଅବସରରେ ଗତ ଜାନୁଆରୀ ୨୬ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇ ଶ୍ରେଷ୍ଠ ବିବେଚିତ ପ୍ଲାଟୁନମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। 'ସର୍ବୋତ୍ତମ ୟୁନିଫର୍ମ ସଶସ୍ତ୍ର ବାହିନୀ' ଭାବେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, 'ଶ୍ରେଷ୍ଠ ରାଜ୍ୟ ସଶସ୍ତ୍ର ପ୍ଲାଟୁନ୍' ଭାବେ ଭୁବନେଶ୍ୱର ଚନ୍ଦକାର ଏସ୍‌ଓଜି, ଏନ୍‌ସିସିରେ ଶ୍ରେଷ୍ଠ ସିନିୟର ବିଭାଗରେ ଏନ୍‌ସିସି ବାଳକ ଓ ବାଳିକା ପ୍ଲାଟୁନ, ଶ୍ରେଷ୍ଠ କନିଷ୍ଠ ଏନ୍‌ସିସି ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଓ ଶ୍ରେଷ୍ଠ ଅଣ-ଏନ୍‌ସିସି ବାଳକ ବିଭାଗରେ ବିଜେଇଏମ୍ ସ୍କୁଲ ଓ ବାଳିକା ବିଭାଗରେ ବିଜେଇଏମ୍ ସ୍କୁଲ ଭୁବନେଶ୍ୱର, ଶ୍ରେଷ୍ଠ ସ୍କୁଲ ବ୍ୟାଣ୍ଡରେ କ୍ୟାପିଟାଲ ଗର୍ଲସ୍ ହାଇସ୍କୁଲ ୟୁନିଟ୍-୨ ପୁରସ୍କୃତ ହୋଇଛି। ସେହିପରି ସାଧାରଣତନ୍ତ୍ର ଦିବସରେ ଭାଗ ନେଇଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ଜିଆଇ ଟ୍ୟାଗ୍ ଉତ୍ପାଦ' ପ୍ରଥମ ପୁରସ୍କାର ପାଇଥିବାବେଳେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ସହରାଞ୍ଚଳ ପରିବହନ' ପାଇଁ ଦ୍ୱିତୀୟ ପୁରସ୍କାର ପାଇଥିଲା। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର 'ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟ' ତୃତୀୟ ପୁରସ୍କାର ପାଇଥିଲା।

ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୋଲିସ ଡିଜି ୱାଇ ବି ଖୁରାନିଆ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଓ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବେକରେ ଚପଲମାଳ ପକାଇ ମହିଳାଙ୍କୁ ଗାଁ ବୁଲାଇଲେ

**ଋଣ ଟଙ୍କା ଶୁଝି ପାରିଲେନି**

ବଇଣ୍ଡା,୧୬।୮ (ପରିକ୍ଷିତ ସାହୁ)

ଗାଁ ପାଣ୍ଠିରୁ ଋଣ ନେଇ ଶୁଝି ନ ପାରିବାରୁ ଜଣେ ମହିଳାଙ୍କ ବେକରେ ଚପଲମାଳ ପକାଯାଇ ଗାଁ ବୁଲାଯାଇଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଗୁରୁବାର ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ଗ୍ରାମ ପାଣ୍ଠିରୁ ବର୍ଷେ ତଳେ କିଛି ଟଙ୍କା ଋଣ ଆଣିଥିଲେ। ହେଲେ ଉକ୍ତ ଋଣ ମହିଳା ଜଣଙ୍କ ଶୁଝିପାରି ନ ଥିଲେ। ଏ ନେଇ ଗୁରୁବାର ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ ଉପସ୍ଥିତ କେତେଜଣ ମହିଳା ଋଣ ନେଇଥିବା ମହିଳାଙ୍କୁ ୩୦ ପ୍ରତିଶତ ସୁଧ ସହ ଋଣ ଟଙ୍କା ମାଗିଥିଲେ। ଏତେ ଟଙ୍କା ଦେବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରିବ ନାହିଁ ବୋଲି ମହିଳା ଜଣକ କହିଥିଲେ। ସମସ୍ତ ଟଙ୍କା ନ ଦେଲେ ଚପଲମାଳ ପିନ୍ଧାଯାଇ ଗାଁ ବୁଲାଯିବ ବୋଲି ବୈଠକରେ ଉପସ୍ଥିତ ମହିଳାମାନେ କହିବାରୁ ମହିଳା ଜଣକ ସମସ୍ତ ଟଙ୍କା ଶୁଝି ଦେବାକୁ ରାଜି ହୋଇଥିଲେ। ହେଲେ ବର୍ତ୍ତମାନ ସମସ୍ତ ଟଙ୍କା ଦେବାକୁ ମହିଳାମାନେ ଅଡ଼ି ବସିଥିଲେ। ଏହି ସମୟରେ ଜଣେ ମହିଳା ଏକ ଚପଲମାଳ ଆଣି ଋଣ ନେଇଥିବା ମହିଳାଙ୍କ ବେକରେ ପକାଇ ଦେଇଥିଲେ। ଏହାପରେ ତାଙ୍କୁ ଗ୍ରାମରେ ବୁଲାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ କହିଛନ୍ତି, ଅଭିଯୋଗ ମିଳିବା ପରେ ନମ୍ବର ୩୧୦/୨୫ରେ ଏକ ମାମଲା ରୁଜୁ ସହ ତଦନ୍ତ କରାଯାଉଛି। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଟି ତଳୁ ବାହାରିଲା ହାତୀ କଙ୍କାଳ

**■ ବାର୍‌ହା ବିଦ୍ୟୁତ୍ ଫାଶରେ ପଡ଼ି ହୋଇଥିଲା ମୃତ୍ୟୁ**

କେନ୍ଦୁଝର,୧୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ ହାତୀଦାନ୍ତ କାରବାର ଅଭିଯୋଗରେ ୧୧ ଜଣଙ୍କୁ ଗିରଫ କରିବା ପରେ ହାତୀ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦିହୋଇ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନେ ଦାନ୍ତ କାଟିନେବା ପରେ ହାତୀ ମୃତଦେହ ମାଟି ଖୋଳି ପୋତିଦେଇଥିଲେ। ବନ ବିଭାଗ ତଦନ୍ତ ଚଳାଇ ଶନିବାର ପୋତା ସ୍ଥାନରୁ ମାଟି ଖୋଳି ମୃତ ହାତୀର କଙ୍କାଳ ଉଦ୍ଧାର କରିଛି। ପୂର୍ବରୁ ବନ ବିଭାଗ ୫.୮୦ କେଜିର ହାତୀଦାନ୍ତ ଜବତ କରିଥିଲା।

ଗତ ସପ୍ତାହରେ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ହାତୀଦାନ୍ତ ଜବତ କରିଥିଲା। ହାତୀଦାନ୍ତ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ପରେ ଆଉ ୯ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ତେଲକୋଇ-ପାଲଲହଡ଼ା ସୀମାନ୍ତ ଡେରି ଗ୍ରାମ ନିକଟରେ ୩ ବର୍ଷ ପୂର୍ବେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଉକ୍ତ ବିଦ୍ୟୁତ୍ ତାର ଲାଗି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ସେମାନେ ହାତୀର ଦାନ୍ତ କାଟି ସେଠାରେ ପୋତିଦେଇଥିଲେ। ବଣାଇ ଡିଭିଜନରେ ଏକ ହାତୀ ଶିକାର ହୋଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ସୂଚନା ଆଧାରରେ ବନ ବିଭାଗ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ବାହାର କରିଥିଲେ। କଙ୍କାଳ ସମେତ ଦାନ୍ତର ଏକ ଅଂଶ ମଧ୍ୟ ଜବତ ହୋଇଛି। ଜବତ ସାମଗ୍ରୀକୁ ଅଧିକ ପରୀକ୍ଷା ପାଇଁ ସଂରକ୍ଷିତ ରଖାଯାଇଥିବା ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି। ଶନିବାର ବନ ବିଭାଗ ପଚରାଉଚରା ପାଇଁ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଛି।

# ଓଲଟିଲା ପିକ୍‌ଅପ୍ ଭ୍ୟାନ୍: ୨ ଶ୍ରମିକ ମୃତ

ବଣାଇଁ,୧୬।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ ଟାଇଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିକୋ ଭୂମିଜ ଓ ଅଜୟ ମୁଣ୍ଡାରି। ମୃତକଙ୍କ ଘର ରାଉରକେଲା ଜଳଦା ଅଞ୍ଚଳର ବୋଲି ସୂଚନା ମିଳିଛି। ଦୁର୍ଘଟଣାରେ ଅନ୍ୟ ୩ ଗୁରୁତର ଆହତ ହୋଇଛନ୍ତି। ଏନେଇ ଚାନ୍ଦିପୋଷ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ରାଉରକେଲାରୁ ଟାଇଲ ବୋଝେଇ କରି ପିକ୍‌ଅପ ଭ୍ୟାନ୍ ବଣାଇଁ ଆସୁଥିଲା। ଭ୍ୟାନ୍ ଭିତରେ ଡ୍ରାଇଭରଙ୍କ ସହ ୨ ଜଣ ଶ୍ରମିକ ଥିବା ବେଳେ ଡାଲାରେ ୨ ଜଣ ଶ୍ରମିକ ବସିଥିଲେ। ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ହଠାତ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଡାଲାରେ ବସିଥିବା ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ ୩ ଗୁରୁତରଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।






> ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ- ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। -ଶ୍ରୀଅରବିନ୍ଦ



# ଅନାବଶ୍ୟକ ଆଇନ



**ଆକାର ପଟେଲ**

ଚଳିତ ମାସରେ ଆମେ ସ୍ୱାଧୀନତା ଦିବସ ପାଳନ କଲୁ। ଏହା ହେଉଛି ଆମ ସ୍ୱାଧୀନତା ସଂଗ୍ରାମର ପରାକାଷ୍ଠା। ବିଦେଶୀ ଶାସନ ଏବଂ ଦମନକାରୀ ଆଇନଗୁଡ଼ିକରୁ ଆମକୁ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ମିଳିଛି। ତେବେ ସ୍ୱାଧୀନ ଭାରତରେ ନିକଟରେ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନ ପାରିତ ହୋଇଥିବା 'ମହାରାଷ୍ଟ୍ର ସ୍ପେଶିଆଲ ପବ୍ଲିକ ସୁକ୍ୟୁରିଟି ବିଲ୍' ଉପରେ ତର୍ଜମା କରୁଛନ୍ତି। ଏହାକୁ ସ୍ୱୀକୃତି ନ ଦେବା ସକାଶେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ତରଫରୁ ମୁଁ ରାଜ୍ୟପାଳଙ୍କୁ ନିବେଦନ କରିଛି। ତଥାକଥିତ ଅର୍ବାନ ନକ୍ସଲ ବା ସହରୀ ନକ୍ସଲଙ୍କ ବିରୋଧରେ ପଦକ୍ଷେପ ନେବା ଲାଗି ଏହି ବିଲ୍ ବା ବିଧେୟକରେ ପ୍ରାବଧାନ ରହିଛି। ଏହା ସାମ୍ବିଧାନିକ ତଥା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସୁରକ୍ଷିତ ଥିବା ମାନବ ଅଧିକାର ପ୍ରତି ବିପଦ। ନକ୍ସଲବାଦ ହେଉଛି ଅନେକ ଦଶନ୍ଧିର ଏକ ପୁରୁଣା ଗ୍ରାମୀଣ ତଥା କମ୍ୟୁନିଷ୍ଟ ପ୍ରେରିତ ଆନ୍ଦୋଳନ। ହେଲେ ଏବେ 'ଅର୍ବାନ ନକ୍ସଲାଜମ୍' ବା ସହରୀ ନକ୍ସଲବାଦ ଆଲୋଚନାର ବିଷୟ ହୋଇଛି। ସମ୍ଭବତଃ ଏହି ଆନ୍ଦୋଳନକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅନ୍ୟମାନେ ସମର୍ଥନ କରୁଥିବାରୁ ଏଭଳି କୁହାଯାଉଛି। ଭାରତୀୟ ଆଇନରେ 'ସହରୀ ନକ୍ସଲବାଦ' ଶବ୍ଦର କୌଣସି ବୈଧ ସଂଜ୍ଞା ବା ବ୍ୟାଖ୍ୟା ନାହିଁ। ଅସ୍ପଷ୍ଟ ଭାଷା, ଭେଦଭାବ କୈନ୍ଦ୍ରିକ, ନ୍ୟାୟିକ ସମୀକ୍ଷାର ଅଭାବ ଏବଂ ଦୁରୁପଯୋଗର ସମ୍ଭାବନା ଥିବା ଏହି ବିଲ୍ ବୈଧ ପ୍ରତିବାଦର ଅପରାଧୀକରଣ କରିବାର ଆଶଙ୍କା ରହିଛି। ଏହା ବୈଚାରିକ ଦୃଷ୍ଟି କୋଣରୁ ପକ୍ଷପାତ। ଏହା ଅନ୍ତର୍ଜାତୀୟ ଓ ସାମ୍ବିଧାନିକ ରୂପେ ସୁରକ୍ଷିତ ଅଧିକାରଗୁଡ଼ିକ ପ୍ରତି ଅତ୍ୟଧିକ ବିପଦ ସୃଷ୍ଟି କରିବ ଏବଂ ରାଜ୍ୟରେ ବୈଧ ବିରୋଧର ଆପରାଧୀକରଣ କରିବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଦୃଢ଼ତାପୂର୍ବକ କହିଛନ୍ତି, ଏହି ଆଇନ ସରକାରଙ୍କ ସମାଲୋଚକଙ୍କୁ ଦମନ କରିବା ଲାଗି ବ୍ୟବହାର କରାଯିବ ନାହିଁ। 'ସହରୀ ନକ୍ସଲବାଦ'ର କୌଣସି ବୈଧ ସଂଜ୍ଞା ନାହିଁ। ଏହା ହେଉଛି ଏକ ଶବ୍ଦାଡ଼ମ୍ବର ଏବଂ ରାଜନୈତିକ ଆଧାରିତ ଖଣ୍ଡବାକ୍ୟ, ଯାହାକୁ ମିଡିଆ ଏବଂ ରାଜନୈତିକ ବିତର୍କଗୁଡ଼ିକରେ ପ୍ରଚାର କରାଯାଉଛି। ସିଭିଲ ସୋସାଇଟିକୁ ବିରୋଧ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦେଶଦ୍ରୋହ କିମ୍ବା ଆତଙ୍କବାଦ ଆଖ୍ୟା ଦେବା ପାଇଁ ଏହାକୁ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ଉଦାହରଣ ସ୍ୱରୂପ, ଭୀମା କୋରେଗାଁଓ ଘଟଣାରେ ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ବା ୟୁଏପିଏରେ ୧୬ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରାଯାଇଥିଲା। ଏହି ଆଇନରେ ବ୍ୟକ୍ତିମାନଙ୍କୁ ବିନା ବିଚାରରେ ଅନେକ ବର୍ଷ ହେଲା ଅଟକ ରଖାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଅନେକେ କୌଣସି ହିଂସାତ୍ମକ କାର୍ଯ୍ୟ ସହ ଜଡ଼ିତ ନ ଥିଲେ। ସେମାନେ କେବଳ ଅବହେଳିତ ସମୁଦାୟ ପାଇଁ ସ୍ୱର ଉଠାଇବା କିମ୍ବା ନାଗରିକ ଅଧିକାର ସୁରକ୍ଷା ପାଇଁ ଲଢୁଥିଲେ। ଉଲ୍ଲେଖନୀୟ ଯେ, ଫଡ଼ନବିସଙ୍କ ପ୍ରଥମପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ୨୦୧୮ରେ ଗିରଫଦାରି ଆରମ୍ଭ ହୋଇଥିଲା। ୭ ବର୍ଷ ହେଲା ବିଚାର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୬ ଜଣ କର୍ମକର୍ତ୍ତାଙ୍କୁ ଜାମିନ ମିଳିନାହିଁ ଏବଂ ଫାଦର ଷ୍ଟାନ୍ ସ୍ୱାମୀଙ୍କର ହାଜତରେ ମୃତ୍ୟୁ ହୋଇଯାଇଛି।

ସହରୀ ନକ୍ସଲ ବର୍ଣ୍ଣନାରେ ଅହିଂସାତ୍ମକ ରାଜନୈତିକ ବିରୋଧ ଏବଂ ହିଂସାତ୍ମକ ଚରମବାଦ ମଧ୍ୟରେ ଥିବା ପ୍ରଭେଦକୁ ସ୍ପଷ୍ଟ କରାଯାଇନାହିଁ। ଏଭଳି ଏକ ଦ୍ୱନ୍ଦ୍ୱ କେବଳ ଭାରତର ସାମ୍ବିଧାନିକ ମୂଲ୍ୟବୋଧର ବିରୋଧୀ ନୁହେଁ ବରଂ ଏହା ଅନ୍ତର୍ଜାତୀୟ ବୈଧ ଉତ୍ତରଦାୟିତ୍ୱର ଉଲ୍ଲଂଘନ କରେ। ଆଉ ଏକ ଚିନ୍ତାଜନକ ବିଷୟ ହେଉଛି ଭେଦଭାବ। ପ୍ରଥମ ପାରାରେ ସୂଚିତ କରାଯାଇଥିବା ଶବ୍ଦସବୁ, 'ବାମପନ୍ଥୀ ଚରମବାଦୀ ସଂଗଠନ କିମ୍ବା ଏହିଭଳି ସଙ୍ଗଠନଗୁଡ଼ିକ' ଆପରାଧୀକରଣ ବିଚାରକୁ ସୂଚିତ କରିବା ସହ ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ସିଭିଲ ଆଣ୍ଡ ପଲିଟିକାଲ ରାଇଟ୍‌ସ-ଅନୁଚ୍ଛେଦ ୨୬ର ଉଲ୍ଲଂଘନ କରେ ; ଯେଉଁଥିରେ ଭାରତ ସ୍ୱାକ୍ଷର କରିଛି। ତେବେ ବିଧେୟକର ଅନୁଚ୍ଛେଦ ୩ କୌଣସି ସଙ୍ଗଠନକୁ 'ବେଆଇନ' ଘୋଷଣା କରିବା ପାଇଁ କାର୍ଯ୍ୟପାଳିକାକୁ ଅନୁମତି ଦିଏ। କିନ୍ତୁ ଏଥିରେ ନିଷ୍ପକ୍ଷ ନ୍ୟାୟିକ ଯାଞ୍ଚକୁ ପ୍ରୋତ୍ସାହିତ କରିବାର ପ୍ରାବଧାନ ନାହିଁ। କେବଳ ସରକାରଙ୍କ ଦ୍ୱାରା ନିଯୁକ୍ତ ପରାମର୍ଶଦାତା ବୋର୍ଡକୁ ଏଭଳି ଘୋଷଣାଗୁଡ଼ିକର ସମୀକ୍ଷା କରିବା ପାଇଁ ଦାୟିତ୍ୱ ଦିଆଯାଇଛି, ଅର୍ଥାତ୍ ସେମାନେ କଙ୍ଗାରୁ କୋର୍ଟ ପାଲଟିଯିବ। ଏହା ନ୍ୟାୟିକ ସୁରକ୍ଷାକୁ ହଟାଇ ଦେଇଛି ଏବଂ ସ୍ୱେଚ୍ଛାଚାରୀ କାର୍ଯ୍ୟ ପାଇଁ ଦ୍ୱାର ଖୋଲିଦେଇଛି। ତଦନ୍ତରେ ନିଷ୍ପକ୍ଷ ବିଚାର ଓ ତଜ୍ଜନିତ ପ୍ରକ୍ରିୟା ସୁନିଶ୍ଚିତ କରୁଥିବା ଏବଂ ଜଣଙ୍କ ଘର, ସମ୍ପତ୍ତି ଓ ଗୋପନୀୟତାରେ ଅବୈଧ ହସ୍ତକ୍ଷେପ ବିରୋଧରେ ବ୍ୟକ୍ତିଙ୍କୁ ସୁରକ୍ଷା ଦେଉଥିବା ଅଧିକାରଗୁଡ଼ିକୁ ଏହା ଉଲ୍ଲଂଘନ କରେ। ଧାରା ୧୪ ଆବେଦନକୁ ବାରଣ କରୁଥିବାବେଳେ ଧାରା ୧୭ ସରକାର ଅଧିକାରୀଙ୍କୁ ଅପରାଧ ଅଭିଯୋଗରେ ସୁରକ୍ଷା ପ୍ରଦାନ କରେ। ଦେଖିବାକୁ ଗଲେ ଏହିସବୁ ଧାରା ଉତ୍ତରଦାୟିତ୍ୱକୁ ଶେଷ କରିଦେଇଛି। ଉପନିବେଶିକ ଢାଞ୍ଚାରେ ଲୋକଙ୍କୁ ଜେଲରେ ରଖାଯିବା ଭଳି ଦମନମୂଳକ କାର୍ଯ୍ୟ ଏହି ଆଇନରେ ମଧ୍ୟ ରହିଛି। ଧାରା ୧୫ ଏହି ବିଲ୍ ଅଧୀନରେ ସମସ୍ତ ଅଭିଯୋଗକୁ ଜାମିନ ବିହୀନ କରିଛି। କୌଣସି ବିନା ତଦନ୍ତରେ ବିଚାର ପୂର୍ବରୁ ଦୀର୍ଘଦିନ ଅଟକ ରଖାଯିବାର ପ୍ରାବଧାନ ଅଛି। ଏହି ଆଇନର ଆବଶ୍ୟକତା ନାହିଁ। କାରଣ ଭାରତରେ ୟୁଏପିଏ, ଏମ୍‌ସିଓସିଏ ଓ ଭାରତୀୟ ନ୍ୟାୟ ସଂହିତା ସମେତ ଅତି କଠୋର ଆତଙ୍କବାଦ ବିରୋଧୀ ଓ ଅପରାଧ ଆଇନଗୁଡ଼ିକ ଅଛି।

ରାଜ୍ୟପାଳ ଯଦି ଆଇନକୁ ସ୍ୱୀକୃତି ଦିଅନ୍ତି ଓ ତାହାକୁ ଲାଗୁ କରାଯାଏ, ତେବେ ଏହା ସୁରକ୍ଷା ନାମରେ ମୌଳିକ ଅଧିକାରକୁ କ୍ଷତି କରିବ। ମହାରାଷ୍ଟ୍ର ସୁରକ୍ଷାରୁ ଦୂରେଇ ଯାଇ ଏହି ଆଇନ ପ୍ରତିବାଦ, ବିତର୍କ ଏବଂ ଉତ୍ତରଦାୟିତ୍ୱର ଅପରାଧୀକରଣ କରିଛି। 'ସହରୀ ନକ୍ସଲ' ଭଳି ଶବ୍ଦ ବ୍ୟାପକ କ୍ଷତିର କାରଣ ହୋଇସାରିଲାଣି। ସେଥିପାଇଁ ସମ୍ମତି ପ୍ରଦାନ ନ କରିବା ପାଇଁ ମୁଁ ସମ୍ମାନର ସହ ରାଜ୍ୟପାଳଙ୍କୁ ନିବେଦନ କରିଛି। ସ୍ୱାଧୀନତା ଦିବସ ପାଳନକୁ ପତାକା ଉଡ଼ାଇବା ଏବଂ ଅଭିବାଦନ ଗ୍ରହଣ କରିବା ସହ ଲମ୍ବା ଭାଷଣ ଦେବାର ପ୍ରତୀକ ଭାବେ ସୀମିତ ରଖାଯିବା ଉଚିତ ନୁହେଁ। ସ୍ୱାଧୀନତା, ନାଗରିକ ଅଧିକାରର ସୁରକ୍ଷା, ମାନବ ଅଧିକାରର ସୁରକ୍ଷା ଓ ନ୍ୟାୟ ଉପଲବ୍ଧ କରିବା ପ୍ରତି ଆମର ପ୍ରତିବଦ୍ଧତା ଜାରି ରହିବା ଦରକାର। କିନ୍ତୁ ଏହି ଆଇନ ଏ ସବୁର ଉଲ୍ଲଂଘନ କରେ ଏବଂ ଏହି କାରଣରୁ ଏପରି ଆଇନକୁ ଭାରତୀୟଙ୍କ ଉପରେ ବଳପୂର୍ବକ ଲଦି ଦିଆ ନ ଯାଉ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | 3 | 1 |
| | | 8 | 6 | | | 5 | | |
| | | | | | 9 | | | 7 |
| | 2 | | 5 | | 3 | | | |
| 5 | | 1 | | | | 2 | 4 | |
| 9 | | | 7 | | | | | |
| | | | 3 | | | 7 | 6 | |
| | 1 | | | | | 4 | | |
| | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 3 | 7 | 1 | 5 | 4 | 9 |
| 1 | 9 | 3 | 5 | 4 | 6 | 2 | 7 | 8 |
| 7 | 5 | 4 | 8 | 9 | 2 | 1 | 3 | 6 |
| 3 | 7 | 5 | 1 | 6 | 8 | 9 | 2 | 4 |
| 6 | 1 | 9 | 7 | 2 | 4 | 3 | 8 | 5 |
| 4 | 8 | 2 | 9 | 5 | 3 | 7 | 6 | 1 |
| 5 | 4 | 1 | 6 | 3 | 7 | 8 | 9 | 2 |
| 8 | 2 | 7 | 4 | 1 | 9 | 6 | 5 | 3 |
| 9 | 3 | 6 | 2 | 8 | 5 | 4 | 1 | 7 |

ପୂର୍ବ ସଂସ୍କରଣର ଉତ୍ତର

# ଭକୁଆ ହେବାର ଉପାଦେୟତା



**ରଞ୍ଜନ କୁମାର ଦାସ**

ସାଧାରଣ ଜୀବନରେ କେହି ଯଦି କିଛି ଠିକ୍‌ରେ କରି ନ ପାରେ, କଥାଟାକୁ ଠିକ୍‌ରେ ବୁଝି ନ ପାରେ ତାକୁ ଆମେ କହୁ ଭକୁଆଟା କିରେ? ଅନ୍ୟ ଅର୍ଥରେ କହିବାକୁ ଗଲେ ଏଇଭଳି ଜଡ଼ା, ବେଢା ଅଥବା ସାଧାରଣ ଦକ୍ଷତାଠାରୁ ନିମ୍ନରେ ଥିବା ଲୋକଙ୍କୁ ଆମେ ଭକୁଆ ବୋଲି ଭାବୁ। ସେଇଭଳି ଯେଉଁମାନେ ସହଜରେ ବୋକା ବନିଯାଆନ୍ତି, ନିହାତି ସହଜ ଜାଗାରେ ମଧ୍ୟ ସଫଳ ହୋଇପାରନ୍ତି ନାହିଁ ସେମାନଙ୍କୁ ମଧ୍ୟ ଭକୁଆ ବୋଲି ବିବେଚନା କରାଯାଏ, ଅଯୋଗ୍ୟ ଅପଦାର୍ଥ ବୋଲି ଧରାଯାଏ। ମାତ୍ର ସାମ୍ପ୍ରତିକ ସମୟରେ ଦେଖାଯାଉଛି ପାର୍ଥିବ ଜୀବନରେ ଏମାନେ ଅଧିକ ସଫଳ ହେଉଛନ୍ତି , ବଡ଼ ସ୍ଥାନ ପାଇଁ ଏମାନେ ପ୍ରଥମ ପସନ୍ଦରେ ରହୁଛନ୍ତି।

ବଡ଼ ଲୋକଙ୍କର ସବୁବେଳେ ଜଣେଜଣେ ବତିପେଲା ପେଣ୍ଟିଆ ଦରକାର ପଡନ୍ତି। ବଡ଼ଲୋକେ ବତି ନିଜେ ପେଲିଲେ ହାତରେ କିରୋସିନ ଲାଗିଯିବ ବୋଲି ବତିପେଲା ରଖୁଥିଲେ। ବଡ଼ ଶିକାରୀ ଓ ରାଜାରାଜୁଡ଼ାମାନେ ଶିକାରରେ ଗଲାବେଳେ ସାଙ୍ଗରେ ପେଣ୍ଟିଆ ନେଇ ଯାଉଥିଲେ। ସେମାନେ ସାଧାରଣତଃ ଶିକାର ପାଇଁ ଜାଲ ବିଛାଇବାଠାରୁ ଆରମ୍ଭ କରି ଶିକାରକୁ ଉଆସଯାଏ ବୋହି ଆଣିବା ଆଦି କାମ କରୁଥିଲେ। ସାଧାରଣତଃ ଏଭଳି ଭକୁଆ ଲୋକେ ଏସବୁ ପେଣ୍ଟିଆ କାର୍ଯ୍ୟ ପାଇଁ ପ୍ରଥମ ପସନ୍ଦ ଥିଲେ, ଯିଏ ଗାଳିଗୁଲଜ ସହି ମଧ୍ୟ ବୋଲକରା ଭଳି ପଛେପଛେ ଗଣ୍ଠିଲି ବୋହି ଚାଲୁଥିବ। ପ୍ରତିବାଦ କରିବାର ଭାଷା ତାକୁ ଜଣା ନ ଥିବ। ଆଗେ ରାଜା, ଜମିଦାରଙ୍କ ପଛରେ ଏବଂ ଏବେ ମଧ୍ୟ ମନ୍ତ୍ରୀ, ଏମ୍‌ଏଲ୍‌ଏ, ଠିକାଦାର ବା ବଡ ଅଫିସରଙ୍କ ପାଖରେ ଥୋକେ ଅନୁଗତ ଲୋକ ରହିବାର ଦେଖାଯାଏ। ଅନୁଗତ ହେବା ପାଇଁ ସର୍ବମାନ୍ୟ ଯୋଗ୍ୟତା ହେଲା ସେ ଜଣେ ଭକୁଆ ହୋଇଥିବା ଦରକାର। ସମଝଦାର ଲୋକଙ୍କୁ ଅନୁଗତ କରି ରଖିବାରେ ବିପଦ ଥାଏ। ଜଣେ ସମଝଦାର ଲୋକ ଭଲ ଅନୁଗତ ହେବ କି ନାହିଁ ତା'ର ଗ୍ୟାରେଣ୍ଟି ନ ଥାଏ। ସେ ହୁଏତ ନିଜ ବିବେକର କଥା ଶୁଣିପାରେ, ଉଚିତ ଅନୁଚିତ ବିଚାର କରିପାରେ ଏବଂ ନିଜ ନିଷ୍ପତ୍ତି ନିଜେ ନେଇପାରେ। ଅପରପକ୍ଷରେ ଭକୁଆଟିଏ ଯାହା ମାଲିକ କହିବ ତାକୁ ନିର୍ବିବାଦରେ ମାନିନେବ, ତା'ର ଔଚିତ୍ୟ ଅନୌଚିତ୍ୟ ଉପରେ ପ୍ରଶ୍ନ କରିବ ନାହିଁ। ୟେସ ଇଜ ଅଲ୍‌ୱେଜ ରାଇଟ ଦର୍ଶନରେ ବିଶ୍ୱାସ କରୁଥିବା ଏମାନେ ମାଲିକଙ୍କର ସବୁ ଅନୁଚିତ କାର୍ଯ୍ୟରେ ମଧ୍ୟ ବାଃ ବାଃ କରିବେ। କାଉକୁ ଧଳା ବୋଲି ମାଲିକ କହିଲେ ସେମାନେ ହଁ ମାରିବେ। ତେଣୁ ମାଲିକ ସବୁବେଳେ ଚାହେଁ ତା'ର ଅନୁଗତ ଓ ଚାକରମାନେ ଭକୁଆ, ଅପାଠୁଆ, ବିଚାରଶକ୍ତି ରହିତ ଓ ବୁଢବକ ହୋଇଥାନ୍ତୁ ଯଦ୍ୱାରା ସେମାନେ ତାଙ୍କୁ ଅନ୍ଧ ଭାବେ ଭକ୍ତି ଓ ବିଶ୍ୱାସ କରିବେ। ନିଆଁକୁ ଡେଇଁପଡ଼ କହିଲେ ଆଗପଛ ବିଚାର ନ କରି ଡେଇଁବେ। କାହାକୁ ଧରିଆଣ କହିଲେ ତା'ର ମୁଣ୍ଡକାଟି ନେଇଆସିବେ। ତେଣୁ ସେମାନେ ଅନୁଗତ ପଦବୀ ପାଇଁ ପ୍ରଥମ ପସନ୍ଦ ହେବ ସ୍ୱାଭାବିକ।



ଏଇ ଭକୁଆମାନେ ନିଜ ଆତ୍ମସମ୍ମାନ ପ୍ରତି ଏତେ ସଚେତନ ନ ଥିବାରୁ ଯୋଉଠି ସେଇଠି ମୁଣ୍ଡ ନୁଆଁଇ ଦେବାରେ ତାଙ୍କର ଦ୍ୱିଧା ମଧ୍ୟ ନ ଥାଏ। ସେମାନେ କାହାର ଅଯଥା ତୋଷାମଦ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ ବା ଲଜ୍ଜିତ ଅନୁଭବ କରନ୍ତି ନାହିଁ। ତେଣୁ ଭଲ ତୋଷାମଦ କରିପାରୁଥିବାରୁ ଏମାନେ ମାଲିକମାନଙ୍କର ପ୍ରିୟଭାଜନ ହେଇଥାନ୍ତି। ଏମାନଙ୍କୁ ମାଲିକ ଅଇଁଠା ରୁଟି ଖଣ୍ଡେ ଫିଙ୍ଗିଦେଲେ ବି ସେମାନେ ପରମ ଆନନ୍ଦରେ ତାକୁ ମହାପ୍ରସାଦ ତୁଲ୍ୟ ମଣିଗ୍ରହଣ କରିଥାନ୍ତି। ସେମାନେ ଏତାଦୃଶ୍ୟ କାର୍ଯ୍ୟରେ ଲଜ୍ଜା ଅନୁଭବ ତ କରନ୍ତି ନାହିଁ, ଅପରପକ୍ଷରେ ସେମାନେ ଅଳ୍ପରେ ସନ୍ତୁଷ୍ଟ ହେଉ ଥିବାରୁ ବିଶେଷ ବାଛବିଚାର ମଧ୍ୟ କରନ୍ତି ନାହିଁ। ଯେନତେନ ପ୍ରକାରେ ଯାହା ଅଳ୍ପସ୍ୱଳ୍ପ ମିଳେ ତାକୁ ଗ୍ରହଣ କରିନିଅନ୍ତି। ତେଣୁ ସେମାନେ ପ୍ରଥମ ପସନ୍ଦ ହେବେ ନାହିଁ କେମିତି?

ଏମାନେ ମାଲିକଙ୍କୁ ଯେମିତି ସନ୍ତୁଷ୍ଟି ଦେଇପାରନ୍ତି ନିଜେ ମଧ୍ୟ ସେମିତି ନିଜ କାମରେ ସନ୍ତୁଷ୍ଟ ଥାଆନ୍ତି। ଅଫିସ ବା ଦପ୍ତରରେ ଏମାନଙ୍କଠାରୁ କେହି ବେଶି ଆଶା ରଖି ନ ଥାନ୍ତି। ତେଣୁ ଅଳ୍ପ କାମ କରି ବା ଆଦୌ କାମ ନ କରି ଏମାନେ ଖସିଯାଇପାରନ୍ତି ଓ ସେଇ ସମୟରେ ଅଫିସରଙ୍କ ଘର ପାଇଁ ପରିବାପତ୍ର, ମାଛମାଂସ, ସଉଦା କିଣିପାରନ୍ତି। ସିନେମା ଟିକେଟ ଆଣି ମାଡାମଙ୍କୁ ସନ୍ତୁଷ୍ଟ କରିପାରନ୍ତି। ମନ୍ତ୍ରୀ ବା ବିଧାୟକଙ୍କ ଦ୍ୱାରପାଳ ଓ ବୋଲକରା ରୋଲ କରିପାରନ୍ତି। ଜାଣିବା ଶୁଣିବା ଓ ଆତ୍ମସମ୍ମାନ ଯୁକ୍ତ କର୍ମଚାରୀଟିଏ କ'ଣ ଏକଥା କରିପାରନ୍ତା ? ସେ ନିଜ ସମ୍ମାନ ପାଇଁ ଅକ୍ଳାନ୍ତ ପରିଶ୍ରମ କରେ। କାଳେ କାମ ନ କରିପାରିଲେ ତାକୁ ଅନ୍ୟଥା ଶୁଣିବାକୁ ପଡିବ ସେଇ ଭୟରେ ସେ ମରିପଡ଼ି କରେ। ମାତ୍ର ଭକୁଆଟିଏଠାରୁ କେହି ସେ ଆଶା ରଖନ୍ତି ନାହିଁ। ସେ ତାଳିମାରି, ଅଇଁଠା ଚାଟି ତା'ର ସ୍ୱଳ୍ପ ଫାଇଦା ହାସଲ କରିଚାଲେ।

ସରକାରୀ ଦପ୍ତରମାନଙ୍କରେ ଏଭଳି ଅନେକ ମଜାଦାର ଉଦାହରଣ ଅଛି। ଆମେ ଯେତେବେଳେ ନୂଆ ଚାକିରିରେ ଯୋଗଦେଇଥିଲୁ ଫୁଲ ଶାର୍ଟକୁ ପ୍ୟାଣ୍ଟ ଭିତରେ ଇନ୍ କରି ପିନ୍ଧି ଅଫିସ ଯାଉଥିଲୁ। ଆମ ଅଫିସର ସର୍ବୋଚ୍ଚ ପରିଦର୍ଶନକାରୀ ଅଧିକାରୀ ଦିନେ ଆସିବାର ଥାଏ। ଜଣେ ପୁରୁଣା ଅଫିସର ଆମକୁ କହିଲେ କାଲି ଆଉ ଇନ୍ କରି ଆସିବ ନାହିଁ। ହାଫ ଶାର୍ଟ ପିନ୍ଧି ତାକୁ ଇନ୍ ନ କରି ଖୋଲା ଛାଡି ଆସିବ। ନ ହେଲେ ବାମ୍ଫ ନବ। ସତକୁ ସତ ଆମେ ଦେଖିଲୁ ଯିଏ ବେଶି ଚିକଣଚାକଣ ହୋଇ ଅଫିସ ଆସିଥିଲେ ସବୁ କିଛି ନା କିଛି ଛୋଟ କାରଣରେ ଗାଳି ଶୁଣିଲେ। ତା'ର କିଛିଦିନ ପରେ ଶୀତଦିନ ଆସିଗଲା। ମୁଁ ବାହାଘର ପାଇଁ ଛୁଟିରେ ଯାଇଥିଲି। ଫେରିଲା ବେଳକୁ ରିସେପ୍ସନ ଦିନ ପିନ୍ଧିଥିବା କୋଟ ପିନ୍ଧି ମୁଁ ଅଫିସ ଯାଇଥାଏ। ଦୁର୍ଭାଗ୍ୟକୁ ସେ ମହାଶୟ ସେଦିନ ଅତର୍କିତ ପରିଦର୍ଶନରେ ଆସିଲେ। ମତେ କୋଟ ପିନ୍ଧିଥିବାର ଦେଖି ସେ ଅତିଷ୍ଠ ହୋଇପଡିଲେ ଓ କ'ଣ ନାନା ପ୍ରକାର ପ୍ରଶ୍ନ ପଚାରିଲେ। ମୁଁ ନୂଆ ଯୋଗଦେଇଥାଏ କାର୍ଯ୍ୟରେ। କିଛି ପ୍ରଶ୍ନର ଉତ୍ତର ମୁଁ ଦେଇପାରିଲି ନାହିଁ। ଅଗତ୍ୟା ମତେ କୋରାପୁଟର କାଶୀପୁର ଯିବାକୁ ପଡିଲା। କାଶୀପୁର ବଡ ଦୁର୍ଗମ ଅଞ୍ଚଳ ଥିଲା। କେହି ସେଠିକି ଯିବାକୁ ରାଜି ହୁଅନ୍ତି ନାହିଁ। ମୋର ଏ ଦୁରବସ୍ଥା ଦେଖି ସେ ପୁରୁଣା ଅଫିସର ଜଣକ କହିଲେ, ତମକୁ ମନା କରିଥିଲି ପରା ଫୁଲ୍ ଶାର୍ଟ ପିନ୍ଧିବନି ବୋଲି, ତମେ ଏକାଥରେ କୋଟ ପିନ୍ଧି ସାଏବଙ୍କ ଆଗକୁ ଚାଲିଗଲ ? ଏବେ ଆଉ କିଛି କରିହେବନି। ଯାଅ ସେଠି ଚାରି ଛଅ ମାସ ରୁହ ତା' ପରେ ଯାଇ ଦେଖିବା। ସେଦିନ ମୁଁ ମୋ ପ୍ରଶାସନିକ ଜୀବନର ପ୍ରଥମ ପାଠ ଶିଖିଲି : ନିଜ ବସ୍‌ଠାରୁ କେବେ ଅଧିକ ସ୍ମାର୍ଟ ହେବାକୁ ଚେଷ୍ଟା କରିବା ନାହିଁ। ସବୁବେଳେ ତାଙ୍କ ଆଗରେ ଭକୁଆ ଭଳି ରୋଲ କରିବ।

ତେଣୁ ଭକୁଆ ହେବାରେ ବହୁତ ଉପାଦେୟତା ରହିଛି ଏକଥାକୁ ଅସ୍ୱୀକାର କରିହେବନାହିଁ। ପ୍ରତ୍ୟେକ ମାଲିକ ଚାହେଁ ତା' ଚାକରଟି ଭକୁଆ ହେଉ, ଯିଏ ଗାଳିମନ୍ଦ ଶୁଣିଲେ ମଧ୍ୟ ପଡିରହିବ, କୁଆଡେ ଛାଡି ଚାଲିଯିବ ନାହିଁ। ସେମିତି ଡ୍ରାଇଭରଟି ବେଶି ସ୍ମାର୍ଟ ନ ହେଉ ବୋଲି ମାଲିକ ଚାହେଁ ନ ହେଲେ ସେ ପ୍ରଘଟ କରିଦେବ ମାଲିକ କୁଆଡେ ଯାଆନ୍ତି, କ'ଣ କରନ୍ତି। ନିଜ ବ୍ୟକ୍ତିଗତ ସହାୟକଟି ମଧ୍ୟ ନିର୍ମାୟା ଲୋକଟିଏ ହେଇଥାଉ ବୋଲି ଉଚ୍ଚ ପଦାଧିକାରୀମାନେ ଚାହାନ୍ତି। ସବୁ ସ୍ୱାମୀ ଚାହାନ୍ତି ସ୍ତ୍ରୀଟି ଶାନ୍ତ ସରଳ ହେଇଥାଉ ସ୍ୱାମୀର କୌଣସି କାମରେ ପ୍ରତିବାଦ କରୁ ନ ଥାଉ। ସ୍ତ୍ରୀ ସେମିତି ଚାହେଁ ସ୍ୱାମୀଟି ତା'ର ଏକାନ୍ତ ଅନୁଗତ, ବିଶ୍ୱସ୍ତ, କାନିରେ ବନ୍ଧା ଚାବିନେଣ୍ଡା ହେଇଥାଉ। ଉପର ଅଫିସର ଚାହେଁ ଅଧସ୍ତନ କର୍ମଚାରୀଟି ହାଁ ଜୀ ହାଁ ଜୀ କରିବାର ଯୋଗ୍ୟତା ରଖିଥାଉ। ତାଙ୍କର ବଚସ୍କର ହେଇରହୁ। ଏସବୁ କାମ ଓ କୋଉ ବିବେକ ଓ ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି କରିବ ନାହିଁ। ତେଣୁ ଏଥିପାଇଁ ସର୍ବାଗ୍ରେ ଲୋଡ଼ାପଡ଼ନ୍ତି ଭକୁଆ ଲୋକ।

ଫୋନ: ୯୪୩୭୨୮୬୫୧୨

# ଅଦମ୍ୟ ଅସ୍ମିତା



**ଦେବେନ୍ଦ୍ର ନାଥ ରାଉତ**

ଗତ ଏପ୍ରିଲରେ ଅସ୍ମିତା ପକ୍ଷ ଖୁବ୍ ଧୁମଧାମରେ ପାଳନ କରାଯାଇଥିଲା। ଏମିତି ଏକ ସମୟରେ ମୁଁ ଏକ କର୍ମଶାଳାରେ ଓଡ଼ିଶାରେ ଥାଏ। କଲେଜର ପିଲାମାନେ ଖୁବ୍ ଉତ୍ସାହର ସହିତ ପାଳନ କରୁଥାନ୍ତି ଏହି ସମାରୋହ। ଏଥିରେ ଭାଗନେଇ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କଲାବେଳେ ସେମାନଙ୍କ କଥାରୁ ହୃଦୟଙ୍ଗମ କଲି ଯେ ଓଡ଼ିଆ ଅସ୍ମିତା ଏବେ ବିପଦରେ ପଡ଼ିଯାଇଛି। ପ୍ରାୟତଃ ଅଧିକାଂଶ ବକ୍ତା ଓ ଛାତ୍ରୀଛାତ୍ର ଯେପରି କୌଣସି ଏକ ବାହ୍ୟ ଶତ୍ରୁକୁ ଓଡ଼ିଆ ଅସ୍ମିତାର ଅବକ୍ଷୟ ପାଇଁ ଦାୟୀ କରୁଥିଲେ। ସମସ୍ତେ ଏକ ସ୍ୱରରେ ସ୍ୱୀକାର କରୁଥିଲେ ଯେ ଓଡ଼ିଆ ଅସ୍ମିତା ବିପଦରେ। ଏମିତି ଏକ ମାନସିକତା ବା ଧାରଣା ମତେ ଭାରକ୍ରାନ୍ତ କରିଦେଇଥିଲା। ଆମ ଐତିହ୍ୟ, ପରମ୍ପରା ଓ ସଂସ୍କାର କ'ଣ ଏତେ ଦୁର୍ବଳ? ଓଡ଼ିଆ ଅସ୍ମିତା ବଜାରର ପଣ୍ୟଦ୍ରବ୍ୟ ନୁହେଁ ଯେ, ଯେକେହି ଆସି ଏହାର ମୂଲଚାଲ କରିବ। ସିଏ ସମ୍ରାଟ ଅଶୋକ ହୁଅନ୍ତୁ, କଳାପାହାଡ଼ ହେଉ, ମୋଗଲ, ମରହଟ୍ଟା, ଇଂରେଜ ବା ଅନ୍ୟ କେହି ବି ଏ ଅଦମ୍ୟ ଜାତିର ଅସ୍ମିତାକୁ ବିଲୁପ୍ତ କରିବାରେ ସମର୍ଥ ହୋଇନାହାନ୍ତି। ଉତ୍କଳୀୟ ବୀରତ୍ୱର କାହାଣୀ ଏବେ ବି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଧଉଳି ପାହାଡ଼ ଉତ୍କଳୀୟଙ୍କ ସମର୍ପିତ ତ୍ୟାଗ ଓ ବଳୀଦାନର କାହାଣୀକୁ ନିଜ ବକ୍ଷରେ ଧାରଣକରି ମୂକସାକ୍ଷୀ ହୋଇରହିଛି। ଏହାର ସଂସ୍କୃତି ଅନନ୍ୟ ଓ ଅପରିକଳ୍ପନୀୟ। ନିଜ ଜାତିର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଆ ବୀର କଳିଙ୍ଗ ଯୁଦ୍ଧରେ ନିଜର ଆତ୍ମାହୁତି ଦେଇଥିଲେ ମଧ୍ୟ ଶତ୍ରୁ ନିକଟରେ ମଥାନତ କରି ନ ଥିଲେ ବରଂ ରକ୍ତପିପାସୁ ମଗଧ ସମ୍ରାଟ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଦେଇଥିଲେ। ଆମ ସ୍ୱାଭିମାନର ଉତ୍ସ ଏତେ ସଶକ୍ତ ଥିଲା ଯେ ଦୟାନଦୀର ଜଳ ଉତ୍କଳୀୟଙ୍କ ରକ୍ତରେ ଲାଲ ହେବା ପରେ ମଧ୍ୟ ଆମ ପୂର୍ବଜଙ୍କ ମନରେ ତିଳେ ହେଲେ ମୃତ୍ୟୁର ଭୟ ସଞ୍ଚାର ହୋଇ ନ ଥିଲା। ଉତ୍କଳମାତାର ଗୌରବକୁ ସ୍ୱୟଂ ସମ୍ରାଟ ଅଶୋକ ନିଜ ଦ୍ୱାରା ବର୍ଣ୍ଣନା କରି ନିଜକୁ ମହାନ୍ କରିବାର ପ୍ରୟାସରେ ସଫଳ ହୋଇଗଲେ। ପିଢ଼ି ପିଢ଼ି ଧରି ଅପରାଜେୟ ଉତ୍କଳକୁ ଶାରୀରିକ ଶକ୍ତି ଦ୍ୱାରା ପରାଜୟ କରିବା ପରେ ମଧ୍ୟ ଅପରାଜେୟ ଥିଲା ଉତ୍କଳୀୟ ସ୍ୱାଭିମାନ, ପରମ୍ପରା, ଅସ୍ମିତା ଓ ଏକତା। ତେଣୁ ଅଶୋକ କରିଥିଲେ ଶାନ୍ତିର ଚକ୍ରବ୍ୟୂହ। ଯେଉଁ ଚକ୍ରବ୍ୟୂହ ମଧ୍ୟରେ ଆମେ ଏବେ ବନ୍ଦୀ। ଏବେ ବି ଆମେ ଜାଣିପାରୁନେ ବା ଜାଣିବାର ପ୍ରୟାସ କରିବା ଆବଶ୍ୟକ ବୋଲି ମନେ କରୁନେ ଯେ, ସେ ସମୟରେ ଉତ୍କଳର ଶାସନ ବ୍ୟବସ୍ଥା କ'ଣ ଥିଲା ? କିଏ ଥିଲେ ସେ ସମୟର ପ୍ରଭାବଶାଳୀ ବ୍ୟକ୍ତି, ଯାହାଙ୍କ ପ୍ରଭାବରେ ଘର କୋଣର ଗୃହିଣୀଟି ରଣକ୍ଷେତ୍ରକୁ ଧାଇଁ ଆସୁଥିଲା ରଣଚଣ୍ଡୀର ରୂପନେଇ। କ'ଣ ଥିଲା ଆମ ଏହି ଅବିଶ୍ୱସନୀୟ ଅସ୍ମିତାର ଗୂଢ଼ ରହସ୍ୟ, ଯାହା ରୋଷେଇ ଶାଳର ଚଟୁ ଧରୁଥିବା କୋମଳ ହାତରେ ରକ୍ତ ପିପାସୁ ଖଣ୍ଡା ଧରିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲା।

ଅଦମ୍ୟ ଓଡ଼ିଆ ଅସ୍ମିତାର ଅନ୍ୟ ଏକ ବିରଳ ଉଦାହରଣ, ୧୮୬୬ର ଲୋମହର୍ଷଣକାରୀ ଦୁର୍ଭିକ୍ଷ କାଳରେ କଙ୍କାଳସାର ଉପତ୍ୟକାରେ ହା-ଅନ୍ନ ହା-ଅନ୍ନ ଚିତ୍କାର ମଧ୍ୟରେ ଯେତିକି ଏ ଜାତି ଅନ୍ନ ଚିନ୍ତାରେ ଥିଲା, ସମ ପରିମାଣରେ ବ୍ୟଥିତ ହେଉଥିଲା ପରିଚୟ ହରାଇବାର ଚିନ୍ତାରେ। 'ଓଡ଼ିଆ ଏକ ଭାଷା ନଏ' ଥିଲା ଏକ ନିଦ୍ରାଗ୍ରସ୍ତ ଜାତିକୁ ଜାଗ୍ରତ କରିବା ପାଇଁ ବଜ୍ର ଧ୍ୱନି। କ୍ଷୁଧାର ଜ୍ୱାଳାକୁ ସହ୍ୟ କରିବାର ଶକ୍ତି ନିଜ ମଧ୍ୟରେ ସମାହିତ କରି ଜାତିର ସ୍ୱତନ୍ତ୍ରତା ପାଇଁ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ସୂତ୍ରରେ ବାନ୍ଧି ସ୍ୱତନ୍ତ୍ର ଭାବରେ ଆତ୍ମପ୍ରକାଶ କରିବାର ଆହ୍ୱାନ ଦେଇଥିଲେ କେତେଜଣ ପ୍ରଚଣ୍ଡ ସ୍ୱାଭିମାନୀ ଓଡ଼ିଆ। ଏହି ଆହ୍ୱାନର ଆଲୋଡ଼ନ ଓ ସଂଘାତ ମେଦିନାପୁରରୁ ରଙ୍ଗେଇଲୁଣ୍ଡା, ସମ୍ବଲପୁରରୁ ସିଂହଭୂମ ପର୍ଯ୍ୟନ୍ତ ଚାରିଆଡ଼େ ସଞ୍ଚରିଯାଇଥିଲା ବୈଦ୍ୟୁତିକ ତରଙ୍ଗ ଭଳି। ଫଳଶ୍ରୁତି, ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ହେଲା ଭାଷାଭିତ୍ତିରେ ଦେଶର ପ୍ରଥମ ରାଜ୍ୟ।




ଏ ଜାତି ନିୟତିର ତାଡ଼ନାରେ ନିଜର ସତ୍ତା ହରାଇବାର ଜାତି ନୁହେଁ ବରଂ ପ୍ରତ୍ୟେକ ଅଗ୍ନି ପରୀକ୍ଷାରେ ଆହୁରି ଉଜ୍ଜ୍ୱଳ ହୋଇ ନିଜର ଅସ୍ତିତ୍ୱକୁ ମଜଭୁତ କରିଛି। ଉତ୍କଳ ଗୌରବଙ୍କ ନେତୃତ୍ୱରେ ଆମର ପରିଚୟ ଆମେ ପାଇ ସାରିଛେ କିନ୍ତୁ ସେହି ଅଦମ୍ୟ ଜାତି କିଛି ଦିନ ପାଇଁ ନିଜକୁ ଖୋଜିବାରେ ଅସମର୍ଥ ହୋଇନି ତ ? ନିଜର ଅସ୍ମିତାଠାରୁ ଦୂରେଇ ଯାଇନି ତ? ଏକ ଅପରାଜେୟ ଜାତି ବର୍ତ୍ତମାନ ପରାଜୟର ଭୟରେ ଭୟଭୀତ ନୁହେଁ ତ? ପରାକ୍ରମୀ ପୂର୍ବଜଙ୍କ ଆମେ ଯୋଗ୍ୟ ଉତ୍ତର ଦାୟାଦ ତ ? ଏମିତି ଅନେକ ପ୍ରଶ୍ନ ! ସର୍ବଦା ଆମ ସମ୍ମୁଖରେ ଆମ ଅନିଚ୍ଛା ସତ୍ତ୍ୱେ ଉପସ୍ଥାପିତ ହୋଇଥାଏ। ଆମ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ କେତେ ଦୂରତା? ଏ ସବୁ ଜାଣିବା ପାଇଁ ଯୁବ ପିଢିକୁ ମନଖୋଲି କହିବାକୁ ହେବ ଓ ଧୈର୍ଯ୍ୟର ସହିତ ଅନ୍ୟକୁ ଶୁଣିବାକୁ ହେବ। ବିଶ୍ୱର ପ୍ରତ୍ୟେକ କୋଣରେ ରହୁଥିବା ଓଡ଼ିଆ ଯୁବ ଧ୍ୱଜାଧାରକ ଓଡ଼ିଆ ଅସ୍ମିତା କ'ଣ ବୁଝିବାକୁ ହେବ! ଓଡ଼ିଶୀ, ସମ୍ବଲପୁରୀ, ଛଉ ବା ଅନ୍ୟ ମନବିମୋହିତ କରିବାର କଳା ଓ ସଙ୍ଗୀତ ମଧ୍ୟରେ କେବଳ ଓଡ଼ିଆ ଅସ୍ମିତା ସୀମିତ ନୁହେଁ। ଧର୍ମପଦଙ୍କ ଆଜନ୍ମ ପ୍ରଜ୍ଞା, ବାଜି ରାଉତଙ୍କ ଇଂରେଜ ନିର୍ଦ୍ଦେଶକୁ ଅବଜ୍ଞା, ବାଇମୁଣ୍ଡିଙ୍କ ପ୍ରଚେଷ୍ଟା, ଖାରବେଳଙ୍କ ନିଷ୍ଠା, କପିଳେନ୍ଦ୍ର ଦେବଙ୍କ ଶାସନ, ପଠାଣି ସାମନ୍ତଙ୍କ ଜ୍ଞାନ, ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ, ବକ୍ସି ଜଗବନ୍ଧୁଙ୍କ ସାହସ, ସୁରେନ୍ଦ୍ର ସାଏଙ୍କ ଆତ୍ମବିଶ୍ୱାସ, ଚାଷୀ ଭାଇର ପ୍ରୟାସ, ଆଦିବାସୀଙ୍କ ବିଶ୍ୱାସ ଆଦିରେ ରହିଛି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଅସରନ୍ତି ଭଣ୍ଡାର। ଏହି ଚିର ପ୍ରବହମାନ ଓଡ଼ିଆ ଅସ୍ମିତାର ଧାରାକୁ ଉତ୍ତର ପିଢ଼ି କେବଳ ଦର୍ଶନ, ଶ୍ରବଣ ବା ବିଶ୍ଳେଷଣରେ ସୀମିତ ନ ରଖି ନିଜ ଜୀବନରେ ପ୍ରତିଫଳନ କରିବାକୁ ପ୍ରୟାସ କରିବା ଆବଶ୍ୟକ। କ୍ରମବର୍ଦ୍ଧିଷ୍ଣୁ ଦାଦନ ସମସ୍ୟା, ଅବହେଳିତ କୃଷି କ୍ଷେତ୍ର, ଅଣଦେଖା ପରମ୍ପରାଗତ ବୃତ୍ତି ଓ ସ୍ଥାପତ୍ୟ, ଅସହାୟ ଲୋକକଳା ଓ ସଂସ୍କୃତି, ବିଲୁପ୍ତ ପ୍ରାୟ ପଲ୍ଲୀ ଅର୍ଥନୀତି, ମାତୃଭାଷାଠୁ ଦୂରେଇବାର ପ୍ରବୃତ୍ତି ସହିତ ଭ୍ରମିତ ଯୁବଶକ୍ତିକୁ ଅନୁଧ୍ୟାନ କଲେ ନିଶ୍ଚୟ ମନରେ ଭୟ ସୃଷ୍ଟି ହେଉଛି ଆମ ଅସ୍ମିତାର ସୁରକ୍ଷା ଆମ ଉତ୍ତର ପିଢ଼ି କରିବାରେ ସମର୍ଥ ତ ? ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଯୁବ ପିଢ଼ି ଦାଦନ ପାଇଁ ନିଜକୁ ପ୍ରସ୍ତୁତ କରିବା ପୂର୍ବରୁ ନିଜର ସବୁଜ କ୍ଷେତକୁ ଥରେ ନିରେଖି ଦେଖିବାକୁ ହେବ। ଇଂଲିଶମୁହାଁ ହେବା ପୂର୍ବରୁ ନିଜ ମାତୃଭାଷାକୁ ଥରେ ଭଲଭାବେ ପଢ଼ିବାକୁ ହେବ। ସହରର ଚାକଚକ୍ୟ ଭିତରେ ହଜିବା ପୂର୍ବରୁ ନିଜ ଗାଁ ମାଟିର ଡାକକୁ ଥରେ ବୁଝିବାକୁ ହେବ।

ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

## ଏଇ ଭାରତରେ

ମରୁଡ଼ିପ୍ରବଣ ଅଞ୍ଚଳରେ ପାଣିର ବିକଳ୍ପ ବ୍ୟବସ୍ଥା କରି ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରି ଏକ ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହା ସହ ସେମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରୁଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ଜିଲାର କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। କିନ୍ତୁ ଏବେ ସେସବୁ ଜଳପୂର୍ଣ୍ଣ। ଏହି ଦମ୍ପତିଙ୍କ ପ୍ରଚେଷ୍ଟାରେ ଏବେ ସୁଦ୍ଧା ୧୧ଟି ପୁଷ୍କରିଣୀରେ ପର୍ଯ୍ୟାପ୍ତ ଜଳ ଗଚ୍ଛିତ ରଖିସାରିଲେଣି। 'ଅନନ୍ତ ନିରୁ ସଂରକ୍ଷଣମ୍' ପ୍ରୋଜେକ୍ଟ ମାଧ୍ୟମରେ କରାଯାଉଛି। ଏହି ଦମ୍ପତି ୪୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟରେ ସାମିଲ କରିଛନ୍ତି। ବନ ବିଭାଗ ମଧ୍ୟ ସହାୟତାର ହାତ ବଢ଼ାଇଛି। ପୋଖରୀଗୁଡ଼ିକରେ ପାଣି ଭରି ରହିବା ଯୋଗୁ ପୂର୍ବରୁ ଜଳାଭାବରୁ କୃଷିକାର୍ଯ୍ୟ ଛାଡ଼ି ବାହାରକୁ ଚାଲିଯାଇଥିବା ଲୋକେ ଏବେ ଗାଁକୁ ଫେରି ଆସୁଛନ୍ତି। ବିନୀତ ଓ ରୂପକ ମଧ୍ୟ ବିଭିନ୍ନ ଗାଁରେ ନୂଆ ପୋଖରୀ ଖୋଳଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଅଗଷ୍ଟ ୧୯୭୬

- ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷୀ ସରକାର ମହାତ୍ମାଗାନ୍ଧୀଙ୍କର ୫ଜଣ ଅଣନାତିଙ୍କୁ ଦକ୍ଷିଣ ଆଫ୍ରିକା ଭ୍ରମଣ ପାଇଁ ଅନୁମତିପତ୍ର ଦେବାକୁ ମନା କରିଦେଇଛନ୍ତି।
- କେନ୍ଦ୍ର ହିନ୍ଦୀ ନିର୍ଦ୍ଦେଶାଳୟ ପକ୍ଷରୁ ହିନ୍ଦୀ ଇଂରାଜୀ ଏବଂ ଇଂରାଜୀ ହିନ୍ଦୀରେ ଶବ୍ଦକୋଷ ପ୍ରକାଶ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।
- ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କ ଗୃହନିର୍ମାଣ ପାଇଁ ରାଜ୍ୟ ସରକାର ଶ୍ରମ ନିଯୁକ୍ତି ଗୃହନିର୍ମାଣ ବିଭାଗକୁ ଅତିରିକ୍ତ ୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୁରାତନ ତୀର୍ଥସ୍ଥଳର ସୁରକ୍ଷା ହେଉ

ମହାଶୟ,

ରାଜ୍ୟ ତଥା ଦେଶର ବହୁ ପୁରାତନ ମନ୍ଦିର ଉପରେ ବିଭିନ୍ନ ଗୁଳ୍ମଲତା, ବୃକ୍ଷରାଜି ମାଡ଼ିଗଲାଣି। ଅନେକ ମନ୍ଦିର ମଧ୍ୟ ଭାଙ୍ଗିରୁଜି ଗଲାଣି। ବିଭିନ୍ନ ସ୍ଥାନରେ ଥିବା ମଠମନ୍ଦିରରେ ସୌନ୍ଦର୍ଯ୍ୟମୟ ସୂକ୍ଷ୍ମ କାରୁକାର୍ଯ୍ୟ ରକ୍ଷଣାବେକ୍ଷଣ ଓ ଦାୟିତ୍ୱହୀନତାରୁ ନଷ୍ଟ ହେବାରେ ଲାଗିଛି। ଏସବୁ ମଠମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ? ପୁରାତନ ତୀର୍ଥସ୍ଥଳ, ଧାର୍ମିକପୀଠ, ମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନ ଓ ଜନସାଧାରଣ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ। ଏହି ବିଷୟକୁ ହେୟ ମନେକଲେ, ଆଗାମୀ ପିଢ଼ି କହିବେ, ରାଜ୍ୟ ତଥା ଦେଶରେ କ'ଣ ମଣିଷ ଅଭାବ ଥିଲେ ? ଏଣୁ ପ୍ରଶାସନ, ବୁଦ୍ଧିଜୀବୀ ଜ୍ଞାନୀ ଗୁଣୀ ବ୍ୟକ୍ତିବିଶେଷ ଏ ଦିଗରେ ବିଶେଷ ଧ୍ୟାନ ଦିଅନ୍ତୁ।

**– ଆଦିକନ୍ଦ ସାହୁ, ଆଳି ବ୍ଲକ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛତୁଆ ଉତ୍ପାଦନ, ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୮(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାଶନ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଏବଂ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ଯୋଜନାରେ ମୋଟ ୪୩,୯୨,୭୦୦ ହିତାଧିକାରୀଙ୍କୁ ବିଭିନ୍ନ ପୁଷ୍ଟି ଯୋଜନା ଅଧୀନରେ ଟେକ୍-ହୋମ୍-ରାଶନରେ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ଦିଆଯାଉଛି। ରାଜ୍ୟର ୫୪୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଛତୁଆ ଉତ୍ପାଦନ କରାଯାଇ ସେଗୁଡିକର ବଣ୍ଟନ କରାଯାଉଛି। ଅପପୁଷ୍ଟି ରୋକିବା ପାଇଁ ପରିପୂରକ ପୁଷ୍ଟି ଯୋଜନା (ଏସ୍ଏନ୍ପି), କିଶୋରୀ ବାଳିକାଙ୍କ ପୁଷ୍ଟି ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଆଦି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଛତୁଆର ପ୍ରସ୍ତୁତିଠାରୁ ଆରମ୍ଭକରି ପ୍ୟାକେଜିଂ, ବଣ୍ଟନ ପର୍ଯ୍ୟନ୍ତ ପୂରା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଶିଶୁ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ରାଜ୍ୟର ବିକାଶ ପାଇଁ ସବୁଠାରୁ ଅଧିକ ଜରୁରୀ। ଏଥିରେ କୌଣସି ପରିସ୍ଥିତିରେ ଅଣଦେଖା କରିହେବ ନାହିଁ। ତେଣୁ ଏହି ବ୍ୟବସ୍ଥାର ପ୍ରତ୍ୟେକସ୍ତରରେ ଉତ୍ତମ ତଦାରଖ ଓ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି। ବୈଠକରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ ତଥା ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ମନୋବଳ ଯେପରି ଦୃଢ଼ ରହିବ ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେଉଁସବୁ ଜାଗାରେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ସେଠାରେ ନିଜସ୍ୱ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକସ୍ଥଳେ ଅଙ୍ଗନୱାଡି କେନ୍ଦ୍ର ପାଇଁ ଜମି କିଣିବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା ଅଙ୍ଗନୱାଡି କେନ୍ଦ୍ରଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯିବ। ଓମ୍ୱାଡିସ୍ ଓ ଡିଏମ୍ଏଫ୍ ଜିଲାଗୁଡିକରେ ଶତ ପ୍ରତିଶତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ଏଥିପାଇଁ ଏହି ଦୁଇ ପାଣ୍ଠିରୁ ଅର୍ଥ ଯୋଗାଯିବ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ପିଲାମାନଙ୍କ ପୁଷ୍ଟିସାଧନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ କହିଛନ୍ତି। ପଡ଼ା ପୁଷ୍ଟି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇପାରୁ ନ ଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଘରେ ଠିକ୍ ସମୟରେ ଖାଦ୍ୟ ଯୋଗାଇଦିଆଯିବ। ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ଓ ଜୋତା ଯୋଗାଣରେ ରାଜ୍ୟର କ୍ଷୁଦ୍ରଶିଳ୍ପଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି।

# ଆରପାରିରେ କଟକ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ

**କଟକ,୧୬।୮(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଦହିବରାକୁ ପ୍ରସିଦ୍ଧ କରିଥିବା ଦହିବରା ବ୍ୟବସାୟୀ ରଘୁନାଥ ସାସମଲ(ରଘୁ)ଙ୍କ ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିବାବେଳେ ଶନିବାର ସକାଳ ୯ଟା ୪୫ ମିନିଟ୍‌ରେ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ସ୍ତ୍ରୀ ନିଶାରାଣୀ ସାସମଲ(୮୫), ପୁତୁରା କେଦାରନାଥ ସାସମଲ, ଦୁଇପୁଅ ଲିଙ୍ଗରାଜ ସାସମଲ ଓ ବନମାଳୀ ସାସମଲ, ଦୁଇ ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ବିଡାନାସୀ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡପୁଅ ଲିଙ୍ଗରାଜ ମୁଖାଗ୍ନି ଦେଇଥିବା ପୁତୁରା କେଦାରନାଥ ସାସମଲ ସୂଚନା ଦେଇଛନ୍ତି। ମୃତ୍ୟୁ ଖବର ପାଇ କଟକ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ଅଭିନେତା ତଥା ଭାଜପା ନେତା ଶ୍ରୀତମ ଦାସ ଓ କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ରଘୁନାଥ ସାସମଲ

ସୂଚନା ଅନୁଯାୟୀ, ୧୯୩୪ ଜୁନ ୬ ତାରିଖ କଟକ ବିଡାନାସୀ ଗୋପାଳ ସାହିରେ ଜନ୍ମ ନେଇଥିଲେ ରଘୁନାଥ। ମାତ୍ର ୧୫ ବର୍ଷ ବୟସରେ ଦହିବରା ଆଳୁଦମ ବ୍ୟବସାୟ କରିଥିଲେ। ସହରର ବିଭିନ୍ନ ସାହିରେ ସାଇକେଲରେ ଯାଇ ଦହିବରା-ଆଳୁଦମ ବିକ୍ରି କରିବା ଆରମ୍ଭ କରିଥିଲେ। ପରେ ସେ ବାରବାଟୀ ଷ୍ଟାଡିୟମ ନିକଟରେ ଦହିବରା-ଆଳୁଦମ ବିକିଲେ। ସହର ବଢ଼ିବା ପରେ ୧୯୯୯ରୁ ରଘୁ ବିଡାନାସୀ ବନ୍ଧରେ ଦହିବରା-ଆଳୁଦମ ବିକ୍ରି କରି ଆସୁଛନ୍ତି। କଞ୍ଚା ଶାଳପତ୍ରରେ ଦହିବରା-ଆଳୁଦମ୍ ପରଷି ଦେଇ ଆସୁଥିଲେ। ରଘୁଙ୍କ ଦହିବରା ପ୍ଲେଟର ଦର ଅଣାଏରୁ ଆରମ୍ଭ ହୋଇ ଏବେ ୬୦ ଟଙ୍କାରେ ପହଞ୍ଚିଛି। ପ୍ରାୟ ୭୪ ବର୍ଷ ହେବ ରଘୁ ବିଡାନାସୀରେ ଦହିବରା-ଆଳୁଦମ୍ ସହ ପେଡା ବିକ୍ରି କରିଆସୁଥିଲେ। ୨୦୧୭ରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ପର୍ବରେ ଯୋଗଦେଇ ସେ ବେଶ ପ୍ରଶଂସା ସାଉଁଟି ଥିଲେ। କଟକ ଦହିବରାକୁ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଭୂମିକା ଥିଲା। ଓଡ଼ିଶା ତଥା ବାହାରେ କଟକ ଦହିବରା ଆଳୁଦମକୁ ଏକ ନୂତନ ପରିଚୟ ଦେଇଥିଲେ ରଘୁ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଘୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ଦହିବରା ଆଳୁଦମ୍‌କୁ ଜିଆଇ ଟ୍ୟାଗ୍ ପ୍ରଦାନ କରିବାକୁ ରଘୁ ଦାବି କରି ଆସୁଥିଲେ।

DSPL-212


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ

୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

**ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ। ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ।**

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

OIPR-10003/13/0246/2526

**ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର**

**ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha
http://www.health.odisha.gov.in/
@HFWOdisha

DSPL-213


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସତ୍ୟମେବ ଜୟତେ
ଆନ୍ତର୍ଜାତିକ ସମବାୟ ବର୍ଷ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୩୧ ଅଗଷ୍ଟକୁ ବୃଦ୍ଧି**

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ମୟୂରଭଞ୍ଜ, ନବରଙ୍ଗପୁର, କେନ୍ଦ୍ରାପଡ଼ା ଓ ଦେବଗଡ଼ ଜିଲ୍ଲାର ଅଣଋଣୀ ଚାଷୀଙ୍କ ପାଇଁ ଏହି ବର୍ଦ୍ଧିତ ଅବଧି କେବଳ ଧାନ ଫସଲ ପାଇଁ ଉପଲବ୍ଧ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

OIPR-39001/13/0033/2526

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
**୩୧ ଅଗଷ୍ଟ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

## ଦୁର୍ଘଟଣାରେ ଯୁବକ ମୃତ

**ନୂଆପଡ଼ା (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଥାନା ଧରମସାଗର ଗାଁ ଛକ ନିକଟ ଜାତୀୟ ରାଜପଥରେ ଶନିବାର ଟ୍ରକ୍ ଚାପାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗାଁର ଗୌରାଙ୍ଗ ଛତ୍ରିଆ(୨୫)। ସୂଚନା ମୁତାବକ ରାତି ପ୍ରାୟ ୯ଟା ସମୟରେ ଗୌରାଙ୍ଗ ଖରିଆରରୁ କାମ ସାରି ଗାଁକୁ ଫେରୁଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖରିଆର ପୋଲିସ ଉକ୍ତ ଟ୍ରକ୍‌କୁ ଅଟକ ରଖିଥିବା ଜଣାପଡିଛି। କୋମନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।



## ସଂକ୍ଷେପରେ

### ଦଣ୍ଡପାଟ ମାରାଥନ ପ୍ରତିଯୋଗିତା

**ବେହେରା,୧୬।୮(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଦଣ୍ଡପାଟ ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପଙ୍କଜ ରଣା ପ୍ରଥମ, ଲାଲୁ ବନ୍ଦିଛୋଡ ଦ୍ୱିତୀୟ, ଚୁଡ଼ାମଣି ଛତ୍ରିଆ ତୃତୀୟ ଓ ନେତ୍ରାମଣି ଶବର ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସାମଜିକ କର୍ମୀ ସୁନିଲ ଅଗ୍ରୱାଲ ମୁଖ୍ୟ ଅତିଥି ଓ ଡ. ମଳୟ ତାଣ୍ଡି, ସମିତି ସଭ୍ୟ କିଶୋର ନାଗ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରୀ, ପୂର୍ବତନ ବ୍ଲକ ଅଧକ୍ଷ ବଳରାମ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଯୁବକ ସଂଘ ତରଫରୁ ସଭାପତି କିରଣ କୁମାର ପାଣିଗ୍ରାହୀ, ଉପସଭାପତି ଅନନ୍ତ ପଟେଲ, ସମ୍ପାଦକ ଗଗନ ନାୟକ, ସହସମ୍ପାଦକ ଜିତ ନାୟକ, କୋଷାଧ୍ୟକ୍ଷ ଟଙ୍କଧର ରଣା, ଉପଦେଷ୍ଟା ଘନଶ୍ୟାମ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ମୃତ, ୪ ଗୁରୁତର

**ନୂଆପଡ଼ା,୧୬।୮ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖରିଆର ରୋଡର ଏକ ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ସ୍ୱେଚ୍ଛାସେବୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଏନ୍‌ଏସି କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖରିଆର ରୋଡର ଗୋ-ସେବକ ନବୀନ ଶର୍ମା (୪୩)। ସୂଚନା ଅନୁଯାୟୀ, ଖରିଆର ରୋଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ କିଛି କର୍ମଚାରୀ ଓ ଗୋ-ସେବକ ସ୍ୱେଚ୍ଛାସେବୀ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଆଡ୍ଡା ଜମାଇଥିବା ବୁଲା ଗୋରୁଙ୍କୁ କାଞ୍ଜିଆହୁଦାକୁ ନେବା ପାଇଁ ଆସିଥିଲେ। ସେହି ସମୟରେ ଖରିଆର ରୋଡ ସହର ପଟୁ ଏକ ପିକ୍‌ଅପ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ନବୀନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଥ, ଖରିଆର ରୋଡର ସଞ୍ଜୁ ସୋନି (୪୫) ଓ ପ୍ରେମାନନ୍ଦ ପାତ୍ର (୩୦) ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଜଣେ କର୍ମଚାରୀ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଘଟଣା ପରେ ପିକ୍‌ଅପ ଫେରାର ମାରୁଥିବା ବେଳେ ପୋଲିସ ହାତରେ ଧରାପଡିଛି। ଜୋଙ୍କ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା ରୁଜୁ ହୋଇଛି।

# କଳାହାଣ୍ଡିରେ ମିଶନ ଆକାଂକ୍ଷା ଆରମ୍ଭ

■ ରାଜ୍ୟରେ ପ୍ରଥମ
■ ମାଗଣାରେ ୟୁପିଏସ୍‌ସି ପ୍ରଶିକ୍ଷଣ ପାଇବେ ସ୍ଥାନୀୟ ଯୁବତୀଯୁବକ

**ଭବାନୀପାଟଣା,୧୬।୮ (ଉତ୍ତମ କୁମାର ଦାଶ)**



ମିଶନ ଆକାଂକ୍ଷା ଶୁଭାରମ୍ଭ ଅବସରରେ ଅତିଥିଗଣ।

ରାଜ୍ୟରେ ପ୍ରଥମ କରି କଳାହାଣ୍ଡି ଜିଲାରେ ଶୁକ୍ରବାର ସ୍ୱାଧୀନତା ଦିବସରେ ଶୁଭାରମ୍ଭ ହୋଇଛି ମିଶନ ଆକାଂକ୍ଷା। ଭବାନୀପାଟଣାସ୍ଥିତ ସର୍କିଟ ହାଉସରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ମନ୍ତ୍ରୀ ଗଣ୍ଡଙ୍କ ଉପସ୍ଥିତିରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଭିଜନ ଆଇଏଏସ୍ ଉପାଧ୍ୟକ୍ଷା ଦୀପାଲି ଦତ୍ତ ଚତୁର୍ବେଦୀଙ୍କ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଭିଜନ ଆଇଏଏସ୍ (ସିଏସ୍‌ଆର୍ କାର୍ଯ୍ୟକ୍ରମ) ଭିତ୍ତିରେ କଳାହାଣ୍ଡିର ଆଗ୍ରହୀ ଯୁବତୀଯୁବକଙ୍କୁ ଏହି ସିଭିଲ ସର୍ଭିସ ପରୀକ୍ଷା (ୟୁପିଏସ୍‌ସି) ପାଇଁ ମାଗଣାରେ ପ୍ରଶିକ୍ଷଣ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହି ପ୍ରୟାସ ଗ୍ରାମୀଣ ମେଧାବୀ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଭାରତର ଶୀର୍ଷ ପ୍ରଶାସନିକ ସେବାରେ କଳାହାଣ୍ଡିର ପ୍ରତିନିଧିତ୍ୱକୁ ଦୃଢ କରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍ କଲାଇ ଭାନନ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେଶ ପ୍ରଧାନ, ଭିଜନ ଆଇଏଏସ୍‌ଙ୍କ ମାର୍କେଟିଂ ମ୍ୟାନେଜର,କ୍ରମର ସମନ୍ୱୟକାରୀ ଅଧିକାରୀ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ପାଇଁ ଆସନ ସଂଖ୍ୟା ୬୦ ରହିଥିବାବେଳେ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଦ୍ୱାରା ଚୟନ କରାଯିବ। ପାଠ୍ୟକ୍ରମ ସମୟସୀମା ୧ ବର୍ଷର ହାଇବ୍ରିଡ ପ୍ରୋଗ୍ରାମ। ପାଠ୍ୟସାମଗ୍ରୀ ଏବଂ ଟେଷ୍ଟ ସିରିଜ ସହିତ ଭବାନୀପାଟଣାରେ ପ୍ରଶିକ୍ଷଣ କେନ୍ଦ୍ର ବ୍ୟବସ୍ଥା ଜିଲା ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ଯୋଗ୍ୟତା ପାଇଁ ଯୁବତୀଯୁବକ ଦ୍ୱାଦଶ ପରୀକ୍ଷା ପାସ୍ କରିଥିବେ। କଳାହାଣ୍ଡି ଜିଲାରୁ ଅଧିକରୁ ଅଧିକ ମେଧାବୀ ଛାତ୍ରୀଛାତ୍ର ଏହାର ସୁଯୋଗନେଇ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି କରି କୃତକାର୍ଯ୍ୟ ହେଲେ ଜିଲାପାଇଁ ଗର୍ବ ଓ ଗୌରବର ବିଷୟ ହୋଇପାରିବ।

## ଛୁରା ମାଡ଼ରେ ଜଣେ ଗୁରୁତର

**୨ ସ୍କୁଲ ଛାତ୍ରଗୋଷ୍ଠୀ ସଂଘର୍ଷ**

**ଭବାନୀପାଟଣା,୧୬।୮(ଉତ୍ତମ କୁମାର ଦାଶ):** ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପରେଡ଼ ସମୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଏକ ସରକାରୀ ଓ ବେସରକାରୀ ୨ ସ୍କୁଲ ଛାତ୍ରଙ୍କ ମଧ୍ୟରେ ପୂର୍ବ ତିକ୍ତତାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ସମୟରେ ଜଣେ ଛାତ୍ରଙ୍କୁ ଛୁରା ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ.୩୧୨/୨୫) ରୁଜୁ କରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଉଭୟ ସ୍କୁଲ ୯ଜଣ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଛି।

## କନ୍‌ଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ

**ନୂଆପଡ଼ା,୧୬।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସିଲଦାସ୍ଥିତ ରିଜର୍ଭ ପୋଲିସରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଶନିବାର ସନ୍ଧ୍ୟାରେ ରେଳ ଫାଟକ ନିକଟ ଏକ ଗଛରୁ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ନୂଆପଡା ଲକ୍ଷ୍ମୀନଗର ୱାର୍ଡ ନଂ.୧୧ର ରୁକ୍ମଣୀ ନାଗ (୩୨)। ସନ୍ଧ୍ୟା ସମୟରେ ନୂଆପଡା ରେଳ ଫାଟକ ନିକଟ ଏକ କରଞ୍ଜ ଗଛରେ ମୃତଦେହ ଝୁଲୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ନୂଆପଡା ସଦର ଥାନା ପୋଲିସ ମୃତଦେହ ଚିହ୍ନଟ କରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରୁକ୍ମଣୀ ବିବାହିତା ଓ ତାଙ୍କର ଏକ ୭ ମାସର ଶିଶୁପୁତ୍ର ଅଛି। ଶାଶୁଘର ଲୋକଙ୍କ ନିର୍ଯାତନା କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ନୂଆପଡା ସଦର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ

**ଏମ୍.ରାମପୁର,୧୬।୮ (ଶଶିଭୂଷଣ ପ୍ରହରାଜ)**


କର୍ଲାମୁଣ୍ଡାଠାରେ ମହାପୁରୁଷଙ୍କ ବେଶରେ ଛାତ୍ରୀଛାତ୍ର।

କଳାହାଣ୍ଡି ଜିଲା ମ. ରାମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାପୀଠ ପଡ଼ିଆଠାରେ ଶୁକ୍ରବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, ନୂତନ ବିଡିଓ ଶରତ ଚନ୍ଦ୍ର ସେଠୀ, ତହସିଲଦାର ମୀମାଂସା ସାହୁ, ଡିଏମ୍‌ୟୁଭି ପ୍ରଧାନ ଶିକ୍ଷୟିତ୍ରୀ ଏସ୍. ଆଚାରୀ ପ୍ରମୁଖ ସମୂହ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ପଲମ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ପଲମ ପଞ୍ଚାୟତ ଅଫିସଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ହେମ କିଶୋର ନାଗ ଜାତୀୟ ପତାକା ଉତ୍ତୋଳନକରି ଉଦ୍‌ବୋଧନ ପ୍ରଦାନ କରିଥିଲେ। ସେହିପରି ଟକର୍ଲା

**କର୍ଲାମୁଣ୍ଡା(ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପରେଡ୍ ପଡ଼ିଆଠାରେ ଆୟୋଜିତ ବ୍ଲକ୍‌ସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦେବେନ୍ଦ୍ର ସାମଲ, ବ୍ଲକ୍ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ତହସିଲଦାର ଅରୁଣ ବର୍ଗେ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସିଡିପିଓ କଲ୍ପଲତା ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ମହାପୁରୁଷଙ୍କ ବେଶରେ ସଜ୍ଜିତହୋଇ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରିଥିଲେ।

**ଲାଞ୍ଜିଗଡ଼(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ଯୁବକସଂଘ ତରଫରୁ ଏସ୍‌ଏସ୍‌ଡି ସ୍କୁଲ ଖେଳ ପଡିଆଠାରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମୁଣ୍ଡା ମୁଖ୍ୟ ଅତିଥି, ଏସ୍‌ଏସ୍‌ଡି ସ୍କୁଲ ଅଧ୍ୟକ୍ଷ ପାର୍ଥିବ ତାଣ୍ଡି ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପୁଷ୍ଟି, ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି ସୁଶୀଲ ବାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଲାଞ୍ଜିଗଡ ପ୍ରେସ୍ କ୍ଲବ ତରଫରୁ ପ୍ରଥମଥର ପ୍ରେସକ୍ଲବ କାର୍ଯ୍ୟାଳୟଠାରେ ପୂର୍ବତନ ସଭାପତି ତଥା ଉପଦେଷ୍ଟା କୈଳାସ ସାହୁ ପତାକା ଉତ୍ତୋଳନ କରିଥିଲେ।

**ଖଡ଼ିଆଳ(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ବୋଧନ ଦେଇ ସ୍ୱାଧୀନତାରେ ଝାସ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ସଭାରେ ଅନ୍ୟତମ ଅତିଥି ଭାବରେ ଖଡିଆଳ ବିଡ଼ିଓ ନରସିଂ ଗଡ଼ବା, ବିଇଓ କାହ୍ନୁ ଚରଣ ନାୟକ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ଦିଲିପ କୁମାର ସାହୁ ଯୋଗଦେଇଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଥାନାରେ ଥାନା ଅଧିକାରୀ କୈବଲ୍ୟ ସେଠ, ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜେଏମ୍‌ଏଫ୍‌ସି କୋର୍ଟ ମାଜିଷ୍ଟ୍ରେଟ ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ କୋର୍ଟର ମୁଖ୍ୟ କିରାଣୀ ଅଶୋକ ସାହୁ ଓ କୋର୍ଟ କର୍ମଚାରୀଙ୍କ ସମେତ ଆଇନଜୀବୀ ମନୋରଞ୍ଜନ ନାଏକ ଏବଂ ପ୍ରିୟଙ୍କା ମାଝୀ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ମା’ ମାଣିକେଶ୍ୱରୀ ମନ୍ଦିର ପରିସରରେ ବନ ବିଭାଗ ଦ୍ୱାରା ଚାରା ରୋପଣ ହୋଇଥିଲା।

## ଚେନ୍ନାଇରୁ ଫେରିଲା ନାବାଳକ ଶ୍ରମିକଙ୍କ ମୃତଦେହ

**କୋକସରା,୧୩।୮ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** ଚେନ୍ନାଇ ସହରକୁ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କୁତୁରୁ ଗ୍ରାମର ଜଣେ ନାବାଳକ ଶ୍ରମିକଙ୍କ ମୃତଦେହ ନିଜ ଭିଟାମାଟିକୁ ଫେରିଛି। ମୃତକ ହେଲେ ସ୍ୱର୍ଗତ ବାଲଚନ୍ଦ ମାଝୀଙ୍କ ପୁଅ ଉମ୍ବରୁ ମାଝି(୧୭)। ଉମ୍ବରୁ କିଛିଦିନ ତଳେ ଜଣେ ଦାଦନ ସର୍ଦ୍ଦାରଙ୍କ ପ୍ରଲୋଭନରେ ପଡ଼ି ଚେନ୍ନାଇ ସହରସ୍ଥିତ ପଣ୍ଡିଚେରୀର ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ରହିଥିଲେ। ଗତ ସୋମବାର କୋଠା କାମ କରୁଥିବା ସମୟରେ ଛାତରୁ ପଡି ତାଙ୍କର ମୃତ୍ୟୁ ହୋଇଥିଲା। ଠିକା ସଂସ୍ଥାର ସହାୟତାରେ ବୁଧବାର ଆମ୍ବୁଲାନ୍ସ ଯୋଗେ ନାବାଳକଙ୍କ ମୃତଦେହ ଭିଟାମାଟିକୁ ଫେରିଛି। ମା’ବାପା ଛେଉଣ୍ଡ ନାବାଳକଙ୍କ ମୃତ୍ୟୁ ନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ମା’ବାପାଙ୍କ ମୃତ୍ୟୁ ପରେ ସାନ କାକା ସଦନ ମାଝୀଙ୍କ ଘରେ ଉମ୍ବରୁ ନିଜ ସାନ ଭାଇଙ୍କ ସହିତ ରହୁଥିଲେ।

## ଅଭିଭାବକ, ଶିକ୍ଷକ, ପରିଚାଳନା କମିଟି ବୈଠକ

**କର୍ଲାମୁଣ୍ଡା,୧୬।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଭିଭାବକ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଦର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର, ସାମାଜିକ କର୍ମୀ ଦୀନ ବନ୍ଧୁ ସାହୁ, ସିଆର୍‌ସିସି ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ଆସ ସ୍କୁଲ ଯିବା ଅଭିଯାନର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ।

## ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ

**କର୍ଲାମୁଣ୍ଡା,୧୬।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଜୋରାଡ଼ବରା ପଞ୍ଚାୟତ ସିଆଳପଡ଼ାଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଶୁକ୍ରବାର ଉତ୍ସବ ଆରମ୍ଭହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜନ୍ମାଷ୍ଟମୀ ବିଷୟବସ୍ତୁକୁ ନେଇ ଆୟୋଜିତ ପାରାୟଣ କାର୍ଯ୍ୟକ୍ରମ ପୂଜକ ଚିତ୍ରସେନ ଦାଶ, ଗାୟକ ପ୍ରଫୁଲ୍ଲ ବଡ଼ମାଳି, କର୍ତ୍ତା ଭାବେ ନରେନ୍ଦ୍ର ଭୋଇ ଓ ଟିଲୁ ଗହୀର ରହିଥିଲେ।

**ପଲମ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ରାକସି ପଞ୍ଚାୟତସ୍ଥିତ ବୁଢ଼ି ପଦର ଗ୍ରାମର ଦେବଗିରି ମଠରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଯାଦବ ରମଣୀମାନେ ଶୁକ୍ରବାର ରାତିରେ ଗୁମ୍ଫା ମଧ୍ୟରେ କୃଷ୍ଣ ଜନ୍ମନୀତି ସମ୍ପାଦନ କରିଥିଲେ। ସେମାନେ କୃଷ୍ଣଙ୍କ ପ୍ରତୀକକୁ କୋଳରେ ଧରି ନିଷ୍ଠାର ସହ ଏହି ନୀତି କରିଥିଲେ। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡର ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟଟି ଆରମ୍ଭ ହୋଇଥିଲା। ମଠର ପୂଜକ ସନ୍ତୋଷ ପାଢ଼ୀ ପୂଜାକାର୍ଯ୍ୟ କରିଥିଲେ।

## କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ଉଦ୍‌ଯାପିତ

**କର୍ଲାମୁଣ୍ଡା,୧୬।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ପଞ୍ଚାୟତ ଶୀଶାଖାଲସ୍ଥିତ ଶ୍ରୀ ରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ କଲେଜ ପରିସରରେ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଶୁକ୍ରବାର ଦୁଇଦିନିଆ ଖାଦ୍ୟମେଳା ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ପ୍ରଥମ ଦିବସରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୫ ଜଣ ମହିଳାଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ନିଳେନ୍ଦ୍ରୀ ସାହୁ ଯୋଗ ଦେଇ କ୍ଷୁଦ୍ରଶଶ୍ୟରେ କିଭଳି ପିଠାପଣା ପ୍ରସ୍ତୁତ କରାଯାଇଥାଏ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା ଖ ଯୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, କୁର୍ଶୁର୍ଲା ହରଗୌରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ପୀତାମ୍ବର ସାହୁ, ଭାରପ୍ରାପ୍ତ ଓଭରସିଅର ଲୋକନାଥ ନାଗ, ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ବିପିସି ଜଗଦୀଶ ପ୍ରସାଦ ରଣା ପ୍ରମୁଖ ଯୋଗଦେଇ ସରକାରଙ୍କ କ୍ଷୁଦ୍ର ଶସ୍ୟକୁ ଦୈନନ୍ଦିନ ଜୀବନରେ ଖାଦ୍ୟ ରୂପେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହାସହ ଷ୍ଟଲ ଗୁଡିକରେ ମାଣ୍ଡିଆରୁ ପ୍ରସ୍ତୁତ ପିଠାପଣା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ: ଜିଲାପାଳ ଏକାଦଶ ଚାମ୍ପିୟନ

**ନୂଆପଡ଼ା,୧୬।୮ (ମକାରୁ ବେମାଲ):** ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶୁକ୍ରବାର ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସିଆର୍‌ପିଏଫ୍ ୨୧୬ ବାଟାଲିଅନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୩୦ ମିନିଟ ଖେଳରେ ଜିଲାପାଳ ଏକାଦଶ ସାମ୍ବାଦିକ ଏକାଦଶକୁ ୬-୦ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ସ୍ୱର୍ଣ୍ଣ ଓ ରନର୍ସ ଅପ ଦଳକୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଜାମଖୁଣ୍ଟ ଚାମ୍ପିୟନ

**ଖଡ଼ିଆଳ,୧୬।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ୧୬ ତମ ରାଜା ଅନୁପସିଂ ଦେଓ ମୋମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜାମଖୁଣ୍ଟା ଓ ବଲାଙ୍ଗୀର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜାମଖୁଣ୍ଟା ୪-୧ ଗୋଲରେ ବିଜୟୀ ହୋଇ ନବମ ଥର ପାଇଁ ଚାମ୍ପିୟନ ହୋଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଓ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ କଳାହାଣ୍ଡି ସାଂସଦ ଅର୍କ କେଶରୀ ଦେଓ, ଖଡିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ତାପସ ପତି, ସୌରଭ ପଣ୍ଡା, ଅମୂଲ୍ୟ ବାରିକ, କ୍ଷିରୋଦ ଭୋଇ ଓ ନିଲୁ ଭୋଇ ଖେଳ ପରିଚାଳନା କରିଥିଲେ। ଅନୁପସିଂ ଦେଓ ମେମୋରିଅଲ ଟ୍ରଷ୍ଟ ସଭାପତି ଅଙ୍କିତ ସିଂଦେଓ, ସମ୍ପାଦକ ଟୁନା ନାଏକ, ପ୍ରଭୁଦତ୍ତ ଗଉଡ ପ୍ରମୁଖ ସହଯୋଗ କରିଥଲେ।


ମୁଖ୍ୟ ଅତିଥି ବିଜେତାଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଏକତା ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ

**ଭବାନୀପାଟଣା,୧୬।୮ (ଉତ୍ତମ କୁମାର ଦାଶ)**


ସମ୍ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରୁଛନ୍ତି ଗଣଶିକ୍ଷା ମନ୍ତ୍ରୀ ଓ ଅନ୍ୟ ଅତିଥି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରି ସମସ୍ତେ ଏକଜୁଟ ହୋଇ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେହିପରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ କଳାହାଣ୍ଡି ମାଟିର ବୀର ସଂଗ୍ରାମୀ ରେଣ୍ଡୋ ମାଝି ବ୍ରିଟିଶ ସରକାର ବିରୋଧରେ ଲଢ଼େଇ କରି ଶହୀଦ ହୋଇଥିଲେ। ସେହି ବୀର ସଂଗ୍ରାମୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। କଳାହାଣ୍ଡିର କଳା, ସଂସ୍କୃତି, ପରମ୍ପରା ମହାନ। ଏହି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପର୍ଯ୍ୟଟନ, ଜଳସେଚନ ଆଦିର ଉନ୍ନତି ନିମନ୍ତେ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ ଗଣ୍ଡ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ ବୈଦୁରା ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେସ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହରେନ୍ଦ୍ର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼ ପ୍ରମୁଖ ଯୋଗଦେଇ ଥିଲେ। ମିଳିତ ପରେଡରେ ୪୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ବିଜେତା ଦଳକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ପରେ ମୁଖ୍ୟ ଅତିଥି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନରେ ଅଣ ଗେଜେଟେଡ କର୍ମଚାରୀ ସଂଘ ଓ ଶ୍ରୀ ଶ୍ରୀ ବାଲୁଙ୍କେଶର ମନ୍ଦିର କମିଟ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ ଗୋଟି ଦଳ ଅଂଶଗ୍ରହଣ କରିଥିଲେ।

## ଜିଲାର ବିକାଶ ଉପରେ ଗୁରୁତ୍ୱ

**ନୂଆପଡ଼ା,୧୬।୮ (ମକାରୁ ବେମାଲ)**

ନୂଆପଡ଼ା ମିନି ଷ୍ଟାଡିୟମଠାରେ ଶୁକ୍ରବାର ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନୂଆପଡା ଜିଲା ବିକଶିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁମି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମୁଖ୍ୟଅତିଥି ମିଳିତ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

# ଆତ୍ମନିର୍ଭର, ସଶକ୍ତ, ବିକଶିତ ଭାରତ ଗଢ଼ିବାକୁ ଆହ୍ୱାନ

ବରଗଡ଼,୧୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସମାରୋହରେ ବରଗଡ ଜିଲାର ପଦ୍ମ ପୁରସ୍କାରପ୍ରାପ୍ତ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସମେତ ଶିକ୍ଷା, କ୍ରୀଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସେ ସମ୍ମାନିତ କରିଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପଦ୍ମଶ୍ରୀ ଭାଗବତ ପ୍ରଧାନ, ଅପରେସନ ସିନ୍ଦୁରର ସଫଳତାରରେ ଭାଗିଦାର ଥିବା ସଶସ୍ତ୍ର ସୀମାବଳରେ ଇନ୍ସପେକ୍ଟର ଜିଡ଼ି ସୁମନ୍ତ ସାହୁଙ୍କ ପରିବାରବର୍ଗ, ମୃତ୍ୟୁ ପରେ ନିଜ ଶରୀରର ସମସ୍ତ ଅଙ୍ଗଦାନ କରିଥିବା ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ଓ ଚମ୍ପାବତୀ



ବରଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସମାରୋହ

ପ୍ରଧାନଙ୍କ ସମ୍ପର୍କୀୟ ଏବଂ ଇଣ୍ଡିଆ ବୁକ ରେକର୍ଡଧାରୀ ସ୍ମୃତିସାଲୋମ ଭୋସାଗରଙ୍କ ସମେତ ୭ଜଣ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ନକ୍ସଲ ଅପରେସନରେ ଶହୀଦ ହୋଇଥିବା ସିଆରପିଏଫ ଯବାନ ସ୍ୱର୍ଗତ ପଦ୍ମଲୋଚନ ମାଝୀଙ୍କ ମା' ଶର୍ମିଳା ମାଝୀଙ୍କୁ ଜିଲାପାଳ ୪ଡେସିମିଲ ଜମିପଟ୍ଟା ପ୍ରଦାନ କରିଥିଲେ। ସେହିପରି ବାଳିକା, ବାଳକ ବର୍ଗର ସର୍ବୋତ୍ତମ ଏନ୍‌ସିସି କ୍ୟାଡେଟ, ବିଏସଇ, ସିବିଏସ୍‌ଇ ଓ ଆଇସିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ବରଗଡ଼ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ଛାତ୍ରୀ ଏବଂ ଜଣେ ଛାତ୍ରଙ୍କୁ ମିଶାଇ ସର୍ବମୋଟ ୭ଜଣ ସମେତ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମୁଖ୍ୟ ଅତିଥିଙ୍କୁ ପରେଡ୍ ପଡିଆ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ଜିଲାପାଳ ଗୋୟଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରାଷ୍ଟ୍ରୀୟ ସଙ୍ଗୀତ ଏବଂ ପରେ ରିଜର୍ଭ ପୋଲିସ ନିରୀକ୍ଷକ ତଥା କମାଣ୍ଡର ଶାନ୍ତନୁ ପ୍ରଧାନୀଙ୍କ ଦ୍ୱାରା ପରିଚାଳିତ ପରେଡରେ ପୋଲିସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ସ୍କାଉଟ୍ସ ଏବଂ ଗାଇଡ୍ସ ଓ ସିଭିଲିଆନ ସମେତ ୩୨ଟ୍ରୁପ ସାମିଲ ଥିଲେ। ମୁଖ୍ୟ ଅତିଥି ଗୋୟଲ ନିଜ ଅଭିଭାଷଣରେ ବରଗଡ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଏବଂ ବଳିଦାନର ଇତିହାସ ବିଷୟରେ କହିବା ସହ ଜିଲାରେ ପ୍ରଶାସନ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକଳାପ ଏବଂ ଯୁଗୋପଯୋଗୀ କାର୍ଯ୍ୟ ବିଷୟରେ କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋକପାତ କରି ଶିକ୍ଷା, ସ୍ୱାସ୍ଥ୍ୟ ସେବା, କ୍ରୀଡା, ଗମନାଗମନ ଭଳିବିଭିନ୍ନ କ୍ଷେତ୍ରରେ ବିକାଶ କରିବା ସହ ଏକ ଆତ୍ମନିର୍ଭର, ସଶକ୍ତ ଓ ବିକଶିତ ଭାରତ ଗଢ଼ିବାକୁ ଆହ୍ୱାନ କରିଥିଲେ। ସମ୍ମିଳିତ ପରେଡ୍ ପରେ ମୁଖ୍ୟ ଅତିଥି ଓ ସମସ୍ତ ସମ୍ମାନିତ ଅତିଥି ପରେଡ ପଡିଆ ପ୍ରାଙ୍ଗଣରେ ଚାରା ରୋପଣ କରିଥିଲେ। ସମାରୋହରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଜିଲା କାରାଗାରର ସମସ୍ତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଡାକବାଜିଯନ୍ତ୍ର ଯୋଗେ ସହରରେ ରାମଧୂନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଏବଂ ବରିଷ୍ଠ ଜିଲାସ୍ତରୀୟ ଅଧିକାରୀ ମିଳିତଭାବେ ଜିଲା ମୁଖ୍ୟାଳୟରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବୌଦ୍ଧରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ



ଜିଲାପାଳ ପରେଡ୍ ପରିଦର୍ଶନ କରୁଛନ୍ତି।

ବୌଦ୍ଧ,୧୬।୮( ଅଜିତ କୁମାର ବାରିକ)

ବୌଦ୍ଧରେ ଶୁକ୍ରବାର ୭୯ତମ ଜିଲାସ୍ତରୀୟ ସ୍ୱାଧନତା ଦିବସ ମହାସାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୌଦ୍ଧ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ବଳିଦାନ ଯୋଗୁ ଆମେ ସ୍ୱାଧନତା ପାଇଥିବା ବେଳେ ବୌଦ୍ଧ ଜିଲାକୁ ଏକ ନମ୍ବର ଜିଲା କରିବାକୁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟଅତିଥି କହିଥିଲେ। ଉତ୍ସବରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆର୍‌ବି ୫ମ ବାଟାଲିୟନ, ଜିଲା ପୋଲିସ ଯବାନ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରେଡ କରିଥିଲେ। ପରେଡରେ ୩୭ଟି ଦଳ ଭାଗ ନେଇଥିଲେ। ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ଏହାକୁ ପରିଚାଳନା କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ୍ ପ୍ରଚାର କରାଯିବା ପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ଛକରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଜିଲା ନ୍ୟାୟାଳୟ ପରିସରରେ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଜାତୀୟ ପତକା ଉତ୍ତୋଳନ କରିଥିଲେ। ଆମେ ସମସ୍ତେ ନିଜ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇଲେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ ରହିବ ବୋଲି ସେ କହିଥିଲେ। ଜିଲା ଓକିଲ ସଂଘରେ ବରିଷ୍ଠ ଆଇନଜୀବୀ ସୁଧିର କୁମାର କର୍ଣ୍ଣ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡିକିରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣାରେ ଯୁବକ ଗିରଫ



**ବରପାଲି, ୧୬।୮(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲିରେ ନିକଟରେ ଏକ ସ୍କୁଟି ଡିକିରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ବରପାଲି ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଆସିକାର ଦାସ ନିରଜ। ପ୍ରକାଶ ଯେ, ବରପାଲି ବ୍ଲକ ଅନ୍ତର୍ଗତ ଅଇଁଠାପାଲିର ସମଲେଶ୍ୱରୀ ପାଣି ପଞ୍ଚାୟତର ସଭାପତି ଦଶରଥ ବେହେରା ଓ ସମ୍ପାଦକ କ୍ଷିତିପତି ପ୍ରଧାନ ଗତ ମାସ ୨୯ ତାରିଖରେ ବରପାଲି ଷ୍ଟେଟବ୍ୟାଙ୍କ ଶାଖାରୁ ଚେକ ଜରିଆରେ ୧୧ ଲକ୍ଷ ୬୩ ହଜାର ଟଙ୍କା ଉଠାଣ କରି ତାଙ୍କ ସ୍କୁଟି ଓଡି ୧୭ଇ ୭୧୧୩ ଯୋଗେ ଫେରିବା ବାଟରେ ଏକ ହାର୍ଡୱାର ଦୋକାନରେ କିଛି ଜିନିଷ କିଣିବା ପାଇଁ ଅଟକି ଥିଲେ। ଦୋକାନରୁ ଫେରି ଦେଖିବାବେଳେ ଡିକିରୁ ଟଙ୍କା ଚୋରି ହୋଇଯାଇଥିବା ଜାଣି ସଙ୍ଗେ ସଙ୍ଗେ ବରପାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ପୋଲିସ ଉକ୍ତ ଦୋକାନର ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଆରମ୍ଭ କରିଥିଲା। ବରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ବରପାଲି ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଦାସ ନିରଜଙ୍କୁ ଗିରଫ କରାଯାଇ ତାଙ୍କ ଠାରୁ ୯ ଲକ୍ଷ ୨୪ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦୁମତି ପଶ୍ଚିମ କବାଟ ବରପାଲି ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ପ୍ରଦାନ କରିବା ସହ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ମଧ ତୁରନ୍ତ ଗିରଫ ହେବେ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଡିଏସ୍‌ପି ପଦାରବିନ୍ଦ ତ୍ରିପାଠୀ, ବରପାଲି ଆଇଆଇସି ଜୟ ରଶ୍ମି ସେଠୀ ଉପସ୍ଥିତ ଥିଲେ।

## ଯାଦବ ସମାଜ ଆନୁକୂଲ୍ୟରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ

ବରପାଲି,୧୬।୮(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଯାଦବ ସମାଜ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଉଦ୍‌ଯାପିତ ହୋଇଛ। ପ୍ରଥମ ଦିନରେ ସମାଜ ପକ୍ଷରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଭଗବାନ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କରାଯାଇଥିଲା। ବାଳକୃଷ୍ଣ ସମାବେଶ ଓ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ହେବା ସହିତ ସନ୍ଧ୍ୟାରେ ଓଡ଼ିଶା ସରକାର ସଂସ୍କୃତି ବିଭାଗ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରପାଲି ଏନ୍‌ଏସି ଅଧକ୍ଷ ଦିନେଶ ଗହିର,ବ୍ଲକ ଅଧକ୍ଷା ରୀନା ଥଇତ, ପୂର୍ବତନ ବ୍ଲକ ଅଧକ୍ଷ କିଶୋର ଦଫାଦାର, ବରଗଡ଼ ଜିଲା ଯାଦବ ସମାଜ ଜିଲା ସଭାପତି ରାଜୁ ଘିବିଲା, ଧନ ସିଂ ଭୋଇ, ଜୟ ସିଂ ଭୋଇ, ସମାଜସେବୀ ନରେନ୍ଦ୍ର ହୋତା, ବରପାଲି ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରଦୀପ୍ତ ସାଣ୍ଡ, ପୀତବାସ ବେହେରା ଯୋଗଦାନ କରି ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଆଲୋକପାତ କରିଥିଲେ। ଏହି




ସୀମାଞ୍ଚଳମ ଭୋଇଙ୍କୁ ଯାଦବ କୁଳ ପ୍ରତିଭା ଭାବେ ସମ୍ମାନିତ କରାଯାଉଛି।

ଅବସରରେ ବରପାଲି ଫଗୁନୁ ଚାଉଁର, ରବୀନ୍ଦ୍ର ଦୀପ, ସୀମାଞ୍ଚଳମ ଭୋଇ, ସଂଯୁକ୍ତା ଭୋଇଙ୍କୁ ଯାଦବ କୁଳ ପ୍ରତିଭା ଭାବେ ସମ୍ମାନିତ କରାଯାଇଥିଲା। ଶନିବାର ଉଦ୍‌ଯାପନୀ ଉତ୍ସବରେ ଯାଦବ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ସଭାରେ ଭୋଜରାଜ ଦୀପ ଓ ଜ୍ୟୋତି ବାଗ, ଅଚ୍ୟୁତ ନାଗ, ଭକ୍ତେଶ୍ୱର୍ କାଣ୍ଡ, ଗଣେଶ୍ୱର ଭୋଇ ସଂଯୋଜନା କରିଥିଲେ। ବିଭିନ୍ନ ବ୍ଲକ ଓ ଜିଲାର କର୍ମକର୍ତ୍ତା ଯୋଗଦେଇ ଯାଦବ ସମାଜର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନନ୍ଦରାଜା ଗୋ-ମାତା ପୂଜା କରିବା ସହ ଆନନ୍ଦ ଉଲ୍ଲାସରେ ନଗର ପରିକ୍ରମା କରିଥିଲେ। ଦେବକୀ ଓ ବସୁଦେବ ଭାବେ ସଂଯୁକ୍ତା ଓ ଧିରେନ ଭୋଇ, ଯଶୋଦା ଓ ନନ୍ଦରାଜା ଭାବେ ରକ୍ମଣୀ ଓ କୁଞ୍ଜବିହାରୀ ରାଉତ ଦାୟିତ୍ୱ ତୁଲାଇଥିଲେ। ବ୍ଲକ ସଭାପତି ମନଫୁଲ ଭୋଇ, ସମ୍ପାଦକ ଗୋବିନ୍ଦ ଯୁଆଡି, କୋଷାଧକ୍ଷ ଅକ୍ଷୟ ଭୋଇ, ନଗର ସଭାପତି ଖଡ଼ିଆ ବଗର୍ତ୍ତି, ପବିତ୍ର ବାଗ, ମନୋରଞ୍ଜନ ବଗର୍ତ୍ତି, ବାଲୁଙ୍କେଶ୍ୱର ବେମାଲ, ପୂର୍ଣ୍ଣଚନ୍ଦ୍ର ଠେଲା, ପ୍ରତାପ ଦୀପ, ଗଣେଶ ଭୋଇ, ଭାଗବତ କାଣ୍ଡ, ବିଶ୍ୱାମିତ୍ର ପୋର୍ଡ, ବିପିନ ରାଉତ, ହଜାରୁ ମହାକୁଡ, ରବୀନ୍ଦ୍ର ବାଗ,ପ୍ରତାପ ନାଗ, ସୁଦାମ ପୋଡ଼, ସଞ୍ଜୁ ବଗର୍ତ୍ତି, ଉର୍ମିଳା ପୋଡ଼, ନମିତା ଜାଲ, ତିଲୋତ୍ତମା ବଗାର, ସୁପ୍ରଭା ବାଗ, ରିତା ହେନ୍ନା,ବର୍ଷା ଜାଲ,ଲିପା ବଗାର, ଦିପାଲି ପୋଡ଼ ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ ହେମନ୍ତ ମିଶ୍ର, କିଶୋର ମିଶ୍ର, ଶଙ୍ଖୁଆ ସୁରେଶ ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## କେବୁଲ ଚୋରି ମାମଲାରେ ୩ ଗିରଫ

ପାଇକମାଳ,୧୬।୮(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଥାନାର ବିଭିନ୍ନ ସ୍ଥାନରେ କେବୁଲ ତାର ଚୋରି ମାମଲାରେ ପାଇକମାଳ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ପୁରେନା, ଭୁବନେଶ୍ୱରପୁର ଓ କାଂସଡା ସ୍ଥିତ ଏୟାରଟେଲ ଟାୱାରରୁ ଗତ ଗୁରୁବାର ରାତିରେ କେବୁଲ ତାର ଚୋରି ହୋଇଥିବା ନେଇ ପାଇକମାଳ ଥାନାରେ ଅଭିଯୋଗ ହୋଇଥିଲା। ପାଇକମାଳ ପୋଲିସ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଫ୍ରେଜରପୁର ଗାଁର ହମିତ ତାଣ୍ଡି (୧୯) , ପାଇକମାଳ ମାହାରପଡାର ଦୁଇ ଜଣ ରାମ ମିର୍ଦ୍ଧା(୩୨) ଓ ଶିବ ବାଗ (୨୫)। ଏମାନଙ୍କ ଠାରୁ ୩୨ ମିଟର କେବୁଲ ତାର ଓ ଗୋଟିଏ ବାଇକ ଜବତ କରାଯାଇଛି। ଏନେଇ ଥାନାରେ ଏକ କେସ (ନଂ.୧୭୧/୨୦୨୫) ରୁଜୁ ହୋଇଛି। ୩ଅଭିଯୁକ୍ତଙ୍କୁ ପଦ୍ମପୁର କୋର୍ଟକୁ ଶନିବାର ଚାଲାଣ କରାଯାଇଛି ବୋଲି ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ଫାଶ ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ପାଇକମାଳ, ୧୬।୮(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ନୃସିଂହନାଥ ମନ୍ଦିର ଯିବା ରାସ୍ତାରେ ନରସିଂ ପଡାରେ ଭଡା ଘରେ ରହୁ ଥିବା ଜଣେ ବିବାହିତା ମହିଳା ଶନିବାର ନିଜ ଶାଢୀରେ ବେକରେ ଫାଶ ପକାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନୀଲୀପମା ଦୀପ (୩୪)। ମୃତକଙ୍କ ବାପା ହେମନ୍ତ ଦୁଆନଙ୍କ ଲିଖିତ ଅଭିଯୋଗ କ୍ରମେ ପାଇକମାଳ ଥାନାରେ ଏକ ମାମଲା (ନଂ. ୧୩/୨୦୨୫) ରୁଜୁ ହୋଇଛି। ମହିଳାଙ୍କ ସ୍ୱାମୀ ଶିକ୍ଷକ ନିରଞ୍ଜନ ଦୀପ (୪୦)ଙ୍କୁ ପଚରାଉଚରା କରିଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ ପରେ ମୃତଦେହ ଜବତ କରାଯାଇଛି। ରବିବାର ପଦ୍ମପୁର ପଠାଯିବ। ଉଭୟ ସ୍ୱାମୀସ୍ତ୍ରୀ ବହୁତ ଖୁସିରେ ଭଡା ଘରେ ଥିଲେ ବୋଲି ପଡୋଶୀ କହିଥିବା ବେଳେ ସେମାନଙ୍କର ପୁଅ ପ୍ରଣୟ ଦୀପ (୧୬) ଓ ଝିଅ ପ୍ରତ୍ୟାଶା ଦୀପ (୧୪) ବାହାରେ ରହି ପାଠ ପଢୁଥିବା ଜଣାଯାଇଛି। ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଅଧିକ ତଦନ୍ତ କରାଯାଉଛି ବୋଲି କହିଥିଲେ।

## ଉଚ୍ଚଶିକ୍ଷା, କ୍ରୀଡ଼ାମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟମାନେ।

ହରଭଙ୍ଗା,୧୬।୮(ନରେନ୍ଦ୍ର କୁମାର ସାହୁ)

ରାଜ୍ୟ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶନିବାର ଦିନିକିଆ ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ମନ୍ଦିର, ପର୍ଯ୍ୟଟନ ସ୍ଥଳ ବୁଲି ଦେଖିଥିଲେ। ସକାଳେ ମନ୍ତ୍ରୀ ବୌଦ୍ଧ ସହରର ରାମେଶ୍ୱର ମନ୍ଦିର କାରୁକାର୍ଯ୍ୟ ଦେଖିବା ସହ ମର୍ଯ୍ୟାକୁଦ ଦୀପର କୁଳାରି କୁଦ, ଜିଲା ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ପରେ ମନ୍ତ୍ରୀ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ସହ ବୃକ୍ଷରୋପଣ କରିଥିଲେ। ସେହିପରି ମନ୍ତ୍ରୀ ସୁରଜ କୁଶଙ୍ଗ ବାଣିଗୋଛା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ବିଭୂତି ଭୂଷଣ ନାୟକ. ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦଧିବାମନ ମହାପ୍ରଭୁଙ୍କ ନୂଆଁଖାଇ ଲଗ୍ନ ନିରୂପଣ

ଭଟଲି,୧୬।୮(ବିଜୟ ମେହେର)

ବରଗଡ଼ ଜିଲା ଭଟଲିସ୍ଥିତ ଶ୍ରୀଦଧିବାମନ ମନ୍ଦିରରେ ଶନିବାର ଶ୍ରୀଦଧିବାମନ ସ୍ୱାମୀଙ୍କ ନୂଆଁଖାଇ ଲଗ୍ନ ନିରୁପଣ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଦଧିବାମନ ମନ୍ଦିର ଟ୍ରଷ୍ଟ ବୋର୍ଡ ତଥା ଦଧିବାମନ ମୁକ୍ତିମଣ୍ଡପର ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ଶ୍ରୀଦଧିବାମନ ମୁକ୍ତିମଣ୍ଡପ ସଭାପତି ପଣ୍ଡିତ ନେହେରୁଲାଲ ଶତପଥୀ ଅଧକ୍ଷତା କରିଥିଲେ। ଏହି ବୈଠକରେ ପ୍ରଥମେ ଉପସ୍ଥିତ ପଣ୍ଡିତମାନଙ୍କ ଦ୍ୱାରା ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ଭାଦ୍ରବ ଶୁକ୍ଳପକ୍ଷ ଋଷି ପଞ୍ଚମୀ ଅର୍ଥାତ ୨୮ ତାରିଖ ଗୁରୁବାର ସିଂହ ୧୨ଦିନ ପୂର୍ବାହ୍ନ ଘ. ୯ଟା ୪୧ ମିନିଟ ରୁ ଘ. ୯ଟା ୫୫ ମିନିଟ ମଧ୍ୟେ ବିଶୁଦ୍ଧ ତୁଳା ଲଗ୍ନେ ଶୁକ୍ଳ ଯୋଗେ ସ୍ୱାତୀ ନକ୍ଷତ୍ରେ ତୁଳା ଚନ୍ଦ୍ରେ ଧନୁ ନବାଂଶେ ଶ୍ରୀଦଧିବାମନ ମହାପ୍ରଭୁଙ୍କୁ ନୂଆଁଭୋଗ ଅର୍ପଣ କରାଯିବାର ସ୍ଥିରୀକୃତ କରାଯାଇଛି। ବୈଠକରେ ଦଧିବାମନ ମୁକ୍ତି ମଣ୍ଡପ ପଣ୍ଡିତ ଗୌରଚନ୍ଦ୍ର ରଥ, ଟିକେଶ୍ୱର ମହାପାତ୍ର, ରାଜେଶ କୁମାର ମିଶ୍ର, ରୋହିତ ରଥ, ପଶ୍ଚିମୋଡ୍ଳ କର୍ମକାଣ୍ଡିୟ ସମିତିର ମୁଖପାତ୍ର ପଣ୍ଡିତ ଜୟଦେବ ପଣ୍ଡା, ଚୂଡାମଣି ରଥ, ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଶ୍ରୀବତ୍ସ ପାଣିଗ୍ରାହୀ, ରାମେଶ୍ୱର ଷଡଙ୍ଗୀ, ଗୋକୁଳେଶ୍ୱର ରଥ, ବିଷ୍ଣୁଦୟା ଦାଶ, ସୁରେନ୍ଦ୍ର ମୋହନ ପଣ୍ଡା, ଦଧିବାମନ ମହାବିଦ୍ୟାଳୟର ଅଧକ୍ଷ ତଥା ଜ୍ୟୋତିଷ ସରୋଜ କୁମାର ଦାଶ ବାଙ୍କାବିହାରୀ ମିଶ୍ର ଏବଂ ଆଞ୍ଚଳିକ କର୍ମକାଣ୍ଡିୟ ପଣ୍ଡିତମାନଙ୍କ ଉପସ୍ଥିତିରେ ଲଗ୍ନ ନିର୍ଦ୍ଧାରଣ କରାଯାଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ନାରାୟଣ ପଧାନ, ଭିଖାରୀ ମେହେର ମଧ୍ୟ ଉପସ୍ଥିତ ଥିଲେ।

## ପଦ୍ମପୁରରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ

ପଦ୍ମପୁର, ୧୬।୮ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଆର୍‌ବି ହାଇସ୍କୁଲ ପଡିଆଠାରେ ୭୯ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପଜିଲାପାଳ ସ୍ନେହା ଅରୁଗୁଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପଦ୍ମପୁର ଉପଖଣ୍ଡର ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କୁ ସମ୍ମାନିତ ଓ ଜାତୀୟସ୍ତରୀରରେ ପୁରସ୍କାର ପାଇଥିବା ବ୍ୟକ୍ତି ବିଶେଷଙ୍କ ସମେତ ସ୍ୱାସ୍ଥ୍ୟସେବା, ଶିକ୍ଷା, କ୍ରୀଡାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ, ପୁରସ୍କୃତ କରାଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ



ଉପଜିଲାପାଳ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ ପ୍ରମୁଖ ମୁଖ୍ୟ ଅତିଥିଙ୍କୁ ପରେଡ ପଡିଆ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ପରେଡ୍‌ରେ ୪୫ଟି ଦଳ ଅଂଶଗ୍ରହଣ କରିଥିଲେ।

## ଫରେଷ୍ଟ ଅଫିସରେ ହେଲାନି ପତାକା ଉତ୍ତୋଳନ

**ପଲସାଗୋରା,୧୫।୮(ଅଶ୍ୱିନୀ କୁମାର ନନ୍ଦ):** ବୌଦ୍ଧ ଜିଲା କଣ୍ଟାମାଳ ବନାଞ୍ଚଳ ଅନ୍ତର୍ଗତ ବରପଦର ସେକ୍ସନ କାର୍ଯ୍ୟାଳୟରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ହୋଇପାରିନାହିଁ। ବରପଦର ସେକ୍ସନରେ ୬ଜଣ ଫରେଷ୍ଟ ଗାର୍ଡ ଏବଂ ଜଣେ ଫରେଷ୍ଟର ରହୁଛନ୍ତି। ପୂର୍ବରୁ ପ୍ରତିବର୍ଷ ଅଗଷ୍ଟ ୧୫ ଏବଂ ଜାନୁୟାରୀ ୨୬ରେ ସ୍କୁଲ ପିଲାଙ୍କୁ ଡାକି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଉଥିଲା। ତେବେ ଚଳିତ ବର୍ଷ ଉକ୍ତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରା ନ ଯିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ ଏକତ୍ରିତ ହୋଇ ଫରେଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ନେଇ ଫରେଷ୍ଟର ଗୁଲି ବେହେରାଙ୍କୁ ପଚାରିବାରୁ ଏହା କାର୍ଯ୍ୟାଳୟ ନୁହେଁ ବାସସ୍ଥାନ, ତେଣୁ ପତାକା ଉତ୍ତୋଳନ କରାଯାଇନାହିଁ ବୋଲି ସେ କହିଛନ୍ତି। ତେବେ ଏ ସମ୍ପର୍କରେ ଡିଏଫ୍‌ଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଲରମ୍ଭା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଅତାବିରା,୧୬।୮(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ସ୍ଥିତ ଲରମ୍ଭା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବରଗଡ଼ ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ମୁଖ୍ୟଅତିଥି, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ପୌତ୍ର ସୁଧୀର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେଓଗାଁ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଲରମ୍ଭା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଶୋକ କୁମାର ମହାନ୍ତି, ଯୁକ୍ତ ଦୁଇ ଅଧିକାରୀ ଡ.ଦିଗମ୍ବର ଚାନ୍ଦ ମଞ୍ଚାସୀନ ଥିଲେ। ଶେଷରେ ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ଟଙ୍କଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଲରମ୍ଭା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

# ସବୁଠି ଉଡ଼ିଲା ତ୍ରିରଙ୍ଗା ପତାକା



ସ୍ୱାଧୀନତା ଦିବସ ଅବସରରେ ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପ ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ।



ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରୁଛନ୍ତି।

ବରଗଡ଼,୧୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସବୁଠି ଉଡିଛି ତ୍ରିରଙ୍ଗା ପତାକା। ବରଗଡ଼ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣା ପତାକା ଉତ୍ତୋଳନ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଟ୍ରଷ୍ଟି ଦାଶରୀ ରାମ ତୁଳସୀଙ୍କ ସମେତ ଅଧକ୍ଷ, ଉପାଧକ୍ଷ, ଶିକ୍ଷୟତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର୍ ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର୍ ସିଦ୍ଧାର୍ଥ ସାୱଡ଼ିଆ, ଭାଇସ ପ୍ରିନ୍ସିପାଲ ପ୍ରଭୁଦତ୍ତ ଦାଶ, ଏକାଡେମିକ କୋର୍ଡିନେଟର୍ ସୀମା ସାହୁ, କୋର୍ଡିନେଟର୍ ମମତା ସିହ୍ନାଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା ସମିତି, ଅଭିଭାବକବୃନ୍ଦ ଏବଂ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜରେ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହ ଅବସରପ୍ରାପ୍ତ ପୋଲିସ ଅଧୀକ୍ଷକ ମିହିର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପତାକା ଉତ୍ତୋଳନ କରିଥିଲେ। କଲେଜର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ବରଗଡ଼ ଓଡ଼ିଶା ଏଣ୍ଟରପ୍ରାଇଜେସରେ ଅଧକ୍ଷା କୁମୁଦିନୀ ବାଗ ପତାକା ଉତ୍ତୋଳନ କରିଥିଲେ। ବରଗଡ଼ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଂଘର ସଭାପତି ସୁରେନ୍ଦ୍ର ହୋତା ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ସମସ୍ତ ସ୍କୁଲ, କଲେଜ, ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା।

### ନାଳରେ ବୁଡ଼ି ଯୁବକ ମୃତ

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅନ୍ତର୍ଗତ ଜାଙ୍ଗଲି ଗ୍ରାମର ଜଣେ ଯୁବକ ଶୁକ୍ରବାର ସଫେଇ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ହେଲେ ମନୋଜ ମଲିକ (୫୫)। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୧ ଟାରେ ମନୋଜ ଗାଧୋଇବା ପାଇଁ ଗ୍ରାମ ନିକଟସ୍ଥ ସଫେଇ ନଦୀକୁ ଯାଇଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଅପରାହ୍ନରେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଗ୍ରାମବାସୀ ଦେଖି ବଡ଼ଗାଁ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



## ସଂକ୍ଷେପରେ

### ଦେଶୀ ବନ୍ଧୁକ ଜବତ, ଯୁବକ କୋର୍ଟ ଚାଲାଣ

**କୁଆଁରମୁଣ୍ଡା, ୧୬।୮ (ମହେନ୍ଦ୍ର କୁମାର ସାହୁ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତି ବୀରମିତ୍ରପୁର ଥାନା ଅନ୍ତର୍ଗତ ପାତାଳକଣ୍ଠଠାରେ ଜଣେ ଯୁବକଙ୍କ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଜୀବନ୍ତ ଗୁଳି ସହ ଦେଶୀବନ୍ଧୁକ ପୋଲିସ ଜବତ କରିଛି। ବୀରମିତ୍ରପୁର ପୋଲିସ କପିଳାସ ଗ୍ରାମର ଆକାଶ ସାହୁ(୨୪)ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (୩୭୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଆକାଶ ଜୀବନ୍ତ ଗୁଳି ସହ ବନ୍ଧୁକ ଧରି ରାସ୍ତାରେ ବୁଲୁଥିଲେ। ଏହି ସମୟରେ ପାଟ୍ରୋଲିଂ ପୋଲିସ ହାବୁଡରେ ପଡିଯାଇଥିଲେ।

### ମହୁଲି ମଦ ଜବତ, ୨ ଗିରଫ

**ବଡ଼ଗାଁ, ୧୬।୮ (ଅଶୋକ ଷଡଙ୍ଗୀ):** ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ଖେଳପଡିଆରେ ଫୁଟବଲ ଟୁର୍ନାମେଣ୍ଟ ଚାଲିଥିଲାବେଳେ ଶୁକ୍ରବାର ପଡିଆ ନିକଟରେ ବିପୁଳ ପରିମାଣର ମହୁଲି ମଦ ବିକ୍ରୀ ହେଉଥିବା ସୂଚନା ପାଇ ଅବକାରୀ ଅଧିକାରୀ ବିଜୟ କୁମାର ଜେନା, ଏଏସଆଇ ମୁକେଶ କୁମାର ପଟେଲ ସଦଳବଳେ ଚଢ଼ାଉ କରିଥିଲେ। ଚଢାଉ ବେଳେ ଅବକାରୀ ବିଭାଗ ୪୦ ଲିଟର ମହୁଲି ମଦ ଜବତ କରିବା ସହ ଖୁଟମୁଣ୍ଡା ଗ୍ରାମର ନିରଞ୍ଜନ ମାଝୀ (୩୫)ଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଏକ କାର ପୋଲିସ ଜବତ କରିଥିଲା। ସେହିଭଳି ଖେଳ ପଡିଆ ନିକଟରେ ମଦ ବିକ୍ରି କରୁଥିବା କୁତ୍ରା ବ୍ଲକ ଭୋଗରା ଗ୍ରାମର ଅଜୟ ପ୍ରତାପ ଲାକ୍ରା (୪୪) ଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୧୦ ଲିଟର ମହୁଲି ମଦ ଜବତ କରିଥିଲା। ଉଭୟ ମଦ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସ୍ୱାଧୀନତା ସଂଗ୍ରାମରେ ସୁନ୍ଦରଗଡ଼ ମାଟିର ଅବଦାନ ଅତୁଳନୀୟ

**ସୁନ୍ଦରଗଡ଼, ୧୬।୮ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ମହକୁମାଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀ ମହାଲିଙ୍ଗ ଜିଲାବାସୀଙ୍କୁ ସ୍ୱାଧୀନତା ଦିବସ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦେଶର ମୁକ୍ତି ପାଇଁ ପ୍ରାଣବଳି ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜାତୀୟବାଦୀ ନେତୃବୃନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଅନନ୍ୟ ଅଧ୍ୟାୟ ବୋଲି କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ସୁନ୍ଦରଗଡ଼ ମାଟିର ଅବଦାନ ଅତୁଳନୀୟ। ଭଗବାନ ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ଇଂରେଜଙ୍କ ବିରୋଧରେ ଅଗଣିତ ବୀର ସନ୍ତାନମାନେ ନିଜ ଜୀବନକୁ ବାଜି ଲଗେଇ ଆଗେଇ ଆସିଥିଲେ। ନିର୍ମଳ ମୁଣ୍ଡା, ଜଗନ ତନ୍ତୀ, ବଳଭଦ୍ର ତନ୍ତୀ, ଦ୍ୱାରିକା ନାଥ କୁସୁମ, ଓକିଲ ଧନଞ୍ଜୟ ମହାନ୍ତି, ଚିରଞ୍ଜିଲାଲ ଶର୍ମା, ଅରାମ ପ୍ରସାଦ ବର୍ମା, ଗଙ୍ଗା ସିଂ, ଫତେ ଚାନ୍ଦ ଭଳି ଅନେକ ପ୍ରମୁଖ ବୀର ସନ୍ତାନମାନେ ଇଂରେଜ ବିରୋଧୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରିଥିଲେ। ସେହିଭଳି ମନ୍ତ୍ରୀ ଡ. ମହାଲିଙ୍ଗ ନିଜ ବକ୍ତବ୍ୟରେ କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ପରିଚାଳିତ ସରକାର ରାଜ୍ୟକୁ ବିକଶିତ କରିବାରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସେ ସ୍ୱାସ୍ଥ୍ୟ କ୍ଷେତ୍ର ହେଉ କି କୃଷି, ଶିକ୍ଷା, ଶିଳ୍ପ, ମହିଳା ସଶକ୍ତୀକରଣ, ଯୁବ ସଶକ୍ତୀକରଣ, ଜନଜାତିଙ୍କ ବିକାଶ, ଗ୍ରାମ ଓ ସହର ଗୁଡ଼ିକ ବିକାଶ, ଅତ୍ୟାଧୁନିକ ପରିବହନ ବ୍ୟବସ୍ଥା, କଳା, ସଂସ୍କୃତି, ଐତିହ୍ୟର ବିକାଶ ଏବଂ ସଂରକ୍ଷଣ ଭଳି ପ୍ରତ୍ୟେକ କ୍ଷେତ୍ରରେ ସାମଗ୍ରିକ ବିକାଶ ଦିଗରେ ଓଡ଼ିଶା ଆଗଭର ହେଉଛି। ଓଡ଼ିଶାର ସାମଗ୍ରିକ ଉନ୍ନତି ଦାୟିତ୍ୱ ଆମ ସମସ୍ତଙ୍କର ବୋଲି କହିଥିଲେ।



ସୁନ୍ଦରଗଡ ସଦର ମହକୁମାଠାରେ ଆୟୋଜିତ ସାଧୀନତା ଦିବସ ଉପଲକ୍ଷେ ମନ୍ତ୍ରୀ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

ଏହି ଅବସରରେ ଅନୁଷ୍ଠିତ ପରେଡରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ମୋଟ ୩୩ଟି ଦଳ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ ଅନୁଷ୍ଠିତ ହୋଇଥିଲା। ସମ୍ମିଳିତ ପରେଡରେ ଶ୍ରେଷ୍ଠ ବିବେଚିତ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଏବଂ ଚଳିତ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ପରେ ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା କାରାଗାରର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ଜିଲା କ୍ରୀଡ଼ା ସଂସଦ ପଡ଼ିଆଠାରେ ଜିଲା ପ୍ରଶାସନ, ଜିଲା ପ୍ରେସ କ୍ଲବ ଏବଂ ଜିଲା ଓକିଲ ସଂଘ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେହିଭଳି ସନ୍ଧ୍ୟାରେ ସଂସ୍କୃତି ଭବନଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସୁନ୍ଦରଗଡ଼ ପୌରପରିଷଦର ଅଧ୍ୟକ୍ଷା ତନୟା ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଡ଼ା. ଶୁଭଙ୍କର ମହାପାତ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସିନୀ ବେହେରା, ଆଇଏଏସ୍ ଶିକ୍ଷାନବିସ ସୁଶ୍ରୀ ଫାବୀ ରସିଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସକାଳେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯାଇଥିଲା। ସେହିଭଳି ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜିଲା ସ୍ତରୀୟ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ**

**କୁତ୍ରା, (ଦେବାଶିଷ ସାହୁ):** ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଯୁଗଳକିଶୋର ବିଶ୍ୱାଳ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଥାନା ଅଧିକାରୀ ଲୋକେଶ୍ୱର ସାହୁ, ଡ.ବିଭୀଷଣ ବାରିକ ଯୋଗଦେଇଥିଲେ। ଦେବେନ୍ଦ୍ର ପୁରୋହିତ, ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ମହେନ୍ଦ୍ର ସିଂ, ରାଜେଶ ସାହୁ ତଥା ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିଭଳି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଭୁବନ କୁଜୁର, ମେଟ୍ରୋ କ୍ଲବରେ ସମାଜସେବୀ ବିଶ୍ୱନାଥ ଟପ୍ପୋ ପତାକା ଉତ୍ତୋଳନ କରିଥିଲେ। ଏହାସହିତ ବ୍ଲକ କାର୍ଯ୍ୟାଳୟ, ତହସିଲ,ଥାନା ତଥା ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପତକା ଉତ୍ତୋଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ହେମଗିର, (ଚୈତନ୍ୟ ପଟେଲ):** ହେମଗିର ସ୍ଥିତ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ହେମଗିର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ବିଡିଓ ରିନା ନାଏକ, ତହସିଲ କାର୍ଯ୍ୟାଳୟରେ ତହସିଲ ଦାର ସାରିକାରାଣୀ ଧମେଲ ପତାକା ଉତ୍ତୋଳନ କରିଥିଲେ।

**ରାଜଗାଙ୍ଗପୁର, (ଅଶୋକ ପାଣି) :** ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ଫୁଟବଲ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସାମୂହିକ ପରେଡରେ ଭାଗ ନେଇଥିଲେ। ପୌରାଧ୍ୟକ୍ଷା ମାଧୁରି ଲୁଗୁନ ପାତାକା ଉତ୍ତୋଳନ କରି ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସରବତି ଦେବି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ଲେଙ୍କା, ବ୍ଲକରେ ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଘ, ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ସଂଘ ସଭାପତି ଜଗନ୍ନାଥ ଯାଦବ, ଭିନ୍ନକ୍ଷମ ବିଦ୍ୟାଳୟ ହୋପରେ ଇଞ୍ଜିନିୟର ରମେଶ ପ୍ରସାଦ ପାଣିଗ୍ରାହୀ, ରାଜଗାଙ୍ଗପୁର କୋର୍ଟ ପରିସରରେ ସିଭିଲ ଜଜ ରମାଦେବୀ ସରେନ, ନୀଳଚକ୍ର କାର୍ଯ୍ୟାଳୟରେ ନୀଳଚକ୍ର ଶାଖାର ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷା ଶଶୀରେଖା ସାମଲ, କଂଗ୍ରେସ ଭବନରେ କଂଗ୍ରେସ ଟାଉନ ସଭାପତି ଦେବରଞ୍ଜନ ବିନୋଦ, ରାଜଗାଙ୍ଗପୁର ଥାନାରେ ଏସଡିପିଓ ବିଭୁତିଭୂଷଣ ଭୋଇ ପ୍ରମୁଖ ଯୋଗ ଦେଇ ଜାତିୟ ପତାକା ଉତ୍ତୋଳନ କରି ସମ୍ବୋଧନ କରିଥିଲେ।

**କୁଆଁରମୁଣ୍ଡା, (ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ବ୍ଲକରେ ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ପଦମପୁର ହାଇସ୍କୁଲରେ କୁଆଁରମୁଣ୍ଡା ବିଇଓ ନମିତା ମହାପାତ୍ର, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କୁଆଁରମୁଣ୍ଡା ବିଡ଼ିଓ ଡ଼ା ଜଗଦୀଶ ଚନ୍ଦ୍ର ମହାନନ୍ଦ, କୁଆଁରମୁଣ୍ଡା ଲ୍ୟାମ୍ପସରେ ପରିଚାଳନା କମିଟି ସଭାପତି ତାଇରଶ ମିଞ୍ଜ, କୁଆଁରମୁଣ୍ଡା ଫାଣ୍ଡିରେ ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର, କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବୀରମିତ୍ରପୁର ପୌରପାଳିକାରେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ବୀରମିତ୍ରପୁର ଥାନାରେ ଥାନାଧିକାରୀ ରାମପ୍ରସାଦ ନାଗ, ବୀରମିତ୍ରପୁର ଉପଖଣ୍ଡ ପୋଲିସ କାର୍ଯ୍ୟାଳୟରେ ଏସଡିପିଓ ସୁଶାନ୍ତ କୁମାର ଦାସ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବାଲିଶଙ୍କରା, ( ସତ ସେଠ୍) :** ବାଲିଶଙ୍କରା ବ୍ଲକ ରାଜା ବଙ୍ଗଳା ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବାଲିଶଙ୍କରା ବ୍ଲକର ପ୍ରସିଦ୍ଧ ଦର୍ଶନୀୟସ୍ଥାନ କନାକୁଣ୍ଡ ପାଇଁ ୧୮ କୋଟି ଟଙ୍କା ଡିପିଆର ମଞ୍ଜୁର ହୋଇସାରିଛି ବୋଲି କହିଥିଲେ। ଘୋଘର ଗ୍ରାମରେ ଜାତୀୟ ସ୍ତରର ଫୁଟବଲ ଖେଳ ପଡିଆ ଏବଂ କରମଡ଼ିହି ଠାରୁ ଛତିଶଗଡ଼ ରାଜ୍ୟ ସୀମାନ୍ତ ତେଲିଯୋର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପାଇଁ ଏପ୍ରୁଭ ହୋଇସାରିଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ କୁଳମଣି ସାହୁ, ତହସିଲଦାର କୁନ୍ତୀରାଣୀ ନାଏକ, ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିଡ୍ରିଆ, ବିଡିଓ ଜ୍ୟୋର୍ତିମୟୀ ପ୍ରଧାନ, ଏମପି ପ୍ରତିନିଧି ଉଚ୍ଛବ ତନ୍ତୀ, ଥାନାଧିକାରୀ ପୁଷ୍ପେନ୍ଦୁ ସାଗର, ଜିଲା ପରିଷଦ (ଖ) ଜୋନ ସଭ୍ୟା ଜୟନ୍ତୀ ଏକ୍କା, ମଣ୍ଡଳ ସଭାପତି ଯଶନ୍ତି ଏକ୍କା, ବରିଷ୍ଠ ନାଗରିକ ସୁଗ୍ରୀବ ବାଘ, ବୈରାଗୀ ତନ୍ତୀ, ରବି ପଟେଲ, ନନ୍ଦନ ସିଂ, ରଞ୍ଜନ ସିଂ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଜପା ପକ୍ଷରୁ ବନ ମହୋତ୍ସବ



ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ବାଲିଶଙ୍କରା, ୧୬।୮ ( ସତ ସେଠ୍)**

ବାଲିଶଙ୍କରା ବ୍ଲକ କୁସୁମୁରା ପଞ୍ଚାୟତ କାଙ୍କେରଜୁରା ଗ୍ରାମରେ ଭାଜପା ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତିନିଧି ଉଚ୍ଛବ ତନ୍ତି ଯୋଗଦେଇ ମା'ଙ୍କ ନାମରେ ଗଛଟିଏ ଅଭିଯାନ, ସ୍ୱଚ୍ଛ ପରିବେଶ ପାଇଁ ପ୍ରତିବର୍ଷ ଚାରା ରୋପଣ କରିବା ଏବଂ ସନ୍ତାନ ମାନଙ୍କୁ ଜନ୍ମଦେବା ଠାରୁ ଚାରା ରୋପଣ କରିବା ଅଧିକ ପୁଣ୍ୟ କାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଭାଜପା ନେତା ଧ୍ରୁବ କାଲୋ, ପୂର୍ବତନ ମଣ୍ଡଳ ସଭାପତି ସୁରେନ୍ଦ୍ର ସାହୁ, ମହିଳା ମୋର୍ଚ୍ଚା ସଭାପତି ସଞ୍ଜୁ ପଟେଲ, କଳିନ୍ଦ୍ର କାଲୋ, ମହେଶ୍ୱର ବୁଢ଼ା ପ୍ରମୁଖ ଯୋଗଦେଇ ଚାରା ରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ। ହୃଦାନନ୍ଦ କଉଡ଼ି ପରିଚାଳନା କରିଥିବାବେଳେ କିଞ୍ଜିରକେଲା ସେକ୍ସନର ବନକର୍ମଚାରୀମାନେ ଯୋଗଦେଇ ଚାରା ରୋପଣ କରିଥିଲେ। ଏହି ବନମହୋତ୍ସବରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା।

## ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନରେ ସ୍ୱାଧୀନତା ଦିବସ

**ସୁନ୍ଦରଗଡ, ୧୬।୮ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଶଙ୍କରାସ୍ଥିତ ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଫକୀର କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦିଲିପ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତାର ଆନ୍ଦୋଳନରେ ମହାନ ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ବଳିଦାନକୁ ଛାତ୍ରୀଛାତ୍ରମାନେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ କର୍ଣ୍ଣ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ଲାଭ କରି ମାତା ପିତାଙ୍କ ସ୍ୱପ୍ନକୁ ସାକାର କରି ଦେଶର ଜଣେ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଶିକ୍ଷାନୁଷ୍ଠାନ ପରିସରରେ ସମବେତ ଅତିଥି ଓ ଛାତ୍ରୀଛାତ୍ର।

## ଗୋରୁ ବୋଝେଇ ସ୍କର୍ପିଓ ଓଲଟିଲା

- ଦେଶୀ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଜବତ
- ଜବତ ଗୋରୁ ଗୋଶାଳା ଗଲେ



**କୁତ୍ରା, ୧୬।୮ (ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ଦିନକୁ ଦିନ ବେଆଇନ ଗୋରୁ ଚାଲାଣ ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ପିକ୍‌ଅପ, ବୋଲେରୋରେ ଗୋରୁ ଚାଲାଣ ହେଉଛି। ଏହି କ୍ରମରେ ଶୁକ୍ରବାର ସକାଳୁ ଏକ ସ୍କର୍ପିଓ ନଂ. ଓଆର୦୯ଡି୪୯୫୦ରେ ଗୋରୁ ବୋଝେଇ ହୋଇ ସୁନ୍ଦରଗଡ଼ ପଟୁ ଖଡକୁରବାହାଲକୁ ଯାଉଥିଲା। କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ବସଷ୍ଟାଣ୍ଡ ନିକଟସ୍ଥ ରାଜ୍ୟ ରାଜପଥ ଉପରେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ସ୍କର୍ପିଓରେ ୫ଟି ଗୋରୁ ଥିବାବେଳେ ଘଟଣା ସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ଗାଡ଼ିରୁ ଗୋଟିଏ ଦେଶୀ ବନ୍ଧୁକ ଓ ଗୋଟିଏ ଅଫୁଟା ଗୁଳି କୁତ୍ରା ପୋଲିସ ଜବତ କରିଛି। ଗାଡ଼ିକୁ ଥାନାରେ ରଖାଯାଇଛି। ଅନ୍ୟପଟେ ଦୁର୍ଘଟଣାରେ ଆହତ ଗୋରୁଙ୍କୁ ପ୍ରାଣୀ ଚିକିତ୍ସା ବିଭାଗ ପହଞ୍ଚି ଚିକିତ୍ସା ପରେ ରାଜଗାଙ୍ଗପୁରସ୍ଥିତ ଗୋଶାଳାକୁ ପଠାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗୋଚାଲାଣକାରୀଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି।

### ସ୍ୱାମୀ ହତ୍ୟା ଘଟଣାରେ ସ୍ତ୍ରୀ ଗିରଫ


**ରାଜଗାଙ୍ଗପୁର, ୧୬।୮ (ଅଶୋକ ପାଣି):** ରାଜଗାଙ୍ଗପୁର ଥାନା ଅଞ୍ଚଳରେ ସ୍ୱାମୀଙ୍କୁ ପିଟିମାରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ତ୍ରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ରାଜଗାଙ୍ଗପୁର ଥାନା ଢେଙ୍ଗୁରପାଣି ଗ୍ରାମରେ ଗତ ୧୦ ତାରିଖ ସକାଳେ ବାବୁଲାଲ ଲାକ୍ରାଙ୍କ ମୃତଦେହ ଘର ପାଖ ଏକ ଆମ୍ବଗଛରେ ଝୁଲୁଥିବା ଖବର ପାଇ ପୋଲିସ ଏହାକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୭/୨୫) ରୁଜୁ କରି ହୋଇଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା ଯେ, ଘଟଣା ଘଟିବା ରାତିରେ ଖାଇବାକୁ ନେଇ ବାବୁଲାଲ ଓ ତାଙ୍କ ସ୍ତ୍ରୀ ସିଙ୍ଗି ଲାକ୍ରାଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ସିଙ୍ଗି କ୍ଷୁବ୍ଧ ହୋଇ ଏକ ଟାଙ୍ଗିଆର ଓଲଟା ପଟରେ ସ୍ୱାମୀଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାବୁଲାଲଙ୍କ ମୃତ୍ୟୁ ପରେ ସିଙ୍ଗି ଜଣେ ସମ୍ପର୍କୀୟଙ୍କ ସହାୟତାରେ ଘର ପାଖ ଆମ୍ବଗଛରେ ରଶି ସାହାଯ୍ୟରେ ଝୁଲାଇଦେଇଥିଲେ। ପୋଲିସ ଏ ନେଇ ହତ୍ୟା ମାମଲା (ନଂ.୪୨୩/୨୫) ରୁଜୁ କରିଥିଲା।

## କୁଦରବାହାଲକୁ ହରାଇଲା କୁକୁଡ଼ା ଦଳ

**ବନ୍ଧମୁଣ୍ଡା, ୧୬।୮ (ସୁବ୍ରତ ଦେ)**

**ଆନ୍ତଃ ପଞ୍ଚାୟତ ନକ୍‌ଆଉଟ ଫୁଟ୍‌ବଲ**

ବିଶ୍ରା ବ୍ଲକ କପାଟମୁଣ୍ଡା ପଞ୍ଚାୟତ କ୍ରୀଡ଼ା ପଡ଼ିଆରେ ଅନୁଷ୍ଠିତ ୧୫ତମ ଆନ୍ତଃ ପଞ୍ଚାୟତ ନକ୍ ଆଉଟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। କୁକୁଡ଼ା ଦଳ ଏବଂ କୁଦରବାହାଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଯେଉଁଥିରେ କୁକୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କୀ ମୁଖ୍ୟ ଅତିଥି ଏବଂ ବିଶ୍ରା ବ୍ଲକ ମୁଖ୍ୟ ଫୁଲମଣି କେର୍କେଟ୍ଟା, କପଟମୁଣ୍ଡା ସରପଞ୍ଚ ମୋତିଲାଲ ଲାକ୍ରା, ଗୋପାଳ ସିଂହ, ସୋମନାଥ ରାହା, ଜୟକରଣ ଖାଲଖୋ, ଦେବା କେର୍କେଟ୍ଟା, ସୁରେଶ ଏକ୍କା, ସୁଷମା ଓରାମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଶେଷରେ ଅତିଥିଙ୍କ ଦ୍ୱାରା ବିଜେତା ଏବଂ ଉପବିଜେତା ଦଳଗୁଡ଼ିକୁ ଟ୍ରଫି ଏବଂ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ଆଲୋକ ତିଗ୍ଗା, ନିରଞ୍ଜନ ତିଗ୍ଗା, ଆଲବର୍ଟ ବାରା, ସଞ୍ଜୀବ ଖେସ, ଏଲିଆଜାର ତିଗ୍ଗା, ବିନୋଦ ଖେସ, ରବି ଖେସ, ଜିଓନ ତିଗ୍ଗା, ଦୀପକ ଖେସ, ଚାଜରାସ ଖେସ, ସୁଜିତ ଲାକ୍ରା, ପ୍ରେମ ପ୍ରସାଦ ଖେସ, ଜୟବନ୍ତ ଖେସ, ପ୍ରଦୀପ ଖାଖା, ସଞ୍ଜୋଗ ତିର୍କୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ସ୍ୱାଧୀନତା ଦିବସରେ ୭୮ ଯୁଦ୍ଧ ବୀର ସମ୍ମାନିତ

**ରାଜଗାଙ୍ଗପୁର, ୧୬।୮ (ଅଶୋକ ପାଣି)**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ଭାରତର ଅଗ୍ରଣୀ ସିମେଣ୍ଟ ନିର୍ମାତାଙ୍କ ମଧ୍ୟରୁ ଅନ୍ୟତମ। ସାଲ୍ୟୁଟିଂ ୭୮ ମାଧ୍ୟମରେ ସ୍ୱାଧୀନତା ଦିବସକୁ ସ୍ମରଣ କରି ପୂର୍ବ ଭାରତର ଯୁଦ୍ଧ ବୀର ଏବଂ ପୂର୍ବତନ ସୈନିକମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ୭୮ ଜଣ ଯୁଦ୍ଧ ବୀରଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାରେ ୨୫ ଜଣ ପୂର୍ବତନ ସୈନିକଙ୍କୁ ସେମାନଙ୍କର ଅସାଧାରଣ ସାହସ ଏବଂ ଦେଶ ପ୍ରତି ସମର୍ପିତ ସେବା ପାଇଁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକ ଯୁଦ୍ଧ ବୀରଙ୍କୁ ଏକ ପ୍ଲାକ, ଟ୍ରଫି, ଶାଲ, ଜାତୀୟ ପତାକା ଏବଂ ୭୮ ଜଣ ସମ୍ମାନିତ ଯୁଦ୍ଧ ବୀରଙ୍କୁ ନେଇ ଏକ ସ୍ମାରକୀ ଆଲବମ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ନାଗରିକ, ସ୍କୁଲ ଛାତ୍ରୀଛାତ୍ର, ନେତା ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଭାଗ ନେଇଥିଲେ। ଏହି ଉଦ୍ୟମ ସମ୍ପର୍କରେ ମନ୍ତବ୍ୟ ଦେଇ ରାଜଗାଙ୍ଗପୁର ଡିସିବିଏଲ୍‌ର ୟୁନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ କହିଛନ୍ତି, ୮୫ ବର୍ଷରୁ ଅଧିକ ସମୟ ଧରି ଡାଲମିଆ ସିମେଣ୍ଟ କେବଳ ଭିତ୍ତିଭୂମି ନିର୍ମାଣ ପାଇଁ ନୁହେଁ, ବରଂ ଦେଶକୁ ଏକତା ରଖୁଥିବା ମୂଲ୍ୟବୋଧକୁ ସମୁନ୍ନତ ରଖିବା ପାଇଁ ମଧ୍ୟ ଦୃଢ଼ ରହିଛି। ସାଲ୍ୟୁଟିଂ ୭୮ ମାଧ୍ୟମରେ ଏହି ବ୍ରାଣ୍ଡ ସମୂହରେ ସେହି ସମ୍ମାନିତ ଯୁଦ୍ଧ ବୀରଙ୍କୁ ସମ୍ମାନ ଜଣାଇଛି, ଯାହାଙ୍କର ସାହସ ଏବଂ ତ୍ୟାଗ ଆମର ସ୍ୱାଧୀନତାର ଭିତ୍ତିଭୂମି ଗଠନ କରିଛି। ଏହାସହିତ ଡାଲମିଆ ସିମେଣ୍ଟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ରାଜଗାଙ୍ଗପୁର ରେଳ ଷ୍ଟେଶନରେ ପତାକା ଉତ୍ତୋଳନ ଏବଂ ଅମର ଜବାନ ନିକଟସ୍ଥ ଗାନ୍ଧୀ ପାର୍କରେ ଜାତିର ଜନକଙ୍କୁ ପୁଷ୍ପମାଲ୍ୟ ଅର୍ପଣ ହୋଇଥିଲା। ପରେ ବୀର ବିର୍ସା ଷ୍ଟାଡିୟମରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଦୟ ଜୈସ୍ୱାଲ(ଏଲ-୧ ଉତ୍ପାଦନ, ସହକାରୀ ମ୍ୟାନେଜର) ଏବଂ ବିଶ୍ୱମ୍ଭର ପାଣିଗ୍ରାହୀ (ଏଲ-୧ ମେକାନିକାଲ, ଭର୍ଟିକାଲ ରୋଲର ମିଲ) ଉପସ୍ଥିତ ଥିଲେ। ଚେତନ ଶ୍ରୀବାସ୍ତବ, ସରୋଜ ଶ୍ରୀବାସ୍ତବ, ଡିଭିଏମ୍ ରାଜଗାଙ୍ଗପୁର ପ୍ରିନ୍ସିପାଲ ଜୟଦେବ କର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମଧ୍ୟରେ ଜାତୀୟ ପତାକା ଉତ୍ତୋଳନ, ସମ୍ମାନ ଗାର୍ଡ, ପ୍ରେରଣାଦାୟୀ ପରେଡ ଏବଂ ମାର୍ଚ ପାଷ୍ଟ ଏବଂ ଡିଭିଏମ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଅନ୍ୟତମ ଥିଲା। ୟୁନିଟ ଦ୍ୱାରା ସୁରକ୍ଷା ଏବଂ ନିରାପତ୍ତା ଦଳକୁ ସେମାନଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ସମ୍ମାନିତ କରାଯାଇଥିଲା। ୧୦ମ ଓ ୧୨ଦଶ ଶ୍ରେଣୀର ଶୀର୍ଷ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସୁବ୍ରତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ସମ୍ମାନୀତ ହୋଇଥିବା ଯୁଦ୍ଧ ବୀର।

# ୨ଗୁଣା ଦରରେ ବିକ୍ରି ହେଉଛି ୟୁରିଆ ସାର

- କୃଷକ ସଙ୍ଗଠନର ତଦନ୍ତ ବେଳେ ଧରାପଡିଲା କଳାବଜାର
- ବେପାରୀମାନେ ବିନା ରସିଦରେ ବିକୁଛନ୍ତି ସାର

ସମ୍ବଲପୁର,୧୬।୮ (ଭବାନୀ ଶଙ୍କର ଭୋଇ)



ଇଣ୍ଡିଆନ ଏଣ୍ଟରପ୍ରାଇଜେସ ସାମ୍ନାରେ ଚାଷୀଙ୍କ ଭିଡ଼।

ସମ୍ବଲପୁର ଜିଲାରେ ୟୁରିଆ ସାରର କଳା ବଜାର ହେଉଥିବା ଚାଷୀମାନେ ଅଭିଯୋଗ କରିଆସୁଥିଲେ। ଶନିବାର ସମ୍ବଲପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଅନୁସନ୍ଧାନ କରାଯିବା ପରେ ଗୋପାଳପାଲିରେ ଥିବା ଇଣ୍ଡିଆନ ଏଣ୍ଟରପ୍ରାଇଜେସରେ ଦୁଇଗୁଣ ଦରରେ ଚାଷୀଙ୍କୁ ୟୁରିଆ ସାର ବିକ୍ରୀ କରୁଥିବା ଜଣାପଡିଛି। ତେବେ ଜିଲାର ଚାଷୀମାନେ ଚଢାଦରରେ ୟୁରିଆ ସାର ବିକ୍ରୀ କରାଯାଉଥିବା ନେଇ ଅଭିଯୋଗ ପରେ ବି କୃଷି ବିଭାଗ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ତେବେ ଆଜି ଚାଷୀମାନେ ୟୁରିଆ ସାର କିଣିବାକୁ ଆସିଥିବା ବେଳେ ଅଭାବ ଦେଖାଇ ଗୋପାଳପାଲିରେ ଥିବା ଇଣ୍ଡିଆନ ଏଣ୍ଟରପ୍ରାଇଜେସ ୨୬୭ ଟଙ୍କାର ୟୁରିଆ ସାରକୁ ୫୨୦ ଟଙ୍କାରେ ଚାଷୀକୁ ବିକ୍ରି କରୁଥିବା ଜଣାପଡିଥିଲା। ଏହି ବିଷୟରେ ଚାଷୀମାନେ ସ୍ଥାନୀୟ କୃଷକ ସଙ୍ଗଠନକୁ ଜଣାଇଥିଲେ । ଏହାପରେ ଜିଲା କୃଷକ ସଙ୍ଗଠନ କର୍ମକର୍ତ୍ତା ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ଏନେଇ କୃଷକ ସଙ୍ଗଠନ ପକ୍ଷରୁ ଜିଲା କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏକ ଟିମ୍ ପହଞ୍ଚି ସାର କଳାବଜାର ଅଭିଯୋଗର ଯାଞ୍ଚ କରାଯାଇଥିଲା। ଚାଷୀମାନେ ଅଧିକାରୀମାନଙ୍କ ଚଢାଉ ପର୍ଯ୍ୟନ୍ତ ସାର ଗୋଦାମ ଆଗରେ ଘେରି ରହିଥିଲେ। ଅଧିକାରୀମାନେ ସାର କିଣିଥିବା ଚାଷୀଙ୍କୁ ରସିଦ ମାଗିଥିବା ବେଳେ ସେମାନଙ୍କୁ କିଣା ବାବଦକୁ କୌଣସି ରସିଦ ପ୍ରଦାନ କରାଯାଉ ନ ଥିବା କହିଥିଲେ। ଏହାସହ ୟୁରିଆ ସାର ବସ୍ତା ପ୍ରତି ୫୨୦ଟଙ୍କାରେ ବିକ୍ରୀ କରାଯାଇଥିବା ଚାଷୀମାନେ ଜଣାଇଥିଲେ। ପୁଣି ୟୁରିଆ ନେବାକୁ ହେଲେ ସାଙ୍ଗରେ ଭିଟାମିନ ମଧ୍ୟ କିଣିବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ ସାମନାକୁ ଆସିଥିଲା। ତଦନ୍ତକାରୀ ଟିମ୍‌ରେ ଧନକଉଡା ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ଦାସ, ଅତିରିକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଭାଗ୍ୟଶ୍ରୀ ସାହୁ, ସମ୍ବଲପୁର ତହସିଲଦାର ଅଭିଜିତ ମହନ୍ତ ସାମିଲ ରହିଥିଲେ। ଚଢାଦରରେ ବିକ୍ରୀ କରି ରସିଦ ନ ଦେବା ବିଷୟରେ ସାର ଗୋଦାମର ମାଲିକ ବିତେଶ ଅଗ୍ରୱାଲକୁ ପଚରାଉଚରା ପରେ ସାଂଘାତିକ ତଥ୍ୟ ସାମନାକୁ ଆସିଥିଲା। କିଛି ଦିନ ପୂର୍ବରୁ ଗୋଦାମରେ ନିଆଁ ଲାଗି ଯାଇଥିବାରୁ କାଗଜପତ୍ର ପୋଡିଯାଇଥିବା ଗୋଦାମ ମାଲିକ କହିଥିଲେ। କାଗଜପତ୍ର ପୋଡିଯାଇଥିବାରୁ ସେ କାହାରିକୁ ରସିଦ ଦେଇପାରି ନ ଥିବା ଜଣାଇଥିଲେ। ହେଲେ ଏହଭଳି ଉତ୍ତରକୁ ନେଇ ଚାଷୀମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ଜେନା କହିଛନ୍ତି, ଅଭିଯୋଗ ପରେ ଗୋଦାମକୁ ସିଲ୍ କରାଯାଇଛି। ଗୋଦାମର ଷ୍ଟକ ଯାଞ୍ଚ କରାଯିବା ସହ ଚାଷୀମାନଙ୍କୁ ପଚରାଉଚରା କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି। ଏହାପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଜିଲାର ବିଭିନ୍ନ ସ୍ଥାନରେ ଷ୍ଟକ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ତେବେ କୃଷି ବିଭାଗର ଖାମଖିଆଲି ମନୋଭାବକୁ ନେଇ ଜିଲା କୃଷକ ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। କୃଷି ବିଭାଗ ଚୁପ୍ ବସିଥିବାରୁ କୃଷକ ସଙ୍ଗଠନ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଉଥିବା ସେ କହିଛନ୍ତି।

# ଶକ୍ତି ସୁରକ୍ଷା ଏମ୍‌ସିଏଲର ପ୍ରମୁଖ ମିଶନ



ସ୍ୱାଧୀନତା ଦିବସ ଉତ୍ସବରେ ଅତିଥି ଏବଂ ପୁରସ୍କୃତ ପ୍ରତିଭା।

ସମ୍ବଲପୁର,୧୬।୮ (ବି.ଶଙ୍କର)

## ଏମ୍‌ସିଏଲ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ

ଏମ୍‌ସିଏଲ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ବୁର୍ଲା ଆନନ୍ଦ ବିହାର ପଡିଆରେ ପାଳିତ ହୋଇଯାଇଛି । ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ କୋଇଲା ଶ୍ରମିକଙ୍କ ଅମୂଲ୍ୟ ଅବଦାନ ରହିଛି। ଶକ୍ତି ସୁରକ୍ଷା ହେଉଛି ଏମ୍‌ସିଏଲର ପ୍ରମୁଖ ମିଶନ। କମ୍ପାନୀ ଅନୁଗୋଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ଖୋଲା ଏବଂ ଭୂତଳ ଖଣି ପରିଚାଳନା କରୁଛି । ଆର୍ଥିକ ବର୍ଷ ୨୦୨୪-୨୫ରେ ଟିମ ଏମ୍‌ସିଏଲ ସଫଳତା ହାସଲ କରିଛି । ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଏବଂ କୋଲ ଇଣ୍ଡିଆକୁ ସେମାନଙ୍କର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ହୃଦୟର ସହିତ କୃତଜ୍ଞତା ଜଣାଉଛି ଯାହା ଯୋଗୁ କମ୍ପାନୀ ଶକ୍ତି କ୍ଷେତ୍ରରେ ନୂତନ ଉଚ୍ଚତା ହାସଲ କରିଛି ବୋଲି ଅଧ୍ୟକ୍ଷ କାଓଲେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ/ସଞ୍ଚାଳନ) ଜେ.କେ. ବୋରା ଏବଂ ନିର୍ଦ୍ଦେଶକ (ବୈଷୟିକ/ଯୋଜନା ଏବଂ ପ୍ରକଳ୍ପ) ଏସ.କେ. ଝା ଏବଂ ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷ ଅଞ୍ଜନା ଶୁକ୍ଳା ରାଓ ଏବଂ ଆରତୀ ଦେହୁରୀ ସମ୍ମାନିତ ଅତିଥି ଥିଲେ। ବୁର୍ଲା ଡିଏଭି ପବ୍ଲିକ୍ ସ୍କୁଲକୁ ଶ୍ରେଷ୍ଠ ମାର୍ଚ୍ଚପାଷ୍ଟ ଦଳ ପୁରସ୍କୃତ କରାଯାଇଥିଲା। ଏଥିସହ ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ ।

# ଇଣ୍ଡିଆନ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ, ଜନ୍ମାଷ୍ଟମୀ ପାଳିତ

ସମ୍ବଲପୁର,୧୬।୮ (ବି.ଶଙ୍କର)

ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେଶବ ଡାଲମିଆ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ହିନ୍ଦୀ ବିଭାଗୀୟ ମୁଖ୍ୟ ହେମନ୍ତ କୁମାର ଯାଦବ। ପ୍ରଧାନଶିକ୍ଷକ ସଚିନ ପାଠକ ଜାତୀୟ ପତାକାର ରକ୍ଷଣାବେକ୍ଷଣ ଏବଂ ମାତୃଭୂମି ପ୍ରତି କିପରି ସମ୍ମାନ କରିବା ଉଚିତ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଗୀତ, ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିମୋହିତ ହୋଇଥିଲେ। ବିଦ୍ୟାଳୟ ଏକାଡେମିକ୍ କୋଅର୍ଡିନେଟର ରଶ୍ମିରେଖା ପଣ୍ଡା, ବରିଷ୍ଠ ଶିକ୍ଷକ ବିକ୍ରମ ଷଡଙ୍ଗୀ, ବିଜୟ ପ୍ରଧାନ, ନିଲିପ୍ତା ସାହୁ, ନମିତା ମିଶ୍ର, ଅର୍ଚ୍ଚନା ଦୋରାଙ୍କ ସମେତ ସମସ୍ତ ଶିକ୍ଷକ,କର୍ମଚାରୀମାନେ ଉପସ୍ଥିତ ଥିଲେ। ଛାତ୍ରୀ ରିତିକା ମିଶ୍ର ବକ୍ତବ୍ୟ ରଖିଥିଲେ। ନିତିନ ଅଗ୍ରୱାଲ ଧନ୍ୟବାଦ ଜ୍ଞାପନ କରିଥିଲେ।


ଆୟୋଜିତ ସ୍ୱାଧୀନତା ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଗଙ୍ଗାଧର କବିତାରେ ପ୍ରକୃତିକୁ ଜୀବନ୍ତ ରୂପ ଦେଇଛନ୍ତି


ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ନାକଟିଦେଉଳ, ୧୬।୮ (ବୈକୁଣ୍ଠନାଥ ସାହୁ)

## ମଧୁବନ ସାହିତ୍ୟ ସଂସଦ ପାଳିଲା ମେହେର ଜୟନ୍ତୀ

ସମ୍ବଲପୁର ଜିଲା ନାକଟିଦେଉଳ ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ସ୍ଥାନୀୟ ସ୍ନାତକ ମହାବିଦ୍ୟାଳୟ ପରିସରରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଗଙ୍ଗାଧର ତାଙ୍କ କବିତାରେ ପ୍ରକୃତିର ଜୀବନ୍ତ ରୂପ ଦେଇଛନ୍ତି। କବିଙ୍କ ହୃଦୟକୁ ଶବ୍ଦ ଧସେଇ ପଶିଲେ କବିତା ସରସ ସୁନ୍ଦର ହୋଇଥାଏ ବୋଲି ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓ ମଧୁବନ ସାହିତ୍ୟ ସଂସ୍କୃତି ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମେହେର ଜୟନ୍ତୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ତଥା ଗବେଷକ ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ଉଦୟନାଥ ଗଡ଼ନାୟକ, ସମ୍ମାନିତ ଅତିଥିଭାବେ ଡ଼ ସରସୀ ରାଣୀ ନାୟକ ଓ ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ ଯୋଗଦେଇ ସ୍ୱଭାବ କବିଙ୍କ ଜୀବନ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ମଧୁବନ ସାହିତ୍ୟ ସଂସଦ ସମ୍ପାଦକ ସୁଶାନ୍ତ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ଼ ଆର୍ ପୁଷ୍ପାଞ୍ଜଳି ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ ପାଳିଲା ସ୍ୱାଧୀନତା ଦିବସ

ସମ୍ବଲପୁର,୧୬।୮ (ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବୁର୍ଲାସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଧିତ ହୋଇଯାଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପ୍ରବୀଣ ବର୍ମା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଉପସ୍ଥିତ ସମସ୍ତ କର୍ମଚାରୀମାନେ ସାମୂହିତ ଜାତୀୟ ସଙ୍ଗୀତ ଗାନ କରିଥିଲେ। ରାଜ୍ୟ ତଥା ଦେଶର ଅଗ୍ରଗତିରେ ସହଯୋଗ କରିବା ନିମନ୍ତେ ସିଇଓ ବର୍ମା ଆହ୍ୱାନ ଦେଇଥିଲେ। ରାଷ୍ଟ୍ର ନିର୍ମାଣରେ ସାମୂହିକ ଦାୟିତ୍ୱର ଗୁରୁତ୍ୱ ରହିଛଏବଂ ଦେଶ ତଥା ରାଜ୍ୟର ପ୍ରଗତି ପାଇଁ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ ବୃଦ୍ଧି କରିବାକୁ କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ସେହିପରି ଓଡ଼ିଶାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ଭାବେ ଟିପିଡବ୍ଲ୍ୟୁଓଡିଏଲର ଭୂମିକାକୁ ସୁଦୃଢ଼ କରିବାରେ ପ୍ରତିବଦ୍ଧତା, ସମର୍ପଣ ଏବଂ ସେବା ଉତ୍କର୍ଷତାକୁ ନେଇ ଗୁରୁତ୍ୱାରୋପ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ୫ଟି ମଣ୍ଡଳ କାର୍ଯ୍ୟାଳୟ, ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ଏବଂ ଉପଖଣ୍ଡ କାର୍ଯ୍ୟାଳୟରେ ମଧ୍ୟ ସ୍ୱାଧିନତା ଦିବସକୁ ପାଳନ କରାଯାଇଥିଲା।


ସ୍ୱାଧୀନତା ଦିବସ ପାଳନ ଅବସରରେ ଅତିଥି ଓ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀମାନେ।

# ୧୦୦ ମିଟର ଜାତୀୟ ପତାକା ଶୋଭାଯାତ୍ରା

ସମ୍ବଲପୁର,୧୬।୮ (ବି.ଶଙ୍କର)

## ପିନାକଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ସ୍ୱାଧୀନତା ଦିବସ

ଶିକ୍ଷାନୁଷ୍ଠାନ ପିନାକଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୦୦ ଫୁଟ ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା କଲେଜରୁ ବାହାରି ବୁଢାରଜା ପର୍ଯ୍ୟନ୍ତ ଯାଇ ପୁଣି କଲେଜ ପରିସରକୁ ଫେରିଥିଲା । ଛାତ୍ରୀଛାତ୍ରମାନଙ୍କ ଜୟ ହିନ୍ଦ, ଭାରତ ମାତା କି ଜୟ ଏବଂ ବନ୍ଦେ ମାତାରଂ ଧ୍ୱନିରେ ଯାତ୍ରା ପଥ ପ୍ରକମ୍ପିତ ହୋଇଥିଲା। ପିନାକଲ ଗ୍ରୁପ ଚେୟାରମ୍ୟାନ ବଳରାମ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପିନାକଲ ମହାବିଦ୍ୟାଳୟର ପ୍ରିନ୍ସିପାଲ ଭଗବାନ ମେହେର ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ଦେଶପ୍ରେମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପିନାକଲ ଗ୍ରୁପ ନିର୍ଦ୍ଦେଶକ ଇଞ୍ଜିନିୟର ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଆୟୋଜିତ ସ୍ୱାଧୀନତା ଦିବସ ପାଳନରେ ଅତିଥି ଓ ଛାତ୍ରୀଛାତ୍ରମାନେ।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

କୁଚିଣ୍ଡା,୧୬।୮ (ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡ଼ିଆରେ ୭୯ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ସରବନନ ସ. ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ୨୯ଟି ପରେଡ ଗ୍ରୁପ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଡେପୁଟି କଲେକ୍ଟର ସରିତା ଓରାମ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ରମେଶ ବେହେରା, ଏସ୍‌ଡିପିଓ ପ୍ରଦୀପ ଦାସ, ତହସିଲଦାର ମିତାଲି ମଧୁମିତା ଦଳେଇ,ବିଡ଼ିଓ ଜୟନ୍ତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସେହିପରି କୁଚିଣ୍ଡା ସାମ୍ବାଦିକ ଭବନରେ ସଭାପତି ଦୀନେଶ ନନ୍ଦ, କୁଚିଣ୍ଡା ବ୍ଲକରେ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବାମରା ବ୍ଲକରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ଏନଏସିରେ ନଗରପାଳ ପ୍ରଦ୍ୟୁତ ମହାନ୍ତି, କୁତୁରାଚୁଆଁ କଲେଜରେ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରି, ଆଇଟିଡିଏରେ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, କେନ୍ଦୁପତ୍ର ଶ୍ରମିକ ଭବନରେ ରାଜ୍ୟ ସଭାପତି ବିଜୟ ମହାନ୍ତି,କେଛୁପାଣି ଶକ୍ତିଶ୍ରୀ ପଞ୍ଚାୟତ ହାଇସ୍କୁଲରେ ଆଲମୁନୀ ସଭାପତି କିରଣ କୁମାର ନାୟକ,ବାମରା କୃଷି କାର୍ଯ୍ୟାଳୟରେ ଚାଷୀ ନେତା ଯୋଗବିହାରୀ ପରିଡା, ବରିଷ୍ଠ ନାଗରିକ ସଂଘ ଅଫିସରେ ସଭାପତି ଧିରେନ୍ଦ୍ର ମହାନ୍ତି, କଂଗ୍ରେସ ଭବନରେ ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, କୁନ୍ତରା ଗୋକୁଳ ପାର୍ବତୀ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଖଗପତି ଅମାତ, କୁଚିଣ୍ଡା କଲେଜରେ ଅଧ୍ୟକ୍ଷ ସୁମନ୍ତ ପଟେଲ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ନାକଟିଦେଉଳ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ

ନାକଟିଦେଉଳ, ୧୬।୮ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟ ଖେଳ ପଡିଆରେ ବ୍ଲକ ପ୍ରଶାସନ ପକ୍ଷରୁ ନାକଟିଦେଉଳ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ସମାରୋହରେ ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ, ଭାରପ୍ରାପ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ, ଥାନା ଅଧିକାରୀ ଅମୃନସେନ କିରୋ, ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସ୍ନାତକ କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ଆୟୋଜିତ ପରେଡ ଓ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସମ୍ବଲପୁର ରେଳମଣ୍ଡଳରେ ସ୍ୱାଧୀନତା ଦିବସ ପାଳିତ

ସମ୍ବଲପୁର,୧୬।୮ (ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସ୍ୱାଧୀନତା ଦିବସ ପାଳି ହୋଇଯାଇଛି। ସମ୍ବଲପୁର ରେଳବାଇ ଷ୍ଟାଡିୟମରେ ଅନୁଷ୍ଠିତ ସମାରୋହରେ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ମୁଖ୍ୟଅତିଥିଭାବେ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମଣ୍ଡଳ ପ୍ରବନ୍ଧକ ଚୌଧୁରୀ ସମ୍ବଲପୁର ମଣ୍ଡଳର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ୨୦୨୫ ଏପ୍ରିଲ୍‌ରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ମଣ୍ଡଳ ୧୦୭୮.୬୯ କୋଟି ଟଙ୍କା ଆୟ କରିଛି। ସେ ରେଳ ମଣ୍ଡଳର ବିଭିନ୍ନ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇ କହିଲେ ପରିବହନରେ ୧୩ପ୍ରତିଶତ ବୃଦ୍ଧି ପଞ୍ଜିକୃତ ହୋଇଛି। ବରଗଡ଼ ରୋଡ୍, ବରପାଲି, ସମ୍ବଲପୁର ସିଟି, ଝାରସୁଗୁଡା ରୋଡ୍ ଷ୍ଟେସନରେ ଅତିରିକ୍ତ ପ୍ଲାଟଫର୍ମ ସେଡ୍ ବ୍ୟବସ୍ଥା କରାଯାଇଛି। ଏହା ସହିତ ମଣ୍ଡଳର ବିଭିନ୍ନ ଷ୍ଟେସନରେ ୨୪୬ ଟି ଅତିରିକ୍ତ ବେଞ୍ଚ ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରୁ ଆଭାସୀ ମାଧ୍ୟମରେ ଗତ ୨୦୨୫ ଜୁନ ୨୦ ତାରିଖରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅଧୀନରେ ପୁରୁଣାପାଣି, ଝାରମୁଣ୍ଡା, ବୌଦ୍ଧ, ବୀରନରସିଂହପୁର ଓ ପୁରୁଣାକଟକ ଆଦି ପାଞ୍ଚଟି ନୂତନ ରେଳ ଷ୍ଟେଶନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ଅଧ୍ୟକ୍ଷା ବିନ୍ଦୁ ଚୌଧୁରୀଙ୍କ ସମେତ ବିଭିନ୍ନ ରେଳବାଇ ଅନୁଷ୍ଠାନର ପ୍ରତିନିଧି, ରେଳ ଅଧିକାରୀ ଉପସ୍ଥିତ ଥିଲେ। ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଭେଙ୍କଟେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରେଳବାଇ ପଡ଼ିଆରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ରେଳ ମଣ୍ଡଳ ପ୍ରବନ୍ଧକ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

# ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ଅବଦାନ ଅନନ୍ୟ

ସମ୍ବଲପୁର,୧୬।୮ (ପ୍ରମୋଦ ବହିଦାର)


ଜିଲାସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

## ସମ୍ବଲପୁରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ଦେଶର ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁର ମାଟିର ଅବଦାନ ଅତୁଳନୀୟ ଓ ଅନନ୍ୟ। ଏହି ମାଟିର କ୍ରାନ୍ତିକାରୀଙ୍କ ନାମ ଦେଶର ସ୍ୱାଧୀନତା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଉଚିତ। ସମ୍ବଲପୁର ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ଆୟୋଜିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଜାତୀୟ ପତାକା ଉତ୍ତୋଳନ ସହ ଜିଲାସ୍ତରୀୟ ପରେଡ୍‌ରେ ଅଭିବାଦନ ଗ୍ରହଣ ଅବସରରେ ମନ୍ତ୍ରୀ ପୂଜାରୀ କହି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବଭାରତୀୟ ସ୍ତରରେ ସମ୍ବଲପୁର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି।

୧୯୮୦ ମସିହାରେ ତାଙ୍କ ନେତୃତ୍ୱରେ ସମ୍ବଲପୁରରୁ ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନ ସମଗ୍ର ରାଜ୍ୟ ଓ ଦେଶକୁ ବ୍ୟାପିଥିଲା। ଏହି ଆନ୍ଦେଳନରେ ସହୀଦ ୭ଜଣ ବିଦ୍ୟାର୍ଥୀଙ୍କ ବଳିଦାନକୁ ସେ ସ୍ମରଣ କରିଥିଲେ। ଏପିରିକି ସରକାରଙ୍କୁ ଅସହଯୋଗ ସ୍ୱରୂପ ତତ୍କାଳୀନ ଗଙ୍ଗାଧର ମେହେର କଲେଜ ପଡ଼ିଆରେ ସମାନ୍ତରାଳ ଭାବେ ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସ ପାଳନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିଥିଲେ ମନ୍ତ୍ରୀ ପୂଜାରୀ। ସହି ମର୍ମରେ ଇତିହାସ ବର୍ଣ୍ଣିତ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ସିପାହୀ ବିଦ୍ରୋହର ପ୍ରାୟ ୨୮ ବର୍ଷ ପୂର୍ବରୁ ଅବିଭକ୍ତ ସମ୍ବଲପୁର ଜିଲାରୁ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ବହ୍ନି ଜଳି ସାରିଥିଲା ବୋଲି ପୂଜାରୀ କହିଥିଲେ। ଏଥିସହିତ ସ୍ୱତନ୍ତ୍ରତା ସଂଗ୍ରାମରେ ଘେଁସ ଜମିଦାର ପରିବାରର ଦୁଇଟିପିଢ଼ିଙ୍କ ବଳିଦାନ ସମେତ ସମ୍ବଲପୁର ଉପକଣ୍ଠ କୁଦୋପାଲିରେ ଏକକାଳୀନ ୫୨ ଜଣ ସଂଗ୍ରାମୀଙ୍କ ବଳିଦାନ ପ୍ରସଙ୍ଗ ସେ ଆଲୋଚନା କରିଥିଲେ। ସମ୍ବଲପୁରର ଗୁରୁତ୍ୱକୁ ଅନୁଭବ କରି ମହାତ୍ମା ଗାନ୍ଧୀ ୧୯୨୮ ଓ ୧୯୩୪ରେ ଦୁଇ ଥର ସମ୍ବଲପୁର ଗସ୍ତ କରିଥିଲେ। ବ୍ରିଟିଶ କବଳରୁ ଦେଶମାତୃକାର ମୁକ୍ତି ପାଇଁ ମୁକ୍ତି ବାହିନୀ ଭାବେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମଦନମୋହନ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ଭାଗିରଥୀ ମିଶ୍ର, ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗିରଥୀ ପଟ୍ଟନାୟକ, ନୃସିଂହ ଗୁରୁ, ଡା.ରାମଚନ୍ଦ୍ର ମିଶ୍ର, ପ୍ରହ୍ଲାଦ ଲାଠ୍, ବୋଧରାମ ଦୁବେ, ମହନ୍ତ ବିହାରୀ ଦାସ, ପ୍ରଭାବତୀ ଦେବୀ, ପାର୍ବତୀ ଗିରି ପ୍ରମୁଖ ବୀର ବରପୁତ୍ରମାନଙ୍କ ଅବଦାନକୁ ମନ୍ତ୍ରୀ ପୂଜାରୀ ସ୍ମରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ସମୃଦ୍ଧ ସମ୍ବଲପୁରୀ କଳା, ସଂସ୍କୃତି, ଗୀତ, ବାଦ୍ୟ, ବସ୍ତ୍ର, ପର୍ବପର୍ବାଣୀ ଆଦିର ଖ୍ୟାତି ବିଶ୍ୱର ବିଦିତ ବୋଲି କହିଥିଲେ।

ଏହି ଅବସରରେ ମନ୍ତ୍ରୀ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ୨୦୩୬ ସୁଦ୍ଧା ଚାଷୀଙ୍କୁ ସମବାୟଭୁକ୍ତ କରିବା, ଶୀତଳ ଭଣ୍ଡାର ନିର୍ମାଣ ମାର୍ଗଦର୍ଶିକା ଜାରି, ଚାକିରି ବୟସ ସୀମା ୩୨ରୁ ୪୨ବର୍ଷକୁ ବୃଦ୍ଧି, ରାଜ୍ୟରେ ଫେବ୍ରିକେସନ ଓ ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପ ସ୍ଥାପନା ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହିତ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିଶ ଶୁଭ୍ରା ପଣ୍ଡା ଉପସ୍ଥିତ ଥିଲେ।

# ବିକଶିତ ସୁବର୍ଣ୍ଣପୁର ଗଠନ କରିବାକୁ ଆହ୍ୱାନ

**ସୁବର୍ଣ୍ଣପୁର ଜିଲାରେ ସ୍ୱାଧୀନତା ଦିବସ**

**ସୋନପୁର,୧୬।୮(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମରେ ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉଚ୍ଚ ଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡା ଏବଂ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମନ୍ତ୍ରୀ ସ୍ୱାଧୀନ ଭାରତ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର ଗାଥା କହିଥିଲେ। ଭାରତ ଛାଡ ଆନ୍ଦୋଳନ, ଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଓ ଗଡଜାତ ମିଶ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ଅବଦାନ ଓ ତ୍ୟାଗ ବିଷୟରେ ମନ୍ତ୍ରୀ ବର୍ଣ୍ଣନା କରିଥିଲେ। ପାତାଳି ଶ୍ରୀକ୍ଷେତ୍ର ଓ ସନ୍ଥକବି ଭୀମଭୋଇଙ୍କ ପାଇଁ ସୁବର୍ଣ୍ଣପୁର ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ଏ ମାଟିର ଉଚ୍ଚ କୋଟିର କଳା, ସଂସ୍କୃତି ଓ ପରମ୍ପରା ମହାନ। ଏହି ଜିଲା କୃଷି, ହସ୍ତତନ୍ତରେ ସଫଳତା ପାଇଛି। ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଏକ ବିକଶିତ ସୁବର୍ଣ୍ଣପୁର ଗଠନ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଆୟୁଷ୍ମାନ ଯୋଜନା, ପିଏମ୍‌ଶ୍ରୀ ଶିକ୍ଷା ଯୋଜନା ଓ ଖେଲୋ ଇଣ୍ଡିଆ ଆଦି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପରେଡ କମାଣ୍ଡର ଆରଆଇ କାହ୍ନୁ ଚରଣ ମାରାଣ୍ଡି ଓ ସେକେଣ୍ଡ ଇନ କମାଣ୍ଡାଣ୍ଟ ସର୍ଜେଣ୍ଟ ନୀଳକଣ୍ଠ କହଁରଙ୍କ ତତ୍ତ୍ୱାବଧାନରେ ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ, ଏନ୍‌ସିସି, ସ୍କାଉଟ୍‌ସ ଏଣ୍ଡ ଗାଇଡ୍‌ସ, ରେଡକ୍ରସ ଦଳ ଓ ଅଣ ଏନ୍‌ସିସି ଦଳ ଗୁଡିକ ମିଶି ମୋଟ ୪୦ଟି ଦଳ ପରେଡ୍‌ରେ ଭାଗ ନେଇଥିଲେ। ପରେଡ୍‌ରେ ଅଂଶଗ୍ରହଣ କରିଥିବା ଏନ୍‌ସିସି, ସ୍କାଉଟ୍ ଏଣ୍ଡ ଗାଇଡ୍‌ସ, ରେଡକ୍ରସ, ଏନଏସଏସ, ସିଭିଲିଆନ ବରିଷ୍ଠ ଓ କନିଷ୍ଠ ବର୍ଗ ଦଳକୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ହର ଘର ତ୍ରିରଙ୍ଗା ଅଭିଯାନ ଓ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଥିବା କୃତି ପ୍ରତିଭାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଚାଷୀ, ଶ୍ରେଷ୍ଠ କୃଷକ ସାଥୀ, ବିନିକା ଥାନା, ଶ୍ରେଷ୍ଠ ବିଦ୍ୟାଳୟ, ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ଗାନ କରାଯାଇଥିଲା। ସନ୍ଧ୍ୟାରେ ନୂତନ ଟାଉନ ହଲଠାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ଅଧିକାରୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଡିଆଇପିଆରଓ ଅର୍ଜୁନ କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସୁବର୍ଣ୍ଣପୁରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

**ବୀରମହାରାଜପୁର(ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମିନି ଷ୍ଟାଡିୟମରେ ଉପଜିଲାପାଳ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ ଡେପୁଟି କଲେକ୍ଟର ଶୁଭମ ସୁଭାଶିଷ ଶତପଥୀ, ଅଜିତ କୁମାର ମିର୍ଦ୍ଧା ମଞ୍ଚାସୀନ ଥିଲେ । ବିଭିନ୍ନ ସ୍କୁଲ କଲେଜରୁ ୩୦ଟି ପରେଡ ଦଳ ଅଂଶଗ୍ରହଣ କରିଥିଲେ। ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**ତରଭା,(ମାନଭଞ୍ଜନ ମିଶ୍ର):** ତରଭା ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ମୁଖ୍ୟ ଉତ୍ସବରେ ଏନଏସି ଅଧ୍ୟକ୍ଷା ବନ୍ଦିତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରୀଛାତ୍ରମାନେ ଭଲଭାବେ ଅଧ୍ୟୟନ କରିବା ସହିତ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ତରଭା ସହରକୁ ସ୍ୱଚ୍ଛ, ସୁନ୍ଦରଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିଥି ଭାବେ ବିଡ଼ିଓ ନିରଞ୍ଜନ ନାଏକ, ତହସିଲଦାର ଶ୍ୱେତୋଲୀନା ମହାଣା, ତରଭା ଥାନା ଆଇଆଇସି ଅନିତା କିଡୋ ପ୍ରମୁଖ ମଞ୍ଚାସୀନ ଥିଲେ। ପରେଡ ସିନିଅର ବିଭାଗରେ ପ୍ରଥମ ହୋଇଥିବା ଜବାହର ନବୋଦୟ ବିଦ୍ୟାଳୟକୁ ସିଲ ଓ ଦ୍ୱିତୀୟ ସ୍ଥାନରେ ଥିବା ଓଏଭି ଜାମକାନିକୁ କପ ପ୍ରଦାନ କରା ଯାଇଥିଲା। ଜୁନିୟର ବିଭାଗରେ ପ୍ରଥମ ହୋଇଥିବା ଶ୍ରୀହରୀ ବିଦ୍ୟା ନିକେତନରକୁ ସିଲ୍ ଓ ଦ୍ୱିତୀୟ ସ୍ଥାନରେ ଥିବା ଗାର୍ଲସ ହାଇସ୍କୁଲକୁ କପ୍ ପ୍ରଦାନ କରାଯାଇଥିଲା। ସବ ଜୁନିୟର ବିଭାଗରେ ପ୍ରଥମ ହୋଇଥିବା ଗୁଡ୍‌ୱିଲ ପବ୍ଲିକ ସ୍କୁଲକୁ ସିଲ୍, ଦ୍ୱିତୀୟ ସ୍ଥାନରେ ଥିବା ଶ୍ରୀହରି ବିଦ୍ୟା ନିକେତନକୁ କପ୍ ପ୍ରଦାନ କରାଯାଇଥିଲା। ଖେଳ ଶିକ୍ଷକ ସଞ୍ଜିବ ସାହୁ ପରେଡ ପରିଚାଳନା କରିଥିବା ବେଳେ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବିନିକା(ରାମ ଗୋପାଳ ବାଘ):** ବିନିକା କଲେଜ ପଡିଆରେ ଏନଏସିସ୍ତରୀୟ ସ୍ୱାଧିନତା ଦିବସରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀ ମାନଙ୍କ ଉଦେଶ୍ୟରେ ଅଭିଭାଷଣ ରଖିଥିଲେ। ଏଥିରେ ସହରାଞ୍ଚଳର ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେହିପରି ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାଏକ, ସିଦ୍ଧାର୍ଥ କନିଷ୍ଠମହାବିଦ୍ୟାଳୟରେ ଆଧକ୍ଷା ଡ଼ ରେଖା ପଧାନ, ବାଳକ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ମୋହନ ମହାନନ୍ଦ, ତହସିଲ ଅଫିସରେ ତହସିଲଦାର ରୋଷ୍ନା ଭୋଇ, ପୋଲିସ ଷ୍ଟେଶନରେ ଆଇଆଇସି ସତ୍ୟନାରାୟଣ ପଧାନ, ବ୍ଲକ କାର୍ଯ୍ୟାଳୟରେ ବିଡିଓ ମଣ୍ଟୁ ଖମାରୀ, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମେହେର, ଆମ୍ବେଦକର ଛକ ଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ଉର୍ଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶଶାଙ୍କ ପଣ୍ଡା, ସ୍ପୋର୍ଟ୍ସ କ୍ଲବରେ ସଭାପତି ସୋମନାଥ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ଉଲୁଣ୍ଡା(ଗୌରଚନ୍ଦ୍ର ପରିଛା):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓ ଚିନ୍ମୟ ମହାନନ୍ଦ, ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ ଲୁହା, ଏବିଡିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ଯୋଗେଶ୍ୱର ଦାସ, ସାମାଜିକ କର୍ମୀ କୃତିବାସ କର୍ମୀ ଯୋଗଦେଇଥିଲେ। ୮ଟି ଗ୍ରୁପ ପରେଡରେ ଭାଗ ନେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ ।

**ଡୁଙ୍ଗୁରିପାଲି(ଦୀନବନ୍ଧୁ ସୁନା):** ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପଠାରେ ବ୍ଲକ ଅଧକ୍ଷା ଅହଲ୍ୟା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡ଼ିଓ ଦିଲୀପ କୁମାର ବାଡା, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ବିଇଓ ଗଣେଶ କିଷାନ,ଏବିଡ଼ିଓ ମହେଶ୍ୱର ପଧାନ, ସିଡିପିଓ ମୌସୁମୀ ମାଇଟି, ଜିପିଓ ଦେବାଶିଷ ମହାନନ୍ଦ,ଏବିଓ ଜଗତ ମଲ୍ଲିକ ଓ ଗୋପାଳ ବାରିକ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଡ଼ ସୁବାଷ ପାତ୍ର କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ବିଏସଏସଓ କ୍ଷୀରୋଦଭୂଷଣ ରାୟ ଓ ପ୍ରୋଗାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ ସଂଯୋଜନା କରିଥିଲେ । ସେହିପରି ଡୁଙ୍ଗୁରିପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ରେ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ଭାରତୀୟ ଅସ୍ମିତାକୁ ବିଶ୍ୱମୁଖୀ କରିବାର ପ୍ରକୃଷ୍ଟ ସମୟ

**ବୀରମହାରାଜପୁର,୧୬।୮ (ଯୁଗଳ କିଶୋର ମିଶ୍ର)**

**ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ**

ବୀରମହାରାଜପୁର ମିନି ଷ୍ଟାଡିୟମ ପଡିଆ ମାଲେଶ୍ରୀ ମଞ୍ଚରେ ସ୍ୱାଧୀନତା ଦିବସ ଉପଲକ୍ଷେ ଘରେ ଘରେ ତ୍ରିରଙ୍ଗା ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବିକଶିତ ସୁବର୍ଣ୍ଣପୁର, ବିକଶିତ ଓଡ଼ିଶା ପ୍ରତିଷ୍ଠା ସହ ଭାରତୀୟ ଅସ୍ମିତାକୁ ବିଶ୍ୱମୁଖୀ କରିବାର ଏହା ଏକ ପ୍ରକୃଷ୍ଟ ସମୟ ବୋଲି କହିଥିଲେ। ବୀରମହାରାଜପୁର ମିନି ଷ୍ଟାଡିୟମକୁ ରାଜ୍ୟର ଏକ ପ୍ରମୁଖ କ୍ରୀଡା କେନ୍ଦ୍ର କରିବା ପାଇଁ ୧୪.୫୦କୋଟି ୫୦ ଲକ୍ଷ ଅନୁଦାନ ଦିଆଯାଇଛି। ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, ଉପଜିଲାପାଳ ସୁରେନ୍ଦ୍ର ମେହେର, ଜିଲା ଭାଜପା ସଭାପତି ବେଣୁଧର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅବିନାଶ ହୋତା। ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରିଣୀ ଯମୁନା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶାଶ୍ୱତ କୁମାର ତ୍ରିପାଠୀ ଓ ତାଙ୍କ ରୁମକୁଝୁମାନା ଦଳ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆସ ସ୍କୁଲ ଯିବା ସଚେତନତା ପଦଯାତ୍ରା

**ବୀରମହାରାଜପୁର,୧୬।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳଠାରେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସ ସ୍କୁଲ ଯିବା ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନ ୧୦ଟାରେ ଚମ୍ପାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରା କରିଥିଲେ। ଯେଉଁ ପିଲାମାନେ ଅଧାରୁ ପାଠ ଛାଡୁଛନ୍ତି ଅଥବା ଆଦୌ ସ୍କୁଲରେ ନାମ ଲେଖାଉ ନାହାନ୍ତି, ସେମାନଙ୍କୁ ଶିକ୍ଷା ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଏହି ଶୋଭାଯାତ୍ରା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାଏକ, ବିଷ୍ଣୁପ୍ରିୟା ପୁରୋହିତ ଓ ଶକୁନ୍ତଳା ମହାପାତ୍ର ଏଥିରେ ସାମିଲ ଥିଲେ।


**WANTED**

Experienced **ELECTRICAL SITE ENGINEERS** with **AutoCad Skills** for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.

**Contact Person**
**Abinash Rautaray : 63713 82526**



**GOVERNMENT OF ODISHA** No.A-506
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com

**'e' Procurement Notice No-CE & BM-MB-15/2025-2026 (Online)**
**BID IDENTIFICATION NO-CE & BM-MB-15/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kebar Canal Section, Barpali Irrigation Division, Barpali) |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-15/2025-2026 (Online) |
| 5 | Estimated cost | : | Rs.21.13 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 20.08.2025 at 11.30 A.M. to Dated - 09.09.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 09.09.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 10.09.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager, Mahanadi Basin, Burla
OIPR-32508/11/0024/2526



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST/OT/CCTV/ORH/KUR/488, ତା.09.08.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଦୂରସଂଘର ଉପକରଣର ଉନ୍ନୟନ, OHE ଓ PSI ଡିପୋରେ CCTV ସଂସ୍ଥାପନ, ଡିସ୍ପ୍ଲେ ଏବଂ ସାର୍ବଜନୀନ ଘୋଷଣା ପ୍ରଣାଳୀର ବ୍ୟବସ୍ଥା, RPF ପୋଷ୍ଟ ଏବଂ କାର୍ଯ୍ୟାଳୟ ନିମନ୍ତେ ଦୂରସଂଘର କାର୍ଯ୍ୟ, ତଥା ଦୂରସଂଘର ଉପକରଣ ଓ ଯନ୍ତ୍ରପାତିର ଯୋଗାଣ।

**ଟେଣ୍ଡର ମୂଲ୍ୟ :** ₹ 5,71,98,454.54, EMD : ₹ 4,36,000/-

ବିଡ୍ ଆରମ୍ଭ ହେବା ତାରିଖ : ତା.18.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-480/Q/25-26



ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
OHPC ISO 9001-14001 18001 Certified
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022
Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963

**NOTICE INVITING TENDER NO. 30/2025-26 DATED 12.08.2025**

**No.CAD-1450** : Sealed Tenders are invited in **two-part** basis i.e. (a) **Techno-Commercial bid** & (b) **Price-bid** from the registered Security Agencies who fulfill the eligibility criteria as per the tender specification for the work as mentioned below.

| SL. NO. | DESCRIPTION OF SERVICES | COST OF TENDER PAPER (Non-refundable) in Rs. | EMD | PERIOD OF AVAILABILITY OF TENDER AT OHPC WEBSITE | LAST DATE & TIME OF RECEIPT OF TENDER | DATE & TIME OF OPENING OF TECHNO COMMERCIAL BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Engagement of security personnel in BHEP, Balimela for a period of two years | Rs.11,800/- (Rs.10,000/- + GST 18%) | Rs.4,50,000/- | 20.08.2025 to 11:00 Hrs. on 08.09.2025 | up to 13:00 Hrs. on dated 08.09.2025 | 17:00 Hrs. on dated 08.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0110/2526 Sd./- Unit Head, BHEP, Balimela


# କପିଳେଶ୍ୱର ମନ୍ଦିରକୁ ୧୦ଲକ୍ଷର ଅନୁଦାନ

**ବିନିକା,୧୬।୮(ରାମ ଗୋପାଳ ବାଘ)**

ବିନିକା ବ୍ଲକ ଚରଦା କପିଳେଶ୍ୱର ମନ୍ଦିରକୁ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ଇଂ.ରଘୁନାଥ ଜଗଦଲା ଶୁକ୍ରବାର ପରିଦର୍ଶନ କରିଥିଲେ। ଭାଜପା ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲ, ଯୁବମୋର୍ଚ୍ଚା ସଭାପତି ଭୁବନେଶ୍ୱର ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ସ୍ୱାଗତ କରି ଚରଦା ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ମନ୍ଦିର ପ୍ରାଙ୍ଗଣରେ ଟ୍ରଷ୍ଟ ସଭାପତି ଅଶୋକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜନ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ସଂସ୍କୃତି ବିଭାଗ ତରଫରୁ ୧୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଭାଜପା ଜିଲା ସଭାପତି ବେଣୁଧର ଦାସ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲେତ, ମଣ୍ଡଳ ସଭାପତି ଉଦ୍ଧବ ମହାକୁଡ଼ ଯୋଗଦେଇଥିଲେ। ଯୁବମୋର୍ଚ୍ଚା ସଭାପତି ସୌମ୍ୟରଞ୍ଜନ ନାଏକ ମଞ୍ଚ ପରିଚାଳନା, ବିଶ୍ୱମ୍ଭର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜନପ୍ରତିନିଧିଙ୍କୁ ଆକ୍ରମଣ ଘଟଣା, ୧୯ରେ ତରଭା ବନ୍ଦ

**ତରଭା,୧୬।୮(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର କେତେଜଣ ନିର୍ବାଚିତ ପ୍ରତିନିଧି ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଗତ ୧୨ ତାରିଖ ଅପରାହ୍ନ ୪ଟାରେ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଯିବା ସମୟରେ ସୋନପୁର ପଟାଭାଡ଼ି ଛକ ନିକଟରେ ଆକ୍ରମଣର ଶିକାର ହୋଇଥିଲେ। ୧୫ରୁ ୨୦ଜଣ ଅସାମାଜିକ ବ୍ୟକ୍ତି ସେମାନଙ୍କ ଗାଡି ଭଙ୍ଗାରୁଜା କରିବା ସହ ଗାଳିଗୁଲଜ କରିଥିଲେ। ଏଥିରେ ଜନପ୍ରତିନିଧି ଆହତ ହେବାସହ ସୋନପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନିଆ ନ ଯିବା ପ୍ରତିବାଦରେ ଶନିବାର ବ୍ଲକ ସଭା ଗୃହରେ ଏକ ସର୍ବଦଳୀୟ ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ବସିଥିଲା। ଜନପ୍ରତିନିଧିଙ୍କ ଆକ୍ରମଣକୁ ନିନ୍ଦା କରଯାଇଥିଲା। ଏଥିରେ ଭାଜପା ଉପସଭାପତି ରାମନାରାୟଣ ବେଜ, ଜିଲା ମିଡିଆ ସେଲ ସଂଯୋଜକ କଲ୍ୟାଣ ନାଏକ, ପବିତ୍ର ମିଶ୍ର, ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗ, ରାଜେନ୍ଦ୍ର ଝାଙ୍କର, ଭୀମ ଆର୍ମିର ଇନ୍ଦ୍ର ଜାଲ, ଓକିଲ ସଂଘ ସଭାପତି ସୁରେଶ ମହଲା, ଦଳିତ ସମାଜର ବୈକୁଣ୍ଠ ବାରିକ, କୁଶଳେଶ୍ୱର ସୁନା, ପ୍ରକାଶ ହରିପାଲ, ବିଜେଡିର ଦଶରଥ ସାହୁ, ଦୁର୍ଗା ଷଡ଼ଙ୍ଗୀ, ଜନାର୍ଦ୍ଦନ ଥନାପତି, ଶତ୍ରୁଘ୍ନ ପୃଷ୍ଟି, ରାମ ସାହୁ, ମନମୋହନ ସାହୁ, ସରପଞ୍ଚ ସଂଘ ସଭାପତି ଅଶ୍ୱିନୀ ବିଶିଙ୍କ ସହ ମାହେଶ୍ୱରୀ ଓ ଅନ୍ୟାନ୍ୟ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇ ପୋଲିସ ନିଷ୍କ୍ରିୟତାର ନିନ୍ଦା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଆସନ୍ତା ୧୯ତାରିଖରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ଘଣ୍ଟିଆ ତରଭା ବନ୍ଦ ପାଳନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ବନ୍ଧେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ, ଡିଆଇଜି, ଏସ୍‌ପିଙ୍କୁ ପ୍ରେରଣ ଲାଗିନିଷ୍ପତ୍ତିନିଆଯାଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ପୁରୁଣାକଟକ ଚାମ୍ପିୟନ

**ହରଭଙ୍ଗା,୧୬।୮(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମରେ ଭୈରବୀ କ୍ଲବ ପକ୍ଷରୁ ଏକ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ମ୍ୟାଚ୍ କରଞ୍ଜକଟା ଓ ବଡବନ୍ଧ ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ ବଡବନ୍ଧ ଦଳ ବିଜୟୀ ହୋଇଥିଲା। ଯୁବ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମଲିକ, ଖବରଦାତା ସୁକାନ୍ତ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ଖେଳ ପୁରୁଣାକଟକ ଓ ପରଗଲପୁର ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ ପୁରୁଣାକଟକ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ଭୈରବୀ କ୍ଲବ ସଭାପତି ଅକ୍ରୁର ସେଠୀ ଓ ସମ୍ପାଦକ ତୁଷାର ସାହୁ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


CAD - 1496

**ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ**

ODISHA REAL ESTATE REGULATORY AUTHORITY ORERA

**Odisha Real Estate Regulatory Authority**

**ଆପଣ ଜାଣନ୍ତି କି ?**

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

**Secretary, Odisha RERA**
**Block-A1, 3rd Floor, Toshali Bhawan, Satya Nagar, Bhubaneswar-751007**
**Email: reraodisha@gmail.com**

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
**https://rera.odisha.gov.in**

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/11/0014/2526








ଆର୍‌ଏମସି ପକ୍ଷରୁ ଉଦିତନଗର ପଡିଆରେ ଆୟୋଜିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ(ବାମ) । ଶ୍ରଦ୍ଧା ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି (ମଝି) । ରାଉରକେଲା କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ କର୍ତ୍ତୃପକ୍ଷ ।

# ତ୍ରିରଙ୍ଗାମୟ ହେଲା ଷ୍ଟିଲ୍ ସିଟି

**ରାଉରକେଲା,୧୬।୮**
**(ବିପ୍ଳବ ରଞ୍ଜନ ଦାଶ/ସଙ୍ଗୀତା ଜେନା)**

ରାଉରକେଲା ଉଦିତନଗର ପଡ଼ିଆରେ ଶୁକ୍ରବାର ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯାଇଛି । ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେ କହିଥିଲେ, ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହାର ସାମାଜିକ ଚଳଣି ଓ ଭାଇଚାରାର ପରମ୍ପରା ନିଆରା । ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଅନେକ ଯୋଜନା କରିଛନ୍ତି । ରାଉରକେଲା ମହାନଗର ନିଗମ ପ୍ରୟାସରେ ସହରର ପରିମଳ ବ୍ୟବସ୍ଥା ସୁଦୃଢ ହୋଇପାରିଛି । ସହରରେ ସ୍ୱଚ୍ଛତା ଦିଗରେ କରାଯାଉଥିବା ବିଭିନ୍ନ ପଦକ୍ଷେପ ତଥା ସ୍ୱଚ୍ଛ ରହିବା ସହରକୁ ପରିଷ୍କାର ରଖିବା ଲାଗି ଲୋକମାନଙ୍କୁ ପ୍ରୋତ୍ସାହନ ସହିତ ଜନସଚେତନ କରିବା ପ୍ରଶଂସନୀୟ । ରାଉରକେଲାକୁ ସ୍ୱଚ୍ଛ ଓ ସୁନ୍ଦର ସହର କରିବା ଦିଗରେ ସମସ୍ତେ ସହଯୋଗ କରନ୍ତୁ ବୋଲି ଯାଦବ କହିଥିଲେ । ପରେ ରିଜର୍ଭ ପୋଲିସର ସମିତ ସାମଲଙ୍କ ନେତୃତ୍ୱରେ ପରେଡ ହୋଇଥିଲା । ପରେଡରେ ୪୯ ଦଳ ଅଂଶଗ୍ରହଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରାଉରକେଲା ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଏଡିଏମ୍ ସୁଶ୍ରୀ ଦୀନା ଦସ୍ତଗୀର, ଏସ୍‌ପି ନିତେଶ ୱାଧୱାନି, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଶ୍ରୀକାନ୍ତ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ପତଞ୍ଜଳି ଯୋଗ ପରିବାର:** ସୁନ୍ଦରଗଡ ପତଞ୍ଜଳି ଯୋଗ ପରିବାର ତରଫରୁ ସେକ୍ଟର-୧୩ କମ୍ୟୁନିଟି ସେଣ୍ଟର ଯୋଗ କେନ୍ଦ୍ର ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ରାଜ୍ୟ ସହ ପ୍ରଭାରୀ ଅକ୍ରୂର ମାର୍ଥା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ମହିଳା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ମହିଳା ସଙ୍ଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, ବିଏସ୍‌ଟି ସହ ପ୍ରଭାରୀ ମାନସ ରଞ୍ଜନ ସାହୁ, ଯୋଗ ଶିକ୍ଷୟିତ୍ରୀ ମନୋରମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।



ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ବକ୍ତବ୍ୟ ଦେଉଛନ୍ତି ।

**ରାଉରକେଲାରେ ସ୍ୱାଧୀନତା ଦିବସ ପାଳିତ**

**ଶ୍ରଦ୍ଧା:** ସେକ୍ଟର-୧୬ ସ୍ଥିତ ଶ୍ରଦ୍ଧା ଅନୁଷ୍ଠାନ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ରାଉରକେଲା ରାଉଣ୍ଡ ଟେବୁଲ୍-୧୯୪ ଏବଂ ରାଉରକେଲା ଲେଡିଜ୍ ସର୍କଲ-୧୨୦ ର ଅଧ୍ୟକ୍ଷା ଯଶପ୍ରୀତି କାଉର ସାଲୁଜା ଓ ଯଶଗୀତ କାଉର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକାରୀ ସଭାପତି ପଶୁପତିନାଥ ଚାଟାର୍ଜୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ । ସୁଜାତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଉରକେଲା କଲେଜ:** ସେକ୍ଟର-୪ସ୍ଥିତ ରାଉରକେଲା କଲେଜ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପ୍ରଶାସନିକ ଅଧିକାରୀ ତଥା ପ୍ରାଧ୍ୟାପକ ରଶ୍ମି ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ତିରଙ୍ଗା ପତାକା ଉତ୍ତୋଳନ କରିଥିଲେ । ଷ୍ଟାର୍ଟ ଅପ୍ ଏବଂ ଗବେଷଣା ପ୍ରୋଜେକ୍ଟ ପ୍ରସ୍ତୁତ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ କଲେଜ ପ୍ରାଚୀର ପତ୍ରିକାର ସ୍ୱାଧୀନତା ବିଶେଷାଙ୍କ ଉଦ୍‌ଘାଟିତ ହୋଇଥିଲା । ପ୍ରାଧ୍ୟାପକ ରଞ୍ଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**ଏନ୍‌ଆଇଟି:** ରାଉରକେଲା ଏନ୍‌ଆଇଟିରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ପତାକା ଉତ୍ତୋଳନ କରିଥିଲେ । ଏନ୍‌ସିସି ଆର୍ମି ୱିଙ୍ଗ୍ ଅଫିସର ପ୍ରଫେସର ଅଜିତ ବେହେରା, ଏନ୍‌ସିସି ନୌସେନା ୱିଙ୍ଗ୍ ପ୍ରଫେସର ଅରୁଣ ପ୍ରସାଦ ଭିଙ୍କ ନେତୃତ୍ୱରେ ପରେଡ ହୋଇଥିଲା । ସେଫ୍ଟି ଆଣ୍ଡ ସିକ୍ୟୁରିଟିର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଅନନ୍ତ ଚରଣ ପ୍ରଧାନ, ଏନ୍‌ସିସି ଆର୍ମି ୱିଙ୍ଗ୍ ପ୍ରଫେସର ମୟଙ୍କ ଯାଦବ, ପ୍ରଫେସର ବିକ୍ରମାଦିତ୍ୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପି. ନୀରଜା, ଡିନ୍ ତଥା ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ଏନ୍‌ଆଇଟି ଷ୍ଟାଫ୍ କ୍ଲବ, ଟେକ୍ନୋଲୋଜି କ୍ଲବ, ମୁଖ୍ୟ ପ୍ରତିଷ୍ଠାନ ବିଲ୍ଡିଂ, ସାକ୍ ଆଦିରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା । ସନ୍ଧ୍ୟା ୬ଟାରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସୁଜାତା ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା ।

**ମଜଦୁର ସଭା ଓ ହିନ୍ଦ୍ ମଜଦୁର ସଭା:** ରାଉରକେଲା ମଜଦୁର ସଭା ଓ ହିନ୍ଦ୍ ମଜଦୁର ସଭା ପକ୍ଷରୁ ବିଶ୍ରା ଛକ କାର୍ଯ୍ୟାଳୟରେ ଜାତୀୟ ଦିବସ ପାଳିତ ହୋଇଥିଲା । ସମ୍ପାଦକ ଆଦିକନ୍ଦ ଭୋଲ ପତାକା ଉତ୍ତୋଳନ କରିଥିଲେ । ଆରଏମ୍‌ଏସ୍ ସଭାପତି ଶଶଧର ନାୟକ, ବିଜେଡ଼ି ନଗର ସଭାପତି ଗଗନ ପଣ୍ଡା, ହରେକୃଷ୍ଣ ପାଢ଼ୀ, ଦିଗମ୍ବର ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

**ସେକ୍ଟର-୭ ମାର୍କେଟ:** ସେକ୍ଟର-୭ ମାର୍କେଟ ସଭାପତି ନିଲୁ ବାରିକଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟକ ସୁବ୍ରତ ତରାଇ, ଚକ୍ରଧର ଜେନା, ପ୍ରମୋଦ ବୋଇତି, ଜିତୁ ଦାସ, ଗୌତମ ସାମଲ, ଜଗବନ୍ଧୁ ସେଠୀ, ବାବାଜୀ ଚରଣ ବାରିକ, ପ୍ରଶାନ୍ତ ସାମଲ, ଧରଣୀଧର ସାମଲ, ଇନ୍ଦ୍ରମଣି ମହାପାତ୍ର, ଅନୀଲ ତ୍ରିପାଠୀ, ଈଶ୍ୱର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

**ୟୁନାଇଟେଡ୍ କଣ୍ଟ୍ରାକ୍ଟର ଆସୋସିଏଶନ:** ୟୁନାଇଟେଡ୍ କଣ୍ଟ୍ରାକ୍ଟର ଆସୋସିଏଶନ ପକ୍ଷରୁ ସେକ୍ଟରୀ-୪ ଟିପ୍‌ଟାଇପ୍ ମାର୍କେଟ ହନୁମାନ ମନ୍ଦିର ନିକଟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସଭାପତି ଅଭିଷେକ ସିଂହ, ଚତୁର୍ଭୁଜ ମହାପାତ୍ର, ଦୁଷ୍ମନ୍ତ ପାତ୍ର, ମନୋରଞ୍ଜନ ସାହୁ, ରାକେଶ ଦାସ, ରୁନା ପଣ୍ଡା, ସୁଦର୍ଶନ ସାହୁ, ସନ୍ତୋଷ ନାୟକ, ସୀମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ନବଜୀବନ ମଣ୍ଡଳ:** ଜଗଦାସ୍ଥିତ ନବଜୀବନ ମଣ୍ଡଳ ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସରେ ଶିକ୍ଷାବିତ୍ ଡ. ରଘୁନାଥ ଦାସ ପତାକା ଉତ୍ତୋଳନ କରିଥିଲେ । ସୁନନ୍ଦ ବରାଳ ଓ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସହଯୋଗରେ କରୁଣାକର ସାହୁ, ଇନ୍ଦ୍ରମୋହନ ପଣ୍ଡା, ଅମୃତ ଲାଲ ବେହେରା, ହୃଷୀକେଶ ନାୟକ, ପ୍ରଶାନ୍ତ କର, ରୁବି ପଣ୍ଡା, ନିରୂପମା ବେହେରା ଉପସ୍ଥିତ ଥିଲେ ।

**ଆରଏମ୍‌ସି ଏମ୍ପ୍ଲଇଜ୍ ସଭା:** ରାଉରକେଲା ମହାନଗର ନିଗମ ଏମ୍ପ୍ଲଇଜ୍ ସଭା କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଏଥିରେ ବିଜେଡିର ବରିଷ୍ଠ ନେତା ବିରେନ ସେନାପତି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଦୁର୍ଯ୍ୟୋଧନ ଚଇନି, ଡା. ଅନୀଲ ଜେନା, ଡ. ପ୍ରମୋଦ ନାୟକ, କଳିଙ୍ଗ ଗୁରୁ, ବିଜୟ ଦାସ, ଅକ୍ଷୟ ପାଢ଼ୀ, ଜୀବନ ନାୟକ, ପ୍ରଦୀପ ବିଶ୍ୱାଳ, ଅମରୀଶ ମହାପାତ୍ର, ଅକ୍ଷୟ ପାତ୍ର, ଭାଗୀରଥି ଡୋରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ପ୍ରଗତି ଉତ୍କଳ ସଂଘର ୬୮ତମ ପ୍ରତିଷ୍ଠା ଦିବସ

**ରାଉରକେଲା,୧୬।୮(ଦିନେଶ ମିଶ୍ର)**

ସେକ୍ଟର-୭ସ୍ଥିତ ପ୍ରଗତି ଉତ୍କଳ ସଂଘର ୬୮ତମ ପ୍ରତିଷ୍ଠା ଦିବସ ଓ ନୂତନ କର୍ମକର୍ତ୍ତା ଚୟନ ଶନିବାର ଡକ୍ଟର ପ୍ରଭାତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ପ୍ରତାପ କୁମାର ସ୍ୱାଇଁ ସଭାପତି, ରଶ୍ମିରଞ୍ଜନ ବୋଇତାଇ ଓ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ଓ ଚିତ୍ତରଞ୍ଜନ ମିଶ୍ରଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା । ସେହିପରି ସାଧାରଣ ସମ୍ପାଦକ ଭାବେ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାନ୍ତି, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ଗ୍ରନ୍ଥାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ଗ୍ରନ୍ଥାଗାରିକ ବରୁଣ କୁମାର ନାହାକ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀରେ ୧୩ ଜଣ ସଦସ୍ୟଙ୍କୁ ଗ୍ରହଣ କରାଯାଇଥିଲା । ଉପସଭାପତି ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତା ।

## ଆର୍‌ଜିଏଚ୍‌ରେ ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ବ୍ୟବସ୍ଥା

**ରାଉରକେଲା,୧୬।୮(ଦିନେଶ ମିଶ୍ର):** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ବ୍ୟବସ୍ଥା ଖୋଲିଛି । ସ୍ୱାଧୀନତା ଦିବସ ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଆର୍‌ଜିଏଚ୍ ପରିସର ହେଲ୍ପ ଡେସ୍କକୁ ଉଦ୍‌ଘାଟନ କରିଥିଲେ । ହେଲ୍ପଲାଇନ୍ ନମ୍ବର ୦୬୬୧-୨୪୦୦୧୦୮ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଉପଲବ୍ଧ ରହିବ । ସେହିପରି ୮୮୯୫୨୭୭୨୦୫ ମୋବାଇଲ ନମ୍ବର ସାଧାରଣ ଜନତାଙ୍କୁ ୨୪ ଘଣ୍ଟା ସେବା ପ୍ରଦାନ କରିବ । ଉତ୍ସବରେ ଡିଆଇଜି ବ୍ରିଜେଶ କୁମାର ରାୟ, ଏଡିଏମ୍ ସୁଶ୍ରୀ ଦୀନା ଦସ୍ତଗୀର, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଏସ୍‌ପି ନିତେଶ ୱାଧୱାନି ପ୍ରମୁଖ ଉପସ୍ଥିତ ଥିଲେ ।

**WANTED**
Experienced **ELECTRICAL SITE ENGINEERS** with **AutoCad Skills** for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
**Contact Person**
**Abinash Rautaray : 63713 82526**

GOVERNMENT OF ODISHA No.A-506
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-15/2025-2026 (Online)**
**BID IDENTIFICATION NO-CE & BM-MB-15/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kebar Canal Section, Barpali Irrigation Division, Barpali) |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-15/2025-2026 (Online) |
| 5 | Estimated cost | : | Rs.21.13 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 20.08.2025 at 11.30 A.M. to Dated - 09.09.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 09.09.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 10.09.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.
**Sd./- Chief Engineer & Basin Manager, Mahanadi Basin, Burla**
**OIPR-32508/11/0024/2526**

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST/OT/CCTV/ORH/KUR/488, ତା.09.08.2025ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଦୂରସଂଚାର ଉପକରଣର ଉନ୍ନୟନ, OHE ଓ PSI ଡିପୋରେ CCTV ସଂସ୍ଥାପନ, ଡିସ୍‌ପ୍ଲେ ଏବଂ ସାର୍ବଜନୀନ ଘୋଷଣା ପ୍ରଣାଳୀର ବ୍ୟବସ୍ଥା, RPF ପୋଷ୍ଟ ଏବଂ କାର୍ଯ୍ୟାଳୟ ନିମନ୍ତେ ଦୂରସଂଚାର କାର୍ଯ୍ୟ, ତଥା ଦୂରସଂଚାର ଉପକରଣ ଓ ଯନ୍ତ୍ରପାତିର ଯୋଗାଣ ।
**ଟେଣ୍ଡର ମୂଲ୍ୟ :** ₹ 5,71,98,454.54, EMD : ₹ 4,36,000/-
ବିଡ୍ ଆରମ୍ଭ ହେବା ତାରିଖ : ତା.18.08.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1100 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-480/Q/25-26

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
OHPC ISO 9001-14001 18001 Certified
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022
Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963
**NOTICE INVITING TENDER NO. 30/2025-26 DATED 12.08.2025**
**No.CAD-1450** : Sealed Tenders are invited in **two-part** basis i.e. (a) **Techno-Commercial bid** & (b) **Price-bid** from the registered Security Agencies who fulfill the eligibility criteria as per the tender specification for the work as mentioned below.

| SL. NO. | DESCRIPTION OF SERVICES | COST OF TENDER PAPER (Non-refundable) in Rs. | EMD | PERIOD OF AVAILABILITY OF TENDER AT OHPC WEBSITE | LAST DATE & TIME OF RECEIPT OF TENDER | DATE & TIME OF OPENING OF TECHNO COMMERCIAL BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Engagement of security personnel in BHEP, Balimela for a period of two years | Rs.11,800/- (Rs.10,000/- + GST 18%) | Rs.4,50,000/- | 20.08.2025 to 11:00 Hrs. on 08.09.2025 | up to 13:00 Hrs. on dated 08.09.2025 | 17:00 Hrs. on dated 08.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0110/2526 Sd./- Unit Head, BHEP, Balimela

# ପୁଅକୁ ହତ୍ୟା ପରେ ବାପାଙ୍କୁ ହତ୍ୟା ଧମକ

**ରାଉରକେଲା, ୧୬।୮(ସଙ୍ଗୀତା ଜେନା):** ଗତ ଏପ୍ରିଲ ମାସରେ ଛେଣ୍ଡ ଥାନା ଭିଏସ୍‌ଏସ୍ ମାର୍କେଟରେ ହନୁମାନ ଶୋଭାଯାତ୍ରା ଚାଲିଥିବାବେଳେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା । ବର୍ତ୍ତମାନ ଉକ୍ତ ଯୁବକଙ୍କ ବାପାଙ୍କୁ କେହି ଦୁର୍ବୃତ୍ତ ଶନିବାର ପିସ୍ତଲ ଦେଖାଇ ହତ୍ୟା ଧମକ ଦେଇଛନ୍ତି । ମୃତ ଯୁବକଙ୍କ ବାପା ସୁଧୀର କର ଏ ନେଇ ରଘୁନାଥପାଲୀ ଥାନାରେ ଅଭିଯୋଗ କରିଛନ୍ତି । ନ୍ୟାୟ ନ ମିଳିଲେ ଅଭିଯୋଗକାରୀ ସସ୍ତ୍ରୀକ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ପୋଲିସ ଏକ ମାମଲା (ନଂ.୪୫୦/୨୫) ରୁଜୁ କରି ତଦନ୍ତ କରୁଛି । ଅଭିଯୋଗ ଅନୁସାରେ, ଗତ ଏପ୍ରିଲ ୯ତାରିଖରେ ତାଙ୍କର ଏକମାତ୍ର ପୁଅକୁ ହତ୍ୟା କରାଯାଇଥିଲା । ସେଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତ ଶୁକ୍ରବାର ସୁଧୀରଙ୍କୁ ପିସ୍ତଲ ଦେଖାଇ ପୁଅର ହତ୍ୟା ମାମଲା ନ ଉଠାଇଲେ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ । ଏ ନେଇ ସୁଧୀର ରାଉରକେଲା ଏସ୍‌ପି ତଥା ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ମଧ୍ୟ ଅବଗତ କରାଇଛନ୍ତି ।

# ଆର୍‌ଏସ୍‌ପି ଗୌରବ ପ୍ରତିଯୋଗିତାର ବିଜେତା ପୁରସ୍କୃତ



କୋକ୍ ଓଭେନ ବିଭାଗକୁ ପୁରସ୍କୃତ କରାଯାଉଛି ।

**ରାଉରକେଲା,୧୬।୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ସ୍ୱାଧୀନତା ଦିବସ ଉତ୍ସବରେ ନୂତନ ପୁରସ୍କାର ଯୋଜନା 'ଆର୍‌ଏସ୍‌ପି ଗୌରବ' ଅଧୀନରେ ୬ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ । ମାନବ ସମ୍ବଳ ବିଭାଗର ସିନିୟର ଏକ୍‌ଜିକ୍ୟୁଟିଭ ଆସୋସିଏଟ ସୁଶ୍ରୀ ଈପ୍ସିତା ନାୟକ ପ୍ରଥମ ପୁରସ୍କାର ପାଇଥିବାବେଳେ ନୂତନ ପ୍ଲେଟ ମିଲ ବିଭାଗର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ ସୁଶ୍ରୀ ସୁପ୍ରିୟା ଏବଂ ବ୍ଲାଷ୍ଟ ଫର୍ନେସ ବିଭାଗର ଶ୍ରୀ ଇଞ୍ଜିନିୟରିଂ ଆସୋସିଏଟ ଧୋବେଇ ଦାସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ । କାର୍ଯ୍ୟନିର୍ବାହୀ ବର୍ଗରେ ବ୍ଲାଷ୍ଟ ଫର୍ନେସ ବିଭାଗର ସିନିୟର ମ୍ୟାନେଜର ସିଦ୍ଧାନ୍ତ କୁମାର ପ୍ରଥମ ପୁରସ୍କାର ଲାଭ କରିଥିଲେ । ନୂତନ ପ୍ଲେଟ ମିଲ୍ ବିଭାଗର ସିନିୟର ମ୍ୟାନେଜର ଅଭିଜିତ ପଟ୍ଟନାୟକ ଦ୍ୱିତୀୟ ପୁରସ୍କାର ଅଧିକାର କରିଥିବାବେଳେ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଗୋପାଳ ଚନ୍ଦ୍ର ବଡ଼ଭୂୟାଁ ତୃତୀୟ ପୁରସ୍କାର ପାଇଥିଲେ । 'ଆରଏସ୍‌ପି ଗୌରବ' ପ୍ରତିଯୋଗିତାରେ ସର୍ବାଧିକ ସଂଖ୍ୟକ କର୍ମଚାରୀଙ୍କ ଅଂଶଗ୍ରହଣ ପାଇଁ କୋକ୍ ଓଭେନ ବିଭାଗକୁ ପୁରସ୍କୃତ କରାଯାଇଥିଲା । ସିଓ ଏବଂ ସିସିଡ଼ି ବିଭାଗର ସିଜିଏମ ଆର୍. ଜୋଶୀଙ୍କ ନେତୃତ୍ୱରେ ବିଭାଗୀୟ ଦଳ ଏହି ପୁରସ୍କାର ଗ୍ରହଣ କରିଥିଲେ । ଆର୍‌ଏସ୍‌ପି ପୋର୍ଟାଲ ଏବଂ ମୋବାଇଲ ଆପ୍ ମାଧ୍ୟମରେ ୨୧୭୦ ଜଣ କର୍ମଚାରୀ ଏଥିରେ ଭାଗ ନେଇଥିଲେ । ତନ୍ମଧ୍ୟରୁ ୧୯୨ ଜଣ କର୍ମଚାରୀ (୧୧୦ ଜଣ କାର୍ଯ୍ୟନିର୍ବାହୀ ଓ ୮୨ ଜଣ ଅଣ-କାର୍ଯ୍ୟନିର୍ବାହୀ) ଜୁଲାଇ ୧୬ରୁ ଜୁଲାଇ ୨୫ ତାରିଖ ମଧ୍ୟରେ ଆର୍‌ଏସ୍‌ପି ବିଷୟରେ ସକାରାତ୍ମକ ଚିନ୍ତାଧାରାର ଅତି କମ୍‌ରେ ଗୋଟିଏ ସମ୍ପୂର୍ଣ୍ଣ ବାକ୍ୟ ଲେଖିଥିଲେ । ବରିଷ୍ଠ ଅଧିକାରୀଙ୍କ ଏକ କମିଟି ଦ୍ୱାରା ଏହି ଏଣ୍ଟ୍ରିଗୁଡ଼ିକ ଅନ୍‌ଲାଇନରେ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ପ୍ରତିଦିନ ସେମାନଙ୍କ ମାର୍କ ଦାଖଲ କରାଯାଇଥିଲା । ସେମାନଙ୍କ ମୂଲ୍ୟାଙ୍କନ ଉପରେ ଆଧାର କରି ଉଭୟ କାର୍ଯ୍ୟନିର୍ବାହୀ ଏବଂ ଅଣ-କାର୍ଯ୍ୟନିର୍ବାହୀ ବର୍ଗର ଶ୍ରେଷ୍ଠ ୩ଜଣ କର୍ମଚାରୀଙ୍କୁ ଆର୍‌ଏସ୍‌ପି ଗୌରବ ପୁରସ୍କାର ପ୍ରଦାନ କରାଯାଇଥିଲା ।

CAD - 1496
**ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ**
ORERA
**Odisha Real Estate Regulatory Authority**
**ଆପଣ ଜାଣନ୍ତି କି ?**
- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ । ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ ।
**Secretary, Odisha RERA**
**Block-A1, 3rd Floor, Toshali Bhawan, Satya Nagar, Bhubaneswar-751007**
**Email: reraodisha@gmail.com**
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
**https://rera.odisha.gov.in**
**"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"**
OIPR-13223/11/0014/2526

# 'ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଭୁଲିବାର ନୁହେଁ'

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳନ

ବଲାଙ୍ଗୀର, ୧୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ ସ୍ଥାନୀୟ ମନୋହାରପୁରସ୍ଥିତ ରିଜର୍ଭ ପୋଲିସ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ଏହି ଅବସରରେ ଜିଲାର ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାନ୍ଧାତା, କପୁର୍ଚ୍ଚନ ନାଏକ, ସୁରେନ୍ଦ୍ର ଠାକୁର, କୁଞ୍ଜ ବିହାରୀ ମେହେର, କପିଳେଶ୍ୱର ପ୍ରସାଦ ନନ୍ଦ, ସତ୍ୟାନନ୍ଦ ମିଶ୍ର, ଦିବାକର ବହିଦାର, ଯୁଧିଷ୍ଠିର ମିଶ୍ର, ଯୋଗେଶ୍ୱର କୁମରା, ଧ୍ରୁବ ନାଥ, ପୁରୁଷୋତ୍ତମ ନାଥ, ଚିନ୍ତାମଣି ମିଶ୍ର, ଚିନ୍ତାମଣି ରଥ, ଋଷି ଗଡତ୍ୟା, ଭାର୍ଗବୀ ଗୁରୁ, ଯୁଗଳ କିଶୋର ନାଥ, ନରସିଂହ ପ୍ରସାଦ ନନ୍ଦ, ସ୍ୱପ୍ନାନନ୍ଦ ପାଣିଗ୍ରାହୀଙ୍କ ଭଳି ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମନ୍ତ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ସ୍କୁଲ କଲେଜରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଜିଲା ପାଇଁ ଉତ୍କର୍ଷତା ଆଣିଥିବା ବ୍ୟକ୍ତିବିଶେଷ ଏବଂ ବଳିଦାନ ଦେଇଥିବା ଶହୀଦଙ୍କ ପରିବାର ସଦସ୍ୟଙ୍କୁ ମନ୍ତ୍ରୀ ନାୟକ ପୁରସ୍କୃତ ଓ ସମ୍ମାନିତ କରିଥିଲେ। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଏସ୍‌ପି ଅଭିଲାଷ ଜି, ଜିଲାସ୍ତରୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ସଭା ପରେ ମନ୍ତ୍ରୀ ନାୟକ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ଅପରାହ୍ଣ ୪ଟାରେ ସ୍ଥାନୀୟ ଟାଉନ ବାଳକ ହାଇସ୍କୁଲ ପଡିଆରେ ସାମ୍ବାଦିକ ଏକାଦଶ ବନାମ ଜିଲାପାଳ ଏକାଦଶ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।



ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରୁଛନ୍ତି।

# ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବିକ୍ଷୋଭ

## ପାଗଳା କୁକୁର କାମୁଡ଼ାରେ ୨ ଜଣଙ୍କ ମୃତ୍ୟୁ ଘଟଣା

ବଲାଙ୍ଗୀର, ୧୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଚିଞ୍ଚେଡ଼ ଗ୍ରାମରେ ପାଗଳା କୁକୁର କାମୁଡ଼ାରେ ଜଣେ ଜାତୀୟ ସ୍ତରର ପାରା ଆଥ୍‌ଲେଟଙ୍କ ସମେତ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଗାଁର ଅନ୍ୟ ୬ ଜଣ କୁକୁର କାମୁଡାରେ ଆହତ ହୋଇଥିଲେ। ସେମାନେ ଏଯାବତ୍ ସୁସ୍ଥ ହୋଇନାହାନ୍ତି। ଯେଉଁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଏଣୁ ଦୁଇ ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ଏବଂ ବୁଲା କୁକୁରଙ୍କ ଦୌରାତ୍ମ୍ୟରୁ ଜନସାଧାରଣଙ୍କୁ ସୁରକ୍ଷା ଦାବି ନେଇ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଚିଞ୍ଚେଡ ଗ୍ରାମବାସୀ ଏବଂ ଏଆଇଡିଏସ୍‌ଓ ସଦସ୍ୟା ସଦସ୍ୟମାନେ ସ୍ଥାନୀୟ କଳାମଣ୍ଡଳ ପଡ଼ିଆରୁ ଏକ ରାଲିରେ ବାହାରି ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚିଞ୍ଚେଡ ଗ୍ରାମର ପାରା ଆଥ୍‌ଲେଟ୍ ଯୋଗେନ୍ଦ୍ର ଛତ୍ରିଆ (୩୩) ଓ ହୃଷିକେଶ ରଣା (୪୮)ଙ୍କ କୁକୁର କାମୁଡାରେ ମୃତ୍ୟୁ ହୋଇଥିଲା। ରାଧିକା ଛତ୍ରିଆ ପୁଅ ଯୋଗେନ୍ଦ୍ରଙ୍କୁ ମିଳିଥିବା ରାଜ୍ୟ ରେଡକ୍ରସ ସୋସାଇଟିର ପ୍ରମାଣ ପତ୍ର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୃତ ହୃଷୀକେଶଙ୍କ ସ୍ତ୍ରୀ ତପିସା, ଝିଅ ଓ ପୁଅ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରି ସହାୟତା ଦାବି କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲା ସମ୍ପାଦକ ସୁନୀଲ ଭୋଇ, ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର, ଜିଲା କମିଟି ସଦସ୍ୟ ନନ୍ଦି ଛତ୍ରିଆ, ଏଆଇଡ଼ିଏସଓ ଜିଲା ସମ୍ପାଦିକା ଗୌରୀ ରାଉତ, ରମାକାନ୍ତ ରଣା, ଗାଁର ପ୍ରେମ ସାଗର ଛତ୍ରିଆ, ହୁଏନସା ସେଠ, ତିରୁପତି ନାଗ, ବିଷ୍ଣୁ ରଣା, ବଳଦେବ ନାଗ, ପୀତରାମ ଜାନୀଙ୍କ ସହ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ଲାଠୋର, ୧୬।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଶୁକ୍ରବାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। କରୁଆଁଝର ସରପଞ୍ଚ ଜପସ୍ୱିନୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ବକ୍ତାମାନେ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀବୃନ୍ଦ ଉପସ୍ଥିତ ଥିଲେ। ଶିକ୍ଷକ ଆକାଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦେବାଶିଷ ସାହୁ, ଫକିର ରଣା, କୃଷ୍ଣଚନ୍ଦ୍ର ଭୁଏ, ଜିତେନ୍ଦ୍ର ସର୍ଭଙ୍ଗ, ନୀଳାମ୍ବର କୁମ୍ଭାର, ସତ୍ୟବାନ ସାହୁ, ଜଗବନ୍ଧୁ ନାଗ, ଶିକ୍ଷୟିତ୍ରୀ ସୁନିତା ନନ୍ଦ, ସୁନିତା ବାର୍ଲା, ଜ୍ୟୋତି କାଲୋ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସେହିପରି ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ, ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ପଞ୍ଚାୟତରେ ସ୍ୱାଧୀନତା ଦିବସ ଶାନ୍ତିଶୃଙ୍ଖଳା ସହକାରେ ପାଳିତ ହୋଇଯାଇଛି।

**ଦେଓଗାଁ, (କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ବ୍ଲକର ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଶୁକ୍ରବାର ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ନର୍ମଦା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀକ୍ଷକ ଡା. ଚିତ୍ତ ରଞ୍ଜନ ମିଶ୍ର, ଦେଓଗାଁ ଥାନାରେ ଡିଏସପି ସମର୍ଥ କେ. ବେହେରା, ସ୍ଥାନୀୟ କୃଷି ବିଭାଗରେ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ଉଦ୍ୟାନ ବିଭାଗରେ ପ୍ରଜେତା ପୁରୋହିତ, ଜଙ୍ଗଲ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଯୁଧିଷ୍ଠିର ଜାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତରେ କାର୍ଯ୍ୟନିର୍ବାହୀମାନଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ସରପଞ୍ଚମାନେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ୧୨ଟି ପାକ୍ସରେ ସମ୍ପାଦକମାନଙ୍କ ପରିଚାଳନାରେ ସଭାପତିମାନେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁତୁର୍ଲା ସୁରଧନୁ ହାଇସ୍କୁଲରେ ସରପଞ୍ଚ ତେଜ ହରପାଲ ଓ ସାରସବାହାଲ ପ୍ରାଥମିକ ବିଦ୍ୟାଳୟରେ ସାମାଜିକ କର୍ମୀ ସୁରେଶ ରଣା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଖପ୍ରାଖୋଲ, (ଅଭୟ ତ୍ରିପାଠୀ):** ଶୁକ୍ରବାର ଖପ୍ରାଖୋଲ ବ୍ଲକରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଟେଲ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମକୁ ମନେ ପକାଇବା ସହିତ ଦେଶର ବିକାଶ ପାଇଁ ଏକାଠି ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ଜିପିଇଓ ପରମେଶ୍ୱର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ରାମାନନ୍ଦ ବେହେରାଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହି ପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ କୃଷି କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ବନ ବିଭାଗ କାର୍ଯ୍ୟାଳୟରେ ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଥାନାରେ ଥାନା ଅଧିକାରୀ ନରେନ୍ଦ୍ର ଛତର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଟିଟିଲାଗଡ଼, ୧୬।୮ (ଶରତ ମିଶ୍ର):** ଶୁକ୍ରବାର ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀ ବାହିନୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ, ଗାଇଡ୍, ରେଡ଼କ୍ରସ ସମେତ ୨୬ଟି ଟ୍ରୁପ ପରେଡ୍‌ରେ ଭାଗ ନେଇଥିଲେ। ଟିଟିଲାଗଡ଼ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଡେପୁଟି କଲେକ୍ଟର ମଙ୍ଗଳ ସିଂଭୋଇ, ଏସଡିପିଓ ଯଶୋବନ୍ତ ପ୍ରଧାନୀ, ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି, ଅଗ୍ନିଶମ ଅଧିକାରୀ ରାଧେଶ୍ୟାମ ବାରିକ, ସବ ଇନ୍ସପେକ୍ଟର କିରଣ ଜାନି, ଉତ୍ସବ ପାଳନ କମିଟି ସଦସ୍ୟ ତ୍ରିନାଥ ସରାଫ, ଚିନ୍ତାମଣୀ ମହାପାତ୍ର, ପ୍ରଶାନ୍ତ ବେହେରା, ରାଜୁ ମିଶ୍ର, ଶରତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦୀପକ ସମ୍ପାଦାର, ପ୍ରମୋଦ ପାଳ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋଏଲ, ଡ଼. ଘନଶ୍ୟାମ ଜୈନ, ଚାମ୍ବର୍ସ ଅଫ କମର୍ସର ସଭାପତି ଈଶ୍ୱର ଜୈନ, ଅଜୟ ବର୍ମା, ନସିବ ରଣା, ନିରଜ ପଟ୍ଟନାୟକ, ଅଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଲୋଇସିଂହା, (ସୁଶାନ୍ତ ବାରିକ):** ଲୋଇସିଂହା ଷ୍ଟାଡିୟମଠାରେ ସ୍ଥାନୀୟ ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଲୋଇସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ,ବଙ୍କେଲ ଉଚ୍ଚ ବିଦ୍ୟାଳୟ, ଲୋଇସିଂହା କଲେଜ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ, ବେଥାନୀ ସ୍କୁଲ, ସୈନିକ ସ୍କୁଲର ଛାତ୍ରୀଛାତ୍ର ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଅନୁଷ୍ଠାନର ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଡିଓ ଅକ୍ଷୟପାଣି ଉଦ୍ଗୁ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ପରଠାରୁ ଦେଶରେ ନାରୀ ସଶକ୍ତିକରଣ ହେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବିଜ୍ଞାନ, ଅର୍ଥନୈତିକ ଆଦି କ୍ଷେତ୍ରରେ ଅଭିବୃଦ୍ଧି ହୋଇଥିବା ଅତିଥି ଉଦ୍ଗୁ କହିଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟଗୁଡିକରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଗ୍ରାମବାସୀଙ୍କ ସମେତ ଗ୍ରାମର ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ନାୟକ ସଂଯୋଜନା କରିଥିଲେ। ଏଠାରେ ବ୍ଲକ କୃଷି ଅଧିକାରୀ ଆଶିଷ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା।

**ସଇଁତଲା, (ରାଖାଲ ପ୍ରସାଦ ଶତପଥୀ):** ସଇଁତଲା ଗୋଳାବାରୁଦ କାରଖାନା ବଡ଼ମାଳଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାରଖାନାର ପ୍ରଶାସନିକ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ଜାତୀୟ ପତାକା ଉତ୍ତୋଳନ କରି ସୁରକ୍ଷା କର୍ମୀଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାରଖାନାର ସମସ୍ତ କର୍ମଚାରୀ, ଅଧିକାରୀ, ମହିଳା କଲ୍ୟାଣ ସମିତିର ପଦାଧିକାରୀ ଉପସ୍ଥିତ ଥିଲେ। ସେହିପରି ସଇଁତଲା ନେତାଜୀ କ୍ଲବ ତରଫରୁ ପୁରୁଣା ଏମଇ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ନେତାଜୀ କ୍ଲବର ସଭାପତି ସୁବୋଧ ମିଶ୍ର ପତାକା ଉତ୍ତୋଳନ କରିଥିବା ବେଳେ କ୍ଲବର ମନୋଜ ପୃଷେଠ, ସଞ୍ଜୟ ଅଗ୍ରୱାଲ, ସାମାଜିକ କର୍ମୀ ମଦନଲାଲ ଅଗ୍ରୱାଲ, ଝସକେତନ ମନହୀରା, କିଶାନ ପଟ୍ଟନାୟକ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ସଇଁତଲା, ୧୬।୮ (ରାଖାଲ ପ୍ରସାଦ ଶତପଥୀ)

ଶୁକ୍ରବାର ସଡକ ଦୁର୍ଘଟଣାରେ ବଲାଙ୍ଗୀର ଏମ୍‌ପିଙ୍କ ସଇଁତଲା ବ୍ଲକ ପ୍ରତିନିଧି ଗଦାଧର ବଗର୍ତ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ନୂଆଁମୁଣ୍ଡା ଗ୍ରାମରେ। ଶୁକ୍ରବାର ସକାଳେ ବଲାଙ୍ଗୀର ଜିଲାରେ ହେବାକୁ ଥିବା ଭାଜପାର ଜିଲାସ୍ତରୀୟ ବୈଠକରେ ଯୋଗ ଦେବାକୁ ଗଦାଧର ଏବଂ ସୁରେଶ ଦନ୍ତା ଏକ ବାଇକ୍ ଯୋଗେ ନୂଆଁମୁଣ୍ଡାରୁ ବଲାଙ୍ଗୀର ଯାଉଥିଲେ। ଏହି ସମୟରେ ହଠାତ୍ ଏକ କୁକୁର ବାଇକ୍ ଆଗକୁ ଚାଲି ଆସିବାରୁ ଦୁହେଁ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଗଦାଧରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗଦାଧରଙ୍କ ସେଠାରେ ମୃତ୍ୟୁ ଘଟିଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପି ତଥା ପରୋପକାରୀ ବ୍ୟକ୍ତି ଥିଲେ। ଅନ୍ୟପକ୍ଷରେ ସୁରେଶଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାଯାଇଛି।

# ମଦ ଜବତ: ୪ ଗିରଫ

କଣ୍ଟାବାଞ୍ଜି, ୧୬।୮ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଶନିବାର କଣ୍ଟାବାଞ୍ଜି ଅବକାରୀ ବିଭାଗ ପକ୍ଷରୁ ୪ଟି ସ୍ଥାନରେ ଚଢାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସ୍ଥାନୀୟ କୋର୍ଟ ଚାଲାଣ କରାଯାଇଥିଲା। ୩ ଜଣଙ୍କୁ ଜାମିନ ମିଳିଥିବା ବେଳେ ଜଣେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, କଣ୍ଟାବାଞ୍ଜି ଥାନା ଅଧୀନ କୁକୁଡାହାଡ ଗ୍ରାମରୁ ୧୦ ଲିଟର, ମାକରଚୁଆଁ ଗ୍ରାମରୁ ୨୦ ଲିଟର, ଦାବିରି ଗ୍ରାମରୁ ୯.୬୦୦ ଲିଟର ଏବଂ ତୁରେକେଲା ଥାନା ସମରସିଂହ ଗ୍ରାମରୁ ୯.୮ଲିଟର ମଦ ଜବତ ହୋଇଛି।

**WANTED**

Experienced **ELECTRICAL SITE ENGINEERS** with **AutoCad Skills** for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.

**Contact Person**
**Abinash Rautaray : 63713 82526**

GOVERNMENT OF ODISHA No.A-506
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-15/2025-2026 (Online)**
**BID IDENTIFICATION NO-CE & BM-MB-15/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kebar Canal Section, Barpali Irrigation Division, Barpali) |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-15/2025-2026 (Online) |
| 5 | Estimated cost | : | Rs.21.13 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 20.08.2025 at 11.30 A.M. to Dated - 09.09.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 09.09.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 10.09.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager,
Mahanadi Basin, Burla

OIPR-32508/11/0024/2526

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST/OT/CCTV/ ORH/KUR/488, ତା.09.08.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଦୂରସଂଚାର ଉପକରଣର ଉନ୍ନୟନ, OHE ଓ PSI ଡିପୋରେ CCTV ସଂସ୍ଥାପନ, ଡିସ୍‌ପ୍ଲେ ଏବଂ ସାର୍ବଜନୀନ ଘୋଷଣା ପ୍ରଣାଳୀର ବ୍ୟବସ୍ଥା, RPF ପୋଷ୍ଟ ଏବଂ କାର୍ଯ୍ୟାଳୟ ନିମନ୍ତେ ଦୂରସଂଚାର କାର୍ଯ୍ୟ, ତଥା ଦୂରସଂଚାର ଉପକରଣ ଓ ଯନ୍ତ୍ରପାତିର ଯୋଗାଣ।

**ଟେଣ୍ଡର ମୂଲ୍ୟ :** ₹ 5,71,98,454.54, EMD : ₹ 4,36,000/-

ବିଡ୍ ଆରମ୍ଭ ହେବା ତାରିଖ : ତା.18.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-480/Q/25-26

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
ISO 9001-14001 18001 Certified
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022
Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963

**NOTICE INVITING TENDER NO. 30/2025-26 DATED 12.08.2025**

**No.CAD-1450** : Sealed Tenders are invited in **two-part** basis i.e. (a) **Techno-Commercial bid** & (b) **Price-bid** from the registered Security Agencies who fulfill the eligibility criteria as per the tender specification for the work as mentioned below.

| SL. NO. | DESCRIPTION OF SERVICES | COST OF TENDER PAPER (Non-refundable) in Rs. | EMD | PERIOD OF AVAILABILITY OF TENDER AT OHPC WEBSITE | LAST DATE & TIME OF RECEIPT OF TENDER | DATE & TIME OF OPENING OF TECHNO COMMERCIAL BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Engagement of security personnel in BHEP, Balimela for a period of two years | Rs.11,800/- (Rs.10,000/- + GST 18%) | Rs.4,50,000/- | 20.08.2025 to 11:00 Hrs. on 08.09.2025 | up to 13:00 Hrs. on dated 08.09.2025 | 17:00 Hrs. on dated 08.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0110/2526
Sd./- Unit Head, BHEP, Balimela

CAD - 1496

**ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ**

ORERA

**Odisha Real Estate Regulatory Authority**

**ଆପଣ ଜାଣନ୍ତି କି ?**

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

**Secretary, Odisha RERA**
**Block-A1, 3rd Floor, Toshali Bhawan, Satya Nagar, Bhubaneswar-751007**
**Email: reraodisha@gmail.com**

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
**https://rera.odisha.gov.in**

OIPR-13223/11/0014/2526
**"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"**

# ସାମୂହିକ ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ

ଦେବଗଡ଼,୧୬।୮ (ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାପାଳ ସାହୁ ଜିଲାର ବିକାଶ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଜିଲାର ସାମୂହିକ ବିକାଶ ନିମନ୍ତେ ଜିଲାବାସୀ ମିଳିତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ ଓ ସେକେଣ୍ଡ ଇନ କମାଣ୍ଡ କାଳଣ୍ଡି ବେହେରାଙ୍କ ନେତୃତ୍ୱରେ ଆୟୋଜିତ ପରେଡରେ ପୋଲିସ ବାହିନୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ୪ର୍ଥ ଆଇ.ଆର ବାଟାଲିୟନର ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ମଞ୍ଚ ଉପରେ ଜିଲାପାଳ ସାହୁଙ୍କ ସହିତ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପ ଜିଲାପାଳ ପରିକ୍ଷିତ ସାହୁ ଓ ଦେବଗଡ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଡାନିଏଲ ପବ୍ଲିକ ସ୍କୁଲ, ଚିନ୍ମୟ ବିଦ୍ୟାଳୟ,ନୋଟ୍ରେଡେମ ଏକାଡେମୀ, ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ଦେଶାତ୍ମବୋଧକ ନୃତ୍ୟ ଏବଂ ସଙ୍ଗୀତ ପରିବେଷିତ ହୋଇଥିଲା। ଆୟୋଜିତ ପରେଡ ପ୍ରତିଯୋଗିତାରେ ୟୁନିଫର୍ମ ବିଭାଗରେ ଦେବଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ଓ ଦେବଗଡ ମହାବିଦ୍ୟାଳୟ ଏନସିସି ଦ୍ୱିତୀୟ, ସିଭିଲିଆନ(ସିନିୟର)ରେ ଚିନ୍ମୟ ବିଦ୍ୟାଳୟ, ସିଭିଲିଆନ(ଜୁନିୟର)ରେ ବାଲ ଭାରତୀ ଇଂରାଜୀ ମିଡିୟମ ସ୍କୁଲ ପ୍ରଥମ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ କୃତୀ ପରେଡ ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ମଞ୍ଚ ପରିଚାଳନା କରିଥିଲେ। ଏହାପରେ ଜିଲାପାଳ ସାହୁ ସ୍ଥାନୀୟ ସ୍ୱତନ୍ତ୍ର ଉପକାରାଗାରର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସକାଳେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହାକୁ ଜିଲାପାଳ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।


ଦେବଗଡ଼ରେ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

**ଦେବଗଡ଼ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

# ସ୍କୁଲ ୟୁନିଫର୍ମରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର

ଦେବଗଡ଼,୧୬।୮ (ଶଶାଙ୍କ ଶେଖର ଝାଙ୍କର)

- ସ୍ୱାଧୀନତା ଦିବସ ପୂର୍ବରୁ ପାଇବା କଥା
- ବିଳମ୍ବ ପାଇଁ ତଦନ୍ତ କରାଯାଉ
- ଯେଉଁମାନେ ବିଳମ୍ବ ପାଇଁ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ସ୍ୱାଧୀନତା ଦିବସ ପାଳିତ ହୋଇଗଲା, ହେଲେ ଦେବଗଡ଼ ଜିଲାରେ ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ମିଳିଲା ନାହିଁ। ସରକାରୀ ନିୟମ ଅନୁଯାୟୀ ସ୍ୱାଧୀନତା ଦିବସ ପୂର୍ବରୁ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ଡ୍ରେସ୍ (ୟୁନିଫର୍ମ) ମିଳିଥାଏ। କିନ୍ତୁ ଚଳିତବର୍ଷ ଏହାର ବ୍ୟତିକ୍ରମ ଦେଖାଯାଇଛି। ସ୍ୱାଧୀନତା ଦିବସ ପାଳନ ସରିଗଲା ପରେ ମଧ୍ୟ କେତେକ ହାତଗଣତି ସ୍କୁଲକୁ ଛାଡ଼ିଦେଲେ ଅନେକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଡ୍ରେସ ମିଳିନାହିଁ। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କଣ ପାଇଁ ଏପରି ବ୍ୟତିକ୍ରମ ଦେଖାଯାଇଛି ତାହା ତଦନ୍ତ କରାଗଲେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଯେଉଁମାନେ ବିଳମ୍ବ ପାଇଁ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। କୁଆଡେ ଏହି ସ୍କୁଲ ଡ୍ରେସ ପାଇଁ ବିଭାଗକୁ ଓ ସ୍କୁଲକୁ ପିସି ଟଙ୍କା ମିଳିଥାଏ। ଏପରିକି ବାହାରକୁ ବୁଲିଯିବା ଓ ଭୋଜି ପାଇଁ ଏସ୍ଏଚ୍‌ଜି ଗ୍ରୁପ ନାମରେ ଏଗ୍ରିମେଣ୍ଟ କରି ନେଇଥିବା କପଡା ବେପାରୀ ଟଙ୍କା ଦେଇଥାଏ ବୋଲି ଚର୍ଚ୍ଚା ହେଉଛି। ଚଳିତବର୍ଷ ପିସି କାରବାର ଛିଣ୍ଡି ନ ଥିବାରୁ ଏପରି ବ୍ୟତିକ୍ରମ ଦେଖାଯାଇଛି ବୋଲି କୁହାଯାଉଛି। କିଏ ଦାୟିତ୍ୱରେ ଅଛନ୍ତି, କଣ ପାଇଁ ଦିଆଗଲା ନାହିଁ ଜିଲାପାଳ ନିଜେ ତଦନ୍ତ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ପଚାରିବାରୁ ପ୍ରତ୍ୟେକ ସ୍କୁଲ ଯେଉଁ ଏସ୍ଏଚ୍‌ଜି ଗ୍ରୁପ ସହିତ ଏଗ୍ରିମେଣ୍ଟ କରିଥିବ ସେହି ଗ୍ରୁପ ଡ୍ରେସ ଦେବ। ପ୍ରାୟ ଅଧିକାଂଶ ସ୍କୁଲରେ ଦିଆସରିଛି। ବାକି ରହିଥିବା ସ୍କୁଲରେ ସେମାନେ ଏଗ୍ରିମେଣ୍ଟ କରିଥିବା ଏସ୍ଏଚ୍‌ଜି ଗ୍ରୁପ ଦେବେ ବୋଲି କହିଥିଲେ। ଏଇଠି କଥା ଉଠୁଛି ଯେ, ଏସ୍ଏଚ୍‌ଜି ଗ୍ରୁପ କେବଳ ନାମକୁ ମାତ୍ର। ଏସ୍ଏଚ୍‌ଜି ଗ୍ରୁପ ନାମରେ ବିଭିନ୍ନ କପଡା ବ୍ୟବସାୟୀ ମୋଟା ଅଙ୍କର କାରବାର କରି ଡ୍ରେସ ବଣ୍ଟନ କରୁଥିବା ଜଣାପଡିଛି। ତେଣୁ ଏହାର ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଜଣାପଡ଼ିବ। ଏସ୍ଏଚ୍‌ଜି ଗ୍ରୁପ ଡ୍ରେସ୍ ଦେଉଛନ୍ତି ନା ଏସ୍ଏଚ୍‌ଜି ଗ୍ରୁପ ନାମରେ କପଡ଼ା ବ୍ୟବସାୟୀ ଡ୍ରେସ୍ ଦେଉଛନ୍ତି। ତୁରନ୍ତ ସବୁ ସ୍କୁଲରେ ଡ୍ରେସ୍ ଯୋଗାଇ ଦେବାକୁ ଦାବି ହେଉଛି।

**WANTED**
Experienced **ELECTRICAL SITE ENGINEERS** with **AutoCad Skills** for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
**Contact Person**
**Abinash Rautaray : 63713 82526**

GOVERNMENT OF ODISHA No.A-506
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
'e' Procurement Notice No-CE & BM-MB-15/2025-2026 (Online)
BID IDENTIFICATION NO-CE & BM-MB-15/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kebar Canal Section, Barpali Irrigation Division, Barpali) |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-15/2025-2026 (Online) |
| 5 | Estimated cost | : | Rs.21.13 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 20.08.2025 at 11.30 A.M. to Dated - 09.09.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 09.09.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 10.09.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager, Mahanadi Basin, Burla
OIPR-32508/11/0024/2526

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST/OT/CCTV/ ORH/KUR/488, ତା.09.08.2025ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଦୂରସଂଚର ଉପକରଣର ଉନ୍ନୟନ, OHE ଓ PSI ଡିପୋରେ CCTV ସଂସ୍ଥାପନ, ଡିସ୍‌ପ୍ଲେ ଏବଂ ସାର୍ବଜନୀନ ଘୋଷଣା ପ୍ରଣାଳୀର ବ୍ୟବସ୍ଥା, RPF ପୋଷ୍ଟ ଏବଂ କାର୍ଯ୍ୟାଳୟ ନିମନ୍ତେ ଦୂରସଂଚର କାର୍ଯ୍ୟ, ତଥା ଦୂରସଂଚର ଉପକରଣ ଓ ଯନ୍ତ୍ରପାତିର ଯୋଗାଣ।
**ଟେଣ୍ଡର ମୂଲ୍ୟ :** ₹5,71,98,454.54, EMD : ₹4,36,000/-
ବିଡ୍ ଆରମ୍ଭ ହେବା ତାରିଖ : ତା.18.08.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-480/Q/25-26

# ଝାରସୁଗୁଡ଼ାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ଝାରସୁଗୁଡ଼ା,୧୬।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମନମୋହନ ସ୍କୁଲ ପଡ଼ିଆରେ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବ ଜିଲାପାଳ କୁନାଲ ମୋତିରାମ ଚୌହାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ସମବେତ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମହାନ ରାଷ୍ଟ୍ରର ନାଗରିକ ଭାବରେ ଦାରିଦ୍ର୍ୟ, ଅସମାନତା ଓ ପରିବେଶ ଅବକ୍ଷୟ ଭଳି ଆହ୍ୱାନର ମୁକାବିଲା କରିବା ତଥା ବିକାଶର ଫଳ ଦେଶର ପ୍ରତିଟି କୋଣରେ ପହଞ୍ଚାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଛନ୍ତି। ଜିଲାପାଳ ଝାରସୁଗୁଡ଼ା ମାଟିର ଶହୀଦ କରୁଣାକର ସିଂ ନାଏକ, ମିଟୁ କୁଅଁର, ଗଣେଶ ଉପାଧ୍ୟାୟ, ଚିନ୍ତାମଣି ପୂଜାରୀ ଓ ବିହାରୀରାମ ତନ୍ତୀଙ୍କର ସ୍ମୃତିଚାରଣ କରିଥିଲେ। ଜିଲାସ୍ତରୀୟ ପରେଡ଼ରେ ପୋଲିସ ବ୍ୟାଣ୍ଡ ସହ ସ୍କୁଲ କଲେଜର ମୋଟ ୨୭ଟି ଦଳ ଅଂଶ ଗ୍ରହଣ କରିଥିଲେ। ସିନିୟର ଡିଭିଜନରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଏନସିସି, ଜୁନିୟର ଡିଭିଜନରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସବଜୁନିଅର ଡିଭିଜନରେ ବ୍ଲୁ ବେଲ ଇଂଲିଶ ସ୍କୁଲ ଶ୍ରେଷ୍ଠ ପରେଡ଼ ଦଳ ଭାବେ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୟୁନିଟେଡ଼ ବୁକ ଷ୍ଟୋର, ପ୍ରଭିନସିଆଲ ବୁକ ଡିପୋ, ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚ,ଦିଶା ଓ ପ୍ରଫେସର ଟହଲୁ ସାହୁ ସହଯୋଗ କରିଥିଲେ। ଏହି ଅବସରରେ ରାଜସ୍ୱ ସେବା, କୃଷି, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ସେବା ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତଥା ଜିଲାରେ ମେଟ୍ରିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନମୋହନ ସ୍କୁଲରେ ୟଙ୍ଗ ଷ୍ଟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲାବେଳେ ଲାୟନ୍ସ କ୍ଲବ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓ ଏଇ ତ ଜୀବନ ପକ୍ଷରୁ ଜିଲା କାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜିଲାପାଳଙ୍କ ସହିତ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଆଇଏଏସ ପ୍ରବେଶନର ପ୍ରଜ୍ଞାନନ୍ଦନ ଗିରି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା,ସିଡିଏମ୍‌ଓ ଡାକ୍ତର ମହେଶ ମୋହନ ପଣ୍ଡା ପ୍ରମୁଖ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ଝାରସୁଗୁଡ଼ାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
OHPC ISO 9001-14001 18001 Certified
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022
Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963
**NOTICE INVITING TENDER NO. 30/2025-26 DATED 12.08.2025**
**No.CAD-1450** : Sealed Tenders are invited in **two-part** basis i.e. (a) **Techno-Commercial bid** & (b) **Price-bid** from the registered Security Agencies who fulfill the eligibility criteria as per the tender specification for the work as mentioned below.

| SL. NO. | DESCRIPTION OF SERVICES | COST OF TENDER PAPER (Non-refundable) in Rs. | EMD | PERIOD OF AVAILABILITY OF TENDER AT OHPC WEBSITE | LAST DATE & TIME OF RECEIPT OF TENDER | DATE & TIME OF OPENING OF TECHNO COMMERCIAL BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Engagement of security personnel in BHEP, Balimela for a period of two years | Rs.11,800/- (Rs.10,000/- + GST 18%) | Rs.4,50,000/- | 20.08.2025 to 11:00 Hrs. on 08.09.2025 | up to 13:00 Hrs. on dated 08.09.2025 | 17:00 Hrs. on dated 08.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0110/2526
Sd./- Unit Head, BHEP, Balimela

# ସମ୍ପର୍କୀୟା ଭାଉଜଙ୍କୁ ବଳାତ୍କାର: ଜେଲ ଗଲେ ଦିଅର

ଦେବଗଡ଼,୧୬।୮ (ଶଶାଙ୍କ ଶେଖର ଝାଙ୍କର)

ଜଣେ ମହିଳାଙ୍କୁ ଏକୁଟିଆ ପାଇ ବଳାତ୍କାର କରିବା ଅଭିଯୋଗରେ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ପୋଲିସ ଜଣେ ସମ୍ପର୍କୀୟ ଦିଅରଙ୍କୁ ଗିରଫ କରିଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳ ମୁକ୍ତାପୋଶି ଗ୍ରାମର ରାଜୁ ଓରଫ ରାଜୀବ ନାୟକ ନାମକ ଜଣେ ଯୁବକ ଦେବଗଡ଼ ଜିଲା କୁଣ୍ଢେଗୋଳା ଥାନା ଅଞ୍ଚଳର ଏକ ଗ୍ରାମରେ ନିଜର ୨ ପୁତ୍ର ସନ୍ତାନଙ୍କ ସହିତ ରହୁଥିବା ଜଣେ ସମ୍ପର୍କୀୟା ଭାଉଜ(୩୫)ଙ୍କ ଘରକୁ କୁଣିଆଁ ଭାବେ ଆସିଥିଲେ। ତେବେ ଗତ ୧୨ ତାରିଖରେ ଉକ୍ତ ମହିଳା ଜଣକ ଏକୁଟିଆ ଥିବାର ସୁଯୋଗରେ ରାଜୁ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଗତ ୧୪ ତାରିଖରେ ପୀଡିତା ମହିଳା ଜଣକ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ରାଜୁଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାତ୍ର ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଝୁମ୍ପୁଡ଼ିଘରୁ ଦମ୍ପତିଙ୍କ ମୃତଦେହ ଜବତ

ବେଲପାହାଡ,୧୬।୮ (ସୁବାସ ପ୍ରଧାନ)

ଝାରସୁଗୁଡା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ଗାନ୍ଧୀନଗରର ଏକ ଝୁମ୍ପୁଡ଼ି ଘରୁ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ଦ୍ୱୟ ହେଲେ ବିକ୍ରମ (୬୦) ଓ ତାଙ୍କ ସ୍ତ୍ରୀ ଜାନକୀ (୫୫)। ଦୀର୍ଘବର୍ଷ ହେବ ଗାନ୍ଧୀନଗରରେ ଉଭୟ କୁଡ଼ିଆକରି ରହିବା ସହ ଭିକ୍ଷାବୃତ୍ତି କରି ଚଳୁଥିଲେ। ତେବେ କିଛି ଦିନ ହେବ ତାଙ୍କ ଘର ବନ୍ଦ ଥିଲା। ଶନିବାର ଘରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୋଲିସ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ କେହି ଅଭିଯୋଗକାରୀ ନ ଆସିବାରୁ ପୌର ପରିଷଦ ପକ୍ଷରୁ ଉଭୟଙ୍କ ଶବ ସତ୍କାର କରାଯାଇଥିବା ଜଣାପଡିଛି। ଏକାସାଙ୍ଗରେ ଉଭୟ ସ୍ୱାମୀସ୍ତ୍ରୀଙ୍କ ମୃତ୍ୟୁ କିଭଳି ହେଲା ଓ କାହିଁକି ହେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ସୂଚନା ଅନୁସାରେ, ପ୍ରାୟ ୫ ବର୍ଷ ତଳେ ବିକ୍ରମ ସ୍ତ୍ରୀଙ୍କ ସହିତ ଏଠାକୁ ଆସିଥିଲେ। ଗତ କିଛି ମାସ ହେବ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେବା ପରେ ଶଯ୍ୟାଶାୟୀ ହୋଇଯାଇଥିଲେ। ଜାନକୀ ଭିକ୍ଷାବୃତ୍ତି କରି ଯାହା ପାଉଥିଲେ ସେଥିରେ ଦମ୍ପତି ଚଳୁଥିଲେ। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କ ଏକାସାଙ୍ଗରେ ମୃତ୍ୟୁ ହୋଇଛି ସେ ନେଇ ତଦନ୍ତ ଚାଲିଛି।

# ଡକାୟତି ଯୋଜନାବେଳେ ୫ ଗିରଫ

ବ୍ରଜରାଜନଗର,୧୬।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଇବ୍ ନଦୀ ପାଖ ଅଞ୍ଚଳରୁ ଶୁକ୍ରବାର ରାତିରେ ୫ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ଏକତ୍ର ବସି ଡକାୟତି କରିବାର ଯୋଜନା କରୁଥିବାବେଳେ ପୋଲିସ ହାତରେ ଧରାପଡିଛନ୍ତି। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମୁଖ୍ୟ ବଜାର ଅଞ୍ଚଳର ଅଙ୍କିତ ଘୋଷ (୨୦), ଦୀପକ ସିଂ (୩୭), ରୋହିତ ସୁନା (୨୮), ପପୁ ସା (୩୭) ଓ ଗୁଆଲାପଡା ଅଞ୍ଚଳର ରଞ୍ଜିତ ଯାଦବ (୩୭ )। ସେମାନଙ୍କ ପାଖରୁ ଏକ ଦେଶୀ ପିସ୍ତଲ, ଲୁହା ରଡ ଭୁଜାଲି ଜବତ କରାଯାଇଛି। ୫ଜଣ ଯାକ ବ୍ରଜରାଜନଗର ଥାନା ଅଞ୍ଚଳର ଓ ସେମାନଙ୍କ ନାମରେ ପୂର୍ବରୁ ବ୍ରଜରାଜନଗର ଥାନା ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଥାନା ଅଧିକାରୀ ଧବଳେଶ୍ୱର ସାହୁ ଇବ୍‌ନଦୀ ପାଖାପାଖି ଅଞ୍ଚଳରେ କେତେଜଣ ଅସାମାଜିକ ବ୍ୟକ୍ତି ଏକାଠି ବସି ଡକାୟତି ଯୋଜନା କରୁଥିବାର କୌଣସି ସୂତ୍ରରୁ ଖବର ପାଇଥିଲେ। ତୁରନ୍ତ ଏଏସ୍‌ଆଇ ପାଣିଗ୍ରାହୀଙ୍କୁ ପୋଲିସ ଫୋର୍ସ ସହିତ ଘଟଣା ସ୍ଥଳକୁ ପଠାଇଥିଲେ। ପୋଲିସ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା।

CAD - 1496
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
**ଆପଣ ଜାଣନ୍ତି କି ?**
- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।
**Secretary, Odisha RERA**
**Block-A1, 3rd Floor, Toshali Bhawan, Satya Nagar, Bhubaneswar-751007**
**Email: reraodisha@gmail.com**
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
**https://rera.odisha.gov.in**
OIPR-13223/11/0014/2526
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

## ସିରିଜ୍ ଦୁର୍ଘଟଣାରେ ୫ ଆହତ

ରାଉରକେଲା, ୧୬।୮(ସଙ୍ଗୀତା ଜେନା): ରଘୁନାଥପାଲୀ ଥାନା ଅନ୍ତର୍ଗତ ହନୁମାନ ବାଟିକା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଲୁଙ୍ଗା ମହାବୀର ଫେରୋରୁ ଫ୍ଲାଏ ଆସ୍ ନେଇ ସେକ୍ଟର ଅଭିମୁଖେ ଯାଉଥିବା ଏକ ହାଇୱା ସିରିଜ୍ ଦୁର୍ଘଟଣା ଘଟାଇଛି।ଏଥିରେ୫ଜଣଆହତହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଏକ ହାଇୱା(ନଂ.ଓଆର୍୧୯ଜେ/୧୩୪୪) ହନୁମାନ ବାଟିକା ମୁଖ୍ୟଦ୍ୱାର ସମ୍ମୁଖ ବାଇପାସ ରୋଡ୍‌ରେ ଏକ ସ୍କୁଟି, ଅଟୋ, ବାଇକ୍ ଓ କାର୍‌କୁ ଗୋଟିଏ ପରେ ଗୋଟିଏ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଛେଣ୍ଡର ଦେବଶ୍ରୀ ମହାକୁଲ, ତୁଷାରକାନ୍ତ ମହାକୁଲ, ବାଇକ୍ ଚାଳକ ଆୟୁଷ ଗୁପ୍ତା, ବିବେକ ସିଂହ, ବିଶ୍ୱମ୍ଭର ବାରିକ ପ୍ରମୁଖ ଆହତ ହୋଇଥିଲେ। ଦେବଶ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେକ୍ଟର-୧୯ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଦୁର୍ଘଟଣାଗ୍ରସ୍ତ ଯାନଗୁଡ଼ିକୁ ପୋଲିସ ଜବତ କରିଛି। ଚାଳକ ନିଶାଗ୍ରସ୍ତ ଥିବାରୁ ବେପରୁଆ ଭାବେ ଗାଡି ଚାଳନା କରି ଏଭଳି ଦୁର୍ଘଟଣା ଘଟାଇଥବା ଜଣାପଡିଛି।

# ସିଆଇଟିୟୁର ସାମୂହିକ ଜାଗରଣ କାର୍ଯ୍ୟକ୍ରମ

ରାଉରକେଲା ,୧୬।୮(ସଙ୍ଗୀତା ଜେନା)


କାର୍ଯ୍ୟକ୍ରମରେ ଉପସ୍ଥିତ ସିଆଇଟିୟୁର କାର୍ଯ୍ୟକର୍ତ୍ତା।

ସିଆଇଟିୟୁ କେନ୍ଦ୍ରୀୟ କମିଟି ଆହ୍ୱାନ କ୍ରମେ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହିତ ସାମୂହିକ ଜାଗରଣ କାର୍ଯ୍ୟକ୍ରମ ସ୍ଥାନୀୟ ଭଞ୍ଜଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସ୍ତମ୍ଭକାର ଭୂପେନ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗତ ୧୪ ତାରିଖ ପ୍ରତ୍ୟୁଷରେ ଏକ ମିନି ମାରାଥନ୍ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରୁ ବାହାରି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଦାବିରେ ଆମ୍ବାଗାନସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ଆଦର୍ଶ ପାଠାଗାରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ସହିତ ଦେଶାତ୍ମବୋଧକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ରାଉରକେଲା ସ୍ୱର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ 'ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ସମ୍ବିଧାନ ପ୍ରତି ଆହ୍ୱାନ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ମୁଖ୍ୟ ଅତିଥି, ପ୍ରଫେସର ଡ. ପ୍ରଭାତ ମଲ୍ଲିକ ମୁଖ୍ୟ ବକ୍ତା, ଡ. ଉତ୍ତମ ଚରଣ ଜେନା, ସମାଜସେବୀ ସଞ୍ଜୀବ ମହାନ୍ତି, ଡ. କୃପାସିନ୍ଧୁ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି ସ୍ୱାଗତ ଭାଷଣ ଦେଇଥିଲା ବେଳେ ଜିଲା ଉପ ସଭାପତି ଶ୍ରୀମନ୍ତ ବେହେରା, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସମ୍ପାଦକ ରାଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଉପ ସଭାପତି ବି. ପି. ମହାପାତ୍ର, ଯଯାତି କେଶରୀ ସାହୁ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଏନ୍. କେ. ରାଉତରାୟ, ଲକ୍ଷ୍ମୀଧର ନାୟକ, ଅରୁ ଦାସ, ବିନୟ ବେହୁରିଆ, ଦିବାକର ମହାରଣା, ଯଜ୍ଞେଶ୍ୱର ସାହୁ, ପ୍ରଦୀପ ସେଠୀ, ରତ୍ନାକର ନାୟକ, ସୁରେନ୍ଦ୍ର ମହାନ୍ତି, ଅରୁଣ ମହାରଣା, ଜନ୍ମେଜୟ ଘୋଷ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଅଭିଯୁକ୍ତ, ସହଯୋଗୀଙ୍କୁ ସଶ୍ରମ କାରାଦଣ୍ଡ

ରାଉରକେଲା, ୧୬।୮(ସଙ୍ଗୀତା ଜେନା)

**ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ମାମଲା**

୨୦୧୪ରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ମାମଲାର ରାୟ ଗତ ଗୁରୁବାର ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ପି. ସୁରିୟା ରାଓ ଉକ୍ତ ବଳାତ୍କାର ମାମଲାରେ ଅଭିଯୁକ୍ତ ମୁକେଶ ତାଣ୍ଡି ଓ ସହଯୋଗ କରିଥିବା ତାଙ୍କ ମା' ଯଶୋଦା ତାଣ୍ଡିଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ମୁକେଶ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ ପାଇଁ ମନା କରିବାରୁ ଯୁବତୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ମହିଳା ଥାନା ପୋଲିସ ତଦନ୍ତ କରି ମୁକେଶ ଓ ତାଙ୍କ ମା'ଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଏହି ମାମଲା ଏସ୍‌ଟି ( କେଶ୍ ନଂ.୧୫୩/୧୫ ଓ ୩୯/୧୫)ରେ ମାମଲା ବିଚାରାଧୀନ ଥିଲା। ୭ ଜଣ ସରକାରୀ ସାକ୍ଷୀଙ୍କ ବୟାନ ଏବଂ ଦସ୍ତାବିଜଗୁଡ଼ିକ ବିଚାରକୁ ନେଇ ଦୋଷୀଙ୍କୁ ଉକ୍ତ ଦଣ୍ଡାଦେଶ କରାଯାଇଛି। ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ମାମଲା ପରିଚାଳନା କରିଥିଲେ।

## ଆର୍‌ଏସ୍‌ପି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଉରକେଲା, ୧୬।୮(ସଙ୍ଗୀତା ଜେନା)

ଆର୍‌ଏସ୍‌ପିର ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହକୁ ଛେଣ୍ଡସ୍ଥିତ ବାସଭବନରୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଏ ନେଇ ଛେଣ୍ଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୫) ରୁଜୁ ହୋଇଛି। ମୃତକ ହେଲେ ଇନ୍‌ଷ୍ଟ୍ରୁମେମଣ୍ଟେଶନ ସିଲିକନ୍ ଷ୍ଟିଲ ମିଲ୍‌ର ଲଳିତ ସାହୁ(୪୦)। ସେ ଛେଣ୍ଡ କଳିଙ୍ଗବିହାର ଅଞ୍ଚଳରେ ସପରିବାର ରହୁଥିବାବେଳେ ଆର୍‌ଏସ୍‌ପିରେ ଜୁନିଅର ଇଞ୍ଜିନିୟର ଭାବେ କାମ କରୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୭ଟାରେ ଲଳିତ ଘର କବାଟ ଖୋଲୁ ନ ଥିବା ତାଙ୍କ ସ୍ତ୍ରୀ ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ କବାଟ ଭାଙ୍ଗି ଫ୍ୟାନ୍‌ରେ ରଶି ଦ୍ୱାରା ଝୁଲୁଥିବା ଲଳିତଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ଆରଜିଏଚ୍‌ରେ ଶନିବାର ବ୍ୟବଚ୍ଛେଦ ପରେ ଅପରାହ୍ନ ୩ଟାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପାରିବାରିକ ଗଣ୍ଡଗୋଳ ଯୋଗୁ ଏପରି ହୋଇଥିବା ପୋଲିସ ସନ୍ଦେହ କରିଛି।

# ରାଉରକେଲାରେ ଜନ୍ମାଷ୍ଟମୀ ଉତ୍ସବ

ରାଉରକେଲା,୧୬।୮(ଦିନେଶ ମିଶ୍ର)


ମାଲଗୋଦାମ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଉଛି।

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ରାଉରକେଲା ଇସ୍କନ ପକ୍ଷରୁ ହନୁମାନ ବାଟିକା ପରିସରସ୍ଥ ତ୍ରିଶକ୍ତି ପୀଠରେ ଏହି ଉତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାପାଳ ଶୁଭଙ୍କର ମହାପାତ୍ର ଓ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଜନ୍ମାଷ୍ଟମୀରେ ହୋମଯଜ୍ଞ କରାଯାଇଥିଲା। ଏଥିରେ ଶ୍ରୀରାଧା ମାଧବ ଗୋବିନ୍ଦ ଦାସ, ପ୍ରେମ ମାଧବ ଦାସ, ବନ ବିହାର, ରାଣା ଦେବବ୍ରତ ସାରଙ୍ଗୀ, ରାଜେନ୍ଦ୍ର ଅଗ୍ରୱାଲ, ରଞ୍ଜିତ ଯାଦବ, ପୁଷ୍ପା ବେହେରା, ତନୁଶ୍ରୀ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାସନ୍ତୀ କଲୋନିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପଣ୍ଡିତ ନୃସିଂହ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ରାଧାମାଧବଙ୍କୁ ସଜ୍ଜିତ କରାଯାଇଥିଲା। ରାତି ସାଢେ ୧୧ଟାରେ ଏକ କଳସ ଯାତ୍ରା ହୋଇଥିଲା। ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାମୂହିକ ଭାଗବତ ପାଠ ସହ ହୋମଯଜ୍ଞ ଆରମ୍ଭ ହୋଇଥିଲା। କନ୍ୟକା ମଣ୍ଡପରେ ମଧ୍ୟ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ମାଲଗୋଦାମ ଓ ଉଦିତନଗରସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପୂଜା ଉତ୍ସବ ବିଧି ଅନୁସାରେ କରାଯାଇଥିଲା।

## ସୁରକ୍ଷା କର୍ମୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରାଉରକେଲା, ୧୬।୮(ସଙ୍ଗୀତା ଜେନା)

ଛେଣ୍ଡ ଅଞ୍ଚଳରେ ଥିବା ଏକ ମଲ୍‌ରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମୀଙ୍କ ଶୁକ୍ରବାର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ ସେକ୍ଟର-୭ ଥାନା ବାଗୁଡ଼ିବସ୍ତିର ମୁନି ମୁଣ୍ଡାରୀ(୪୦)। ପୋଲିସ ମୃତଦେହ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ମୁନି ଶୁକ୍ରବାର ରାତିରେ ଉକ୍ତ ମଲ୍‌ରେ ଇଭିନିଂ ଡ୍ୟୁଟିରେ ଆସି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ବ୍ରାହ୍ମଣୀ ବ୍ରିଜ୍‌ରୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ରାଉରକେଲା, ୧୬।୮(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ୍ ଉପରୁ ଶୁକ୍ରବାର ଅପରାହ୍ନ ୨ଟାରେ ଜଣେ ଯୁବତୀ ଚପଲ ଓ ମୋବାଇଲ ରଖି ନଦୀଗର୍ଭକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ସୌଭାଗ୍ୟବଶତଃ ସ୍ଥାନୀୟ ଲୋକେ ତାଙ୍କୁ ଦାଣ୍ଡିଆପାଲୀ ନିକଟରୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ସେହିପରି ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ତେବେ କେଉଁ କାରଣରୁ ଏପରି ପଦକ୍ଷେପ ନେଇଥିଲେ, ସେ ନେଇ ପୋଲିସ ତଦନ୍ତ କରୁଛି।




DSPL-208

ଓଡ଼ିଶା ଶାସନ

# ସିଏମ୍ କିଷାନ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଅର୍ଜୁନପୁରରେ ଚାଷୀ ସମାବେଶ

ଦେଓଗାଁ, ୧୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଶିବମନ୍ଦିର ପରିସରରେ ଶୁକ୍ରବାର ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଚାଷୀ ନେତା, ସରପଞ୍ଚଙ୍କ ପ୍ରତିନିଧି, ସାମାଜିକ କର୍ମୀ ଓ ୧୦ଟି ପଞ୍ଚାୟତର ଚାଷୀ ମାନେ ଯୋଗଦେଇଥିଲେ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅର୍ଜୁନପୁର ନିକଟ ତେଲନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ଦାବି ହୋଇଥିଲା। ଏଠାରେ ବ୍ୟାରେଜ ନିର୍ମାଣ ହେଲେ ବୃହତ ମେଗା ଉଠାଜଳସେଚନ ଥିବା ୧୩ ନଂ ଜୋନର ୧୦ଟି ପଞ୍ଚାୟତର ୫୪ଟି ଗାଁରେ ଜଳସେଚନ ସମେତ ପାନୀୟଜଳ ସମସ୍ୟା ଦୂର ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅର୍ଜୁନପୁର ନିକଟସ୍ଥ ବ୍ରାହ୍ମଣୀପଲା ଓ କେନ୍ଦୁଘାଟ(ଶାସନପାଲି) ତେଲନଦୀରେ



ଅର୍ଜୁନପୁର ଶିବମନ୍ଦିରରେ ଅନୁଷ୍ଠିତ ଚାଷୀ ସମାବେଶ।

**ସ୍ୱଳ୍ପ ବୃଷ୍ଟିପାତ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ଉଦ୍‌ବେଗ**

ମେଗା ବୃହତ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ହେଉଥିବା ଜଳସେଚନ ବର୍ତ୍ତମାନ ମାତ୍ର ୬୫ ପ୍ରତିଶତ ଗାଁକୁ ଜଳସେଚିତ ହେଉଥିବା ବେଳେ ଆଉ ୩୫ପ୍ରତିଶତ ଚାଷଜମିକୁ ପାଣି ମାଡୁନାହିଁ। ପ୍ରତି ୨୦ହେକ୍ଟରରେ ନିର୍ମାଣ ହୋଇଥିବା ଆଉଟଲେଟକୁ ବୃଦ୍ଧି କରାଯାଇ ପ୍ରତି ଗୋଟିଏ ହେକ୍ଟର ଜମିରେ ଗୋଟିଏ ଲେଖାଏ ଆଉଟଲେଟ କରିବାକୁ ଚାଷୀ ମାନେ ଦାବି କରିଥିଲେ। ରବିଚାଷ ପାଇଁ ସିଂହାଟିମାଲ, ଖଇରମାଲ, ମୁଣ୍ଡପଲା, ବ୍ରାହ୍ମଣୀପଲା, ଫଲସାପଦର, ଅର୍ଜୁନପୁର, କେନ୍ଦୁଘାଟ, ଗୌରଗୋଠ, ଆମଦହନ ଓ ରତାଖଣ୍ଡି ଗାଁଗୁଡିକରେ ନୂତନ ଛୋଟ ଛୋଟ ଉଠାଜଳସେଚନ ପ୍ରକଳ୍ପ କରିବା ପାଇଁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ଏଥିପାଇଁ ଏକ ଚାଷୀ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗକୁ ଦାବି ପୂରଣ ନ ହେଲେ ଏକଜୁଟ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଅଞ୍ଚଳର ଚାଷୀମାନେ ଚେତାବନୀ ଦେଇଛନ୍ତି।

# ବିବାହ ପାଇଁ ରାଜି ନ ହେବାରୁ ପ୍ରେମିକ ଗିରଫ

ଦେଓଗାଁ, ୧୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଜଣେ ଯୁବକ ପ୍ରେମ କରି ଧରାପଡିବା ପରେ ବାହା ହେବାକୁ ମନା କରିବାରୁ ମାମଲା ଥାନାକୁ ଯିବା ଘଟଣା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରେମିକାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୨୬୮/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବେଲପଡା ଥାନା ଅନ୍ତର୍ଗତ ସେମେଲପାଲି ଗାଁର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବନ୍ଧପଡା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀ ବେଲପଡା ଥାନା ସେମେଲପାଲି ଗାଁର ଜଣେ ଯୁବକଙ୍କୁ ଇନ୍‌ଷ୍ଟାଗ୍ରାମ ଜରିଆରେ ପ୍ରେମ କରୁଥିଲେ। ଶୁକ୍ରବାର ସମ୍ପୃକ୍ତ ଯୁବକ ଯୁବତୀଙ୍କ ଘରକୁ ଆସିଥିଲେ। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ମିଳାମିଶା କରିବା ସମୟରେ ଯୁବତୀଙ୍କ ପରିବାର ଲୋକେ ଦେଖି ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉଭୟ ପ୍ରେମିକା ପ୍ରେମିକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଯୁବତୀ ଜଣକ ବାହା ହେବା ପାଇଁ ଜିଦ ଧରିଥିବା ବେଳେ ପ୍ରେମିକ ଜଣକ ବାହା ହେବାକୁ ମନା କରିଦେଇଥିଲା। ଫଳରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ପ୍ରେମିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଓଲଟିଲା ଚାଉଳ ବୋଝେଇ ଟ୍ରକ୍: ଅଳ୍ପକେ ବର୍ତ୍ତିଲେ ଚାଳକ

ପାଟଣାଗଡ଼, ୧୬।୮ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବେଲପଡା ମୁଖ୍ୟରାସ୍ତା ବେଲପଡା ଥାନା ମାଲିଝର ଗ୍ରାମର ବନଦୁର୍ଗା ମନ୍ଦିର ନିକଟରେ ଶନିବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଏକ ୧୬ ଚକିଆ ଚାଉଳ ବୋଝେଇ ଟ୍ରକ ଓଲଟି ପଡିଛି। ତେବେ ସୌଭାଗ୍ୟବଶତଃ ଟ୍ରକ ଚାଳକ ମଧୁସୂଦନ ରଣା (୫୧) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଟ୍ରକଟି ଛତିଶଗଡ଼ ରାଜ୍ୟ ବିଳାସପୁରରୁ ୭ ଶହ ପ୍ୟାକେଟ ଚାଉଳ ବୋଝେଇ କରି ପାଟଣାଗଡ଼, ବେଲପଡା ମୁଖ୍ୟ ରାସ୍ତା ଦେଇ ବିଶାଖାପାଟଣାର ଅଳକତାର ଗାଁକୁ ଯାଉଥିଲା। ହେଲେ କୌଣସି କାରଣବଶତଃ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଚାଷ ଜମିରେ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ କିଛି କ୍ଷତି ଘଟି ନ ଥିବା ଜଣାପଡ଼ିଛି। ଖବର ପାଇ ବେଲପଡା ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅନନ୍ତ ପଧାନଙ୍କ ଠାରୁ ଜଣାପଡ଼ିଛି।



ଓଲଟି ପଡ଼ିଥିବା ଟ୍ରକ।

# ବେଆଇନ କରତ କଳ ଠାବ, ଶାଗୁଆନ କାଠ ଜବତ

ଖପ୍ରାଖୋଲ, ୧୬।୮ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଟେଙ୍ଗରାପଥର ଗାଁ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ହରିଶଙ୍କର ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ବେଆଇନ କରତ କଳ ଠାବ କରିବା ସହିତ ୧୫ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଜବତ ହୋଇଛି। ବେଆଇନ କରତ କଳ ଚାଲିବା ନେଇ ବନବିଭାଗ ଖବର ପାଇବା ପରେ ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଜବତ କାଠ ଓ କରତ କଳର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ



ଜବତ କାଠଗଣ୍ଡି।

**ବନବିଭାଗର ଚଢ଼ାଉ**

ବୋଲି ବନ ବିଭାଗ ସୂଚନା ଦେଇଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି। ଚଢାଉରେ ଧଣ୍ଡାମୁଣ୍ଡା ବନ ପାଳ ଇନ୍ଦ୍ରମଣି ବେହେରା, ଖପ୍ରାଖୋଲ ବନପାଳ ସୁଧୀର ଜେନା, ବନରକ୍ଷୀ ମଞ୍ଜୁ କୁମ୍ଭାର, ରାଜେନ୍ଦ୍ର ଧରୁଆଙ୍କ ସମେତ ପାରା ବନ କର୍ମଚାରୀ ସାମିଲ ଥିଲେ।

# ଶାରଦୀୟ ଦୁର୍ଗାପୂଜା ପାଇଁ ଆସିଲା ମାଟି

ଲୋଇସିଂହା, ୧୬।୮ (ସୁଶାନ୍ତ ବାରିକ)

ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ତିଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପୂଜା କମିଟି ପକ୍ଷରୁ ନିକଟସ୍ଥ ଗୋପାଳପୁର ଗ୍ରାମର ଚଣ୍ଡିସରରୁ ମାଟି ସଂଗ୍ରହ ହୋଇଛି। ପୂଜା କମିଟି ସଭାପତି ଶୁଭମ କରନ, ସମ୍ପାଦକ ସିଦ୍ଧାର୍ଥ ପଧାନ, କୋଷାଧ୍ୟକ୍ଷ ସୁପ୍ରମଜ୍ୟୋତି ବାରିକ, କାର୍ଯ୍ୟକର୍ତ୍ତା ସମେତ ଗ୍ରାମବାସୀ ଧାର୍ଯ୍ୟ ସମୟରେ ସେଠାରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏଠାରେ ପଣ୍ଡିତ ଗୋପାଳ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ପୂଜା କମିଟି ସଭାପତି କରନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ପରେ ସଂଗ୍ରହ ମାଟିକୁ ଘଣ୍ଟ, ଶଙ୍ଖ ବଜାଇ ଓ ଭଜନ, କୀର୍ତ୍ତନ ସହ ଗ୍ରାମ୍ୟ ପରିକ୍ରମା କରି ପୂଜା ମଣ୍ଡପରେ ସେହି ମାଟିକୁ ରଖାଯାଇଛି। ସେହିପରି ଶନିବାର ବ୍ଲକ ଅଧୀନସ୍ଥ ବାଦିବାହାଲ ଗ୍ରାମର ଶାରଦୀୟ ପୂଜା ପାଇଁ ପୂଜା କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପାର୍ଶ୍ୱ ଦେବାଦେବୀ ନିର୍ମାଣ ପାଇଁ ମାଟି ସଂଗ୍ରହ କରାଯାଇଛି। ଏଥିରେ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ପୂଜାରେ ସୁନୀଲ ଦାଶ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶାରଦୀୟ ଦୁର୍ଗାପୂଜା ପାଇଁ ଆସନ୍ତା ସେପ୍ଟେମ୍ବର ୨୭ରେ ବିଲ୍ୱବରଣ କରାଯାଇ ଅକ୍ଟୋବର ୨ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ଅକ୍ଟୋବର ୩ରେ ଭସାଣି ଉତ୍ସବ ରହିଛି।

DSPL-208



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସିଏମ୍ କିଷାନ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

ପଞ୍ଜିକରଣର ଶେଷ ତାରିଖ
୦୭-୦୯-୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

**ବଜ୍ରପାତରେ ଜଣେ ମୃତ**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭେଡ଼େନ ଥାନା ଅରେଇଗୁଡ଼ି ପଞ୍ଚାୟତ ଗୁଦୁରାମୁଣ୍ଡା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଯୋଗୁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତଚାଷୀ ଜଣକ ହେଲେ, ବିଜେ ଓରଫ୍ ବିଜୟ ମହାନନ୍ଦ(୪୦)। ଚାଷଜମିରେ ଧାନପହ୍ଲା ରୁଆକାର୍ଯ୍ୟ ସାରି ଘରକୁ ଫେରୁଥିଲେ। ଫେରିବା ବାଟରେ ବଜ୍ରପାତ ହେବା ଯୋଗୁ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ସେଠାରୁ ଚିକିତ୍ସା ପାଇଁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସନ୍ଥକବିଙ୍କ କଳାକୃତିର ଡିଜିଟାଇଜେସନ ହେବ

**ସୋନପୁର,୧୬।୮ (ମୃତ୍ୟୁଞ୍ଜୟ ଶତପଥୀ)**

ଚଳିତବର୍ଷ ସନ୍ଥକବି ଭୀମଭୋଇଙ୍କ ୧୭୫ତମ ଜୟନ୍ତୀ ପାଳନ ଅବସରରେ ତାଙ୍କର ସାହିତ୍ୟ କଳାକୃତିଗୁଡିକର ଡିଜିଟାଇଜାସେନ କରାଯିବ। ଏହା ସହିତ ସୁବର୍ଣ୍ଣପୁର ଜିଲା ଖଲିଆପାଲିସ୍ଥିତ ତାଙ୍କର ସାଧନା, ସିଦ୍ଧି ଓ ସମାଧିପୀଠର ସର୍ବାଙ୍ଗୀନ ବିକାଶ କରାଯିବ ବୋଲି ସ୍ୱାନତା ଦିବସରେ ପୀଠକୁ ପରିଦର୍ଶନରେ ଆସି ସଂସ୍କୃତି, ଭାଷା ସାହିତ୍ୟ, ଉଚ୍ଚଶିକ୍ଷା ଓ କ୍ରୀଡା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ମନ୍ତ୍ରୀ ସୁବର୍ଣ୍ଣପୁରଠାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥିଭାବେ ପତାକା ଉତ୍ତୋଳନ ପରେ ଖଲିଆପାଲି ସ୍ଥିତ ଭୀମଭୋଇଙ୍କ ସମାଧି ପୀଠ ପରିଦର୍ଶନ କରିଥିଲେ। ତାଙ୍କ ସାଙ୍ଗରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲାପାଳ ଡ.ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଉପଜିଲାପାଳ ଡ.ସୌମ୍ୟାଶ୍ରୀ ରଥ ଯୋଗ ଦେଇଥିଲେ। ଖଲିଆପାଲିଠାରେ ଭୀମଭୋଇ ସମାଧି ପୀଠ ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, ମହାଦେବ ବଗର୍ତ୍ତି, ମିଲୁ ବଗର୍ତ୍ତି, ସୁମନ୍ତ ପଟେଲ, ମିଲୁ ତାଣ୍ଡି ଓ ଅଶୋକ ବଡମାଳି ପ୍ରମୁଖ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସନ୍ଥକବୀଙ୍କ ପାଦୁକା ମନ୍ଦିର ଓ ମ୍ୟୁଜିୟମ ପରିଦର୍ଶନ କରିବା ସହିତ ସମାଧି ମନ୍ଦିରରେ ଜଗତର କଲ୍ୟାଣ ପାଇଁ ଦୀପଦାନ କରିଥିଲେ। ମ୍ୟୁଜିୟମରେ ସନ୍ଥକବିଙ୍କ ସ୍ତୁତି ଚିନ୍ତାମଣୀ ସମେତ ଅନ୍ୟାନ୍ୟ ପାଣ୍ଡୁଲିପି ଦେଖି ମନ୍ତ୍ରୀ ଭାବବହ୍ୱଳ ହୋଇ ପଡିଥିଲେ। ଏହାର ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ନେବେ ଓ ଏହାର ଡିଜିଟାଇଜେସନ କରାଇବେ ବୋଲି କହିଥିଲେ। ଏହା ସହିତ ସମାଧିପୀଠ ଟ୍ରଷ୍ଟର ଏକ ୱାବସାଇଟ ଖୋଲିବା, ପୀଠର ସାମଗ୍ରିକ ବିକାଶ ପାଇଁ ଏକ ଡିପିଆର ପ୍ରସ୍ତୁତ କରାଇବାକୁ ଜିଲାପାଳ ଡ.ସାହୁଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୋନପୁର ପଟୁ ଖଲିଆପାଲିକୁ ଆସୁଥିବା ରାସ୍ତାରେ ନନ୍ଦନମାଳ ଛକରେ ଏକ ବଡ ମହିମା ଗେଟ ନିର୍ମାଣ କରିବାକୁ ମଧ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଭାଜପା ଜିଲା ସଭାପତି ବେଣୁଧର ଦାସ, ପୂର୍ବତନ ସଭାପତି ପ୍ରମୋଦ ମହାପାତ୍ର, ନବକୃଷ୍ଣ ଦନ୍ତା, ଓକିଲ ସେଠ, ବିଷ୍ଣୁପ୍ରସାଦ କେଡିଆ, ବେଣୀମାଧବ ବେଦବାକ, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ଜୟନାରାୟଣ ନେଗୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ଟ୍ରଷ୍ଟପକ୍ଷରୁ ସନ୍ଥକବିଙ୍କ ଗ୍ରନ୍ଥାବଳୀ, ମୋମେଣ୍ଟୋ ଓ ଉପଢୌକନ ଦେଇ ମନ୍ତ୍ରୀ ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୀଠର ବିଭିନ୍ନ ଉନ୍ନତିମୂଳକ କାମ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



ସନ୍ଥକବିଙ୍କ ସ୍ତୁତି ଚିନ୍ତାମଣୀ ସମେତ ଅନ୍ୟାନ୍ୟ ପାଣ୍ଡୁଲିପି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦେଖୁଛନ୍ତି।

**ଭୀମଭୋଇଙ୍କ ସମାଧି ପୀଠକୁ ସଂସ୍କୃତିମନ୍ତ୍ରୀଙ୍କ ପରିଦର୍ଶନ**

# ପାତାଳୀ ଶ୍ରୀକ୍ଷେତ୍ରରେ ନବାନ୍ନ ଲଗ୍ନ ଧାର୍ଯ୍ୟ

**ଉଲୁଣ୍ଡା,୧୬।୮ (ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଶନିବାର ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଆୟୋଜିତ ପଣ୍ଡିତ ମହାସଭରେ ସୁବର୍ଣ୍ଣପୁର ଜିଲାର ଜ୍ୟୋତିର୍ବିଦ୍ୟା ବାଚସ୍ପତି ମେଡେନ କୁମାର ବିଶି, ପଣ୍ଡିତ ମନୋରଞ୍ଜନ ପାଢ଼ୀ, ଜ୍ୟୋତିର୍ବିଦ ଯୋଗେନ୍ଦ୍ର ହୋତା, ପଣ୍ଡିତ ଗୌର ଚରଣ ନନ୍ଦ, ଜ୍ୟୋତିର୍ବିଦ ସୋନ୍ତୋଷ କୁମାର ପୂଝାରୀ, ଜ୍ୟୋତିର୍ବିଦ ରାମକୃଷ୍ଣ ପଣ୍ଡା, ଦେବାର୍ଚ୍ଚନ ଦାଶ, ପଣ୍ଡିତ ବଳରାମ ପୁରୋହିତ, ପଣ୍ଡିତ ବିଶ୍ୱେଶ୍ୱର ପାଢ଼ୀ, ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଥିଲେ। ପଣ୍ଡିତ ମହାସଭା ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ପାତାଳୀ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଜ୍ଞାମାଳପ୍ରାପ୍ତ କରାଯାଇଥିଲା। ଆସନ୍ତା ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତଥା ଅଗଷ୍ଟ ୨୮ତାରିଖ ପ୍ରଶସ୍ତ ତୁଳା ଲଗ୍ନେ ପୂର୍ବାହ୍ନ ୧୧ଟା ୧୦ ମନିଟ ଗତେ, ୧୧ଟା୨୫ମି ମଧ୍ୟେ ପଶ୍ଚିମ ଓଡ଼ିଶାର ସମସ୍ତ ଦେବାଦେବୀ ମନ୍ଦିର ଓ ଗୃହ ଦେବାଦେବୀଙ୍କଠାରେ ନବାନ୍ନ ଭୋଗ ଅର୍ପଣ କରାଯିବ ଏବଂ ନବାନ୍ନ ଭକ୍ଷଣ କରାଯିବା ନେଇ ଶୁଭଲଗ୍ନ ଧାର୍ଯ୍ୟ ହୋଇଥିଲା।



ନବାନ୍ନ ଲଗ୍ନଧାର୍ଯ୍ୟ ସଭାରେ ଉପସ୍ଥିତ ପଣ୍ଡିତ ମଣ୍ଡଳୀ।

# ସୋନପୁର ଗଡ଼ଜାତ ପାଇଁ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ସୋନପୁର,୧୬।୮ (ମୃତ୍ୟୁଞ୍ଜୟ ଶତପଥୀ)**

ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ପାଇଁ ଶନିବାର ସୋନପୁର ବଡ ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପରେ ପଣ୍ଡିତ ମହାସଭା ବସିଥିଲା। ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ଆହୂତ ଏହି ବୈଠକରେ ଜ୍ୟୋତିର୍ବିଦ୍ ଓ ପଣ୍ଡିତ ମାନେ ସୋନପୁର ଗଡଜାତ ଅଞ୍ଚଳବାସୀଙ୍କ ନବାନ୍ନ ସକାଶେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗଣନା କରି ଲଗ୍ନ ସ୍ଥିର କରିଥିଲେ। ଅଗଷ୍ଟ ୨୮ ଗୁରୁବାର ଭାଦ୍ରବ ଶୁକ୍ଳ ଋଷି ପଞ୍ଚମୀ ତିଥି ପୂର୍ବାହ୍ନ ୧୧ଟା ୯ରୁ ୧୧ଟା ୨୩ ମଧ୍ୟେ ଅମୃତ ବେଳାରେ ନବାନ୍ନ ଲଗ୍ନ ଧାର୍ଯ୍ୟ ହୋଇଛି। ପ୍ରଥମେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବ। ସହରର ଅଷ୍ଟବିଷ୍ଣୁ, ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀଙ୍କ ନିକଟରେ ଶୁଭ ସମୟରେ ନବାନ୍ନ ସମର୍ପଣ କରାଯିବ। ପରେ ପ୍ରାକ୍ତନ ସୋନପୁର ଗଡଜାତ ତଥା ବର୍ତ୍ତମାନର ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ପଞ୍ଚରା ଅଞ୍ଚଳର ଅଧିବାସୀ ନବାନ୍ନ ଭକ୍ଷଣ କରିବେ। ନୂଆଁଖାଇ ଦିନ ପୂର୍ବାହ୍ନ ୧୦ଟାରୁ ୧୦ଟା ୫୦ମଧ୍ୟରେ ମା' ସମଲେଶ୍ୱରୀ ମନ୍ଦିରରୁ ଅଷ୍ଟ ଚଣ୍ଡୀଙ୍କ ପାଇଁ ନବାନ୍ନ ଭୋଗର ଏକ ପାହୁର ଯାତ୍ରା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କ ନିକଟରେ ନବାନ୍ନ ଭୋଗ ଲାଗିବା ପରେ ନିଜର ଇଷ୍ଟଦେବୀ ଓ ଜନସାଧାରଣ ନବାନ୍ନ ଭକ୍ଷଣ କରିବେ। ଜ୍ୟୋତିର୍ବିଦ୍ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ର, ରାମଗୋପାଳ ପୂଜାହାରୀ, ଗୌରିଶଙ୍କର ରଥ, ଷଷ୍ଠୀ କୁମାର ବଡମାଳୀ, ମହେଶ ପୂଜାହାରୀ, ଅଚ୍ୟୁତ ପୂଜାହାରୀ, ଶଶାଙ୍କ ଶେଖର ସିଂହଦେଓ, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ, ଶ୍ରୀବସ୍ତ ମଲ୍ଲିକ, ପ୍ରକାଶ କୁମାର ସାହୁ, ରାଜକିଶୋର ରାଓ, ତ୍ରିଲୋଚନ ତରିଆ ଓ ଲଡୁ କିଶୋର ମଲ୍ଲିକ ଉପସ୍ଥିତ ଥିଲେ।

# ସାମଗ୍ରିକ ବିକାଶ ପାଇଁ ମିଳିଲା ପ୍ରତିଶ୍ରୁତି

**ସୋନପୁର,୧୬।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର କୋଟସମଲାଇସ୍ଥିତ ପ୍ରସିଦ୍ଧ ପାତାଳି ଶ୍ରୀକ୍ଷେତ୍ରକୁ ଶୁକ୍ରବାର ଅପରାହ୍ନ ୪ଟାରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ଓ କ୍ରୀଡା ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପରିଦର୍ଶନ କରିଥିଲେ। ପରେ ଛଳିଆ ପାହାଡସ୍ଥ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ମନ୍ତ୍ରୀ ପ୍ରଭୁକୃପା ଲାଭ କରିଥିଲେ। ଶ୍ରୀଜୀଉଙ୍କ ଦର୍ଶନ ପରେ ମନ୍ତ୍ରୀ ଗେଷ୍ଟ ହାଉସରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ବୈଦ୍ଧିକ ମଣ୍ଡପରେ ମନ୍ତ୍ରୀ ନିଜେ କ୍ଷେତ୍ରର ମହିମା ଉପରେ ବକ୍ତବ୍ୟ ଦେବା ସହ ଜନସାଧାରଣଙ୍କୁ ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟ ତରଫରୁ ୪ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଘୋଷଯାତ୍ରା ତଥା ଅନାନ୍ୟ ପର୍ବପର୍ବାଣିରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପ୍ରତି ବର୍ଷ ୫ଲକ୍ଷ ଟଙ୍କା ପ୍ରଦାନ, ମ୍ୟୁଜିୟମ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଖୁବଶୀଘ୍ର ଡିପିଆର ଦେଲେ କୋଣାର୍କ ମୁକ୍ତ ମଣ୍ଡପ ଭଳି ସାଂସ୍କୃତିକ ମଣ୍ଡପ ନିର୍ମାଣ କରାଯିବ ଓ ପାତାଳୀ ମହୋତ୍ସବକୁ ରାଜ୍ୟସ୍ତରୀୟ ମହୋତ୍ସବ ଭଳି ସଂସ୍କୃତି ବିଭାଗ ପକ୍ଷରୁ କରାଯିବ ଆଦି ବିଭିନ୍ନ ପ୍ରକାର କ୍ଷେତ୍ରର ବିକାଶ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜଙ୍କ ଗସ୍ତ ସମୟରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲାପାଳ ଡ଼ ନୃପରାଜ ସାହୁ, ଜିଲା ଭାଜପା ସଭାପତି ବେଣୁଧର ଦାଶଙ୍କ ସହ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପାତାଳୀ ଶ୍ରୀକ୍ଷେତ୍ର ଗସ୍ତ**

# ପାପକ୍ଷୟ ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ

**ବିନିକା,୧୬।୮ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟ ଶ୍ରୀଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରୁ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପାପକ୍ଷୟ ଘାଟରେ ବୁଡ଼ ପକାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ହରିବଂଶ ପୁରାଣ ଶୁଣି ଶ୍ରଦ୍ଧାଳୁ ଜନ୍ମାଷ୍ଟମୀ ପାଳନ କରିଥିଲେ। ସେହିପରି ବିନିକା ଜଗନ୍ନାଥ ମନ୍ଦିର, ଉର୍ଲେ ରଘୁନାଥ ମନ୍ଦିର ସହିତ ପୁରପଲ୍ଲୀରେ ଶ୍ରଦ୍ଧାଳୁମାନେ କାଷ୍ଠା ଓପବାସ କରିଥିଲେ।

# ଏନ୍‌ଏସି ଘୋଷଣା ପରେ ବୀରମହାରାଜପୁର ଖୁସିର ଲହରୀ

**ବୀରମହାରାଜପୁର,୧୬।୮ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରକୁ ଏନଏସିସି ଘୋଷଣା କରିଛନ୍ତି ଭାଜପା ସରକାର। ଦୀର୍ଘ ବର୍ଷର ଦାବି ପୂରଣ ହୋଇଛି। ଏଥିପାଇଁ ବୀରମହାରାଜପୁର ଭାଜପା ତରଫରୁ ରାତି ୮ଟାରେ ବୀରମହାରାଜପୁର ପୂର୍ତ୍ତ ଡାକ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜିଲା ଭାଜପା ସଭାପତି ବେଣୁଧର ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଭାଜପା ନେତା ସତ୍ୟବ୍ରତ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ବିପିନ ବିହାରୀ ପଣ୍ଡା, ଏକଲବ୍ୟ ବେହେରା, ଭୋଳାଶଙ୍କର ବାଘ, ବ୍ୟୋମକେଶ ପଣ୍ଡା, ଗୋପାଳ ଚନ୍ଦ୍ର ଦାସ, ଜିତେନ୍ଦ୍ରୀୟ ଦାସଙ୍କ ସମେତ ବହୁ ନେତା କର୍ମୀ ସାମିଲ ହୋଇଥିଲେ। ଭାଜପା ତରଫରୁ ବାଜା ବଜାଇ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

DSPL-208

# ସିଏମ୍ କିଷାନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
**୦୭-୦୯ -୨୦୨୫**

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ମାଇଲେଜ ନେବା ପାଇଁ ନେତାଙ୍କ ମଧ୍ୟରେ ଟଣାଓଟରା

**ଦେବଗଡ଼,୧୬।୮(ଶଶାଙ୍କ ଶେଖର ଝାଙ୍କର)**

**ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ**

- ଜନପ୍ରତିନିଧି ଓ ନେତା ଦାବିପତ୍ର ଦେଇ ଚୁପ
- ସ୍ୱର ଉତ୍ତୋଳନ କରୁଛି ଜିଲା ଯୁବ ଏକତା ମଞ୍ଚ
- ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଦୋକାନ ଦେଇ ପେଟ ପୋଷୁଥିବା ଲୋକଙ୍କୁ ଭୁଲିଗଲା ପ୍ରଶାସନ

ଦେବଗଡ଼ ସହର ମଧ୍ୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ୬ କିମି ନୂଆବାଲିରୋଇ ମୌଜାକୁ ସ୍ଥାନାନ୍ତର ପରଠାରୁ ସହରରେ ଦେଖା ଦେଇଥିବା ଜନଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଉଛି। ପୁରୁଣା କୋଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ନିମନ୍ତେ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଯୁବ ଏକତା ମଞ୍ଚର ଆହ୍ୱାନ କ୍ରମେ ପ୍ରତିବାଦ ଶୋଭାଯାତ୍ରା କରି ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦିଆସରିଛି। ୧୪ ତାରିଖ ମଧ୍ୟରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା କାର୍ଯ୍ୟକାରୀ କରା ନ ଗଲେ ମଞ୍ଚ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଅନୁଯାଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି, ଫଳରେ ଏକ ମାସ ମଧ୍ୟରେ ଜରୁରୀକାଳୀନ ଚିକିତ୍ସାରୁ ବଞ୍ଚିତ ହୋଇ ଅନେକଙ୍କ ଜୀବନ ଯିବାପରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଜିଲା ଯୁବ ଏକତା ମଞ୍ଚ ଆନ୍ଦୋଳନ ଜାରି ରଖିଛନ୍ତି। ଏପରିକି ବିଭିନ୍ନ ୱାର୍ଡକୁ ଯାଇ ଜନସଚେତନତା କରିବାସହ ଦସ୍ତଖତ ଅଭିଯାନ କରାଯାଇଛି। ଏଇଠି କହିବା କଥା ହେଲା ଜିଲାରେ ଜନ ପ୍ରତିନିଧି ଓ ନେତା ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇ ନିଜ କାମ ସାରି ଦେଇଛନ୍ତି। ଫଳରେ ଜିଲାବାସୀଙ୍କୁ ଚକିତ କରିଛି କି ଯେଉଁମାନେ ନେତୃତ୍ୱ ନେବାର କଥା ସେମାନେ ଚୁପ ହୋଇ ବସି ପଡ଼ିବା କେତେ ଦୂର ଠିକ। କାଳେ ଲୋକେ ସମାଲୋଚନା କରିଦେବେ ଏହାଭାବି ସେମାନେ ଦାବିପତ୍ର ଦେଇ ସୋସିଆଲ ମିଡ଼ିଆରେ ପୋଷ୍ଟକରି ଚୁପଚାପ ବସିଛନ୍ତି। ନିଜ ଦଳର ସରକାରଙ୍କୁ ନିଜେ ଦାବିପତ୍ର ଦେବା କେତେ ଯଥାର୍ଥ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏପଟେ ଏମ୍‌ପି ଜଣେ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ଏସବୁ କାମ ନ ହେବା ଜିଲାବାସୀଙ୍କୁ ଚକିତ କରୁଛି। କେତେଜଣ ନେତା ଅଛନ୍ତି ଯେଉଁମାନେ କିଛି ହାତ ଗଣତି ସ୍ଥାନୀୟ ଲୋକଙ୍କୁ ଡାକି ଆଲୋଚନା କରି ସୋସିଆଲ ମିଡିଆରେ ଛାଡ଼ି ଦେଇ ବସିଛନ୍ତି। କଥା ହେଲା ଯଦି ଦାବିପୂରଣ ହୋଇଯାଏ ତାହା ହେଲେ ସମସ୍ତେ ମାଇଲେଜ୍ ନେବାକୁ ଟଣାଓଟରା ହେବେ। ଦାବିପୂରଣ ହେଲେ କାହାର ମାଇଲେଜ ହେବ ବୋଲି କେତେକ ନେତା ଭାବୁଛନ୍ତି। କିନ୍ତୁ ଜିଲା ଯୁବ ଏକତା ମଞ୍ଚର ସଦସ୍ୟାସଦସ୍ୟମାନେ ଦାବିପୂରଣ ପାଇଁ ଦିନରାତି ଏକ କରିଦେଇଛନ୍ତି। କେମିତି ଜନସାଧାରଣ ସେବା ପାଇବେ, ତାହା ଯୁବ ଏକତା ମଞ୍ଚର ସଦସ୍ୟାସଦସ୍ୟଙ୍କ ଲକ୍ଷ୍ୟ। ସେମାନଙ୍କର କୌଣସି ମାଇଲେଜ ଦରକାର ନାହିଁ। ଦାବିପୂରଣ ହେବା ଦରକାର। କିନ୍ତୁ କିଛି ନକରି ମାଇଲେଜ ଦରକାର କରୁଥିବା ନେତା ଭାରି ଚିନ୍ତାରେ। ନେତାମାନେ ନୂତନ ହସ୍ପିଟାଲ ହେବା ପୂର୍ବରୁ କଣ ପାଇ ବିରୋଧ ପ୍ରଦର୍ଶନ କରିଲେ ନାହିଁ। କିଛି ନିଜ ସ୍ୱାର୍ଥ ପାଇଁ ଚୁପ ଚାପ ରହିଯାଇଥିବା ଆଲୋଚନା ହେଉଛି। ଯଦି ସେ ସମୟରେ ବିରୋଧ କରିଥାନ୍ତେ ଆଜି ଲୋକଙ୍କୁ ଏତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଆଉ ଗୋଟେ କଥା ସରକାର ଓ ଜିଲା ପ୍ରଶାସନ ଚିନ୍ତା କରିବା କଥା ଯେ ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଦୋକାନ ଦେଇ ନିଜ ପରିବାରର ପେଟ ପୋଷଣ କରୁଥିବା ଲୋକଙ୍କର ବର୍ତ୍ତମାନ ଅବସ୍ଥା କଣ। ନିଜ ପରିବାର ପୁରା ଅନ୍ଧାରରେ। ପ୍ରଥମେ ସେହି ଦୋକାନ ଦେଇଥିବା ଲୋକଙ୍କୁ ଆଗ ଥଇଥାନ କରିବା କଥା କିନ୍ତୁ ସେ ସବୁ ମଧ୍ୟ କିଛି କରିଲେ ନାହିଁ, ଯଦି ନୂତନ ହସ୍ପିଟାଲ କରିଲେ ସେଇଠି ବି ସମସ୍ତ ପ୍ରକାର ସୁବିଧା ନାହିଁ। ଯେତିକି ଡାକ୍ତର ରହିବା କଥା ନାହିଁ, ସବୁ ସୁବିଧା ନକରି ତରବରିଆ ଭାବରେ ରଙ୍ଗ ଚେଞ୍ଜ କରି ଏତେ ଶୀଘ୍ର କଣ ପାଇଁ ଉଦ୍‌ଘାଟନ କରିଲେ ତାହା ଚର୍ଚ୍ଚାର ବିଷୟ। ସମୟ ଆସିଛି ରାଜନୀତି ଛାଡ଼ି ସମସ୍ତେ ଏକାଠି ହୋଇ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ଘଣ୍ଟିଆ ସେବା ଦେବା ଓ ନୂତନ ହସ୍ପିଟାଲରେ ସମସ୍ତ ସୁବିଧା କରିବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି ଆଗକୁ ଆସିବା ସହ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ଦରକାର। ଉକ୍ତ ଦାବି ପାଇଁ ଦେବଗଡ ସହରର ପୁଅ ଅର୍ଣ୍ଣବ ପଣ୍ଡା ଗତ ୬ ତାରିଖରୁ ଭୁବନେଶ୍ୱର ପଦଯାତ୍ରା ଆରମ୍ଭ କରି ୮ ଦିନ ପରେ ୩୦୦ କିଲୋମିଟର ଅତିକ୍ରମ କରି ଭୁବନେଶ୍ୱର ଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସମସ୍ୟା ନେଇ ଆଲୋଚନା କରିବା ପାଇଁ ଅପେକ୍ଷାରେ ଅଛନ୍ତି ତିନିଦିନ ହେବ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦେଖାନାହିଁ । ଏପଟେ ଦେବଗଡର ଜନ ପ୍ରତିନିଧି କୁହନ୍ତୁ କି ନେତା କୁହନ୍ତୁ କାହାରି ଦେଖା ନାହିଁ କି ଚିନ୍ତା ନାହିଁ ଯେ, ପଣ୍ଡା କେମିତି ଭେଟ କରିପାରିବେ। କାଳେ ପଣ୍ଡା ମାଇଲେଜ ନେଇ ଯିବେ କି ସେଥିପାଇଁ ତାଙ୍କୁ ସହଯୋଗ କରୁ ନ ଥିବା ଆଲୋଚନା ହେଉଛି।

## ୧୩ ହଜାର ଫୁଟ୍ ଉପରୁ ଡେଇଁ ଦୁବାଇରେ ସ୍ୱାଧୀନତା ଦିବସ ପାଳନ କଲେ ଯୁବକ



ଦୁବାଇ ଆକାଶରେ ଦିଲୀପ ଉଡୁଛନ୍ତି।

**ଝାରସୁଗୁଡ଼ା,୧୬।୮(ଆଶିଷ ରଞ୍ଜନ ଦାଶ)**

ସ୍ୱାଧୀନତା ଦିବସ ଉପଲକ୍ଷେ ଦୁବାଇରେ ୧୩ ହଜାର ଫୁଟ ଉପରୁ ବଙ୍ଗିଜମ୍ପିଂ କରି ଦେଶବାସୀଙ୍କ ସହ ସମସ୍ତ ବିଶ୍ୱବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଝାରସୁଗୁଡ଼ାର ଯୁବକ ଦିଲୀପ ସାହୁ। ପୂର୍ବରୁ ଗଣତନ୍ତ୍ର ଦିବସରେ ଦେଶର ଜାତୀୟ ପତାକା ସହ ଥାଇଲାଣ୍ଡରୁ ସ୍କାଇ ଡାଇଭିଂ କରି ଏବଂ ରଙ୍ଗର ପର୍ବ ହୋଲି ଅବସରରେ ଇଣ୍ଡୋନେସିଆର ନୁସା ପେନିଡାରୁ ବଙ୍ଗିଜମ୍ପିଂ କରି ସମଗ୍ର ବିଶ୍ୱରେ ଭାରତ ଏବଂ ଇଣ୍ଡୋନେସିଆର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ତଥା ସେ ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜ୍ଜୀବିତ କରିଥିଲେ। ଠିକ ସେହିପରି ଚଳିତ ସ୍ୱାଧୀନତା ଦିବସରେ ଦିଲୀପ ଦୁବାଇରେ ପହଞ୍ଚି ସେଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦୁବାଇର ଶାସକ ମହମ୍ମଦ ବିନ ରସିଦ ଅଲ ମକ୍ତୁମଙ୍କ ଫଟୋଚିତ୍ର ଥିବା ପରିଧାନ ସହ ଉଭୟ ଦେଶର ଜାତୀୟ ପତାକା ଧାରଣ କରି ପ୍ରାୟ ୧୩ ହଜାର ଫୁଟରୁ ଡେଇଁ ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ନିଦର୍ଶନ କରିବା ସହ ବିଶ୍ୱ ଭାତୃତ୍ୱର ବାର୍ତ୍ତା ଦେଇଛନ୍ତି। ଦିଲୀପଙ୍କ ଏହି ଅଦମ୍ୟ ସାହସିକ ଅଭିଯାନ ଦ୍ୱାରା ଦେଶ ରାଜ୍ୟ ଏବଂ ଝାରସୁଗୁଡ଼ାକୁ ଗୌରବାନ୍ୱିତ କରିଛନ୍ତି।

# ଭିସୁଟ୍‌ର ୨ ସହକାରୀ ପ୍ରଫେସର ନିଲମ୍ବିତ

**ସମ୍ବଲପୁର,୧୬।୮(ପ୍ରମୋଦ ବହିଦାର)**

**କର୍ତ୍ତୃପକ୍ଷଙ୍କଠାରୁ ମିଳିନାହିଁ ଆଧିକାରିକ ସୂଚନା**

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ୨ଜଣ ସହକାରୀ ପ୍ରଫେସର ନିଲମ୍ବିତ ହୋଇଛନ୍ତି। ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଓ ନିର୍ଯାତନା ଅଭିଯୋଗରେ ଉଭୟଙ୍କୁ ନିଲମ୍ବିତ କରାଯାଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ଏହାକୁ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଅସ୍ୱୀକାର କରି ନ ଥିଲେ ମଧ୍ୟ ଆଇସିସି ରିପୋର୍ଟ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କେବଳ କହିଛନ୍ତି। ମାତ୍ର ନିଲମ୍ବିତ ସହକାରୀ ପ୍ରଫେସରଙ୍କ ସମ୍ପର୍କରେ ଆଧିକାରୀ ଭାବେ କୌଣସି ବିଧିବଦ୍ଧ ସୂଚନା ଦେବାକୁ ମନା କରି ଦେଇଛନ୍ତି। ଏସମ୍ପର୍କରେ ଭିସୁଟ୍ କୁଳପତି ପ୍ରଫେସର ସାହୁ କହିଛନ୍ତି, ଆଇନ୍ ଅନୁସାରେ କେଉଁ ଅଭିଯୋଗରେ କାହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ସାଧାରଣରେ ସୂଚନା ଦେବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଛନ୍ତି। ଫଳରେ କେଉଁ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେଉଁ ସହକାରୀ ପ୍ରଫେସରଦ୍ୱୟଙ୍କୁ ନିଲମ୍ବନ କରାଯାଇଛି ତାହା ସ୍ପଷ୍ଟ ହୋଇ ପାରିନାହିଁ।

ଏକ ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଇସିସି ରିପୋର୍ଟ ଆଧାରରେ କୁଳପତିଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ ଦୁଇ ସହକାରୀ ପ୍ରଫେସରଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଗତ ଏପ୍ରିଲ୍ ମାସରେ ଗଣିତ ବିଭାଗର ଜଣେ ପିଏଚ୍‌ଡି ଛାତ୍ରୀ ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସରଙ୍କ ବିରୋଧରେ ଭିସୁଟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ରେ ଯୌନ ନିର୍ଯାତନା ଅଭିଯୋଗ କରିଥିଲେ। ପରେ ମେ ମାସରେ ଆଇସିସି ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପିତ କହିଥିଲେ। ଉକ୍ତ ମାମଲାରେ କି କାର୍ଯ୍ୟାନୁଷ୍ଠାନ ହେଲା ତାହା ଜଣା ପଡ଼ି ନ ଥିଲା। ମାତ୍ର ମେ ୧୩ ରେ ସହକାରୀ ପ୍ରଫେସରଙ୍କୁ ବିଭାଗୀୟ ମୁଖ୍ୟ ପଦବୀରୁ ଅପସାରଣ କରାଯାଇଥିବା ସୂଚନା ମିଳିଥିଲା।

DSPL-208

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସିଏମ୍ କିଷାନ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ପାଇଁ ୧୯ରେ ଏନ୍‌ଡିଏ ଏମ୍‌ପିଙ୍କ ବୈଠକ

ନୂଆଦିଲ୍ଲୀ,୧୬।୮

ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆସନ୍ତା ମଙ୍ଗଳବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଉକ୍ତ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ପ୍ରାର୍ଥୀ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଲାଗି ଏନ୍‌ଡିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟିତ୍ୱ ଦେଇଥିଲେ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଉଭୟ ସଦନର ଏନ୍‌ଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ମେଣ୍ଟର ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ବୈଠକରେ ଆଲୋଚନା ହେବ। ଉପରାଷ୍ଟ୍ରପତି ନିର୍ବାଚନ ଲାଗି ୨୧ ତାରିଖରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଥିବାବେଳେ ସେହିଦିନ ଏନ୍‌ଡିଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିପାରନ୍ତି।

### ଦ୍ୱିଭାଷୀ ମଡେଲରେ ନୂଆ ଶିକ୍ଷାନୀତି ଆଣିବ କର୍ନାଟକ

ବେଙ୍ଗାଲୁରୁ, ୧୬।୮

ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ ବିରୋଧ କରି ତାମିଲନାଡୁ ସରକାର ରାଜ୍ୟ ପାଇଁ ନୂଆ ଶିକ୍ଷାନୀତି ଆଣିଥିବାବେଳେ କର୍ନାଟକ ସରକାର ଖୁବ୍‌ଶୀଘ୍ର ରାଜ୍ୟକୈନ୍ଦ୍ରିକ ଶିକ୍ଷାନୀତି ଆପଣାଇବାକୁ ଯାଉଛନ୍ତି। ଏଥିପାଇଁ କେତେକ ପଦକ୍ଷେପ ସମ୍ପର୍କରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଘୋଷଣା କରିଛନ୍ତି। ଏନେଇ ପ୍ରଫେସର ସୁଖଦେଓ ଥୋରାଟଙ୍କ ଅଧ୍ୟକ୍ଷତାରେ ଗଠିତ ଆୟୋଗ ଗତ ୮ ତାରିଖରେ ରିପୋର୍ଟ ଦାଖଲ କରିଛି। ଏଥିରେ ସ୍କୁଲ୍‌ଗୁଡ଼ିକ ପାଇଁ ଦ୍ୱିଭାଷୀ ମଡେଲ ନିମନ୍ତେ ସୁପାରିସ କରାଯାଇଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କନ୍ନଡ କିମ୍ବା ମାତୃଭାଷା ମାଧ୍ୟମରେ ପାଠ ପଢ଼ାଯିବ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ବଦଳରେ ସ୍ୱତନ୍ତ୍ର ଶିକ୍ଷାନୀତି ଆଣିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଥିଲା। ତଦନୁଯାୟୀ ୨୦୨୩ ଅକ୍ଟୋବରରେ କମିଶନ ଗଢ଼ାଯାଇଥିଲା ବୋଲି ସିଦ୍ଧାରାମାୟା କହିଛନ୍ତି। ଚଳିତ ବର୍ଷ ୨,୫୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ୫୦୦ କର୍ନାଟକ ପବ୍ଲିକ୍ ସ୍କୁଲ୍ (କେପିଏସ୍) ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

## ଦିଲ୍ଲୀରେ ଆଜି



ଜନ୍ମାଷ୍ଟମୀ ଅବସରରେ ନୂଆଦିଲ୍ଲୀସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରକୁ ରଙ୍ଗିନ ଆଲୋକରେ ସଜାଯାଇଛି। (ଫଟୋ- ଚମନ ଗୌତମ)

## ପାକ୍ ପାଇଁ ଗୁପ୍ତଚରଗିରି କରିଥିଲେ ଜ୍ୟୋତି

### ୨,୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କଲା ପୋଲିସ

ହିସାର, ୧୬।୮

ହରିୟାଣା ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଶନିବାର ହିସାରର ଏକ ସ୍ଥାନୀୟ କୋର୍ଟରେ ୟୁଟ୍ୟୁବର ଜ୍ୟୋତି ମାଲ୍‌ହୋତ୍ରାଙ୍କ ବିରୋଧରେ ୨,୫୦୦ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଗିରି କରୁଥିବା ନେଇ ଠୋସ୍ ପ୍ରମାଣ ମିଳିଛି ବୋଲି ଉକ୍ତ ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ଜ୍ୟୋତି ଲମ୍ବା ସମୟ ଧରି ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିଲେ। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ପୂର୍ବତନ ଅଧିକାରୀ ଦାନିଶ ଅଲ୍ଲୀଙ୍କ ସହ ତାଙ୍କର ସମ୍ପର୍କ ଥିଲା। ଆଇଏସ୍‌ଆଇ ଏଜେଣ୍ଟ ଶାକିର, ହସନ ଅଲ୍ଲୀ, ନାସି ଢିଲ୍ଲୋଙ୍କ ସହ ମଧ୍ୟ ସେ ସମ୍ପର୍କରେ ଥିଲେ। ଚାର୍ଜଶିଟ୍ ଅନୁଯାୟୀ, ଜ୍ୟୋତି ୨୦୨୪ ଏପ୍ରିଲ ୧୭ରେ ପାକିସ୍ତାନ ଯାଇ ମେ' ୧୫ରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ କରତାରପୁର କରିଡର ଦେଇ ପାକିସ୍ତାନ ଯାଇଥିଲେ



ଜ୍ୟୋତି ମାଲ୍‌ହୋତ୍ରା

ଏବଂ ପାକିସ୍ତାନର ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଝିଅ ମରିୟମ ନୱାଜଙ୍କୁ ଭେଟି ତାଙ୍କର ସାକ୍ଷାତ୍‌କାର ନେଇଥିଲେ। ପ୍ରକାଶ ଯେ, ଗତ ମେ' ୧୬ରେ ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ହିସାର ପୋଲିସ ଜ୍ୟୋତିଙ୍କୁ ଗିରଫ କରିଥିଲା।

# ଟ୍ରମ୍ପ-ପୁଟିନ୍ ଆଲୋଚନାରେ ଯୁଦ୍ଧ ବନ୍ଦ ନେଇ ଚୁକ୍ତିନାମା ହେଲାନି

### ବୁଝାମଣା ହୋଇଥିବା କହିଲେ ପୁଟିନ୍

ୱାଶିଂଟନ,୧୬।୮

ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଶୁକ୍ରବାର ବହୁପ୍ରତୀକ୍ଷିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ତେବେ ୟୁକ୍ରେନ୍‌ରେ ରୁଷିଆ ଯୁଦ୍ଧ ବନ୍ଦ ଲାଗି ଉଭୟ ନେତା କୌଣସି ଚୁକ୍ତିନାମାରେ ପହଞ୍ଚି ନ ଥିବା ବୈଠକ ଶେଷରେ ଟ୍ରମ୍ପ କହିଛନ୍ତି। ତେବେ ସେମାନେ ଏକ ବୁଝାମଣାରେ ପହଞ୍ଚିଥିବା ପୁଟିନ୍ କହିଛନ୍ତି। ଉଭୟ ନେତା ପରସ୍ପରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ପୁଟିନ୍‌ଙ୍କ ସହ ଆଲୋଚନା ପରେ ଟ୍ରମ୍ପ ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ କଥା ହେବା ସହ ନାଟୋ ନେତାମାନଙ୍କୁ ଆଲୋଚନା ସମ୍ପର୍କରେ ଅବଗତ କରାଇଛନ୍ତି। ପୁଟିନ୍‌ଙ୍କୁ ସ୍ୱାଗତ ପାଇଁ ରେଡ୍ କାର୍ପେଟ ବିଛାଯାଇଥିଲେ ମଧ୍ୟ




ଆଲାସ୍କାର ଜଏଣ୍ଟ ବେସ୍ ଏଲ୍‌ମେଣ୍ଡୋର୍ଫ-ଦିଚାର୍ଡସନ୍‌ଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଲୋଚନା କରୁଛନ୍ତି।

ରୁଷିଆ ଯୁଦ୍ଧ ବନ୍ଦ ନେଇ କୌଣସି ରାଜିନାମା ହୋଇପାରି ନ ଥିବା ଟ୍ରମ୍ପ କହିଛନ୍ତି। ଆଲାସ୍କା ଛାଡ଼ିବା ପରେ ଏକ ନ୍ୟୁଜ୍ ଚ୍ୟାନେଲକୁ ସେ କହିଥିଲେ, ଯୁଦ୍ଧବିରତି କରାଇବା ଦାୟିତ୍ୱ ଏବେ ଜେଲେନ୍‌ସ୍କିଙ୍କୁ ଉପରକୁ ଯାଉଛି। ଏଥିରେ ୟୁରୋପୀୟ ଦେଶଗୁଡ଼ିକର ସମ୍ପୃକ୍ତି ରହିବ।

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୩.୫ ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଟ୍ରମ୍ପ-ପୁଟିନ୍ ସମିଟ୍ ସତ୍ତ୍ୱେ ଏହାକୁ ବନ୍ଦ କରିବା ନେଇ କୌଣସି ଚୁକ୍ତିନାମା ହୋଇପାରିନାହିଁ। ଜେଲେନ୍‌ସ୍କି ସୋମବାର ୱାଶିଂଟନ ଯାଇ ଟ୍ରମ୍ପଙ୍କୁ ଭେଟିବେ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି ନୁହେଁ, ଶାନ୍ତି ଚୁକ୍ତିନାମା ସବୁଠୁ ଭଲ ହେବ ବୋଲି ଟ୍ରମ୍ପ କହିଛନ୍ତି। ରୁଷିଆ ମଧ୍ୟ ସାମୟିକ ଯୁଦ୍ଧବିରତିରେ ଆଗ୍ରହୀ ନ ଥିବା ପୁଟିନ୍‌ଙ୍କ ଉକ୍ତିକୁ ଟ୍ରମ୍ପ ଦୋହରାଇଛନ୍ତି। ଆଲାସ୍କା ସମିଟ୍‌କୁ ଜେଲେନ୍‌ସ୍କିଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା ବେଳେ ଶନିବାର ଟ୍ରମ୍ପ ତାଙ୍କ ସହ ଦୀର୍ଘ ସମୟ କଥା ହୋଇଥିଲେ ଓ ୱାଶିଂଟନ ଆସିବାକୁ ଆମନ୍ତ୍ରଣ କରିଥିଲେ। ଯୁଦ୍ଧ ଓ ହତ୍ୟାକାଣ୍ଡ ବନ୍ଦ ପାଇଁ ସବିଶେଷ ଆଲୋଚନା ହେବ ବୋଲି ଟ୍ରମ୍ପ କହିଥିବାରୁ ଜେଲେନ୍‌ସ୍କି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ସୂଚନାଯୋଗ୍ୟ, ଆଲାସ୍କାରେ ପୁଟିନ୍ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ ପୁଟିନ୍‌ଙ୍କ ସହ କରମର୍ଦ୍ଦନ କରିବା ପରେ ଉଭୟଙ୍କ ମଧ୍ୟରେ ୨.୫ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଯୁଦ୍ଧ ବନ୍ଦ ନେଇ ଶୀର୍ଷ ଉପଦେଷ୍ଟାମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଆଲୋଚନାରୁ ୟୁକ୍ରେନ୍ ଓ ୟୁରୋପୀୟ ନେତାଙ୍କୁ ବାଦ୍ ଦିଆଯାଇଥବାରୁ ଜେଲେନ୍‌ସ୍କି ପୂର୍ବରୁ ଏହାକୁ ବିରୋଧ କରିଥିଲେ। ସମସ୍ତେ ଯୁଦ୍ଧର ସାଧୁତାପୂର୍ଣ୍ଣ ବନ୍ଦ ଚାହାନ୍ତି। ଯୁଦ୍ଧ ବନ୍ଦ ପାଇଁ ଯଥାସମ୍ଭବ ଫଳପ୍ରଦ କାର୍ଯ୍ୟ କରିବାକୁ ୟୁକ୍ରେନ୍ ପ୍ରସ୍ତୁତ। ଯୁଦ୍ଧ ବନ୍ଦ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଉ ନ ଥିବାରୁ ଏହା ଜାରି ରହିଛି। ଯୁଦ୍ଧବନ୍ଦ ପ୍ରସ୍ତୁତି ନେଇ ମସ୍କୋ ପକ୍ଷରୁ କୌଣସି ସଙ୍କେତ ଦିଆଯାଇ ନ ଥିବା ଜେଲେନ୍‌ସ୍କି କହିଥିଲେ।

### ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇ ନ ପାରେ ଆମେରିକା

ନ୍ୟୁୟର୍କ,୧୬।୮(ପି.ଟି.)

ରୁଷିଆଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଅତିରିକ୍ତ ଟିକସ ନ ଲଗାଇପାରେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଛନ୍ତି। ଆମେରିକା ଅତିରିକ୍ତ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଭାରତ କ୍ଷତିଗ୍ରସ୍ତ ହୋଇଥାନ୍ତା ବୋଲି ଆଶଙ୍କା କରାଯାଉଥିଲା। ତେବେ ଏତେଶୀଘ୍ର ରୁଷିଆ ଓ ଏହାର ବାଣିଜ୍ୟ ସହଯୋଗୀଙ୍କ ଉପରେ ଅତିରିକ୍ତ ଟାରିଫ୍ ଲଗାଯାଉ ନାହିଁ। ୨ରୁ ୩ ସପ୍ତାହ ମଧ୍ୟରେ ଏହାର ପୁନର୍ବିଚାର କରିବେ ବୋଲି ଟ୍ରମ୍ପ କହିଥିବାରୁ ଭାରତ ପାଇଁ ଆଶ୍ୱସ୍ତି ଆଣିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା ପରେ ଟ୍ରମ୍ପ ମସ୍କୋ ପ୍ରତି ତାଙ୍କ ଆଭିମୁଖ୍ୟକୁ କୋହଳ କରିଥିବା ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଲାସ୍କା ସମିଟ୍ ଠିକ୍‌ଠାକ୍ ଚାଲିଥିବାରୁ ଏହାକୁ ସେ ୧୦ରେ ୧୦ ରେଟିଂ ଦେଇଛନ୍ତି।

### ଆଜି ଭାରତ ଫେରିବେ ଶୁଭାଂଶୁ



ନୂଆଦିଲ୍ଲୀ, ୧୬।୮(ପି.ଟି.)

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଆମେରିକାରୁ ଭାରତ ଫେରିବେ। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଏବଂ ଆମେରିକୀୟ ମହାକାଶ ସଂସ୍ଥା (ନାସା)ର ମିଳିତ ଆକ୍ସିଓମ ୪ ମିଶନ ଅନ୍ତର୍ଗତ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରେ ପହଞ୍ଚି ଶୁଭାଂଶୁ ଇତିହାସ ରଚିଥିଲେ। ନୂଆଦିଲ୍ଲୀରେ ପହଞ୍ଚିବା ପରେ ଶୁଭାଂଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ନିଜ ସହର ଲକ୍ଷ୍ନୌକୁ ଯିବେ। ୨୨ ଓ ୨୩ରେ ନୂଆଦିଲ୍ଲୀଠାରେ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


## 'ଦି ବେଙ୍ଗଲ ଫାଇଲ୍ସ' ଇଭେଣ୍ଟରେ ବିବାଦ

କୋଲକାତା, ୧୬।୮

ଫିଲ୍ମ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀଙ୍କ 'ଦି ବେଙ୍ଗଲ ଫାଇଲ୍ସ' ସିନେମାର ଟ୍ରେଲର ଲଞ୍ଚ୍ ଇଭେଣ୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଶନିବାର ଅପରାହ୍ନରେ କୋଲକାତାର ଏକ ପଞ୍ଚତାରକା ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଭେଣ୍ଟକୁ ପୋଲିସ ବନ୍ଦ କରିଥିବା ଅଗ୍ନିହୋତ୍ରୀ ଅଭିଯୋଗ କରିଛନ୍ତି। ଫିଲ୍ମର ସ୍କ୍ରିନିଂ ପାଇଁ ବ୍ୟବହୃତ ଲାପ୍‌ଟପ୍‌କୁ ପୋଲିସ ଜବତ କରିଥିବା ସେ କହିଛନ୍ତି। ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରି ଅଗ୍ନିହୋତ୍ରୀ କହିଛନ୍ତି, ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୋଲିସ 'ଦି ବେଙ୍ଗଲ ଫାଇଲ୍ସ'ର ଟ୍ରେଲର ଇଭେଣ୍ଟକୁ ବନ୍ଦ କରିଛି। ଶେଷ ମୁହୂର୍ତ୍ତରେ ଇଭେଣ୍ଟକୁ ବାତିଲ କରିବା ରାଜ୍ୟ ସରକାରଙ୍କ ଅସହିଷ୍ଣୁତାକୁ ଦର୍ଶାଉଛି। ବୋଧହୁଏ କୋଲକାତାରେ ମତବ୍ୟକ୍ତ କରିବାର ସ୍ୱାଧୀନତା ନାହିଁ। ତେବେ



ବିବେକ ଅଗ୍ନିହୋତ୍ରୀ




ଅଗ୍ନିହୋତ୍ରୀଙ୍କ ଏହି ଅଭିଯୋଗକୁ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଭିତ୍ତିହୀନ ବୋଲି କହିଛି। ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲ ଘୋଷ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ଦଳର ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଅଗ୍ନିହୋତ୍ରୀ ସିନେମାକୁ ବ୍ୟବହାର କରୁଥିବାର ଅନେକ ନଜିର ରହିଛି। ଲୋକଙ୍କ ମଧ୍ୟରେ ବିଭାଜନର ମାନସିକତା ସୃଷ୍ଟି କରିବା ପାଇଁ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମକୁ ନିର୍ମାଣ କରାଯାଇଛି। କୋଲକାତା ଆସି ଡ୍ରାମା କରିବାକୁ ଅଗ୍ନିହୋତ୍ରୀଙ୍କୁ ଅନୁମତି ମିଳିବ ନାହିଁ ବୋଲି କୁନାଲ କହିଛନ୍ତି। ବିବାଦ ମଧ୍ୟରେ ପ୍ରଡକ୍ସନ କମ୍ପାନୀ 'ଜି ଷ୍ଟୁଡିଓଜ୍' ପକ୍ଷରୁ ସୋସିଆଲ ମିଡିଆରେ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମର ଟ୍ରେଲରକୁ ଜାରି କରାଯାଇଛି। ପ୍ରକାଶ ଯେ, ୧୯୪୬ରେ ଗ୍ରେଟର କଲିକତାରେ ହୋଇଥିବା ନରସଂହାର ଏବଂ ଦଙ୍ଗାକୁ ନେଇ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମ ଆଧାରିତ।

### ପାକିସ୍ତାନରେ ବାଦଲଫଟା ବର୍ଷା: ୩୨୦ ମୃତ

ଇସ୍‌ଲାମାବାଦ,୧୬।୮

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଶୁକ୍ରବାରଠାରୁ ୩୬ ଘଣ୍ଟା ଧରି ପ୍ରବଳ ବର୍ଷା ଲାଗି ରହିବା ଯୋଗୁ ହଠାତ୍ ବନ୍ୟା ଆସି ୩୨୦ ଜଣଙ୍କ ମୃତ୍ୟୁ ଘଟିଛି। ସର୍ବାଧିକ କ୍ଷତିଗ୍ରସ୍ତ ବୁନେର ଜିଲାରେ କେବଳ ୧୮୪ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ କ୍ଷତିଗ୍ରସ୍ତ ଜିଲାଗୁଡ଼ିକ ମଧ୍ୟରେ ବଜଉର, ସ୍ୱାତ୍, ମାନଏହରା, ଶାଙ୍ଗଲା, ଟୋରଘର ଏବଂ ବାଟଗ୍ରାମ ରହିଛି। ଶାଙ୍ଗଲାରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାତ୍‌ରେ ୨୨, ବଜାଉରରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ଅନେକ ଆହତ ହେବା ସହ କେତେଜଣ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବନ୍ୟା ଯୋଗୁ ବହୁ ଘର କ୍ଷତିଗ୍ରସ୍ତ ହେବା ସହ ବିଭିନ୍ନ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ବିକଶିତ ଭାରତ ରୋଜଗାର ଯୋଜନା ଘୋଷଣାକଲେ ମୋଦି

ନୂଆଦିଲ୍ଲୀ,୧୬।୮

୭୯ତମ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେବା ଅବସରରେ ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଯୁବବର୍ଗଙ୍କ ନିମନ୍ତେ ଏହି ଯୋଜନାରେ ୩.୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅଗଷ୍ଟ ୧୫ରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ପ୍ରଥମ ଥର ନିଯୁକ୍ତି ପାଇଥିବା କର୍ମଚାରୀ ଓ ଘରୋଇ ସେକ୍ଟର ନିଯୁକ୍ତିଦାତାମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଘରୋଇ କ୍ଷେତ୍ରରେ ପ୍ରଥମେ ନିଯୁକ୍ତ ହୋଇଥିବା ଯୁବତୀ ଯୁବକ



ସରକାରଙ୍କଠାରୁ ସିଧାସଳଖ ୧୫,୦୦୦ ଟଙ୍କା ପାଇବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଆନୁଷ୍ଠାନିକ ନିଯୁକ୍ତି ପାଇଁ ଏହି ଯୋଜନା ସହାୟକ ହେବ। ନିଯୁକ୍ତି ସୃଷ୍ଟି ବଢ଼ାଇବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଯେଉଁ କମ୍ପାନୀଗୁଡ଼ିକ ସ୍ଥାୟୀ ନିଯୁକ୍ତି ସୃଷ୍ଟି କରିବେ, ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିବା ନିଯୁକ୍ତିଦାତାମାନଙ୍କୁ ପ୍ରତି ନୂଆ କର୍ମଚାରୀ ପ୍ରତି ମାସିକ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ସରକାର ଯୋଗାଇ ଦେବେ। ଏହା ଉତ୍ପାଦନ ସେକ୍ଟର ପାଇଁ ଲାଭଦାୟକ ହେବ। ଆଗାମୀ ୨ ବର୍ଷରେ ଏହି ଯୋଜନାରେ ପ୍ରାୟ ୩.୫ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏବଂ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ମିଳିତ ଭାବେ ଏହି ଯୋଜନାର ତଦାରଖ କରିବେ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ମିଶନର ଆଧାର ଶିଳା ଭାବେ ନେଇଛନ୍ତି। ଯୁବବର୍ଗଙ୍କ ପାଇଁ ଏହା ତାଙ୍କର ଉପହାର ଏବଂ ଡବଲ ଦୀପାବଳି ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

# ସବୁଠୁ ଅସୁନ୍ଦର କୁକୁର

### ଟାଇଟଲ ଜିତି ୪.୩ ଲକ୍ଷ ହାତେଇଲା ୨ ବର୍ଷୀୟ 'ପେଟୁନିଆ'

ୱାଶିଂଟନ୍

ନିକଟରେ ଆମେରିକାର କାଲିଫର୍ନିଆ ରାଜ୍ୟ ସାନ୍ତାରୋଜାସ୍ଥିତ ସୋନୋମା କାଉଣ୍ଟି ଫେୟାରରେ 'ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁର ପ୍ରତିଯୋଗିତା ୨୦୨୫'ର ଆୟୋଜନ ହୋଇଥିଲା। ଚଳିତ ଥର ଏହି ନିଆରା ପ୍ରତିଯୋଗିତାରେ ୨ ବର୍ଷୀୟ ହେୟାରଲେସ୍ ଇଂଲିଶ-ଫ୍ରେଞ୍ଚ୍ ବୁଲ୍‌ଡଗ୍ 'ପେଟୁନିଆ' ବିଜୟୀ ହୋଇ ସବୁଠାରୁ ଅସୁନ୍ଦର କୁକୁରର ଆଖ୍ୟା ପାଇଛି। ପେଟୁନିଆ ଓ ଏହାର ମାଲିକାଣୀ ତଥା ଆମେରିକାର ଓରେଗନ୍ ରାଜ୍ୟ ନିବାସୀ ଶାନନ୍ ନାଇମାନଙ୍କୁ ୫ ହଜାର ଡଲାର



(ପ୍ରାୟ ୪.୪ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ମିଳିଛି। ପେଟୁନିଆର ଚେହେରା ଜଳହସ୍ତୀ ଏବଂ ବାଦୁଡ଼ିର ମିଶ୍ରିତ ଚେହେରା ପରି ହୋଇଥିବା ନେଇ ପ୍ରତିଯୋଗିତାର ଜଣେ ବିଚାରପତି କହିଛନ୍ତି। ନିଜର ଅଜବ ଚେହେରା ଏବଂ ଆକାର ଯୋଗୁ ପେଟୁନିଆକୁ ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁରର ଟାଇଟଲ ମିଳିଥିବା ସେ କହିଛନ୍ତି।

ପେଟୁନିଆକୁ ଆମେରିକାରେ ଲାସ୍ ଭେଗାସ୍‌ରୁ ଉଦ୍ଧାର କରାଯାଇଥିଲା। ଓରେଗନସ୍ଥିତ ଲଭେବଲ୍ ଡଗ୍ ରେସ୍କ୍ୟୁ ଟିମ୍ ପେଟୁନିଆକୁ ଉଦ୍ଧାରକରି ତାକୁ ଏକ ନୂତନ ଜୀବନ ଦେଇଥିଲା। ପେଟୁନିଆର ମାଲିକାଣୀ ଶାନନ୍ ଲଭେବଲ୍ ଡଗ୍ ରେସ୍କ୍ୟୁ ଟିମ୍‌ଠାରୁ ତାକୁ କିଣିଥିଲେ। ଶାନନ୍ କହିଛନ୍ତି, ପ୍ରତିଯୋଗିତାର ଟାଇଟଲ ହାସଲ କରିବା ପରେ ଏବେ ପେଟୁନିଆ ଭଲ ଅନୁଭବ କରୁଛି। ସେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ପ୍ରେମ ଏବଂ ସ୍ନେହ ପାଇବାକୁ ଭଲ ପାଇଥାଏ। ପେଟୁନିଆ ଶାନ୍ତ ସ୍ୱଭାବର ବୋଲି ଶାନନ୍ କହିଛନ୍ତି।

ଚଳିତ ବର୍ଷର ଅସୁନ୍ଦର କୁକୁର ପ୍ରତିଯୋଗିତାରେ ଶତାଧିକ କୁକୁର ଓ ସେମାନଙ୍କର ମାଲିକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ପ୍ରାୟ ୫୦ ବର୍ଷ ଧରି ସୋନୋମା କାଉଣ୍ଟି ଫେୟାରରେ ଆୟୋଜନ କରାଯାଇ ଆସୁଛି। ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିବା କୁକୁରଗୁଡ଼ିକୁ ଅଣଦେଖା ନ କରି ପୋଷା କୁକୁର ଭାବେ ଗ୍ରହଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି।

## ୭୮ କୋଟିର ଘର କିଣିଲେ କ୍ରିତି

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ରିୟଲ୍ ଇଷ୍ଟେଟ୍ ଜଗତରେ ବଡ଼ ନିବେଶ କରିଛନ୍ତି। ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲ୍ ପୋଶ୍ ଅଞ୍ଚଳରେ ସେ ୭୮.୨୦ କୋଟି ଟଙ୍କାରେ ଏକ ସି ଫେସିଂ ଲକ୍ସୁରି ଡୁପ୍ଲେକ୍ସ ପେଣ୍ଟହାଉସ୍ କିଣିଛନ୍ତି। ଏହି ଘର 'ସୁପ୍ରିମ ପ୍ରାଣ' ନାମକ ଏକ ବିଳାସପୂର୍ଣ୍ଣ ଆବାସିକ ବିଲ୍ଡିଂରେ ଅବସ୍ଥିତ। ଏହି ଡୁପ୍ଲେକ୍ସ ପେଣ୍ଟହାଉସ୍ ୭,୩୦୨ ବର୍ଗଫୁଟ ପରିବ୍ୟାପ୍ତ ହୋଇଥିବା ବେଳେ ବିଲ୍ଡିଂର ୧୪ ଏବଂ ୧୫ତମ ମହଲାରେ ଏହା ଅବସ୍ଥିତ। କ୍ରିତିଙ୍କ ଏହି ବିଳାସପୂର୍ଣ୍ଣ ଘରେ ୧,୨୫୦ ବର୍ଗଫୁଟର ଏକ ବାଲ୍‌କୋନି ରହିଛି, ଯେଉଁଠାରୁ ସମୁଦ୍ରର ମନୋରମ ଦୃଶ୍ୟକୁ ଉପଭୋଗ କରିହେବ। ଏହି ବିଳାସପୂର୍ଣ୍ଣ ଘର ସହ କ୍ରିତିଙ୍କୁ ୬ଟି କାର୍ ପାର୍କିଂ ସ୍ଲଟ୍ ମଧ୍ୟ ମିଳିଛି। ରିପୋର୍ଟ ଅନୁଯାୟୀ, ଗତ ୧୪ ତାରିଖରେ କ୍ରିତି ଏହି ନୂତନ ଘରକୁ କିଣିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କ୍ରିତିଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ। ପୂର୍ବରୁ ୨୦୨୩ରେ କ୍ରିତି ମହାରାଷ୍ଟ୍ରର ଆଲିବାଗରେ ୨,୦୦୦ ବର୍ଗଫୁଟର ଏକ ଫ୍ଲାଟ୍ କିଣିଥିଲେ। ୨୦୨୪ରେ ସେ ବାନ୍ଦ୍ରା ୱେଷ୍ଟରେ ଏକ ୪-ବିଏଚ୍‌କେ ଆପାର୍ଟମେଣ୍ଟ ମଧ୍ୟ କିଣିଥିଲେ। ଆଗାମୀ ଦିନରେ କ୍ରିତିଙ୍କୁ ଅଭିନେତା ଧନୁଷଙ୍କ ସହ 'ତେରେ ଇଶ୍କ ମେଁ' ଏବଂ ଅଭିନେତା ରଣବୀର ସିଂଙ୍କ ସହ 'ଡନ୍ ୩' ପରି ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ।



କ୍ରିତି ସାନନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାର୍ଯ୍ୟରେ ଅବହେଳା ପାଇଁ ଆଇଆଇସି ନିଲମ୍ବିତ

ଛତ୍ରପୁର, ୧୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)




ଦେବାଶିଷ ମହାନ୍ତି

ଗଞ୍ଜାମ ପୋଲିସ ଜିଲା ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି ଶନିବାର କାର୍ଯ୍ୟରୁ ନିଲମ୍ବନ ହୋଇଛନ୍ତି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଓ ବିଶୃଙ୍ଖଳା ଲାଗି ରାଜ୍ୟ ପୋଲିସ ମୁଖ୍ୟାଳୟରୁ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଅଫିସ ଅଧୀନରେ ରହିବେ ବୋଲି ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି।

# ଆଶ୍ରମରେ ଅନ୍ତେବାସୀଙ୍କୁ ବଳାତ୍କାର, ବାବା ଗିରଫ

କମାକ୍ଷାନଗର, ୧୬।୮ (ସୁଧୀର କୁମାର ପରିଡ଼ା)



ଗିରଫ ବାବା ମଦନ ମୋହନ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମରେ ଥିବା ଇସ୍କନଧର୍ମୀ ମଧୁମଙ୍ଗଳ ଆଶ୍ରମରେ ଜଣେ ଅନ୍ତେବାସୀ ମହିଳାଙ୍କୁ ବଳାତ୍କାର ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ବାବା ମଦନ ମହାରାଜା ଓରଫ ମଦନ ମୋହନ ପରିଡ଼ାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଦୀର୍ଘ ୧୫ ବର୍ଷ ହେବ ବାବା ମଦନ ମୋହନ ମଧୁମଙ୍ଗଳ ଆଶ୍ରମ ଚଳାଇ ଆସୁଥିଲେ। ପୀଡ଼ିତା ମହିଳା କିଛି ଦିନ ହେବ ଆଶ୍ରମକୁ ଆସି ଠାକୁରଙ୍କ ସେବାକାର୍ଯ୍ୟ କରିବା ସହ ଫୁଲମାଳ ଗୁନ୍ଥୁଥିଲେ। ଗତ ସୋମବାର ରାତି ପ୍ରାୟ ୧୦ଟା ସମୟରେ ମହିଳା ଜଣଙ୍କ ନିଜ କୋଠରିରେ ବିଶ୍ରାମ ନେଉଥିବା ବେଳେ ବାବା ସେହି କୋଠରିକୁ ଆସି ତାଙ୍କୁ ବଳାତ୍କାର କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ପୋଲିସ ଓ ସାଇଣ୍ଟିଫିକ ଟିମ ପୀଡ଼ିତାଙ୍କୁ ନେଇ ଆଶ୍ରମ ପରିସରରେ ପହଞ୍ଚି ତଦନ୍ତ କରିବା ସହ କେସ୍ ନଂ ୪୨୦/୨୫ରେ ମାମଲା ରୁଜୁକରି ଭାରତୀୟ ନ୍ୟାୟ ସଂହିତା ଦଫା ୬୪(୨),୧୧୫(୨), ୩୦୩(୨), ୨୩୮, ୩(୨)ରେ ଉଭୟଙ୍କ ଡାକ୍ତରୀ ମାଇନା କରାଇ ବାବାଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟରେ ବାବାଙ୍କ ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାବା ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କୁ ଫସେଇ ଦିଆଯାଇଛି, ସେମିତି କୌଣସି ଘଟଣା ଘଟିନାହିଁ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକାଙ୍କୁ ବଳାତ୍କାର, ଗର୍ଭବତୀ ପରେ ଛାଡ଼ିଦେବା ଅଭିଯୋଗ

ନବରଙ୍ଗପୁର, ୧୬।୮ (ସଦାଶିବ ପ୍ରହରାଜ)

ଜଣେ ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭବତୀ ପରେ ଛାଡ଼ିଦେବା ଘଟଣାରେ ପଣ୍ଡିକୋଟ ଗାଁର ଅଭିଯୁକ୍ତ ଟିକେନ୍ଦ୍ର ଜାନୀକୁ ଅତିରିକ୍ତ ଜିଲା ଦୌରା ତଥା ପୋକ୍‌ସୋ ଜଜ୍ ବାସୁଦେବ ଆଚାର୍ଯ୍ୟ ଶନିବାର ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ୧୭ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଜଜ୍ ଏହି ରାୟ ଦେଇଛନ୍ତି। ପୀଡ଼ିତାଙ୍କ ୧୪ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ଡିଏଲ୍ଏସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ପରିଚାଳନା କରୁଥିଲେ। ସୂଚନାନୁଯାୟୀ, ପାପଡ଼ାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଟିକେନ୍ଦ୍ର ଶାରୀରିକ ସମ୍ପର୍କ ରଖିଲେ। ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ବିବାହକରି ଘରକୁ ନେବାକୁ ଟିକେନ୍ଦ୍ରଙ୍କୁ କହିବାରୁ ସେ ମନା କରିଥିଲେ। ଏନେଇ ୨୦୨୪ ସେପ୍ଟେମ୍ବର ୧୨ରେ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ ପରେ କେସ୍ ନମ୍ବର ୧୭୯/୨୪ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲକରିବା ପରେ କୋର୍ଟରେ ଟିଆର୍ ନମ୍ବର ୪୩/୨୪ ଅନୁଯାୟୀ ମାମଲା ବିଚାରାଧୀନ ରହିଥିଲା।


## ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମନୋରଞ୍ଜନ ମଲ୍ଲିକ (ବିକି)

ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ

ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩

ଆଜିର ତିଥିରେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ ବି ଆମ୍ଭମାନଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବୁ। ତୋର ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ମାତା, ପିତା, ରାକି, ହାପି, ବାପି, ଠୁବିଆଣ୍ଟି, ଅଙ୍କଲ, ପାପାଲି, ବୁବୁନ୍, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୧୬୭୪

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple,
ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ,
Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା, ୧୨ ଗିରଫ

## ୨୦ବର୍ଷ ପୂର୍ବରୁ ବାପାଙ୍କୁ କରାଯାଇଥିଲା ହତ୍ୟା

ରାୟଗଡ଼ା, ୧୬।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ବଡ଼ଆଲୁବାଡ଼ି ପଞ୍ଚାୟତ ବୁରୁସୁବାଡ଼ି ଗାଁର କେତେକ ଲୋକ ଗୁଣି ସନ୍ଦେହରେ ରାମାରାଓ ଜିଲାକାରା(୪୦)ଙ୍କୁ ହତ୍ୟାକରି ମୃତଦେହକୁ ପୋଡ଼ି ଦେଇଛନ୍ତି। ପରିବାରବର୍ଗ ଭୟରେ ସମ୍ପର୍କୀୟଙ୍କ ଗାଁକୁ ଚାଲିଯାଇଥିବାବେଳେ ରାମାରାଓଙ୍କ ସାନଭାଇ ଧର୍ମା ଜିଲାକାରା ୧୨ ତାରିଖରେ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୩/୨୫ରେ ମାମଲା ରୁଜୁକରି ଏଥିରେ ସମ୍ପୃକ୍ତ ୧୨ଜଣଙ୍କୁ ଗିରଫ ପରେ ୧୩ ତାରିଖରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁନି ଆଚାର୍ଯ୍ୟ କହିଛନ୍ତି। ପ୍ରକାଶ ଯେ, ଗତ ୭ ତାରିଖ ସକାଳେ ଗ୍ରାମର କାସାନା ଜିଲାକାରାଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଗାଁର ବିଜୟ ଜିଲାକାରା, ପ୍ରାଭା ମାଣ୍ଡାଙ୍ଗି, ରାଜେଶ ମାଣ୍ଡାଙ୍ଗି, ବୁରୁଶା ମାଣ୍ଡାଙ୍ଗି, ପାର୍ଥ ଜିଲାକାରା, ଗମେୟା ଜିଲାକାରା, ଆଙ୍କେଶ ମାଣ୍ଡାଙ୍ଗି, ପ୍ରକାଶ ମାଣ୍ଡାଙ୍ଗି, ବମ୍ୱେୟା ମାଣ୍ଡାଙ୍ଗି ଏବଂ ଅନ୍ୟମାନେ ରାମାରାଓ ଗୁଣିକରି କାସାନାଙ୍କୁ ମାରି ଦେଇଥିବା ଅଭିଯୋଗକରି ତାଙ୍କୁ ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପରେ ବିଷ ପିଆଇ ପୋଡ଼ି ଦେଇଥିବା ଭାଇ ଧର୍ମା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଧର୍ମାଙ୍କ କହିବାନୁସାରେ ୨୦୨୩ରେ ଗ୍ରାମର ଈଶ୍ୱର ମାଣ୍ଡାଙ୍ଗିଙ୍କ ମୃତ୍ୟୁକୁ ନେଇ ବିଜୟ ଜିଲାକାରା, ଆଙ୍କେଶ, ପ୍ରକାଶ ଓ ବମ୍ୱେୟା ସେହି ସମୟରେ ମଧ୍ୟ ତାଙ୍କ ପରିବାରବର୍ଗଙ୍କୁ ଧମକ ଦେଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗ୍ରାମବାସୀ ଏକ ଚୁକ୍ତିନାମା କରି ରାମାରାଓଙ୍କ ପରିବାରର କିଛି କ୍ଷତି ନ କରିବା ପାଇଁ ଉଲ୍ଲେଖ କରିଥିଲେ ବୋଲି ଧର୍ମା କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୨୦ବର୍ଷ ପୂର୍ବେ ଗ୍ରାମର କିଛି ଲୋକଙ୍କ ମୃତ୍ୟୁ ପରେ ଗୁଣି ସନ୍ଦେହରେ ଧର୍ମାଙ୍କ ବାପା ପେଦେୟା ଜିଲାକାରାଙ୍କୁ ହତ୍ୟା କରାଯାଇଥିଲା।

# ହାତ ଦେଖାରୁ ବୃଦ୍ଧଙ୍କୁ ନିର୍ମମ ହତ୍ୟା

## ମୁଣ୍ଡରୁ ଗଣ୍ଡି ଅଲଗା କଲେ

ଭବାନୀପାଟଣା/ଜୁନାଗଡ଼, ୧୬।୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ତଳଜାରିଙ୍ଗ ପଞ୍ଚାୟତର ଚେରମହୁଲ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ହାତ ଦେଖାକୁ ନେଇ ଜଣେ ଯୁବକ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଛନ୍ତି। ହତ୍ୟାର ଶିକାର ହୋଇଥିବା ବୃଦ୍ଧ ହେଲେ ସ୍ଥାନୀୟ ତଳଜାରିଙ୍ଗ ଗ୍ରାମର ରଥ କନ୍ଦପାନ(୬୦)। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ ବୃଦ୍ଧ ରଥ ଚେରମହୁଲ ଗ୍ରାମ ନିକଟରେ ଥିବା ଘନାଜଙ୍ଗଲକୁ ଝାଟି ଆଣିବାକୁ ଯାଇଥିଲେ। ସେଠାରେ ଧରିଣୀଗୁଡି (ମହୁଲ) ଗଛଠାରେ ସେ କିଛି ସମୟ ଅଟକିରହିଥିବାବେଳେ ସେହି ସମୟରେ ଉକ୍ତ ଗ୍ରାମର ରତ୍ନା ମାଝୀ (୪୦)ଙ୍କ ସହିତ ଦେଖା ହୋଇଥିଲା। ବୃଦ୍ଧ ରଥ ହାତ ଦେଖି ଲୋକଙ୍କ ଭଲମନ୍ଦ କଥା କହନ୍ତି। ବୃଦ୍ଧଙ୍କ ସହ ଦେଖାହେବା ପରେ ରତ୍ନା ତାଙ୍କ ହାତ ଦେଖିବା ପାଇଁ କହିଥିଲେ। ରଥ ହାତଦେଖି ରତ୍ନାଙ୍କୁ ଭଲମନ୍ଦ ବିଷୟରେ କହିଥିଲେ। ଏହା ଶୁଣି ରତ୍ନା ଉତ୍ତ୍ୟକ୍ତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସେ ଘରକୁ ଆସି ଏକ ଟାଙ୍ଗିଆ ନେଇ ରଥଙ୍କୁ ହାଣି ମୁଣ୍ଡ ଓ ଗଣ୍ଡି ଅଲଗା କରିଦେଇଥିଲେ। ପରେ ମୁଣ୍ଡକୁ ନେଇ ସେଠାରୁ ପ୍ରାୟ ୩ଶହ ମିଟର ଦୂରରେ ଥିବା ଏକ ଶୁଖିଲା କୂଅରେ ଫିଙ୍ଗି ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ମୃତ ବୃଦ୍ଧଙ୍କ ସ୍ତ୍ରୀ ପୂର୍ଣ୍ଣିମା ତାଙ୍କ ସ୍ୱାମୀଙ୍କୁ ରତ୍ନା ହତ୍ୟା କରିଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫୨/୨୫) ରୁଜୁ କରିବା ସହ ଅଭିଯୁକ୍ତ ରତ୍ନାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି।


# Classified Everyday

0674-2580101, 9692975378



MATRIMONIAL

## GROOM WANTED

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735429. D-1659

ବୟସ 29, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1663

Beautiful Karan girl 1992, 5'2", B.Tech (Electrical) Serving Dy. Manager OPTCL, "SUNASANSAR". 9937512659. D-1673



## REAL ESTATE SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

Prime sthitiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact- 9439861119. D-76071

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

**Duplex sale with gated Society near Allms Hospital, Bhubaneswar-9777433701.** D-1614



All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Newly open health benefits SPA by expert therapist Contact 9114559830. D-1661

## AFFIDAVIT

I, Pravat Barik, S/o- Karunakar Barik, Resident of Ward No.- 7, At/P.O.- Ishanpur, P.S.- Bari Ramachandrapur, Dist.- Jajpur, PIN-755005 Odisha declare by this affidavit No.- 1971, dt. 01.08.2025 that now onwards I shall be known as Pravat Kumar Barik for all future purposes. D-1658

By virtue of an affidavit sworn before Executive Magistrate, Bhubaneswar, dated 01.07.2025, I, Anima Panigrahy, W/o- Chittaranjan Panigrahy, Vill/P.O.- Bipulingi, Dist.- Ganjam, Odisha-761026, declare that I have changed my name from Anima Kumari Behera to Anima Panigrahy. Henceforth, I shall be known as Anima Panigrahy for all purposes.
Anima Panigrahy D-1657

By virtue of affidavit vide Sl. No.- 1480/12.08.2025 of Notary, Gunupur, Dist.- Rayagada, I, Sri Prakash Jena, S/o- Purnachandra Jena is declare in this affidavit that my daughter Tejaswi Jena, D/o- Prakash Jena and Dhanalaxmi Jena of Chalakamba, P.S.- Gunupur, Dist.- Rayagada is known in this name and address instead of Tejaswini Jena in all documents and identification. D-1664

I, Devi Prashada Mishra, S/o- Pravakar Mishra, At- Karigarsahi, P.O.- Dhenkanal, P.S.-Town, Dist.- Dhenkanal, Odisha-759001 declare that I have changed my name from DEVI PRASAD to DEVI PRASHADA MISHRA, dated 08.08.2025 by Executive Magistrate, Dhenkanal. D-1662

By virtue of an affidavit sworn before the Executive Magistrate, Sohela, No.- 03, date 02.08.25, I, Sanjay Meher, R/o. Village- Sahajbahal, P.O.- Bausenmura, P.S.- Sohela, Dist.- Bargarh declare that I have changed my daughter's name from Joyuti Meher to Jyoti Meher. Henceforth, she shall be known as Jyoti Meher for all purposes.
Sanjay Meher D-1670

By virtue of an affidavit sworn before the Executive Magistrate, Sohela, No.- 02, date 02.08.25, I Sanjay Meher, R/o. Village- Sahajbahal, P.O.- Bausenmura, P.S.- Sohela, Dist.- Bargarh declare that I have changed my daughter's name from Srutilata Meher to Shruti Meher. Henceforth, she shall be known as Shruti Meher for all purposes.
Sanjay Meher D-1671

I, Alisha Swain, R/o Flat No.- B- 401, Hemkund Towers, Bhubaneswar. Changed my surname as Alisha Agarwal, W/o- Dhiraj Kumar Agarwal. D-1660

I, P.Rasmita Kumari Patro, W/o- B.Ashok Kumar Subudhi, R/o Plot No.- 375/4650, Kharavela Complex, Kolathia, P.O.-Aiginia, P.S.- Khandagiri, Bhubaneswar, Dist.- Khurdha hereby declare by this Affidavit No.- 1541/12.08.2025 that now onwards I shall be known as B.Rashmita Subudhi for all future purposes. D-1665

By virtue of an affidavit before the executive magistrate, Puri, dated 12.06.2025. I, Bharati Devi At- Subhadra Nagar Balighat, P.S.- Talabania, Puri, 752002 declare that I have changed my name from Bharati Mishra to Bharati Devi. Henceforth, I shall be known as Bharati Devi for all purposes.
Bharati Devi D-1667

By virtue of affidavit at Executive Magistrate, BBSR. I, Tripati Mai Mishra, W/o- Dusmant Kumar Mishra, At- Alisisasan, P.O.- Darada, Dist.- Khordha do hereby declare that in my postal insurance policy bearing No.- 000002251632 it is recorded as Truptimayee Mishra instead of Tripati Mai Mishra, both name is of same person.
Sd/- Tripati Mai Mishra D-76480

By virtue of an affidavit sworn before Executive Magistrate Bhubaneswar, dated 16.08.2025, I, Manoranjan Pattnaik, residing At- Bodhakhandi, P.O.- Sisilo, P.S.- Balipatna, Dist.- Khordha, Odisha, PIN- 752100, declare that I have changed my daughter's name from Saishradha Pattanaik to Saishradha Pattnaik. Henceforth, she shall be known as Saishradha Pattnaik for all purposes.
Manoranjan Pattnaik. D-76481

By virtue of an affidavit sworn before Executive Magistrate, Niali, dated 19.6.2025, I, Dibyajyoti Mohanty, At/PO.- Bilasuni, P.S.- Niali, Dist.- Cuttack declare that I have changed my name from Dibyajoti to Dibyajyoti Mohanty. Henceforth, I shall be known as Dibyajyoti Mohanty for all purposes. D-1672

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୟୁକୋ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



ୟୁକୋ ବ୍ୟାଙ୍କର ଲୋଚାପଡ଼ା ଶାଖାକୁ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ଗୌତମ ପାତ୍ର ଫିତା କାଟି ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୬।୮ (ଅଭୟ ଦାଶ)

ୟୁକୋ ବ୍ୟାଙ୍କର ନୂତନ ଶାଖା (ଲୋଚାପଡ଼ା ଶାଖା) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶ୍ୱିନୀ କୁମାର ମୁଖ୍ୟ ଅତିଥି ଭାବେ ଆଭାସି ମାଧ୍ୟମରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ଗୌତମ ପାତ୍ରଙ୍କ ସମେତ ଭୁବନେଶ୍ୱର ଅଞ୍ଚଳର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂ ଏବଂ ଲୋଚାପଡ଼ା ଶାଖାର ଶାଖା ପରିଚାଳକ ସୁମନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉଦ୍‌ଘାଟନୀ ଉତ୍ସବରେ ୟୁକୋ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଏବଂ ବହୁ ସଂଖ୍ୟାର ଗ୍ରାହକମାନେ ମଧ୍ୟ ଯୋଗଦେଇଥିଲେ।

# ଏସ୍‌ପ୍ଲାନେଡ୍‌ରେ ଏଣ୍ଡ ଅଫ୍ ସିଜନ୍ ସେଲ୍

ଭୁବନେଶ୍ୱର,୧୬।୮: ନେକ୍ସସ୍ ଏସ୍‌ପ୍ଲାନେଡ୍‌ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ 'ଏଣ୍ଡ ଅଫ୍ ସିଜନ୍ ସେଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଉକ୍ତ ସେଲ୍ ୨୦୨୫ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଉପଲବ୍ଧ। ବିଶେଷକରି ଚଳିତ ସ୍ୱାଧୀନତା ଦିବସ ଅବସରରେ ଦେଶର ଗୌରବମୟ ଅତୀତ, ଜୀବନ୍ତ ସଂସ୍କୃତି ଓ ଏକତା ଭାବନାକୁ ସମ୍ମାନ ଜଣାଇ ଏକଜୁଟ ହେବାକୁ ନେକ୍ସସ୍ ଏସ୍‌ପ୍ଲାନେଡ୍ ଆହ୍ୱାନ ଦେଇଛି। ଏପରିକି ତ୍ରିରଙ୍ଗାକୁ ନମସ୍କାର କରିବା ସମୟରେ ଶପିଂ ଉତ୍ସାହ, ଉତ୍ସବର ଆକର୍ଷଣ ଏବଂ ଆନନ୍ଦଦାୟକ ପାରିବାରିକ ମୁହୂର୍ତ୍ତରେ ପରିପୂର୍ଣ୍ଣ ଏକ ଅବିସ୍ମରଣୀୟ ଦିନ ଅନୁଭବ କରନ୍ତୁ। ଏହି ଉତ୍ସବକୁ ଆହୁରି ବଢ଼ାଇବା ପାଇଁ ଏଣ୍ଡ ଅଫ୍ ସିଜନ୍ ସେଲ୍ ଜୋରସୋରରେ ଜାରି ରହିଛି। ଯେଉଁଥିରେ କେବଳ ସୀମିତ ସମୟ ପାଇଁ ଚୟନ କରାଯାଇଥିବା ବ୍ରାଣ୍ଡ ଗୁଡ଼ିକ ଉପରେ ଆକର୍ଷଣୀୟ ଫ୍ଲାଟ୍ ୫୦% ରିହାତି ଉପଲବ୍ଧ। ଶପିଂ ବ୍ୟତୀତ ମଲ୍‌ର ଦେଶାତ୍ମବୋଧକ ପରିବେଶରେ ନିଜକୁ ନିମଗ୍ନ ରଖନ୍ତୁ, ଯେଉଁଥିରେ ଥିମ୍ ସଜ୍ଜା, ଆକର୍ଷଣୀୟ ପାରିବାରିକ କାର୍ଯ୍ୟକଳାପ ଏବଂ ଭାରତର ସ୍ୱାଧୀନତାର ସାରକୁ ଧରିବା ପାଇଁ ଡିଜାଇନ କରାଯାଇଛି।

# ଇକ୍ୱିଟି ବଜାରରେ ଓଡ଼ିଶାର ରେକର୍ଡ ପଞ୍ଜୀକରଣ

ଭୁବନେଶ୍ୱର,୧୬।୮

ବର୍ତ୍ତମାନ ସମୟରେ ପୁଞ୍ଜିର ଠିକ୍ ବିନିଯୋଗ ପାଇଁ ଉପଭୋକ୍ତାମାନେ ପୁଞ୍ଜିବଜାର ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି। ଫଳରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ଓଡ଼ିଶାର ନିବେଶକମାନେ ଆଶାନୁଯାୟୀ ପଞ୍ଜୀକୃତ ହେଉଛନ୍ତି। ଏପରିକି ଇକ୍ୱିଟି ବଜାରରେ ଓଡ଼ିଶାର ରେକର୍ଡ ପଞ୍ଜୀକରଣ ହୋଇଛି ବୋଲି ଏନ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଥିବାବେଳେ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଓଡ଼ିଶାର ଏନ୍‌ଏସ୍‌ଇ ନିବେଶକ ପଞ୍ଜୀକରଣ ସଂଖ୍ୟା ୨୫.୫ ଲକ୍ଷ ରହିଛି। ସେହିଭଳି ଏନ୍‌ଏସ୍‌ଇ ପାଇଁ ବର୍ଦ୍ଧିତ ନିବେଶକ ଅଂଶଗ୍ରହଣ ଦୃଷ୍ଟିରୁ ଶୀର୍ଷ ୧୦ଟି ରାଜ୍ୟ ବାହାରେ ଆସାମ, ଛତିଶଗଡ଼ ଓ ଓଡ଼ିଶା ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଉଭା ହୋଇଛନ୍ତି। ସେହିପରି ଏନ୍‌ଏସ୍‌ଇର ମୋଟ ପଞ୍ଜୀକୃତ ନିବେଶକ ଆଧାରର ଶୀର୍ଷ ୫ଟି ଯୋଗଦାନକାରୀ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ ଏବଂ ତାମିଲନାଡୁ ସ୍ଥାନ ପାଇଛନ୍ତି। ଏନ୍‌ଏସ୍‌ଇ ୨୦୨୫ ଜୁଲାଇରେ ୨୩କୋଟି (୨୩୦ ମିଲିୟନ) ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ଅତିକ୍ରମକରି ଏକ ବଡ଼ ସଫଳତା ହାସଲ କରିଛି। ଅପରପକ୍ଷରେ ୭୯ତମ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ଏନ୍‌ଏସ୍‌ଇ ଏମ୍‌ଡି ଓ ସିଇଓ ଆଶିଷ କୁମାର ଚୌହାନ ଦେଶର ପ୍ରଗତି ଓ ସମୃଦ୍ଧିର କାମନା କରିଛନ୍ତି।


## OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION

(Department of Health & FW, Govt. of Orissa)

Advt. No. 18/2025 Date : 13.08.2025

Ref :- RFP No. Nirmal/Housekeeping/Bhadrak/17/2025 dated 13.08.2025

**Corrigendum**

**No.E-315** : It is for information of all concerned, that the last date for submission of RFP regarding outsourcing of Housekeeping & Cleaning services for Bhadrak District under NIRMAL is hereby extended upto 25.08.2025 (05.00PM). Bidders who have already applied need not apply further. All other terms & conditions will remain unchanged. The Technical Bid will be opened on 26.08.2025 at 11. 00 AM at O/o the CDM & PHO,Bhadrak.

OIPR-10123/11/0022/2526 Sd./- CDM & PHO, Bhadrak

## GOVERNMENT OF ODISHA OFFICE OF THE SUPERINTENDING ENGINEER BOLANGIR (R&B) DIVISION : BOLANGIR

No.B-404

Mail ID - eepwd.bgr@rediffmail.com, eepwd.bgr@gmail.com

Ph. No. 06652-232374

**BID IDENTIFICATION NO : BGR R&B/12/2025-26**

**No.5504//Dtd.12.08.2025**

1. The **Superintending Engineer,** Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of Work : Electrical Work
3. No. of tender : 1 Nos. Electrical
4. Tender Cost : Rs. 6000/- (Tender Paper Cost)
5. Class of Contractor : "Specialized agency having MOU with associate electrical contractor (MV/HT or Above) having valid license from ELBO
6. Date & Time of sale & Receipt of Bids : From Dt.16.08.2025, 11.00 A.M. Dt.22.08.2025 up to 5.00 P.M.
7. Date of opening Bid : Dt.25.08.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website : http://tendersodisha.gov.in.

Sd./- Superintending Engineer Bolangir (R&B) Division

OIPR-34028/11/0035/2526

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail i.d : seccbbsr@gmail.com / ccecentralrnb@gmail.com

**NOTICE INVITING REQUEST FOR PROPOSAL NO.03 OF 2025-26**

**No. 4888(Estg.) Bhubaneswar the 13th August-2025**

**No.B-406** : The Chief Construction Engineer, Central (R&B) Circle Bhubaneswar intends to select an agency for selection of venue set up for 84th Indian Road Congress Annual Session -2025 at Bhubaneswar (Odisha) on behalf of the Governor of Odisha invites item rate bids.

Interested agencies may participate in this bid and submit their proposal. The RFP documents will be available from **5.00 P.M. of 16.08.2025 to 5.00 P.M of 02.09.2025**. The bidders must possess compatible Digital Signature Certificate. Bids received online shall be opened at **11.00 A.M. of 03.09.2025**. Please refer to the RFP documents for further details.

The undersigned reserves the right to cancel this invitation and / or invite fresh bid / RFP with or without amendments to this invitation, without liability or any obligation for such invitation and without assigning any reasons. The tender invitation authority also reserves the right to accept or reject any or all proposals without assigning any reasons whatsoever.

Further details can be seen from the e-procurement portal https://www.tendersodisha.gov.in. Interested bidders may view, download the e-bid documents, seek clarification and submit their e-bids online only on e-tender portal.

Addendum / Corrigendum, if required, will be available only in the Website.

Sd./- Er. M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0040/2526

## OHPC REHABILITATION ASSISTANCE TRUST

OHPC Corporate Office, Janpath, Bhoinagar, Bhubaneswar-751 022
Phone: 0674-2541291/2542826, Fax: 0674-2542102, E-mail:ohpcfund@gmail.com

**NOTICE**

**No. OHPC-Trust-2/2009 (Vol-VIII)/3733 Dated, BBSR the, 11/08/2025**

**Sri Dhaneswar Majhi,**
**S/o-Late Gobinda Majhi,**
**Qr. No. G-27/8, V.S.S. Chhak,**
**At/Po- Burla, Dist- Sambalpur**

**No.CAD-1460** : You had filed a writ petition before the Hon'ble High Court of Orissa vide OJC No. 11827/1999 and the Hon'ble Court after hearing the case, disposed the matter on 04.12.2013, directing OHPC to consider your case for granting Rehabilitation Assistance Benefit as admissible as per OHPC R.A. Scheme within a period of two months from the date of the receipt of the certified copy of the order. After disposal of the case by the Hon'ble High Court of Orissa, you being the beneficiary have not applied for Financial Assistance to OHPC R.A. Trust along with supporting documents in line with the order passed by the Hon'ble High Court of Orissa.

Further, in spite of intimation made vide letter No. 2270 dtd. 09.12.2024 to you for applying for Rehabilitation Assistance benefit under OHPC R.A. Scheme along with supporting documents, you have so far not applied for Rehabilitation Assistance.

However, you are hereby informed through this publication to apply for Rehabilitation Assistance benefit as admissible as per OHPC R.A. Scheme through the Unit Head, HHEP, Burla under whom your father Late Gobinda Majhi was working at the time of death following the due procedure **within one month from the date of publication** of this **NOTICE**. If no response is received from your end within the above said notice period, it will be presumed that you are not interested to avail the benefit under OHPC R.A. Scheme in compliance to the order passed by the Hon'ble High Court of Orissa and OHPC will be compelled to treat the case as Closed as 'No Claim'.

Hence, take this notice.

SECRETARY
OHPC R.A. TRUST

OIPR-04012/11/0045/2526

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

idco | ODISHA NEW OPPORTUNITIES

No.CAD-1456

Tender Call Notice No. BBSR/ELECT-II/E-372/25-26/1984 Dated : 12.08.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the work** : Supply, Installation, Testing and Commissioning of BMS System at Odisha Technology Centre, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-30/25-26 | 18.08.2025 at 12.00 Hrs. | 29.08.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0227/2526

## DISTRICT PROJECT OFFICE, SAMAGRA SHIKSHA, KEONJHAR

ସମଗ୍ର ଶିକ୍ଷା समग्र शिक्षा Samagra Shiksha

PWD Road, In front of Govt. Press, Keonjhar-758001
Ph.No.-06766-254103, Fax-256420, Email Id:dpckeonjharssa.opepa@nic.in

**ADVERTISEMENT**

No.2793/PLG Date:14.08.25

No.n-124: Applications are invited from the eligible candidates in the prescribed format for the post of Warden, Accountant, Part Time Teacher (Mathematics & Science), Part Time Teacher (English) and Part Time Teacher (Sanskrit/Hindi) against the vacancies in Netajee Subhas Chandra Bose Abasiya Vidyalayas (NSCBAV) of the district. This engagement is purely on contractual and temporary in nature and is renewable after 11 months subject to satisfactory performance. The complete application form, alongwith all relevant documents must be sent by **Registered Post/Speed Post only** to the **District Project Coordinator, Samagra Shiksha, Kenojhar-758001.** The application should be enclosed in a sealed envelope subscribed as, **"APPLICATION FOR THE POST OF ________ (Name of the Post) in NSCBAV __________ (Name of the NSCBAV)". Last date for submission of application is 15.09.2025 (upto 5 PM).** Applications received after the due date or by any other mode will be summarily rejected. Detailed educational qualifications, vacancy details, eligibility criteria, application format, required documents and other informations are available on the notice board of the District Project Office, Samagra Shiksha, Keonjhar and the district website: www.kendujhar.odisha.gov.in. The undersigned reserves the right to **modify or cancel** the advertisement partially or fully without assigning any reason thereof. Applicants are advised to visit above website regularly for further notifications, corrigendum and updates.

By order of the Collector-cum-Chairman,
Samagra Shiksha, Keonjhar
Sd./- District Education Officer-cum-DPC,
Samagra Shiksha, Keonjhar

OIPR-27120/11/0011/2526

## ଟେଣ୍ଡର ନୋଟିସ୍

**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫-୨୬ ମସିହା (ତା.୧୭.୦୯.୨୦୨୫ ଠାରୁ ତା.୧୬.୦୯.୨୦୨୬) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଭୋଗ ଦୋକାନ ପାଇଁ ଟେଣ୍ଡର ଆସନ୍ତା ତା.୦୩.୦୯.୨୦୨୫ ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ । ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା.୧୬.୦୮.୨୦୨୫ ରିଖ ଠାରୁ ତା.୨୨.୦୮.୨୦୨୫ ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ । ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା.୦୧.୦୯.୨୦୨୫ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ସର୍ତ୍ତ ମୁତାବକ ତଥ୍ୟ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର ସା-ଦେବୋତ୍ତର ଭବନ (ଦେୱାନୀ ଅଦାଲତ ନିକଟବର୍ତ୍ତୀ) ପୋ-ବିଜେବି ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍-୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ, ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ । ତା.୦୩.୦୯.୨୦୨୫ରିଖ ଦିବା ୧୨ (ବାର) ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଖୋଲାଯିବ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାଲାଗି ଅନୁରୋଧ ।

ତଫସିଲ ନଂ-୧

ନିଲାମ ପାଇଁ ଥିବା ଦୋକାନର ବିବରଣୀ

| କ୍ର.ସଂ. | ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|---|
| ୧. | ଭୋଗ ଦୋକାନ | ଟ.୧,୨୩,୪୯,୭୦୦/- | ଟ.୧୨,୩୪,୯୭୦/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**

ଭୋଗ ଦୋକାନ ପାଇଁ ଭୋଗର ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଯିବା ସହିତ ସମସ୍ତ ଭୋଗ ସାମଗ୍ରୀ ଡାଲା କିମ୍ବା ପତ୍ର ଠୋଲାରେ ବିକ୍ରୟ କରାଯିବ କିନ୍ତୁ ପଲିଥିନ ବ୍ୟବହାର କରାଯିବ ନାହିଁ ।

| କ୍ର.ସଂ. | ଭୋଗର ନାମ | ବ୍ୟବହୃତ ଦ୍ରବ୍ୟ | କିଲୋ ପ୍ରତି ମୂଲ୍ୟ |
|---|---|---|---|
| ୧. | ଶୁଖିଲି ଭୋଗ କେବଳ ଅମୁଲ/ଓମ୍ଫେଡ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହେବା ଆବଶ୍ୟକ । | ସୁଜି,ମଇଦା, ଅଟା,ବେସନ ଚିନି, ଘିଅ ଓ ଗୁଡ଼ | ଟ.୨୫୦/- (ଦୁଇ ଶହ ପଚାଶ ଟଙ୍କା) |

ବି.ଦ୍ର.- ଶୁଖିଲି ଭୋଗ ସର୍ବନିମ୍ନ ଟ.୫୦/- (ପଚାଶ ଟଙ୍କା)ରେ ବିକ୍ରୟ କରାଯାଇପାରିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

## ZILLA SWASTHYA SAMITI (ZSS), Kandhamal

OFFICE OF THE CDM&PHO cum District Mission Director, NHM, Kandhamal

Advt.No.9909/NHM/HR-in-House/2024/04 Date:14.08.2025

**ADVERTISEMENT (IN-HOUSE)**

No.E-318: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts and willing to work in Kandhamal district. Interested candidates may attend with a No Objection Certificate (NOC) cum Continuation Certificate in original, issued by the competent authority, for last uninterrupted service in the same post under the Society. The application format and other Terms & Conditions are available on the official website: https://kandhamal.odisha.gov.in. Vacancies published in this advertisement are provisional and subject to change at the time of appointment. Incomplete applications in any form shall be summarily rejected. No personal query will be entertained. The undersigned reserves the right to reject any or all applications, and to modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | Medical Officers-SNCU | 02 Post | Date:03.09.2025 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 AM to 04 PM |
| 2 | MO-Day Care Centre (Hemoglobinopathy) | 01 Post | |
| 3 | MO-NPCDCS | 01 Post | |
| 4 | MO-MBBS-DEIC | 01 Post | |
| 5 | Physiotherapist-DEIC | 01 Post | |
| 6 | Programme Assistant- Sickle Cell | 01 Post | |
| 7 | Block Data Manager (BDM) | 01 Post | |
| 8 | Block Data Manager (Urban) | 01 Post | |
| 9 | Data Assistant cum Accountant (DAA-Urban) | 01 Post | |
| 10 | Dental Technician- DEIC | 01 Post | |
| 11 | Medical Officer, AYUSH (Co-located facility)- BHMS (SC-M-01, ST-M-03, ST-F-01, UR-M-03) | 08 Post | |
| 12 | Medical Officer, AYUSH (Co-located facility)-BAMS (SC-M-01, ST-M-03, ST-F-02, SEBC-M-01, SEBC-F-01, UR-M-04, UR-F-02) | 14 Post | |
| 13 | Medical Officer- AYUSH (RBSK)- BAMS (SC-M-01, ST-M-02, ST-F-01) | 04 Post | |
| 14 | Medical Officer, AYUSH (RBSK)- BHMS (SC-F-01, ST-M-03, ST-F-02, UR-F-03) | 09 Post | |
| 15 | VBD Technical Supervisor (VBDTS) | 02 Post | |
| 16 | Sentinel Site Malaria Technician & Coordinator (SSMTC) | 01 Post | |

Sd./- Dr. Santosh Kumar Padhi
CDM & PHO-cum-District Mission Director, NHM, Kandhamal

OIPR-10015/11/0031/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 5831 / P.S.C., Dt. 14.08.2025**

**(2PU-01-2025/26, DR-I)**

**No.D-174** : It is for information of all **22 (05-w)** provisionally qualified candidates for recruitment to the posts of **Finance & Accounts Officer in Urban Local Bodies of Odisha Municipal Finance Service cadre**, pursuant to **Advt. No. 39 of 2023-24** that, **Document Verification** & **Personality Test** for the said post will be held on 25.08.2025 in the Office of the Commission, at 19, Dr. PK. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 100001, 100028, 100066, 100090, 100100, 100141, 100142, 100166, 100168, 100176, 100182, 100184, 100187 = 13 candidates | 25.08.2025 | 08.00 A.M. | 08.30 A.M. | 10.30 A.M. |
| | 100205, 100218, 100222, 100235 100259, 100269, 100326, 100350, 100352 = 09 candidates | | 12.00 P.M. | 12.30 P.M. | 2.30 P.M. |

The candidates are required to produce following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. or Equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **Bachelor's Degree Certificate** from a recognized University.
6. Certificate showing **completion of CA under ICAI or CWA from ICWAI**.
7. Computer Qualification Certificate from a recognized College or Institution.
8. **Marksheets** of the above examinations passed **(HSC to CA/CWA)**.
9. Conversion Certificate wherever applicable.
10. **Odia Test Pass Certificate**.
11. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
12. **SEBC** Certificate issued by the Competent Authority within the last three years by the closing date of submission of Online Application, wherever applicable.
13. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
14. **Permanent Disability Certificate** (indicating percentage of permanent disability i.e. 40% or more) issued by the concerned Medical Board, wherever applicable.
15. Sports Identity Card/Certificate issued by the Director of Sports, Odisha, wherever applicable.
16. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
17. **Four recent passport size photographs (unsigned and unattested)**, which has been uploaded with Online Application Form.
18. **No Objection Certificate** (in case of in-service candidates), wherever applicable.
19. **Document in support of Identity**. (Aadhar/ DL/ Pan Card/ Voter ID card).
20. Any other document as mentioned in Para-10 of Advt. No. 39 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0291/2526 Sd./- Secretary

## DISTRICT PROJECT OFFICE, SAMAGRA SHIKSHA, KHORDHA

No. __/2844/__ Dated : 14.08.2025

**NOTICE INVITING TENDER (NIT)**

**No.n-123** : Sealed tenders are invited from the reputed & credible agencies / suppliers / manufacturers for supply of "Resource materials for SAKSHAM-Resource centre" for the Children with special needs under PM SHRI in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Resource materials for SAKSHAM-Resource centre | Rs.500/- | Rs.42,000/- | 29.08.2025 by 5.00 PM | 30.08.2025 at 3.00 PM |

The detailed BID document is available in the website www.khordha.nic.in. & www.osepa.odisha.gov.in. Interested and eligible agency / supplier / manufacturer may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd./- Collector-Cum-Chairman
SS, Khordha

OIPR-27101/11/0008/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 5853 / P.S.C., Dt. 14.08.2025**

**1R-03-24/25 (DR-V)**

**Assistant Professor (Stage-I) in Commerce (Advertisement No.27 of 2023-24)**

**No.D-175** : It is for information of all concerned that, document verification of **163 (One Hundred Sixty-Three)** candidates having **PPSAN** mentioned below for the post of **Assistant Professor (Stage-I) in "Commerce"**, pursuant to Advertisement No.27 of 2023/24 shall be held **from 22.08.2025 to 01.09.2025 (Except Govt.Holidays)** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 22.08.2025 | 10.30 AM | P230172641, P240303362, P240305059, P230158394, P220090235, P240308119, P240296193, P240301648, P240307024, P220082372, P240305850, P240298856, P240259151, P220088010, P220001347 & P220021883 = 16 Candidates |
| | 2.30 PM | P220066740, P240309771, P240307250, P240306199, P240311805, P240303718, P240259212, P240301224, P240255267, P240309477, P240303284 & P240309481 = 12 Candidates |
| 25.08.2025 | 10.30 AM | P230128266, P240287112, P230174315, P240295924, P240287057, P240294244, P240302669, P220022619, P220035070, P240309631, P240309317, P240308700, P240309442, P240306208, P240292189 & P240299472 = 16 Candidates |
| | 2.30 PM | P240288914, P240309610, P240293822, P240308894, P240306501, P240309315, P240299654, P240311588, P240311631, P240258737, P240304797 & P240301308 = 12 Candidates |
| 26.08.2025 | 10.30 AM | P220079202, P240304848, P240308459, P220011423, P240311950, P230230427, P240305859, P240301411, P240306603, P240308416, P240299516, P230176122, P240300054, P240303334, P240311581 & P240284308 = 16 Candidates |
| | 2.30 PM | P230172501, P240311804, P220080263, P220028201, P240308220, P240307838, P230111134, P240305785, P240273521, P240296612, P240235359 & P240312818 = 12 Candidates |
| 29.08.2025 | 10.30 AM | P240290079, P220032434, P240301681, P240307379. P240311055, P230092428, P220008736, P240303086, P230110382, P230213514, P220027488, P240283053, P220056044, P230164623, P240304836 & P240285033 = 16 Candidates |
| | 2.30 PM | P240310323, P240311561, P240305924, P240300668, P240300981, P230139505, P240306091, P220090422, P240308884, P230172493, P220068242 & P220045069 = 12 Candidates |
| 30.08.2025 | 10.30 AM | P240301605, P240308629, P240306333, P240305125, P240299135, P240306872, P230096937, P240276278, P230172651, P240309053, P240284459, P240276725, P240311506. P240258851, P230122665 & P240312005 = 16 Candidates |
| | 2.30 PM | P240278049, P230122249, P220007691, P240309879, P240276651, P230128164, P220065604, P240268384, P240305199, P240308677, P240303518 & P220058137 = 12 Candidates |
| 01.09.2025 | 10.30 AM | P220077499, P230122756, P240257740, P240303033, P230110956, P220085692, P240306010, P220058622, P240311286, P240273717, P230175349, P230098813 & P240311139 = 13 Candidates |
| | 2.30 PM | P230199475, P240312512, P240264915, P240246235, P240289369, P220049968, P240302937, P240269414, P240283470 & P230208743 = 10 Candidates |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission half an hour before the commencement of verification on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0292/2526 Sd./- Secretary

# ଅନ୍ୟ ସହ ତୁଳନା

ଅନ୍ୟ ସହ ତୁଳନା କରିବା ସାଧାରଣତଃ ମଣିଷର ଏକ ପ୍ରକୃତି । ସେ ନିଜ ଚାରିପଟେ ଥିବା ବିଭିନ୍ନ ଜିନିଷରୁ କିଛି ନା କିଛି ଶିଖିଥାଏ । ହେଲେ ଏସବୁ ଭିତରେ ସେ କେବେ ନିଜକୁ ଅନ୍ୟ ସହ ତୁଳନା କରିବା ଆରମ୍ଭ କରିଦେଇଥାଏ ସେ କଥା ଜାଣିପାରେନି । ଅନେକ ଯୁବତୀଯୁବକ ଏମିତି ବି ଅଛନ୍ତି, ଯେଉଁମାନେ କେହି ଭଲ ପଢ଼ିଲେ, ଭଲ ଚାକିରି କଲେ, ଭଲ ଦେଖାଗଲେ, ଭଲ ପିନ୍ଧିଲେ ନିଜକୁ ତାଙ୍କ ସହ ତୁଳନା କରିଥାନ୍ତି । ସେ ମୋ'ଠାରୁ ଅଧିକ ଦରମା ପାଉଛି, ତା' ପାଖରେ ମୋ'ଠାରୁ ବଡ଼ ଗାଡ଼ି ଅଛି ଭଳି ଅନେକ କଥା ସେମାନଙ୍କ ମନକୁ ଆସିଥାଏ । ଯଦିଓ ଅଜାଣତରେ ସେମାନେ ଏପରି କରିଥା'ନ୍ତି, ହେଲେ ତାହା କେବେକେବେ ଭବିଷ୍ୟତରେ ବଡ଼ ସମସ୍ୟା ପାଲଟିଯାଏ । କାରଣ ପ୍ରତ୍ୟେକ ମଣିଷର ରୁଚି, ଦକ୍ଷତା, କାର୍ଯ୍ୟକ୍ଷମତା ଭିନ୍ନ ଭିନ୍ନ । ସବୁଠୁ ବଡ଼ କଥା ହେଲା ଏପରି କରିବା



**ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋବୃତ୍ତି ରହିବା ଏକ ଭଲ କଥା, ଯାହାକି ଅନେକ ସମୟରେ ସେମାନଙ୍କୁ ସଫଳତା ଆଡ଼କୁ ବାଟ କଢ଼ାଇଥାଏ। ହେଲେ ଅନେକେ ଏମିତି ବି ଅଛନ୍ତି, ଯେଉଁମାନେ ସବୁବେଳେ ଅନ୍ୟ ସହ ନିଜକୁ ତୁଳନା କରିଥାନ୍ତି, ଯଦ୍ଦ୍ୱାରା ସେମାନଙ୍କଠାରେ ମନୋବଳ, ଆତ୍ମବିଶ୍ୱାସ କମିବା ସହ ସବୁବେଳେ ଅସନ୍ତୋଷ ଭାବନା ଲାଗିରହିଥାଏ। ତେଣୁ କାହାର ଉନ୍ନତି ଦେଖି ତାଙ୍କ ସହ ତୁଳନା କରି ମାନସିକ ସ୍ତରରେ ଦୁର୍ବଳ ହେବା ଅପେକ୍ଷା ନିଜର ଦକ୍ଷତା ଚିହ୍ନି ଉଦ୍ୟମ କରିବା ହିଁ ବୁଦ୍ଧିମାନର କାର୍ଯ୍ୟ...**

ଦ୍ୱାରା ସେ ସବୁବେଳେ ନିଜକୁ ଅନ୍ୟଠାରୁ ଦୁର୍ବଳ ଭାବିନିଏ ଏବଂ ଏଥିପାଇଁ ଆଗକୁ ଯିବା ବଦଳରେ ଧୀରେ ଧୀରେ ପଛକୁ ଯାଇଥାଏ । ତେବେ ସବୁବେଳେ ନିଜକୁ ଅନ୍ୟ ସହ ତୁଳନା କରିବା ଦ୍ୱାରା ଆଉ କ'ଣ ସମସ୍ୟା ଉପୁଜେ ଜାଣିରଖନ୍ତୁ ...

**ଆତ୍ମବିଶ୍ୱାସ କମିଯାଏ:** ଯେବେ ଜଣେ ବାରମ୍ବାର ନିଜକୁ ଅନ୍ୟ ସହ ତୁଳନା କରନ୍ତି, ସେତେବେଳେ ନିଜ ଉଦ୍ୟମ ଏବଂ ସଫଳତା ଅନ୍ୟଠାରୁ କମ୍ ଲାଗିଥାଏ । ସେହି କ୍ଷେତ୍ରରେ ନିଜର ଆତ୍ମବିଶ୍ୱାସ କମିଯାଏ ଏବଂ ଆଗକୁ ବଢ଼ିବାର ମୋଟିଭେଶନ୍ ରହେନାହିଁ । ତେଣୁ ଏପରି ନ କରି ଅଧିକ ଉଦ୍ୟମ କରି ନିଜକୁ ପାଠପଢ଼ା, ଜବ୍ ଆଦି ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ତରକୁ ଯିବାକୁ ଚେଷ୍ଟା କରିବା ଦରକାର ।







**ବଢ଼ିଥାଏ ମାନସିକ ଚାପ:** ବର୍ତ୍ତମାନ ସମସ୍ତେ ବିଶେଷକରି ଯୁବପିଢ଼ି ସୋସିଆଲ୍ ମିଡିଆରେ ଖୁବ୍ ଆକ୍ଟିଭ୍ । ସେମାନେ କେଉଁଠି ନୂଆ ଜବ୍ କଲେ, କେଉଁଆଡ଼େ ବୁଲିଲେ, କ'ଣ କିଣିଲେ, ଖାଇଲେ ଆଦିର ଫଟୋ, ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥା'ନ୍ତି । ତେବେ ଯେଉଁମାନେ ନିଜକୁ ଅନ୍ୟ ସହିତ ତୁଳନା କରନ୍ତି ସେମାନଙ୍କୁ ଏହି ସବୁ ପୋଷ୍ଟ ଦେଖିବା ଦ୍ୱାରା ମନରେ ନା କେବଳ ନିଜେ ଏପରି ନ କରିପାରିବାକୁ ନେଇ ଦୁଃଖ ହୋଇଥାଏ ବରଂ କେବେକେବେ ନିଜେ ଏହି ସବୁ ଖୁସିରୁ ବଞ୍ଚିତ ହେବାକୁ ନେଇ ଗଭୀର ଅବସୋସ ବି ହୋଇଥାଏ । ଏମିତିକି ଏହାଦ୍ୱାରା ମାନସିକ ଚାପ ବି ବଢ଼ିଥାଏ । ତେଣୁ ଅନ୍ୟ ସହ ତୁଳନା ନ କରି ବର୍ତ୍ତମାନ ସ୍ଥିତିରେ ଖୁସି ରହିବା ହିଁ ବୁଦ୍ଧିମାନର କାମ ।


**ବଢ଼ିଥାଏ ଈର୍ଷା ଓ ଅସହିଷ୍ଣୁ ଭାବ:** ଯେବେ ଜଣେ ଆଉ କାହାକୁ ନିଜଠୁ ଭଲ ବା ଉନ୍ନତ ଭାବେ ଏବଂ ସବୁବେଳେ ନିଜକୁ ତା' ସହ ତୁଳନା କରେ, ସେତେବେଳେ ମନ ଭିତରେ ଈର୍ଷା ଏବଂ ଅସହିଷ୍ଣୁଭାବ ବଢ଼ିଥାଏ । ବାରମ୍ବାର ସେହି କଥା ଭାବିବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, କ୍ରୋଧ ଭାବନା ଆସିବା ଫଳରେ ମନ ନିଜ ଲକ୍ଷ୍ୟରୁ ଦୂରେଇ ରହିଥାଏ । ଏହା ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏମିତିକି ଏହାଦ୍ୱାରା କାହା କାହାଠାରେ ଡିପ୍ରେଶନ୍ ଭଳି ଲକ୍ଷଣ ବି ଦେଖାଦେଇଥାଏ ।

**ସମ୍ପର୍କ ହୁଏ ଖରାପ:** ବେଳେବେଳେ ଜଣେ ଅନ୍ୟ ଜଣଙ୍କ ସହ ନିଜକୁ ତୁଳନା କରି ଏତେମାତ୍ରାରେ ଈର୍ଷାପରାୟଣ ହୋଇଯାଆନ୍ତି ଯେ, ତାଙ୍କ ସହ କଥା ହେବା ବେଳେ ସେହି ଭାବନା ଭାଷାରେ ପରିପ୍ରକାଶ ହୋଇଯାଏ । ମନରେ ତାଙ୍କ ପ୍ରତି ଥିବା ଅସହିଷ୍ଣୁଭାବ ବା ରାଗ ଅଜାଣତରେ ବାହାରକୁ ଆସିଯିବା ଦ୍ୱାରା ସମ୍ପର୍କ ମଧ୍ୟ ଖରାପ ହୋଇଯାଏ ।

**ଗ୍ରୋଥ୍ ହୋଇଯାଏ ସ୍ଲୋ:** ପାଠପଢ଼ା, ଜବ୍ କିମ୍ବା କୌଣସି କାର୍ଯ୍ୟରେ ଆଗକୁ ବଢ଼ିବା ଲାଗି ଉଦ୍ୟମ ଜାରି ରଖିବା ଜରୁରୀ । ହେଲେ ଯେବେ କାହାର ଉନ୍ନତି ଦେଖି ନିଜକୁ ଅନ୍ୟ ସହ ତୁଳନା କରିବେ, ତେବେ ମାନସିକସ୍ତରରେ ଦୁର୍ବଳ ହୋଇପଡ଼ିବେ । ଫଳରେ ଫୋକସ୍ ନିଜ ସ୍ୱପ୍ନ, କାମ ଆଦିରୁ ଦୂରେଇ ଯାଇ ଏନର୍ଜି ଓ ଧ୍ୟାନ ଅନ୍ୟ ଉପରେ ଅଧିକ ରହିବ । ଏହାଦ୍ୱାରା ଯେତିକି ଚେଷ୍ଟା ପୂର୍ବରୁ କରୁଥିଲେ, ଧୀରେ ଧୀରେ ତାହା ସ୍ଲୋ ହୋଇଯିବ ଏବଂ ଗ୍ରୋଥ୍ ମଧ୍ୟ ପ୍ରଭାବିତ ହେବ ।

ପ୍ରତ୍ୟେକ ମଣିଷର ଦକ୍ଷତା, କାର୍ଯ୍ୟକ୍ଷମତା ପରସ୍ପରଠୁ ଭିନ୍ନ । କିଏ କ'ଣ କରୁଛି ଚିନ୍ତା ନ କରି ନିଜେ ଯେଉଁ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି, ତାହା ଉପରେ ଫୋକସ୍ କରି ଉଦ୍ୟମ କରିବା ଦରକାର । ତେଣୁ ଅନ୍ୟ ସହ ନିଜକୁ ତୁଳନା ନ କରି ସବୁବେଳେ ଗତକାଲିଠାରୁ ନିଜର ଆଜିକୁ ଅଧିକ ମଜଭୁତ କରିବାକୁ ଚେଷ୍ଟା କଲେ ହିଁ ଜୀବନରେ ସଫଳତା ମିଳିବାର ମାର୍ଗ ସହଜ ହୋଇଥାଏ ।





## ଏ ସପ୍ତାହର ପ୍ରଶ୍ନ ?

୧– ................. ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍ସ ପକ୍ଷରୁ ଆରମ୍ଭ କରାଯାଇଛି ?

୨– ................. ସଂସ୍ଥା ପକ୍ଷରୁ ଯଶୋଦା ଏଆଇ ଲିଟେରାସି ପ୍ରୋଗ୍ରାମ କାର୍ଯ୍ୟକାରୀ କରାଯାଇଛି ?

୩– କିଲିମଞ୍ଜାରୋ ପର୍ବତ ................. ଦେଶରେ ଅବସ୍ଥିତ ?

୪– ବିଷ୍ଣୁଗଡ଼ ପିପଲକୋଟି ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ......... ରାଜ୍ୟରେ ରହିଛି ?

୫– ପୃଥିବୀର ସର୍ବବୃହତ୍ ମେଟ୍ରୋ ନେଟ୍‌ୱର୍କରେ ଭାରତ .......... ସ୍ଥାନରେ ରହିଛି ?

## ଗତ ଥରର ଉତ୍ତର

୧ ଭୁଟାନ୍

୨ ଆମେରିକା

୩ ରାଜସ୍ଥାନ

୪ ନୀତିନ୍ ଗଡ଼କରୀ

୫ ଲବଙ୍ଗ

## ଉତ୍ତର ଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ସେଓ ଉତ୍ପାଦନକାରୀ ଦେଶ



| | |
|---|---|
| ୧. ଚାଇନା | ୪୫,୯୮୩ ମିଲିଅନ୍ ଟନ୍ |
| ୨. ତୁର୍କୀ | ୪,୪୯୩ ମିଲିଅନ୍ ଟନ୍ |
| ୩. ଆମେରିକା | ୪,୪୬୭ ମିଲିଅନ୍ ଟନ୍ |
| ୪. ପୋଲାଣ୍ଡ | ୪,୦୬୭ ମିଲିଅନ୍ ଟନ୍ |
| ୫. ଭାରତ | ୨, ୨୭୬ ମିଲିଅନ୍ ଟନ୍ |
| ୬. ଇରାନ୍ | ୨,୨୪୧ ମିଲିଅନ୍ ଟନ୍ |
| ୭. ରୁଷିଆ | ୨,୨୧୬ ମିଲିଅନ୍ ଟନ୍ |
| ୮. ଇଟାଲୀ | ୨,୨୧୨ ମିଲିଅନ୍ ଟନ୍ |
| ୯. ଫ୍ରାନ୍ସ | ୧,୬୩୩ ମିଲିଅନ୍ ଟନ୍ |
| ୧୦. ଚିଲି | ୧,୫୫୭ ମିଲିଅନ୍ ଟନ୍ |

### ୟୁଥ୍ ଆଲର୍ଟ

## ଅଧିକ ଖର୍ଚ୍ଚ କରୁଥିଲେ...

**ହାତକୁ ଟଙ୍କା ଆସିଲେ ଅଧିକାଂଶ ଯୁବପିଢ଼ି ଅଯଥା ଶପିଂ କରିବା, ଖାଇବା, ଫିଲ୍ମ ଦେଖିବା, ହୋଟେଲରେ ଖାଇବା ଆଦିରେ ଖର୍ଚ୍ଚ କରିଦିଅନ୍ତି। ହେଲେ ଏହାକୁ ମନଇଚ୍ଛା ଖର୍ଚ୍ଚ କରିବା ବଦଳରେ ଆବଶ୍ୟକ ଖର୍ଚ୍ଚ ସାରିବା ପରେ ବଳକା ଟଙ୍କାକୁ ସଞ୍ଚୟ କରି ରଖିବା ଆବଶ୍ୟକ। କାରଣ ଏହି ସଞ୍ଚିତ ଅର୍ଥ ବା ଏମର୍ଜେନ୍ସି ଫଣ୍ଡ ଜରୁରିକାଳୀନ ପରିସ୍ଥିତିରେ ସବୁଠୁ ଦରକାରୀ...**

❖ସର୍ବପ୍ରଥମେ ଏକ ଏମର୍ଜେନ୍ସି ଫଣ୍ଡ କରିବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ । ନିଜର ଆୟ ଏବଂ ସମସ୍ତ ବ୍ୟୟର ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ କେତେ ଟଙ୍କା ବଳକା ରହୁଛି, ତାକୁ ଏମର୍ଜେନ୍ସି ଫଣ୍ଡରେ ରଖିପାରିବେ ।

❖ଏମର୍ଜେନ୍ସି ଫଣ୍ଡ ଥରେ ଖୋଲିବା ପରେ ସେଥିରେ କେତେ ଟଙ୍କା ପ୍ରତି ମାସରେ ଅବା ସାପ୍ତାହିକ ରଖିବେ, ସେ ନେଇ ଭଲ ଭାବେ ପ୍ଲାନିଂ କରନ୍ତୁ ।

❖ଏମର୍ଜେନ୍ସି ଫଣ୍ଡ ପାଇଁ ଠିକ୍ ସମୟରେ ଟଙ୍କା ଡିପୋଜିଟ୍ କରିବାକୁ ଭୁଲି ଯାଉଥିଲେ ବ୍ୟାଙ୍କରେ ଅଟୋମେଟିକ୍ ପେମେଣ୍ଟ ମେଥଡ୍ ବ୍ୟବହାର କରନ୍ତୁ । ଏହାଦ୍ୱାରା ଆପଣଙ୍କୁ ଭୁଲିଯିବାର ଟେନ୍‌ସନ୍ ରହିବ ନାହିଁ ଏବଂ ଯଥା ସମୟରେ ଟଙ୍କା ଡିପୋଜିଟ୍ ହୋଇ ଚାଲିବ ।

❖ଏହି ଟଙ୍କାକୁ ଆପଣ ଚାହିଁଲେ କଣ୍ଟିଜେନ୍ସି ଫଣ୍ଡ ଆକାରରେ ମଧ୍ୟ ଜମା ରଖିପାରିବେ । ଏଥିରେ ସୁଧ ମଧ୍ୟ ଅଧିକ ମିଳିପାରିବ ।

❖ପୂର୍ବ ନିର୍ଦ୍ଧାରିତ କୌଣସି ଖର୍ଚ୍ଚ କିମ୍ବା ମାସର ରେଗୁଲାର ଖର୍ଚ୍ଚ ଯେପରିକି ଇଲେକ୍ଟ୍ରିକ୍ ବିଲ୍, ଇଣ୍ଟରନେଟ୍, ପାଣି, ଘରଭଡ଼ା, ଖାଇବା ଆଦି ଖର୍ଚ୍ଚ ପାଇଁ ଏହାକୁ ବ୍ୟବହାର କରନ୍ତୁ ନାହିଁ ।

❖ସେହିପରି କୌଣସି ସାମଗ୍ରୀ କିଣିବା ହେଉ କିମ୍ବା କେଉଁଆଡ଼େ ବୁଲିଯିବା ପାଇଁ ମଧ୍ୟ ଏମର୍ଜେନ୍ସି ଫଣ୍ଡକୁ ସାରିଦେବା ଠିକ୍ ନୁହେଁ ।

❖ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଏମର୍ଜେନ୍ସି ଫଣ୍ଡକୁ ଶେୟାର ମାର୍କେଟ୍‌ରେ ନିବେଶ କରିଦିଅନ୍ତି ଏବଂ ଆବଶ୍ୟକ ବେଳେ ହଠାତ୍ ଏହାକୁ ଆଣି ଖର୍ଚ୍ଚ କରିବାରେ ଅସୁବିଧା ହୋଇପଡ଼େ । ତେଣୁ ଏହାକୁ ଘରେ କିମ୍ବା ବ୍ୟାଙ୍କ୍ ଆକାଉଣ୍ଟରେ ରଖନ୍ତୁ, ଯେପରି ଆବଶ୍ୟକ ସମୟରେ କାମରେ ଆସିବ ।



## ଜାଣନ୍ତୁ ଦୁନିଆ

# କୁଙ୍ଗ୍-ଫୁ

**କୁଙ୍ଗ୍-ଫୁ ଏକ ପ୍ରାଚୀନ ଚାଇନିଜ୍ ମାର୍ସଲ୍ ଆର୍ଟ । ଏହା କେବଳ ଏକ ଯୁଦ୍ଧ କଳା ନୁହେଁ, ବରଂ ଏହା ଏକ ଜୀବନଶୈଳୀ ଯାହା ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ କେନ୍ଦ୍ରିତ। ଏହି କଳା ଆତ୍ମ ଅନୁଶାସନ, ଧୈର୍ଯ୍ୟ ଏବଂ ଦୃଢ଼ତା ଶିଖାଇଥାଏ। ଜାଣନ୍ତୁ ଏ ସମ୍ପର୍କରେ କିଛି ତଥ୍ୟ...**

➔ଚାଇନିଜ୍ ମାର୍ସଲ୍ ଆର୍ଟ କୁଙ୍ଗ୍-ଫୁ ଶବ୍ଦ ବାସ୍ତବରେ ଚାଇନିଜ୍ ବାକ୍ୟାଂଶ ଗୋଙ୍ଗ୍ ଫୁ'ରୁ ଉଦ୍ଧୃତ ; ଯାହାର ଅର୍ଥ ଏଭଳି କାମ ଯେଉଁଥିରେ ସମୟ ଲାଗିଥାଏ । ସେଠାରେ ସବୁଠୁ ଅଧିକ ପ୍ରଚଳିତ ମାର୍ସଲ ଆର୍ଟ ଫର୍ମ ହେଉଛି 'ଉଶୁ' । ଏଥିରେ 'ଉ'ର ଅର୍ଥ ହେଉଛି ନିଜ କାନ୍ଧରେ ହତିଆର ରଖି ଯୁଦ୍ଧକୁ ଯିବା ଏବଂ 'ଶୁ'ର ଅର୍ଥ ହେଉଛି ଉତ୍କୃଷ୍ଟ କୌଶଳ ।

➔ସେହିପରି ଶାଓଲିନ୍ କୁଙ୍ଗ୍-ଫୁ ଦୁନିଆର ସବୁଠାରୁ ପ୍ରସିଦ୍ଧ କୁଙ୍ଗ୍-ଫୁ ଶୈଳୀ ମଧ୍ୟରେ ଗୋଟିଏ, ଯାହାକି ଶାଓଲିନ୍ ମନ୍ଦିରରେ ବିକଶିତ ହୋଇଥିଲା ।

➔ଯଦିଓ ଏହି ଚାଇନିଜ୍ ମାର୍ସଲ ଆର୍ଟ କଳା ସମଗ୍ର ପୃଥିବୀରେ ଲୋକପ୍ରିୟତା ହାସଲ କରିଛି, ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଚାଇନିଜ୍ ଇତିହାସରେ ଏହି କଳାର ବ୍ୟବହାରକୁ ଦୁଇ ଥର ବିରୋଧ କରାଯାଇସାରିଛି । କିଙ୍ଗ୍ ରାଜବଂଶ(୧୬୪୨) ଶାସନ ସମୟରେ ଏହି କଳାକୁ ସାର୍ବଜନୀନ ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ହେଲେ ୧୯୪୯ରେ କମ୍ୟୁନିଷ୍ଟ ଅଧିକାରୀମାନେ ଏହି ମାର୍ସଲ ଆର୍ଟକୁ ସ୍ୱଚ୍ଛ, ରାଷ୍ଟ୍ରବାଦୀ ବ୍ୟାୟାମ ଭାବେ ମାନ୍ୟତା ଦେଇ ପୁନର୍ବାର ଆରମ୍ଭ କରାଇଥିଲେ । ପୁନର୍ବାର ୧୯୬୫ରୁ ୧୯୭୫ ମଧ୍ୟରେ ସେଠାରେ ହୋଇଥିବା ସାଂସ୍କୃତିକ କ୍ରାନ୍ତି ସମୟରେ ଏହାକୁ ପ୍ରତିବନ୍ଧକ ଲଗାଇ ଦିଆଯାଇଥିଲା ।



➔କୁଙ୍ଗ୍-ଫୁ ଯୁଦ୍ଧ କଳା ସଦାଚାର, ଶାନ୍ତି, ଏକାଗ୍ରତା, ସ୍ମୃତିଶକ୍ତି, ଇଚ୍ଛାଶକ୍ତି ଏବଂ ସମସ୍ୟା ସମାଧାନ କୌଶଳ ବି ଶିକ୍ଷା ଦେଇଥାଏ ।

➔ଇତିହାସରେ ଏଭଳି ବି କୁହାଯାଇଛି ଯେ, କୁଙ୍ଗ୍-ଫୁର ଉତ୍ପତ୍ତି ଭାରତର କଲରିପାୟଟ୍ଟୁଠାରେ ହୋଇଥିଲା ।

➔ପଶ୍ଚିମ ଦେଶଗୁଡ଼ିକରେ ବ୍ରୁଶ୍ ଲୀ କୁଙ୍ଗ୍-ଫୁ ସିନେମାର ପ୍ରତୀକ ବୋଲି ମନାଯାଇଥାଏ । ଫିଲ୍ମ,



ଟିଭି କାର୍ଯ୍ୟକ୍ରମ ଏବଂ ପ୍ରଶିକ୍ଷଣ ସ୍କୁଲ୍ ମାଧ୍ୟମରେ ସାରା ଦୁନିଆରେ ମାର୍ସଲ ଆର୍ଟକୁ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଯୋଗଦାନ ରହିଛି । ତେବେ ତାଙ୍କ ପୂର୍ବରୁ ମାଓବାଦୀ ଶାସନରୁ ମୁକୁଳି ଆସିଥିବା ଲୋକମାନେ ମାର୍ସଲ ଆର୍ଟ କୌଶଳକୁ ଦୁନିଆ ସମ୍ମୁଖକୁ ଆଣିବାର ପ୍ରୟାସ ଆରମ୍ଭ କରିଥିଲେ, ହେଲେ ହଂକଂ ଫିଲ୍ମ ଉଦ୍ୟୋଗ ଏହା ଉପରେ କବ୍‌ଜା କରିନେଇଥିଲା ।

"M.B.K."
# Great Eastern® RETAIL

EXCLUSIVE AT GREAT EASTERN RETAIL
FREE EXTENDED WARRANTY*
4 EMI OFF*
FREE STANDARD INSTALLATION*

Cost to Cost Offer
LAST DAY TODAY

UPTO ₹45000 CASH BACK*
UPTO 24 MONTH EMI*
0 DOWN PAYMENT* COST EMI*

UP TO 10% INSTANT DISCOUNT* SBI card
#Min. Trxn.: ₹15,000; Max. Discount: ₹5,000 per card; Also valid on EMI Trxns.; Validity: 10 Aug - 19 Aug 2025. T&C Apply.

BUY AT COST PRICE UPTO 85%* OFF
GUARANTEED LOWEST PRICE OR DOUBLE DIFFERENCE BACK*

upto 57% OFF
2 T3* INVERTER AC — MRP ₹60990 — COST PRICE ₹28990* — COST/DAY ₹89*
1.5 T5* INVERTER AC — MRP ₹54900 — COST PRICE ₹24750* — COST/DAY ₹76*
1.5 T3* INVERTER AC — MRP ₹45900 — COST PRICE ₹20490* — COST/DAY ₹63*
1 T3* INVERTER AC — MRP ₹41900 — COST PRICE ₹18190* — COST/DAY ₹56*

upto 53% OFF — 596 L SIDE BY SIDE REFRIGERATOR — MRP ₹101990 — COST PRICE ₹47490* — COST/DAY ₹162*
upto 44% OFF — 243 L BOTTOM MOUNTED REFRIGERATOR — MRP ₹39490 — COST PRICE ₹22050* — COST/DAY ₹68*
upto 47% OFF — 235 L DOUBLE DOOR REFRIGERATOR — MRP ₹31290 — COST PRICE ₹16490* — COST/DAY ₹51*
upto 39% OFF — 187 L SINGLE DOOR REFRIGERATOR — MRP ₹18700 — COST PRICE ₹11390* — COST/DAY ₹32*

upto 44% OFF — Haier 65 4K ANDROID — MRP ₹101990 — COST PRICE ₹56990* — COST/DAY ₹196*
upto 59% OFF — LG 55 OLED TV — MRP ₹230990 — COST PRICE ₹94990* — COST/DAY ₹100*
upto 46% OFF — LLOYD 55 UHD TV — MRP ₹66990 — COST PRICE ₹35990* — COST/DAY ₹98*
upto 35% OFF — LLOYD 43 4K GOOGLE TV — MRP ₹42990 — COST PRICE ₹27990* — COST/DAY ₹76*
upto 41% OFF — SAMSUNG 43 FULL HD TV — MRP ₹35900 — COST PRICE ₹21150* — COST/DAY ₹65*
upto 70% OFF — TCL 32 HD TV — MRP ₹22990 — COST PRICE ₹6990*

upto 51% OFF — 7 kg FRONT LOAD WASHING MACHINE — MRP ₹47500 — COST PRICE ₹23390* — COST/DAY ₹63*
upto 39% OFF — 7 kg TOP LOAD WASHING MACHINE — MRP ₹21500 — COST PRICE ₹13190* — COST/DAY ₹37*
upto 37% OFF — 7 kg SEMI AUTO WASHING MACHINE — MRP ₹12450 — COST PRICE ₹7890* — COST/DAY ₹22*
upto 45% OFF — 500L DEEP FRIDGE — MRP ₹45490 — COST PRICE ₹25190* — COST/DAY ₹69*
upto 31% OFF — 14 PLACE DISHWASHER — MRP ₹61190 — COST PRICE ₹42490* — COST/DAY ₹120*
upto 56% OFF — SOUND BAR — MRP ₹15999 — COST PRICE ₹6990* — COST/DAY ₹19*

upto 50% OFF — MICROWAVE
20L SOLO — MRP ₹9590 — COST PRICE ₹4790* — COST/DAY ₹13*
23L CONVECTION — MRP ₹11600 — COST PRICE ₹7190* — COST/DAY ₹20*
upto 48% OFF — Livpure RO+UV+ COPPER+ MINERALIZER+TE WATER PURIFIER — MRP ₹24990 — COST PRICE ₹12990* — COST/DAY ₹36*
upto 24% OFF — 10L WATER HEATER — MRP ₹11900 — COST PRICE ₹8990* — COST/DAY ₹25*
upto 39% OFF — DESERT COOLER — MRP ₹13190 — COST PRICE ₹7990* — COST/DAY ₹22*
upto 71% OFF — AIR FRYER — MRP ₹9995 — COST PRICE ₹2890*
SUPER SAVER — upto 69% OFF — MIXER GRINDER ELECTRIC KETTLE — MRP ₹4590 — COST PRICE ₹1320*

SAMSUNG LG Panasonic SONY LLOYD Haier IFB BOSCH VOLTAS DAIKIN HITACHI Godrej TCL Carrier O GENERAL BLUE STAR HAVELLS EUREKA FORBES Whirlpool Livpure hindware SHARP beko USHA

ରାଉରକେଲା ଜାମୁନାନାକି ✆ 8984831218

ODISHA | WEST BENGAL | RAJASTHAN | DELHI | HARYANA | UTTAR PRADESH | ANDHRA PRADESH | 90+ STORES

*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands.
virtual frame




# ‘ବିକଶିତ ରାଷ୍ଟ୍ର ପାଇଁ କ୍ରୀଡ଼ା ଏକ ଅପରିହାର୍ଯ୍ୟ ଅଙ୍ଗ’

**ନୂଆଦିଲ୍ଲୀ,୧୬।୮ (ପି.ଟି.)**

ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାର କ୍ରୀଡ଼ା ଏକ ଅପରିହାର୍ଯ୍ୟ ଅଙ୍ଗ। ନୂଆ ଜାତୀୟ କ୍ରୀଡ଼ା ନୀତି (ଏନ୍ଏସ୍ପି) ଭାରତୀୟ କ୍ରୀଡ଼ାର ଅଲରାଉଣ୍ଡ ଉନ୍ନତି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରେଡଫର୍ଟଠାରେ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

କ୍ରୀଡ଼ା ହେଉଛି ବିକାଶର ଏକ ଜରୁରୀ ଦିଗ। ପୂର୍ବରୁ ଖେଳରେ ସମୟ ନଷ୍ଟ କରିବା ପାଇଁ ପିଲାଙ୍କୁ ବାପା-ମା’ ଉପହାସ କରୁଥିଲେ। କିନ୍ତୁ ଏବେ ସମୟ ଓ ପରିସ୍ଥିତି ବଦଳିଛି। ବର୍ତ୍ତମାନ ପିଲା ଖେଳରେ ଇଚ୍ଛୁକ ଥିଲେ, ବାପା-ମା’ ଖୁସି ହେଉଛନ୍ତି। ଏହା ମୋ ମତରେ ଶୁଭ ସଙ୍କେତ। ଭାରତୀୟ ପରିବାରରେ କ୍ରୀଡ଼ାକୁ ସ୍ଥାନ ମିଳୁଥିବା ଦେଖି ମୋତେ ଗର୍ବ ଅନୁଭବ ହେଉଛି। ଏହା ଭାରତର ଭବିଷ୍ୟତ ପାଇଁ ଭଲ। ଆମକୁ ଅନେକ ଦଶନ୍ଧି ପରେ ଜାତୀୟ କ୍ରୀଡ଼ା ନୀତି ମିଳିଛି। ଏହା ସ୍କୁଲରୁ ଅଲିମ୍ପିକ୍ସ ପର୍ଯ୍ୟନ୍ତ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିଶ୍ଚିତ କରିବ। କୋଚିଂ ହେଉ କି ଫିଟ୍‌ନେସ କିମ୍ବା ଭିତ୍ତିଭୂମି ହେଉ, ଆମେ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ଇକୋସିଷ୍ଟମ ପ୍ରସ୍ତୁତ କରିବୁ। ଆମେ ଏଭଳି ଏକ ଇକୋସିଷ୍ଟମ ପ୍ରସ୍ତୁତ କରିବୁ, ଯାହାକି ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିବ ବୋଲି ମୋଦି କହିଛନ୍ତି। ଏତଦ୍‌ବ୍ୟତୀତ ସେ ଫିଟ୍‌ନେସ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ମୁଁ ଯେତେବେଳେ ଫିଟ୍‌ନେସ ଓ କ୍ରୀଡ଼ା ସମ୍ପର୍କରେ ଆଲୋଚନା କରେ, ମୁଁ ମୋଟାପା ବା ମେଦବହୁଳତା ସମ୍ପର୍କରେ କଥା ହେବାକୁ ଚାହେଁ। ମେଦବହୁଳତା ଆମ ଦେଶ ପାଇଁ ଏକ ବଡ଼ ସଙ୍କଟ ହେବାକୁ ଯାଉଛି। ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଆଗାମୀ ଦିନରେ ଆମର ପ୍ରତ୍ୟେକ ତୃତୀୟ ବ୍ୟକ୍ତି ମେଦବହୁଳତାରେ ଗ୍ରସିତ ହେବେ। ଆମକୁ ଏହି ସଙ୍କଟରୁ ନିଜକୁ ରକ୍ଷା କରିବାକୁ ପଡ଼ିବ।

## ଜାକବ ବେଥେଲ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ

**ଲଣ୍ଡନ,୧୬।୮(ଏପି)**

ଆସନ୍ତା ମାସରେ ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ସର୍ବକନିଷ୍ଠ ଅଧିନାୟକ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି ଜାକବ ବେଥେଲ। ଏହି ଅଲରାଉଣ୍ଡର ଖେଳାଳିଙ୍କ ବୟସ ମାତ୍ର ୨୧ବର୍ଷ। ସେ ୧୩୬ ବର୍ଷରୁ ପୁରୁଣା ରେକର୍ଡକୁ ଭଙ୍ଗ କରିବେ। ଡବ୍‌ଲିନ୍‌ଠାରେ ଖେଳାଯିବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ୩ ଅନ୍ତର୍ଜାତୀୟ ଟି୨୦ରେ ଇଂଲଣ୍ଡ ଦଳର ନେତୃତ୍ୱ ନେବେ ବେଥେଲ। ପୂର୍ବରୁ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ ଥିଲେ ମଣ୍ଟି ବାଓଡେନ୍। ୧୮୮୯ରେ ନିୟମିତ ଅଧିନାୟକ ଅବ୍ରେ ସ୍ମିଥ୍ ଜ୍ୱରରେ ପୀଡ଼ିତ ହେବାରୁ ତାଙ୍କ ସ୍ଥାନରେ ବାଓଡେନ୍‌ଙ୍କୁ ସୁଯୋଗ ମିଳିଥିଲା। ସେତେବେଳେ ତାଙ୍କୁ ୨୩ ବର୍ଷ ବୟସ ହୋଇଥିଲା। ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ କେତେଜଣ ସିନିୟର ଖେଳାଳି ଦଳରେ ସ୍ଥାନ ପାଇ ନାହାନ୍ତି। ସେମାନଙ୍କ ମଧ୍ୟରେ ହ୍ୱାଇଟ୍ ବଲ୍ ଅଧିନାୟକ ହ୍ୟାରୀ ବ୍ରୁକ୍ ଅନ୍ୟତମ। ସେପ୍ଟେମ୍ବର ପ୍ରାରମ୍ଭରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଗେମରେ ବ୍ରୁକ୍ ଅଧିନାୟକତ୍ୱ କରିବେ। ଇଂଲଣ୍ଡ ଦଳ ତରଫରୁ ଖେଳୁଥିବା ବେଳେ ତାଙ୍କ ନେତୃତ୍ୱଗୁଣ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛି। ଆୟର୍ଲାଣ୍ଡ ବିପକ୍ଷ ଏହି ସିରିଜ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଇଂଲଣ୍ଡ ପୁରୁଷ ଚୟନକର୍ତ୍ତା ଲ୍ୟୁକ୍ ରାଇଟ୍ କହିଛନ୍ତି। ବେଥେଲେ ଗତ ବର୍ଷ ଇଂଲଣ୍ଡ ପାଇଁ ସମସ୍ତ ତିନୋଟି ଫର୍ମାଟରେ ତାଙ୍କର ଡେବ୍ୟୁ କରିସାରିଛନ୍ତି। ତାଙ୍କ ପ୍ରଦର୍ଶନ ଭଲ ରହୁଥିବାରୁ ତାଙ୍କୁ ପରୀକ୍ଷାମୂଳକ ଭାବେ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ଦିଆଯାଇଛି।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅଙ୍କିତା

**ନୂଆଦିଲ୍ଲୀ, ୧୬।୮ (ପି.ଟି.)**


ଅଙ୍କିତା ଧ୍ୟାନୀ

ଭାରତର ଅଲିମ୍ପିୟାନ ଅଙ୍କିତା ଧ୍ୟାନୀ ଇସ୍ରାଏଲରେ ଅନୁଷ୍ଠିତ ଗ୍ରାଣ୍ଡସ୍ଲାମ ଜେରୁଜେଲମ୍ ଆଥ୍‌ଲେଟିକ୍ସ ମିଟ୍‌ରେ ମହିଳା ୨୦୦୦ମିଟର ଷ୍ଟିପଲ ଚେଜ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୨୩ ବର୍ଷୀୟା ଅଙ୍କିତା ୬ ମିନିଟ୍ ୧୩.୯୨ ସେକେଣ୍ଡ ଟାଇମିଂରେ ପାରୁଲ ଚୌଧାରୀଙ୍କ ନାମରେ ରହିଥିବା ପୂର୍ବ ଜାତୀୟ ରେକର୍ଡ (୬: ୧୪.୩୮)କୁ ଭଙ୍ଗ କରିଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ର୍‍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ଆସନ୍ତା ମାସରେ ଟୋକିଓଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ୩,୦୦୦ ମିଟର ଷ୍ଟିପଲଚେଜ୍ ପାଇଁ ବିଶ୍ୱ ର୍‍ୟାଙ୍କିଙ୍ଗ କୋଟା ଜରିଆରେ ଯୋଗ୍ୟତା ହାସଲ କ୍ଷେତ୍ରରେ ସହାୟକ ହେବେ। ନିୟମାନୁସାରେ ଟୋକିଓରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ବିଶ୍ୱ ର୍‍ୟାଙ୍କିଙ୍ଗ ଉଦ୍ଦେଶ୍ୟରେ ୨୦୦୦ମିଟର ଷ୍ଟିପଲ ଚେଜ୍‌ର ପ୍ରଦର୍ଶନକୁ ଗଣନା କରାଯିବ ବୋଲି ଭାରତୀୟ ଆଥ୍‌ଲେଟିକ୍ସ ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ଆୟାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାଣ୍ଡସ୍ଲାମ ଜେରୁଜେଲମ୍ ହେଉଛନ୍ତି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ (କାଟେଗୋରୀ ‘ବି’) ଇଭେଣ୍ଟ। ଇସ୍ରାଏଲର ଆଦଭା କୋହେନ ଓ ଡେନମାର୍କର ଜୁଲିଆନ ହାବିଡ୍ ଯଥାକ୍ରମେ ୬:୧୫.୨୦ ଓ ୬:୧୭.୮୦ ଟାଇମିଂ ସହ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।

## ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**କେର୍ଣ୍ଣ୍ସ,୧୬।୮**

ଗ୍ଲେନ ମ୍ୟାକ୍ସୱେଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ରୋମାଞ୍ଚକ ଭାବେ ୨ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳ ପାଇଁ ଡିୱାଲ୍ଡ ବ୍ରେଭିସ ୨୬ ବଲରେ ୫୩ (୧ ଚୌକା ଓ ୬ ଛକା), ଭାନ ଡର ଡୁସେନ ୩୮ (୩ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ଲାଗି ନାଥନ ଏଲିସ ୩ ଉଇକେଟ ସଫଳତା ହାସଲ କରିଥିଲେ। ଜବାବରେ ଏକଦା ବିନା କ୍ଷତିରେ ୬୬ ରନ କରିଥିବା ଅଷ୍ଟ୍ରେଲିଆ ୧୩.୫ ଓଭର ସୁଦ୍ଧା ୧୨୨ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ୩୬ ବଲରେ ୬୨ ରନ (୮ ଚୌକା ଓ ୨ ଛକା)ର ପାଳି ଖେଳି ମ୍ୟାକ୍ସୱେଲ ଏକାକୀ ଦଳକୁ ଜିତାଇଥିଲେ। ଅଷ୍ଟ୍ରେଲିଆ ୧୯.୫ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପାଇଁ ଅଧିନାୟକ ମିଚେଲ ମାର୍ଶ ୫୪ (୩ ଚୌକା ଓ ୫ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କର୍ବିନ ବୋଶ୍ଚ ୩ ଉଇକେଟ ନେଇଥିବା ବେଳେ କ୍ୱେନା ମାଫାକା ଓ କାଗିସୋ ରାବାଡା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ: କିସ୍ ବିଜୟୀ

**ଭୁବନେଶ୍ୱର,୧୬।୮ (ଅନାଦି କର)**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର କିସ୍ ବିଜୟୀ ହୋଇଛି।

ଜିଏଚ୍ଏସ୍ ୟୁନିଟ୍-୩ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବିଜେଇଏମ୍ ସ୍କୁଲକୁ ୱାକଓଭର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କିସ୍ ୬-୦ ଗୋଲରେ ଡିଏଭି ସ୍କୁଲ, ପୋଖରିପୁଟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ମହେଶ୍ୱର ମୁର୍ମୁ, କାନାଉ ମାର୍ଡି ଓ ସୋନାରାମ ସୋରେନ ଦୁଇଟି ଲେଖାଏ ଗୋଲ୍ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସ୍ୱନ୍ଦନ ଶତପଥୀଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ଦିଲୀପ ପଟ୍ଟନାୟକ ପୁରସ୍କୃତ କରିଥିଲେ। ରବିବାର ମଦର ପବ୍ଲିକ ସ୍କୁଲ-ଡିଏଭି ଚନ୍ଦ୍ରଶେଖରପୁର ଓ ରାମକ୍ରିଷ୍ଣ ଏସ୍‌କେ-ଜିଏଚ୍ଏସ୍ ୟୁନିଟ୍-୧ ମଧ୍ୟରେ ମ୍ୟାଚ୍ ଖେଳାଯିବ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱନ୍ଦନ ଶତପଥୀ।

## ୨୦୦ ମି. ସାଇକ୍ଲିଂରେ ରିଚାର୍ଡସନଙ୍କ ବିଶ୍ୱ ରେକର୍ଡ

**କୋନୟା(ତୁର୍କୀ),୧୬।୮(ଏପି)**

ବ୍ରିଟିଶ ଟ୍ରାକ ସାଇକ୍ଲିଷ୍ଟ ମ୍ୟାଟ ରିଚାର୍ଡସନ ୨୦୦ ମିଟର ଫ୍ଲାଇଂ ଷ୍ଟାର୍ଟରେ ପ୍ରଥମ ବ୍ୟକ୍ତି ଭାବେ ୯ ସେକେଣ୍ଡ ବାଧା ଭଙ୍ଗ କରି ବିଶ୍ୱ ରେକର୍ଡ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ଲାଗି ୩ ପଦକ ଜିତିଥିବା ୨୬ ବର୍ଷୀୟ ରିଚାର୍ଡସନ କୋନୟା ଭେଲୋଡ୍ରୋମରେ ୮.୯୪୧ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ଏଥିପୂର୍ବରୁ ନେଦରଲାଣ୍ଡର ହାରି ଲାଭ୍ରେସେନଙ୍କ ନାମରେ ରେକର୍ଡ ଥିଲା। ସେ ଗତ ଅଲିମ୍ପିକ୍ସରେ ପ୍ୟାରିସରେ ୯.୦୮୮ ସେ. ଟାଇମିଂ ହାସଲ କରିଥିଲେ। ଇଂଲଣ୍ଡରେ ଜନ୍ମିତ ରିଚାର୍ଡସନ ପ୍ୟାରିସ ଅଲିମ୍ପିକ୍ସରେ ବ୍ୟକ୍ତିଗତ ସ୍ପ୍ରିଣ୍ଟ ଓ କେଇରିନରେ ଦୁଇଟି ରୌପ୍ୟ ଓ ଟିମ ସ୍ପ୍ରିଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ।




## ଶ୍ରୀଲଙ୍କାର ପୂର୍ବତନ ଖେଳାଳିଙ୍କୁ ବାସନ୍ଦ କଲା ଆଇସିସି

**ଦୁବାଇ, ୧୬।୮ (ପି.ଟି.)**

**ଫିକ୍ସିଂ ମାମଲା**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ଶ୍ରୀଲଙ୍କାର ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ସାଲିୟା ସମନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଖେଳର ସମସ୍ତ ଫର୍ମାଟରୁ ବାସନ୍ଦ କରିଛି। ଖେଳାଳି ଜଣକ ଆବୁଧାବି ଟି୧୦ରେ ଫିକ୍ସିଂ କରିବାକୁ ଉଦ୍ୟମ କରିଥିଲେ। ଏହାଦ୍ୱାରା ସେ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି)ର ଦୁର୍ନୀତି ନିବାରଣ ସଂହିତାର ଉଲ୍ଲଂଘନ କରିଥିଲେ। ୨୦୨୩ ସେପ୍ଟେମ୍ବରରେ ଯେଉଁ ୮ଜଣ ବ୍ୟକ୍ତି ସଂହିତାର ଉଲ୍ଲଂଘନ କରିଛନ୍ତି, ସେମାନଙ୍କ ମଧ୍ୟରେ ସମନ ହେଉଛନ୍ତି ଅନ୍ୟତମ। ସମନଙ୍କ ବିରୋଧରେ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ସେପ୍ଟେମ୍ବର ୧୩ରୁ ଲାଗୁ ହୋଇଛି, ଯେତେବେଳେ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଫଳତଃ ସେ ଦୁଇବର୍ଷ ବାସନ୍ଦ ଦଣ୍ଡ ଅତିବାହିତ କରିସାରିଛନ୍ତି। ୩୯ବର୍ଷୀୟ ସମନ ୧୦୧ ପ୍ରଥମଶ୍ରେଣୀ ଓ ୭୭ ଲିଷ୍ଟ ‘ଏ’ ଗେମ୍ ଖେଳିଛନ୍ତି।

# ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୮ (ବିଜୟ ରଣା)**

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଆନୁକୂଲ୍ୟରେ ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଶନିବାରଠାରୁ ଆରମ୍ଭ ହୋଇଛି। ଭାରତର ଗତ ଜାତୀୟ ପ୍ରତିଯୋଗିତାରେ ବିଜେତା କରାଟେ କ୍ରୀଡ଼ାବିତ୍‌ମାନଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ଅନ୍ତର୍ଜାତୀୟ କୋଚ୍ ତଥା ଦୁଇଥର ବିଶ୍ୱ କରାଟେ ପ୍ରତିଯୋଗିତା ଓ ଏସିଆନ ଗେମ୍ସର କରାଟେ ପ୍ରତିଯୋଗିତାର ଚାମ୍ପିୟନ ସେନସେଇ ଅମିର ମେହେଦୀ ଜାଦେ ପ୍ରଶିକ୍ଷଣ ଦେବେ। ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ଦେଶର କରାଟେ କ୍ରୀଡ଼ାବିତ୍‌ମାନଙ୍କ ପ୍ରଶିକ୍ଷଣ ପ୍ରଦାନକୁ କେଆଇଓର ସଭାପତି ହାନ୍‌ସି ଭରତ ଶର୍ମା ଗୁରୁତ୍ୱ ଦେଇଆସୁଛନ୍ତି। ଉତ୍କଳ କରାଟେ ସ୍କୁଲଠାରେ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଅନ୍ତର୍ଜାତୀୟ ସ୍ତରର ଥିବାରୁ ଏହି ଜାତୀୟ ପ୍ରଶିକ୍ଷଣ ଶିବିରକୁ ଓଡ଼ିଶାରେ କରାଯାଇଛି। ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ କରାଟେ ସ୍କୁଲଠାରେ ଆୟୋଜିତ ଏହି ଶିବିର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷକଙ୍କ ଲାଗି ରହିବା, ଖାଇବା ଇତ୍ୟାଦିର ବନ୍ଦୋବସ୍ତ କରାଯାଇଥିବା ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଜଣାଇଛନ୍ତି। ଉଦ୍‌ଘାଟନୀରେ ବିଶ୍ୱ ଚାମ୍ପିୟନ ଅମିର ମେହେଦୀ ଜାଦେଙ୍କ ସହ ସେନସେଇ ସବନ କୁମାର ଓ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଏସୀୟ କରାଟେ ପ୍ରତିଯୋଗିତାରେ ବ୍ରୋଞ୍ଜ ବିଜେତାମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ଅଛନ୍ତି।



କରାଟେ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୭ ଅଗଷ୍ଟ, ୨୦୨୫ | Bhubaneswar, Sunday, 17 August, 2025




# ‘ବିକଶିତ ରାଷ୍ଟ୍ର ପାଇଁ କ୍ରୀଡ଼ା ଏକ ଅପରିହାର୍ଯ୍ୟ ଅଙ୍ଗ’

**ନୂଆଦିଲ୍ଲୀ,୧୬।୮ (ପି.ଟି.)**

ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାର କ୍ରୀଡ଼ା ଏକ ଅପରିହାର୍ଯ୍ୟ ଅଙ୍ଗ। ନୂଆ ଜାତୀୟ କ୍ରୀଡ଼ା ନୀତି (ଏନ୍‌ଏସ୍‌ପି) ଭାରତୀୟ କ୍ରୀଡ଼ାର ଅଲରାଉଣ୍ଡ ଉନ୍ନତି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରେଡଫର୍ଟଠାରେ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି।

କ୍ରୀଡ଼ା ହେଉଛି ବିକାଶର ଏକ ଜରୁରୀ ଦିଗ। ପୂର୍ବରୁ ଖେଳରେ ସମୟ ନଷ୍ଟ କରିବା ପାଇଁ ପିଲାଙ୍କୁ ବାପା-ମା’ ଉପହାସ କରୁଥିଲେ। କିନ୍ତୁ ଏବେ ସମୟ ଓ ପରିସ୍ଥିତି ବଦଳିଛି। ବର୍ତ୍ତମାନ ପିଲା ଖେଳରେ ଇଚ୍ଛୁକ ଥିଲେ, ବାପା-ମା’ ଖୁସି ହେଉଛନ୍ତି। ଏହା ମୋ ମତରେ ଶୁଭ ସଙ୍କେତ। ଭାରତୀୟ ପରିବାରରେ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

କ୍ରୀଡ଼ାକୁ ସ୍ଥାନ ମିଳୁଥିବା ଦେଖି ମୋତେ ଗର୍ବ ଅନୁଭବ ହେଉଛି। ଏହା ଭାରତର ଭବିଷ୍ୟତ ପାଇଁ ଭଲ। ଆମକୁ ଅନେକ ଦଶନ୍ଧି ପରେ ଜାତୀୟ କ୍ରୀଡ଼ା ନୀତି ମିଳିଛି। ଏହା ସ୍କୁଲରୁ ଅଲିମ୍ପିକ୍ସ ପର୍ଯ୍ୟନ୍ତ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିଶ୍ଚିତ କରିବ। କୋଚିଂ ହେଉ କି ଫିଟ୍‌ନେସ କିମ୍ବା ଭିତ୍ତିଭୂମି ହେଉ, ଆମେ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ଇକୋସିଷ୍ଟମ ପ୍ରସ୍ତୁତ କରିବୁ। ଆମେ ଏଭଳି ଏକ ଇକୋସିଷ୍ଟମ ପ୍ରସ୍ତୁତ କରିବୁ, ଯାହାକି ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିବ ବୋଲି ମୋଦି କହିଛନ୍ତି। ଏତଦ୍‌ବ୍ୟତୀତ ସେ ଫିଟ୍‌ନେସ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ମୁଁ ଯେତେବେଳେ ଫିଟ୍‌ନେସ ଓ କ୍ରୀଡ଼ା ସମ୍ପର୍କରେ ଆଲୋଚନା କରେ, ମୁଁ ମୋଟାପା ବା ମେଦବହୁଳତା ସମ୍ପର୍କରେ କଥା ହେବାକୁ ଚାହେଁ। ମେଦବହୁଳତା ଆମ ଦେଶ ପାଇଁ ଏକ ବଡ଼ ସଙ୍କଟ ହେବାକୁ ଯାଉଛି। ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଆଗାମୀ ଦିନରେ ଆମର ପ୍ରତ୍ୟେକ ତୃତୀୟ ବ୍ୟକ୍ତି ମେଦବହୁଳତାରେ ଗ୍ରସିତ ହେବେ। ଆମକୁ ଏହି ସଙ୍କଟରୁ ନିଜକୁ ରକ୍ଷା କରିବାକୁ ପଡ଼ିବ।

## ଜାକବ ବେଥେଲ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ

**ଲଣ୍ଡନ,୧୬।୮(ଏପି)**

ଆସନ୍ତା ମାସରେ ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ସର୍ବକନିଷ୍ଠ ଅଧିନାୟକ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି ଜାକବ ବେଥେଲ। ଏହି ଅଲରାଉଣ୍ଡର ଖେଳାଳିଙ୍କ ବୟସ ମାତ୍ର ୨୧ବର୍ଷ। ସେ ୧୩୬ ବର୍ଷରୁ ପୁରୁଣା ରେକର୍ଡକୁ ଭଙ୍ଗ କରିବେ। ଡବ୍ଲିନ୍‌ଠାରେ ଖେଳାଯିବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ୩ ଅନ୍ତର୍ଜାତୀୟ ଟି୨୦ରେ ଇଂଲଣ୍ଡ ଦଳର ନେତୃତ୍ୱ ନେବେ ବେଥେଲ। ପୂର୍ବରୁ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ ଥିଲେ ମଣ୍ଟି ବାଓଡେନ୍। ୧୮୮୯ରେ ନିୟମିତ ଅଧିନାୟକ ଅବ୍ରେ ସ୍ମିଥ୍ ଜ୍ୱରରେ ପୀଡ଼ିତ ହେବାରୁ ତାଙ୍କ ସ୍ଥାନରେ ବାଓଡେନ୍‌ଙ୍କୁ ସୁଯୋଗ ମିଳିଥିଲା। ସେତେବେଳେ ତାଙ୍କୁ ୨୩ ବର୍ଷ ବୟସ ହୋଇଥିଲା। ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ କେତେଜଣ ସିନିୟର ଖେଳାଳି ଦଳରେ ସ୍ଥାନ ପାଇ ନାହାନ୍ତି। ସେମାନଙ୍କ ମଧ୍ୟରେ ହ୍ୱାଇଟ୍ ବଲ୍ ଅଧିନାୟକ ହ୍ୟାରୀ ବ୍ରୁକ୍ ଅନ୍ୟତମ। ସେପ୍ଟେମ୍ବର ପ୍ରାରମ୍ଭରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଗେମରେ ବ୍ରୁକ୍ ଅଧିନାୟକତ୍ୱ କରିବେ। ଇଂଲଣ୍ଡ ଦଳ ତରଫରୁ ଖେଳୁଥିବା ବେଳେ ତାଙ୍କ ନେତୃତ୍ୱଗୁଣ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛି। ଆୟର୍ଲାଣ୍ଡ ବିପକ୍ଷ ଏହି ସିରିଜ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଇଂଲଣ୍ଡ ପୁରୁଷ ଚୟନକର୍ତ୍ତା ଲ୍ୟୁକ୍ ରାଇଟ୍ କହିଛନ୍ତି। ବେଥେଲେ ଗତ ବର୍ଷ ଇଂଲଣ୍ଡ ପାଇଁ ସମସ୍ତ ତିନୋଟି ଫର୍ମାଟରେ ତାଙ୍କର ଡେବ୍ୟୁ କରିସାରିଛନ୍ତି। ତାଙ୍କ ପ୍ରଦର୍ଶନ ଭଲ ରହୁଥିବାରୁ ତାଙ୍କୁ ପରୀକ୍ଷାମୂଳକ ଭାବେ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ଦିଆଯାଇଛି।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅଙ୍କିତା

**ନୂଆଦିଲ୍ଲୀ, ୧୬।୮ (ପି.ଟି.)**

ଭାରତର ଅଲିମ୍ପିୟାନ ଅଙ୍କିତା ଧ୍ୟାନୀ ଇସ୍ରାଏଲରେ ଅନୁଷ୍ଠିତ ଗ୍ରାଣ୍ଡସ୍ଲାମ ଜେରୁଜେଲମ୍ ଆଥ୍‌ଲେଟିକ୍ସ ମିଟ୍‌ରେ ମହିଳା ୨୦୦ମିଟର ଷ୍ଟିପଲ ଚେଜ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୨୩ ବର୍ଷୀୟା ଅଙ୍କିତା ୬ ମିନିଟ୍ ୧୩.୯୨ ସେକେଣ୍ଡ ଟାଇମିଂରେ ପାରୁଲ ଚୌଧାରୀଙ୍କ ନାମରେ ରହିଥିବା ପୂର୍ବ ଜାତୀୟ ରେକର୍ଡ (୬: ୧୪.୩୮)କୁ ଭଙ୍ଗ କରିଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ର୍‍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ଆସନ୍ତା ମାସରେ ଟୋକିଓଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ୩,୦୦୦ ମିଟର ଷ୍ଟିପଲଚେଜ୍ ପାଇଁ ବିଶ୍ୱ ର୍‍ୟାଙ୍କିଙ୍ଗ କୋଟା ଜରିଆରେ ଯୋଗ୍ୟତା ହାସଲ କ୍ଷେତ୍ରରେ ସହାୟକ ହେବେ। ନିୟମାନୁସାରେ ଟୋକିଓରେ




ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ବିଶ୍ୱ ର୍‍ୟାଙ୍କିଙ୍ଗ ଉଦ୍ଦେଶ୍ୟରେ ୨୦୦୦ମିଟର ଷ୍ଟିପଲ ଚେଜ୍‌ର ପ୍ରଦର୍ଶନକୁ ଗଣନା କରାଯିବ ବୋଲି ଭାରତୀୟ ଆଥ୍‌ଲେଟିକ୍ସ ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ଆୟାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାଣ୍ଡସ୍ଲାମ ଜେରୁଜେଲମ୍ ହେଉଛନ୍ତି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ (କାଟେଗୋରୀ ‘ବି’) ଇଭେଣ୍ଟ। ଇସ୍ରାଏଲର ଆଦଭା କୋହେନ ଓ ଡେନମାର୍କର ଜୁଲିଆନ ହାବିଡ୍ ଯଥାକ୍ରମେ ୬:୧୫.୨୦ ଓ ୬:୧୭.୮୦ ଟାଇମିଂ ସହ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।

## ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**କେର୍ଣ୍ଣ,୧୬।୮**

ଗ୍ଲେନ ମ୍ୟାକ୍ସୱେଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ରୋମାଞ୍ଚକ ଭାବେ ୨ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳ ପାଇଁ ଡିୱାଲ୍ଡ ବ୍ରେଭିସ ୨୬ ବଲରେ ୫୩ (୧ ଚୌକା ଓ ୬ ଛକା), ଭାନ ଡର ଡୁସେନ ୩୮ (୩ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ଲାଗି ନାଥନ ଏଲିସ ୩ ଉଇକେଟ ସଫଳତା ହାସଲ କରିଥିଲେ। ଜବାବରେ ଏକଦା ବିନା କ୍ଷତିରେ ୬୬ ରନ କରିଥିବା ଅଷ୍ଟ୍ରେଲିଆ ୧୩.୫ ଓଭର ସୁଦ୍ଧା ୧୨୨ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ୩୬ ବଲରେ ୬୨ ରନ (୮ ଚୌକା ଓ ୨ ଛକା)ର ପାଳି ଖେଳି ମ୍ୟାକ୍ସୱେଲ ଏକାକୀ ଦଳକୁ ଜିତାଇଥିଲେ। ଅଷ୍ଟ୍ରେଲିଆ ୧୯.୫ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପାଇଁ ଅଧିନାୟକ ମିଚେଲ ମାର୍ଶ ୫୪ (୩ ଚୌକା ଓ ୫ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କର୍ବିନ ବୋଶ୍ଚ ୩ ଉଇକେଟ ନେଇଥିବା ବେଳେ କ୍ୱେନା ମାଫାକା ଓ କାଗିସୋ ରାବାଡା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ: କିସ୍ ବିଜୟୀ

**ଭୁବନେଶ୍ୱର,୧୬।୮(ଅନାଦି କର)**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର କିସ୍ ବିଜୟୀ ହୋଇଛି।

ଜିଏଚ୍‌ଏସ୍ ୟୁନିଟ୍-୩ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବିଜେଇଏମ୍ ସ୍କୁଲକୁ ୱାକଓଭର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କିସ୍ ୬-୦ ଗୋଲରେ ଡିଏଭି ସ୍କୁଲ, ପୋଖରିପୁଟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ମହେଶ୍ୱର ମୁର୍ମୁ, କାନାଉ ମାର୍ଡି ଓ ସୋନାରାମ ସୋରେନ ଦୁଇଟି ଲେଖାଏ ଗୋଲ୍ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସ୍ୱନ୍ଦନ ଶତପଥୀଙ୍କୁ ଅତିଥି



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱନ୍ଦନ ଶତପଥୀ।

ଭାବେ ଯୋଗ ଦେଇଥିବା ଦିଲୀପ ପଟ୍ଟନାୟକ ପୁରସ୍କୃତ କରିଥିଲେ। ରବିବାର ମଦର ପବ୍ଲିକ ସ୍କୁଲ-ଡିଏଭି ଚନ୍ଦ୍ରଶେଖରପୁର ଓ ରାମକ୍ରିଷ୍ଣ ଏସ୍‌କେ-ଜିଏଚ୍‌ଏସ୍ ୟୁନିଟ୍-୧ ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ୨୦୦ ମି. ସାଇକ୍ଲିଂରେ ରିଚାର୍ଡସନଙ୍କ ବିଶ୍ୱ ରେକର୍ଡ

**କୋନୟା(ତୁର୍କୀ),୧୬।୮(ଏପି)**

ବ୍ରିଟିଶ ଟ୍ରାକ ସାଇକ୍ଲିଷ୍ଟ ମ୍ୟାଟ ରିଚାର୍ଡସନ ୨୦୦ ମିଟର ଫ୍ଲାଇଂ ଷ୍ଟାର୍ଟରେ ପ୍ରଥମ ବ୍ୟକ୍ତି ଭାବେ ୯ ସେକେଣ୍ଡ ବାଧା ଭଙ୍ଗ କରି ବିଶ୍ୱ ରେକର୍ଡ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ଲାଗି ୩ ପଦକ ଜିତିଥିବା ୨୬ ବର୍ଷୀୟ ରିଚାର୍ଡସନ କୋନୟା ଭେଲୋଡ୍ରୋମରେ ୮.୯୪୧ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ଏଥିପୂର୍ବରୁ ନେଦରଲାଣ୍ଡର ହାରି ଲାଭ୍ରେସେନଙ୍କ ନାମରେ ରେକର୍ଡ ଥିଲା। ସେ ଗତ ଅଲିମ୍ପିକ୍ସରେ ପ୍ୟାରିସରେ ୯.୦୮୮ ସେ. ଟାଇମିଂ ହାସଲ କରିଥିଲେ। ଇଂଲଣ୍ଡରେ ଜନ୍ମିତ ରିଚାର୍ଡସନ ପ୍ୟାରିସ ଅଲିମ୍ପିକ୍ସରେ ବ୍ୟକ୍ତିଗତ ସ୍ପ୍ରିଣ୍ଟ ଓ କେଇରିନରେ ଦୁଇଟି ରୌପ୍ୟ ଓ ଟିମ ସ୍ପ୍ରିଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ।




## ଶ୍ରୀଲଙ୍କାର ପୂର୍ବତନ ଖେଳାଳିଙ୍କୁ ବାସନ୍ଦ କଲା ଆଇସିସି

**ଦୁବାଇ, ୧୬।୮ (ପି.ଟି.)**

**ଫିକ୍ସିଂ ମାମଲା**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ଶ୍ରୀଲଙ୍କାର ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ସାଲିୟା ସମନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଖେଳର ସମସ୍ତ ଫର୍ମାଟରୁ ବାସନ୍ଦ କରିଛି। ଖେଳାଳି ଜଣକ ଆବୁଧାବି ଟି୧୦ରେ ଫିକ୍ସିଂ କରିବାକୁ ଉଦ୍ୟମ କରିଥିଲେ। ଏହାଦ୍ୱାରା ସେ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି)ର ଦୁର୍ନୀତି ନିବାରଣ ସଂହିତାର ଉଲ୍ଲଂଘନ କରିଥିଲେ। ୨୦୨୩ ସେପ୍ଟେମ୍ବରରେ ଯେଉଁ ୮ଜଣ ବ୍ୟକ୍ତି ସଂହିତାର ଉଲ୍ଲଂଘନ କରିଛନ୍ତି, ସେମାନଙ୍କ ମଧ୍ୟରେ ସମନ ହେଉଛନ୍ତି ଅନ୍ୟତମ। ସମନଙ୍କ ବିରୋଧରେ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ସେପ୍ଟେମ୍ବର ୧୩ରୁ ଲାଗୁ ହୋଇଛି, ଯେତେବେଳେ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଫଳତଃ ସେ ଦୁଇବର୍ଷ ବାସନ୍ଦ ଦଣ୍ଡ ଅତିବାହିତ କରିସାରିଛନ୍ତି। ୩୯ବର୍ଷୀୟ ସମନ ୧୦୧ ପ୍ରଥମଶ୍ରେଣୀ ଓ ୭୭ ଲିଷ୍ଟ ‘ଏ’ ଗେମ୍ ଖେଳିଛନ୍ତି।

# ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୮ (ବିଜୟ ରଣା)**

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଆନୁକୂଲ୍ୟରେ ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଶନିବାରଠାରୁ ଆରମ୍ଭ ହୋଇଛି। ଭାରତର ଗତ ଜାତୀୟ ପ୍ରତିଯୋଗିତାରେ ବିଜେତା କରାଟେ କ୍ରୀଡ଼ାବିତ୍‌ମାନଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ଅନ୍ତର୍ଜାତୀୟ କୋଚ୍ ତଥା ଦୁଇଥର ବିଶ୍ୱ କରାଟେ ପ୍ରତିଯୋଗିତା ଓ ଏସିଆନ ଗେମ୍ସର କରାଟେ ପ୍ରତିଯୋଗିତାର ଚାମ୍ପିୟନ ସେନସେଇ ଅମିର ମେହେଦୀ ଜାଦେ ପ୍ରଶିକ୍ଷଣ ଦେବେ। ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ଦେଶର କରାଟେ କ୍ରୀଡ଼ାବିତ୍‌ମାନଙ୍କ ପ୍ରଶିକ୍ଷଣ ପ୍ରଦାନକୁ କେଆଇଓର ସଭାପତି ହାନ୍‌ସି ଭରତ ଶର୍ମା ଗୁରୁତ୍ୱ ଦେଇଆସୁଛନ୍ତି। ଉତ୍କଳ କରାଟେ ସ୍କୁଲଠାରେ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଅନ୍ତର୍ଜାତୀୟ ସ୍ତରର ଥିବାରୁ ଏହି ଜାତୀୟ ପ୍ରଶିକ୍ଷଣ ଶିବିରକୁ ଓଡ଼ିଶାରେ କରାଯାଇଛି। ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ କରାଟେ ସ୍କୁଲଠାରେ ଆୟୋଜିତ ଏହି ଶିବିର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷକଙ୍କ ଲାଗି ରହିବା, ଖାଇବା ଇତ୍ୟାଦିର ବନ୍ଦୋବସ୍ତ କରାଯାଇଥିବା ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଜଣାଇଛନ୍ତି। ଉଦ୍‌ଘାଟନୀରେ ବିଶ୍ୱ ଚାମ୍ପିୟନ ଅମିର ମେହେଦୀ ଜାଦେଙ୍କ ସହ ସେନସେଇ ସବନ କୁମାର ଓ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଏସୀୟ କରାଟେ ପ୍ରତିଯୋଗିତାରେ ବ୍ରୋଞ୍ଜ ବିଜେତାମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ଅଛନ୍ତି।



କରାଟେ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ